

**ରାହୁଲ୍‌ଙ୍କ ପ୍ରେମରେ ଶ୍ରଦ୍ଧା**

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-272 ♦BHUBANESWAR ♦FRIDAY ♦29 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୭୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୯ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


# ଦେଶର ୮୩% ଯୁବକ ବେକାର

## ବିହାର, ୟୁପି, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ରେ ସ୍ଥିତି ଅତି ଦୟନୀୟ

■ **ନୂଆଦିଲ୍ଲୀ,୨୮।୩(ଏଜେନ୍ସି):** ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି।




**ଅନ୍ତର୍ଜାତୀୟ ଶ୍ରମ ସଂଗଠନର ରିପୋର୍ଟ**

**୪ ବର୍ଷରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଛି**

**ସତ ହେଲା ରଘୁରାମ ରାଜନ୍‌ଙ୍କ ମନ୍ତବ୍ୟ**

ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଟ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍‌ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍‌ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓରେ ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍‌ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି।

ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।



**ରେକର୍ଡ ବିଜୟ ପାଇଁ ଅଙ୍କକଷା** ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କାର୍ତ୍ତିକ ପାଣ୍ଡିଆନ

# ମାସ ଶେଷ ସୁଦ୍ଧା ୪୦° ଡେଇଁବ ତାତି

■ **ଭୁବନେଶ୍ୱର, ୨୮ ।୩ (ସମିସ):** ରାଜ୍ୟର ଉପର ମୁହାଁ ହୋଇଛି ପାରଦ। ଗତ ଦୁଇ ଦିନ ହେବ ଅଧିକାଂଶ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏହି ସ୍ଥିତି ଯୋଗୁଁ ଗୁରୁବାର ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ନିକଟତର ହୋଇଥିବା ବେଳେ ୧୩ ସହରରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଛି। ଏହି ସ୍ଥିତି ଆଗକୁ ଜାରି ରହିବା ସହ ତାପମାତ୍ରାରେ ଆହୁରି ବୃଦ୍ଧି ହେବାକୁ ଥିବାର ସମ୍ଭବତଃ ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟରେ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିବାର ଆଶଙ୍କା ସୃଷ୍ଟି ହୋଇଛି।

**୩ ଦିନ ଯାଏଁ କାଳବୈଶାଖୀ ସତର୍କତା**

**ଏପ୍ରିଲ୍‌ରେ ପ୍ରବଳ ତାତି ଆକଳନ**

ଗୁରୁବାର ରାଜ୍ୟରେ ସକାଳୁ ତାପମାତ୍ରା ବଢ଼ିବା ଆରମ୍ଭ ହୋଇଥିବା ବେଳେ ସକାଳ ୧୦ ଟା ସୁଦ୍ଧା ଅଧିକାଂଶ ସହରରେ ତାପମାତ୍ରା ୩୮ ଡିଗ୍ରୀ ପାର୍ କରିଯାଇଥିଲା। ସମୟ ଗଡ଼ିବା ସହ ତାପମାତ୍ରା ଆହୁରି ବଢ଼ିବା ଯୋଗୁଁ ସନ୍ଧ୍ୟା ସୁଦ୍ଧା ରାଜ୍ୟର ୫ ସହର ତାପମାତ୍ରା ୩୯ ଡିଗ୍ରୀ ଛୁଇଁଥିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। କେନ୍ଦ୍ର ସୂଚନା ଅନୁଯାୟୀ ଗୁରୁବାର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ରାଜ୍ୟର ସର୍ବାଧିକ ତାପମାତ୍ରା ରେକର୍ଡ ହେବା ସହ ଏଠାରେ ଆଜି ଦିନ ତାପମାତ୍ରା ସର୍ବାଧିକ ୩୯.୮ ଡ଼ିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଟିଟିଲାଗଡ଼ରେ ୩୯.୨ ଡିଗ୍ରୀ, ନୟାଗଡ଼ରେ ୩୯.୨, ବୌଦ୍ଧରେ ୩୯.୫ ଡିଗ୍ରୀ ରହିଥିବା ବେଳେ ଭବାନୀପାଟଣାରେ ତାପମାତ୍ରା ୩୯.୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହା ବ୍ୟତୀତ ଚାନ୍ଦବାଲିରେ ୩୮.୨ ଡିଗ୍ରୀ, କଟକରେ ▶ପୃଷ୍ଠା-୯

## ଲୋକକଥା



ଭର୍ତ୍ତୃହରି ଏବେ 'ଶଙ୍ଖ' ଛାଡ଼ିଦେଲେ
ଶଙ୍ଖେ କି ପଡ଼ିଲା ଦୁଃଖ,
ପୁଲିସି ଚାପୁଡ଼ା ମାମଲା ଜାଗିଲା
ଉଠିଲା ଟେକିକି ବେକ !
ମନ ହେଲା ଦକଦକ,
ପଦ-ପଟିଆରା ରଖିବା ପାଇଁକି
ଡାକିଲେ 'ପଦୁଅଁ' ରଖ !!

**ପ୍ରଧାନ ବିଚାରପତିଙ୍କୁ ୬୦୦ ଆଇନଜୀବୀଙ୍କ ଚିଠି**

# ନ୍ୟାୟପାଳିକାର ସାର୍ବଭୌମତ୍ୱ କ୍ଷୁଣ୍ଣ ପାଇଁ ଚାଲିଛି ଷଡ଼ଯନ୍ତ୍ର


■ **ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି):** ଦେଶର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନ୍ୟାୟପାଳିକା ବ୍ୟବସ୍ଥାର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା କ୍ଷୁଣ୍ଣ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ୬୦୦ରୁ ଅଧିକ ବରିଷ୍ଠ ଆଇନଜୀବୀ। ଏଭଳି ଏକ ସ୍ପର୍ଶକାତର ବିଷୟକୁ ନେଇ ସେମାନେ ପ୍ରଧାନବିଚାରପତି(ସିଜେଆଇ) ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କୁ ଚିଠି ଲେଖିବା ସହିତ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ଏହି ଚିଠି ଲେଖିଥିବା ଆଇନଜୀବୀଙ୍କ ମଧ୍ୟରେ ହରିଶ ସାଲଭେ, ମନନ କୁମାର ମିଶ୍ର, ହିତେଶ ଜୈନ , ପିଙ୍କି ଆନନ୍ଦଙ୍କ ପରି ବରିଷ୍ଠ ଏବଂ ନାମୀଦାମୀ ଆଇନଜୀବୀ ରହିଥିଲା ବେଳେ ଏକ ନିର୍ଦ୍ଦିଷ୍ଟ ଏବଂ ସ୍ୱତନ୍ତ୍ର ଗୋଷ୍ଠୀ କୋର୍ଟ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତିକୁ ପ୍ରଭାବିତ କରିବା ଲାଗି ଚାପ କୌଶଳ ଅବଲମ୍ବନ କରୁଛନ୍ତି ବୋଲି କହିଛନ୍ତି। ବିଶେଷକରି ରାଜନୀତିକ କ୍ଷେତ୍ର କିମ୍ବା ଦୁର୍ନୀତି ଅଭିଯୋଗରେ ଜଡ଼ିତ ଥିବା ରାଜନେତାଙ୍କ କ୍ଷେତ୍ରରେ ଏହାର ଚାପ ଅଧିକ ରହିଥିବା ସେମାନେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ସ୍ୱତନ୍ତ୍ର ଗୋଷ୍ଠୀର ଏଭଳି ଆଭିମୁଖ୍ୟ ଗଣତନ୍ତ୍ର ଏବଂ ନ୍ୟାୟିକ ବ୍ୟବସ୍ଥାକୁ ନେଇ ରହିଥିବା ବିଶ୍ୱାସ ପ୍ରତି ବିପଦ ସୃଷ୍ଟି କରିଛି। ଏପରିକି 'ବେଞ୍ଚ ▶ପୃଷ୍ଠା-୯






# ଏପ୍ରିଲ ୨ରେ ପ୍ରଥମରୁ ନବମ ପରୀକ୍ଷା ଫଳ

■ **ଭୁବନେଶ୍ୱର, ୨୮ ।୩ (ସମିସ):** ରାଜ୍ୟରେ ଆସନ୍ତା ଏପ୍ରିଲ ୨ ତାରିଖରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ସେହିଦିନ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସମ୍ମେଟିଭ୍ ଆସେସମେଣ୍ଟ ୨ ପରୀକ୍ଷା ଫଳ ପ୍ରକାଶ ପାଇବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ଫଳ ଅଭିଭାବକଙ୍କୁ ଅବଗତ କରିବା ପାଇଁ ୨ ତାରିଖ ଦିନ ବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଯେପରି ଉପସ୍ଥିତ ରହିବେ ସେନେଇ ସମସ୍ତଙ୍କୁ ପ୍ରଧାନ ଶିକ୍ଷକମାନେ ଅବଗତ କରିବେ। ବିଦ୍ୟାଳୟରେ ପରୀକ୍ଷା ଫଳ ପ୍ରଦାନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି।



# ରାହୁଲ୍‌ଙ୍କ ପ୍ରେମରେ ଶ୍ରଦ୍ଧା



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ତାଙ୍କ ଫିଲ୍ମ କ୍ୟାରିୟର୍ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରୁହନ୍ତି । କେତେବେଳେ ସେ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ତ ପୁଣି କେବେ ପ୍ରେମ ସମ୍ପର୍କକୁ ନେଇ ଖବରର ଶିରୋନାମା ପାଲଟିଥାନ୍ତି । ଫେସନ୍ ଫଟୋଗ୍ରାଫର୍ ରୋହନ୍ ଶ୍ରେଷ୍ଠଙ୍କଠାରୁ ଅଲଗା ହେବା ପରେ ଶ୍ରଦ୍ଧା ପୁଣି ଥରେ ପ୍ରେମରେ ପଡ଼ିଛନ୍ତି । ଶ୍ରଦ୍ଧା ଏବେ 'ତୁ ଝୁଟି ମେ ମକ୍କାର' ଫିଲ୍ମର ଲେଖକ ରାହୁଲ୍ ମୋଦିଙ୍କୁ ଡେଟ୍ କରୁଛନ୍ତି । ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟଙ୍କ ପ୍ରିୱେଡିଂ ଫଙ୍କସନ୍‌ରେ ଯୋଗଦେବାକୁ ଯିବାବେଳେ ଉଭୟଙ୍କୁ ଏକାଠି ବିମାନବନ୍ଦରରେ ଦେଖାଯାଇଥିଲା । ଏହି ସମୟରେ ଏକ ଭିଡିଓ ଭାଇରାଲ୍ ହୋଇଥିଲା । ଯେଉଁଥିରେ ଶ୍ରଦ୍ଧା ଅଭିନେତା ଆଦିତ୍ୟ ରାୟ କପୁରଙ୍କ ସହ ରାହୁଲ୍‌ଙ୍କୁ ପରିଚିତ କରାଉଥିବାର ଦେଖାଯାଇଥିଲେ । କିନ୍ତୁ ରାହୁଲ୍ ଓ ଶ୍ରଦ୍ଧା ଏନେଇ ଖୁଲମ୍‌ଖୁଲ୍ଲା କିଛି କହିନାହାନ୍ତି । ତେବେ ଶ୍ରଦ୍ଧା ଓ ରାହୁଲ୍ 'ତୁ ଝୁଟି ମେ ମକ୍କାର' ସେଟ୍‌ରେ ହିଁ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି ।

# ଅନନ୍ୟ ହନୁମାନ ମନ୍ଦିର

## ୧୦୮ ରାମନାମ ଲେଖିଲେ ମନ୍ଦିର ପ୍ରବେଶ ଅନୁମତି



ଆମ ଦେଶରେ କିଛି ସ୍ଥାନରେ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶକୁ ନେଇ ସ୍ୱତନ୍ତ୍ର ନିୟମ ରହିଛି । ଯେମିତି ମଧ୍ୟପ୍ରଦେଶ, ଇନ୍ଦୋର ସ୍ଥିତ 'ଅପନେ ରାମ କା ନିରାଲା ଧାମ' ମନ୍ଦିରକୁ ଯିବା ପାଇଁ ଶ୍ରଦ୍ଧାଳୁଙ୍କୁ ପ୍ରଥମେ ୧୦୮ ଥର ରାମନାମ ଲେଖିବାକୁ ପଡ଼େ । ମନ୍ଦିର ସଂପର୍କରେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏଠାରେ ପୂଜାରୀ ନାହାନ୍ତି କି ଭଗବାନଙ୍କୁ ପ୍ରସାଦ ମଧ୍ୟ ଚଢ଼ା ଯାଏ ନାହିଁ । ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ନେଇ ଯିବାର ମଧ୍ୟ ଆବଶ୍ୟକତା ନ ଥାଏ । କେବଳ ସେତିକି ନୁହେଁ, ଏହି ମନ୍ଦିରରେ ହୁଣ୍ଡି ମଧ୍ୟ ନାହିଁ । ଖାସ୍ ଏହି କାରଣରୁ ହନୁମାନଜୀଙ୍କ ଏହି ମନ୍ଦିର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ରହିଛି । ୧୯୯୦ରେ ସ୍ଥାପନା କରାଯାଇଥିବା ଏହି ମନ୍ଦିରର ଚତୁଃପାର୍ଶ୍ୱରେ ରାମନାମ ଲେଖାଯାଇଛି । ମନ୍ଦିରରେ ରାବଣ, ମେଘନାଥ, କୁମ୍ଭକର୍ଣ୍ଣ ଏବଂ ମନ୍ଥରାଙ୍କ ମଧ୍ୟ ପ୍ରତିମା ରହିଛି । ଏହି ମନ୍ଦିରରେ ୧୨୧ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି ଥିବାବେଳେ ତାଙ୍କ କାନ୍ଧରେ ପ୍ରଭୁ ରାମ ଏବଂ ଲକ୍ଷ୍ମଣ ବସିଛନ୍ତି । ଏହି ମନ୍ଦିରର ଆଖପାଖରେ ୩୬ଟି ମନ୍ଦିର ରହିଛି । ପ୍ରତିଟି ମନ୍ଦିରର କାନ୍ଥ ଓ ଚଟାଣରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ 'ଜୟ ଶ୍ରୀରାମ' ଲେଖିଥାନ୍ତି ।

# ମହିଳାଙ୍କ ଅଜବ ସଞ୍ଚୟ ତରିକା

## ପିଲାଙ୍କୁ ଭଙ୍ଗା ଖେଳନା, ସ୍ୱାମୀଙ୍କୁ ଚ୍ୟାରିଟି ପୋଷାକ



ଦରଦାମ୍ ବୃଦ୍ଧିକୁ ଆଖିଆଗରେ ରଖି ଲୋକେ ଖର୍ଚ୍ଚକାଟ୍ ଉପରେ ଧ୍ୟାନ ଦିଅନ୍ତି । କିନ୍ତୁ, ଆବଶ୍ୟକସ୍ଥଳେ ଖର୍ଚ୍ଚ ନ କରିବା କଞ୍ଜୁସ୍‌ର ଲକ୍ଷଣ ବୋଲି କୁହାଯାଏ । ନିକଟରେ ଏପରି ଜଣେ ମହିଳାଙ୍କ ବାବଦରେ ଜଣାପଡ଼ିଛି, ଯିଏ କି ନିଜ ପରିବାର ପାଇଁ ଖର୍ଚ୍ଚ କରିବାକୁ କୁଣ୍ଠା ପ୍ରକାଶ କରନ୍ତି । ଆପଲ ମେଲେସିଓ ନାମ୍ନୀ ଏହି ମହିଳା ଜଣଙ୍କ ଏତେ କୃପଣ ଯେ, ନିଜ ଝିଅ ପାଇଁ ଖେଳନା ମଧ୍ୟ କିଣନ୍ତି ନାହିଁ । ବାହାରେ ପଡ଼ିଥିବା ଖେଳନାକୁ ସଂଗ୍ରହକରି ଖେଳିବାକୁ ଦିଅନ୍ତି । ଏଥିସହିତ ନିଜ ସ୍ୱାମୀଙ୍କ ପାଇଁ ପୋଷାକ ମଧ୍ୟ ଚ୍ୟାରିଟି ସପ୍‌ରୁ କିଣନ୍ତି । ଏପର୍ଯ୍ୟନ୍ତ ସଞ୍ଚୟ କରିଥିବା ଅର୍ଥରାଶିରେ ସେ ମୋଟେ ସନ୍ତୁଷ୍ଟ ନାହାନ୍ତି । ଏହାଠୁ ଆହୁରି ଅଧିକ ଅର୍ଥ ସେ ସଞ୍ଚୟ କରିବାପାଇଁ ଯୋଜନା କରିଛନ୍ତି । 'ଏକ୍ସଟ୍ରିମ୍ ଚିପସ୍କେଟସ୍ସ' ନାମକ ଏକ ଶୋ'ରେ ଯୋଗଦେଇ ସେ ତାଙ୍କ ଅର୍ଥ ସଞ୍ଚୟର ତରିକା ଉପରେ ଖୋଲାଖୋଲି କହିଛନ୍ତି । ତେବେ ତାଙ୍କର ଏପରି କଞ୍ଜୁସ ସ୍ୱଭାବକୁ ନେଇ ତାଙ୍କର କୌଣସି ଅସୁବିଧା ନାହିଁ ବରଂ ସେ ଏହାକୁ ନେଇ ଗର୍ବ କରନ୍ତି ବୋଲି କହିଛନ୍ତି । ସେହିପରି ଆପଲଙ୍କ ସ୍ୱାମୀ ଭିକ୍ଟରଙ୍କ କହିବାନୁଯାୟୀ, ତାଙ୍କ ସ୍ତ୍ରୀ ପୂର୍ବରୁ ମଧ୍ୟ ଟଙ୍କା ସଞ୍ଚୟ କରୁଥିଲେ । କିନ୍ତୁ, ପିଲାଟିଏ ଜନ୍ମ ନେବା ପରେ ତାଙ୍କର ଏହି ଗୁଣ ଅଧିକ ବଢ଼ିଯାଇଛି । ସେ ଫାଙ୍କା ସମୟରେ କେବଳ ଟଙ୍କା ସଞ୍ଚୟ କରିବା ବାବଦରେ ହିଁ ଭାବନ୍ତି । ଏପରିକି ପିଲାର ନାପକିନ୍ ପାଇଁ ପୁରୁଣା କପଡ଼ାର ବ୍ୟବହାର କରିବା ସହ ୱାଇପ୍ସ ସେ ନିଜେ ତିଆରି କରନ୍ତି । ଏହାବାଦ୍ ଯେକୌଣସି ସ୍ଥାନକୁ ଗଲେ ସବୁ ଜିନିଷରେ ରିହାତି ଖୋଜନ୍ତି । ତେବେ ସାମାଜିକ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହେବାପରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।


# ପାଦ ଯନ୍ତ୍ରଣାରୁ ହୃଦ୍ ସମସ୍ୟା



ଅଧିକ ବାଟ ଚାଲିବା କିମ୍ବା ଭିଟାମିନ୍ ଅଭାବ ଯୋଗୁଁ ପାଦରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ସେଥିପାଇଁ ଏହି ସମସ୍ୟାକୁ ଲୋକେ ଏତେଟା ଗୁରୁତ୍ୱ ଦେଇ ନ ଥାନ୍ତି । ତେବେ ଏହି ସମସ୍ୟା ହୃଦ୍‌ରୋଗର କାରଣ ବି ହୋଇପାରେ । ଏ ଦୃଷ୍ଟିରୁ ପାଦ ଯନ୍ତ୍ରଣାକୁ ଅଣଦେଖା କରିବା ଅନୁଚିତ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ପାଦ ଓ ହୃଦ୍‌ରୋଗ ମଧ୍ୟରେ ଗଭୀର ସମ୍ବନ୍ଧ ରହିଛି । ହୃତ୍‌ପିଣ୍ଡ ସହ ଜଡ଼ିତ ସମସ୍ୟା ପାଦ ସମେତ ସମ୍ପୂର୍ଣ୍ଣ ଶରୀର ଉପରେ ପ୍ରଭାବ ପକାଏ । ଏଥିଯୋଗୁ ପାଦରେ ରକ୍ତ ସଂଚାଳନ କମ୍ ହୋଇଥାଏ । ଫଳରେ ପାଦ ଫୁଲିଯିବା ସହ ଯନ୍ତ୍ରଣା ହୋଇଥାଏ । ଏହାବାଦ୍ ଆମେରିକା ହାର୍ଟ ଆସୋସିଏସନ୍‌ର ଏକ ରିପୋର୍ଟରୁ ଜଣାପଡ଼ିଛି, ଅନେକ ସମୟରେ ହୃଦ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ପାଦରୁ ହିଁ ଦେଖିବାକୁ ମିଳିଥାଏ । ମୁଖ୍ୟତଃ ଏହାକୁ ଲୋକେ ଅଣଦେଖା କରିଥାନ୍ତି । ତେବେ କୋରେନରି ଆର୍ଟରି ସମସ୍ୟା ଯୋଗୁଁ ମଧ୍ୟ ହୃଦ୍ ସମ୍ବନ୍ଧୀୟ ସମସ୍ୟା ଦେଖାଦିଏ । ଯାହାର ପ୍ରଭାବ ପାଦ ଉପରେ ପଡ଼ିଥାଏ । ତେଣୁ ପାଦର ସୁସ୍ଥତା ଦିଗରେ ବି ଲୋକଙ୍କୁ ଯତ୍ନବାନ ହେବା ଆବଶ୍ୟକ । ନିୟମିତ ବ୍ୟାୟାମ ସାଙ୍ଗକୁ ସନ୍ତୁଳିତ ଆହାର ଗ୍ରହଣ କରିବା ଉଚିତ । ସେହିପରି ପାଦ ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ଉଷୁମ ପାଣିରେ କିଛି ସମୟ ଗୋଡ଼କୁ ବୁଡ଼ାଇ ରଖିବା ଭଲ । ଅନ୍ୟପଟେ ପାଦରେ ଯନ୍ତ୍ରଣା ଅଧିକ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଜରୁରି ।

# ବେଳାଭୂମିରୁ ଗୋଡ଼ି, ପଥର ଉଠାଇଲେ ଜରିମାନା

ସମୁଦ୍ର କୂଳରୁ ଅଧିକାଂଶ ପର୍ଯ୍ୟଟକ ବୁଲାବୁଲି କରିବା ସହ ସ୍ମୃତି ହିସାବରେ ସେମାନେ ନିଜ ସହ ସେଠାରୁ ଗୋଡ଼ି, ବାଲି, ପଥର, ଶାମୁକା ଆଦି ଆଣିଥାନ୍ତି । ଏଥିପାଇଁ ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ କଟକଣା ରହିଛି । ଏବେ ଜାଣିବା ସେମିତି ଏକ ସମୁଦ୍ରକୂଳ ବିଷୟରେ ଯେଉଁଠି ପଥର ଉଠାଇଲେ ଜରିମାନା ଦେବାକୁ ପଡ଼ିବ । କାନାରି ଦ୍ୱୀପରେ ଲାଞ୍ଜାରୋଟ୍ ଏବଂ ଫୁର୍ଟେଭେଞ୍ଚୁରା ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ କଡ଼ାକଡ଼ି ନିୟମ ଲାଗୁ କରାଯାଇଛି । ଏଠାକୁ ଛୁଟି କାଟିବା କିମ୍ବା ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଗୋଡ଼ି, ବାଲି, ପଥର ନେବାକୁ ବାରଣ କରାଯାଇଛି । ଏହି ନିୟମ ବିରୋଧରେ ଗଲେ ସ୍ଥାନୀୟ ପ୍ରଶାସନ ନିୟମ ଉଲ୍ଲଙ୍ଘନକାରୀଙ୍କଠାରୁ ୧୩,୪୭୮ରୁ ୨,୬୯,୮୭୯ ଟଙ୍କା ଜରିମାନା ଆଦାୟ କରିଥାଏ । ତେବେ ଏଭଳି କଡ଼ା ନିୟମ ଲାଗୁ କରିବା ପଛରେ ବି କାରଣ ଅଛି । ପ୍ରତିବର୍ଷ ଲାଞ୍ଜାରୋଟ୍ ସମୁଦ୍ରକୂଳରୁ ଟନ୍ ଟନ୍ ଆଗ୍ନେୟଗିରି ଜିନିଷ ପର୍ଯ୍ୟଟକମାନେ ସଙ୍ଗରେ ନେଇ ଯାଉଛନ୍ତି । ସେହିଭଳି ଫୁର୍ଟେଭେଞ୍ଚୁରା ବେଳାଭୂମି ଯାହାକି ପପ୍‌କର୍ଣ୍ଣ ବିଚ୍ ଭାବେ ଜଣାଶୁଣା ଏଥିରୁ ଟନ୍ ଟନ୍ ବାଲି ଗାଏବ ହୋଇଯାଉଛି । ପର୍ଯ୍ୟଟକମାନେ ଏପରି କରୁଥିବାରୁ ଏହି ବେଳାଭୂମି ଦୁଇଟିର ପ୍ରାକୃତିକ ସନ୍ତୁଳନ ବିଗିଡ଼ିବାରେ ଲାଗିଛି । ଏହି ସନ୍ତୁଳନକୁ ବଜାୟ ରଖିବା ପାଇଁ ପର୍ଯ୍ୟଟକଙ୍କ ପାଇଁ ଏଭଳି ନିୟମ ଲାଗୁ କରାଯାଇଥିବା ଜଣାପଡ଼ିଛି ।



## ଆଜିର ଇତିହାସ

- ୧୮୫୭-ବାରାକ୍‌ପୁରରେ ମଙ୍ଗଲ ପାଣ୍ଡେ ଇଂରେଜଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କଲେ ।
- ୧୯୫୪-ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ ଦିଲ୍ଲୀରେ ଆରମ୍ଭ ହେଲା ।
- ୧୯୮୨- ଏନ୍‌ଟି ରାମାରାଓ ତେଲୁଗୁ ଦେଶମ୍ ପାର୍ଟି ଗଠନ କଲେ ।
- ୨୦୦୪- କାର୍ଯ୍ୟସ୍ଥଳରେ ଧୂମପାନକୁ ନିଷିଦ୍ଧ କରିବାରେ ଆୟରଲ୍ୟାଣ୍ଡ ବିଶ୍ୱର ପ୍ରଥମ ରାଷ୍ଟ୍ର ହେଲା ।
- ୨୦୦୮- ବିଶ୍ୱର ୩୭୦ ସହରରେ ଶକ୍ତି ବଞ୍ଚାଇବା ପାଇଁ 'ଆର୍ଥ ଆୱାର୍' ପାଳନ ଆରମ୍ଭ ହେଲା ।

# ଠିଆହୋଇ ପାଣି ପିଉଥିଲେ...

**ଜଳ ବିନା ଜୀବନଧାରଣ ଅସମ୍ଭବ । କିନ୍ତୁ ପାଣି ପିଇବାର ଶୈଳୀ ବିଷୟରେ ଅନେକ ଜାଣି ନ ଥାନ୍ତି । ଆୟୁର୍ବେଦରେ ଖାଦ୍ୟ-ପାନୀୟ ଶୈଳୀ ନେଇ ଅନେକ ନିୟମ ରହିଛି । ଯାହାର ପାଳନ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦୂର ହୋଇଥାଏ । ତେବେ ଅନେକ ସମୟରେ କିଛି ଭୁଲ୍ କାରଣରୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ । ସେଭଳି କିଛି କାରଣ ମଧ୍ୟରୁ ଗୋଟିଏ ହେଉଛି ଠିଆହୋଇ ପାଣିପିଇବା ଅଭ୍ୟାସ ।**



- ଠିଆହୋଇ ପାଣି ପିଇବା ଦ୍ୱାରା ଜରୁରୀ ପୋଷକ ତତ୍ତ୍ୱ, ଭିଟାମିନ୍‌ଗୁଡ଼ିକ ଯକୃତ୍ ଓ ପାଚନତନ୍ତ୍ରରେ ଠିକ୍‌ଭାବେ ପହଞ୍ଚି ନ ଥାଏ । ଏଥିଯୋଗୁଁ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଉପରେ ପ୍ରଭାବ ପଡ଼ିଥାଏ ।
- ଏଭଳି ପାଣି ପିଇବା ଦ୍ୱାରା ଖାଦ୍ୟନଳୀ ଓ ଶ୍ୱାସନଳୀରେ ସମସ୍ୟା ସୃଷ୍ଟି ହୋଇଥାଏ । ରହି ରହି ପାଣି ନ ପିଇ ଶୀଘ୍ର ଠିଆହୋଇ ପାଣି ପିଇବା ଦ୍ୱାରା ଏସିଡିଟି, ଗ୍ୟାଷ୍ଟ୍ରିକ, ହେକ୍କୁଟି ଭଳି ସମସ୍ୟା ସୃଷ୍ଟି ହୋଇଥାଏ ।
- ଯେତେବେଳେ ଆମେ ଠିଆହୋଇ ପାଣି ପିଇଥାଉ, ଜଳ ଶୁଦ୍ଧ ନ ହୋଇ ଏହା ତଳିପେଟକୁ ଚାଲିଯାଏ । ଏହାଦ୍ୱାରା ଅପରିଷ୍କାର ଜିନିଷଗୁଡ଼ିକ ପିତ୍ତାଶୟରେ ଜମା ହୋଇ ରୁହେ । ଏହା ବୃକ୍କ ପାଇଁ କ୍ଷତିକାରକ ହୋଇଥାଏ ।
- ବସିକରି ପାଣି ପିଇବା ଦ୍ୱାରା ଶରୀର ଭିତରେ ସମସ୍ତ ସ୍ଥାନକୁ ପାଣି ସଠିକ ମାତ୍ରାରେ ପହଞ୍ଚି ପାରି ଥାଏ । ଏହାସହ ଅଦରକାରୀ ପଦାର୍ଥକୁ ମଧ୍ୟ ଶରୀରରୁ ବାହାର କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ ।



# ବର୍ଷକୁ ୪୦ ଲକ୍ଷ ବିଲେଇ ଖାଆନ୍ତି ଚୀନ୍ ଲୋକେ

ଅନେକ ସମୟରେ ଚୀନ୍‌ର ଲୋକେ କୁକୁର, ସାପ, ପୋକଜୋକ ଖାଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥାଏ । କେବଳ ସେତିକି ନୁହେଁ ଚୀନା ଲୋକେ ବିଲେଇ ମଧ୍ୟ ଖାଇଥାନ୍ତି । ଚୀନ୍‌ର ଲୋକେ ପ୍ରତିବର୍ଷ ୪୦ ଲକ୍ଷ ବିଲେଇ ଖାଉଥିବା କଥା ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି । ପ୍ରଥମତଃ ସେମାନେ ବିଲେଇକୁ ଘରେ ପାଳିଥାନ୍ତି । ପରେ ଏହାକୁ ମାରି ଖାଇଥାନ୍ତି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି । ପ୍ରତିବର୍ଷ ଜୁନ୍‌ରେ ଚୀନ୍‌ରେ 'ଡଗ୍ ମିଟ୍ ଫେଷ୍ଟିଭାଲ'ର ଆୟୋଜନ କରାଯାଏ । ଏହି ଉତ୍ସବରେ କୁକୁର ଓ ବିଲେଇକୁ ବିକ୍ରି କରାଯାଏ । ଚୀନା ଲୋକେ ପ୍ରତ୍ୟେକ ଉତ୍ସବରେ କୁକୁର ମାଂସ ଖାଇଥାନ୍ତି । କୁକୁର ମାଂସ ଖାଇବା ଦ୍ୱାରା ଗରମରୁ ଆଶ୍ୱସ୍ତି ମିଳିଥାଏ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ । ଆର୍ଥିକ ସମସ୍ୟା ଦେଖାଦେବ । ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ । ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିଦେଶ ଯାତ୍ରା ଯୋଗ ରହିଛି । ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ । ନିବେଶରୁ ଲାଭ ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ । ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ବିବାହ ପ୍ରସ୍ତାବ ସ୍ଥିର ହେବ । ଦେବ କାର୍ଯ୍ୟରେ ମନୋଯୋଗ ଦେବେ ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ପିତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ । ପାରିବାରିକ ବିବାଦ ଦେଖା ଦେବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ । ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ ।

**ଧନୁ:** କର୍ମଚଞ୍ଚଳ ରହିବେ । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ । ସମୟ ପୂର୍ବରୁ କାମ ଶେଷ କରିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ । ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ । ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ । ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ । ପରିବାରରେ ହସଖୁସିର ପରିବେଶ ରହିବ । ଖେଳାଳିଙ୍କ ପାଇଁ ଅନୁକୂଳ ସମୟ । ଧନଲାଭ ଯୋଗ ଅଛି । ଆର୍ଥିକ ସ୍ଥିତି ମଜଭୁତ୍ ହେବ ।

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-272 ♦BHUBANESWAR ♦FRIDAY ♦29 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୭୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୯ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ଦୁର୍ଘଟଣାରେ ଲିଭିଗଲା ୩ଜଣଙ୍କ ଜୀବନଦୀପ

**ଭବାନୀପାଟଣା, ୨୮ ।୩ (ସମିସ):** ସଦର ଥାନା ଅଞ୍ଚଳରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ଗୁରୁବାର ତିନି ଜଣଙ୍କ ଜୀବନ ହାନି ହୋଇଛି। ସହର ଉପକଣ୍ଠରେ ଥିବା ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ଜୀବନ ଚାଲିଯାଇଛି। ସକାଳେ ଭବାନୀପାଟଣାରୁ ଜୁନାଗଡ଼ ଅଭିମୁଖେ ଯାଉଥିବା ଟ୍ରକ୍‌ର ଚକ ମରାମତି କରୁଥିବା ସମୟରେ ଏକ ଟ୍ରେଲର୍ ଚାଳକ ଓ ଖଲାସିଙ୍କ ଉପରେ ମାଡ଼ି ଯାଇଥିଲା। ମୃତଦ୍ୱୟଙ୍କ ଘର ମହାରାଷ୍ଟ୍ର ଅଞ୍ଚଳର। ଚାଳକ ଶ୍ୟାମ ରାଓ ଦେବ ରାମ କୁଥେଙ୍କ ଘର ମହାରାଷ୍ଟ୍ରର ଭଣ୍ଡାରା ଜିଲ୍ଲା। ଖଲାସୀଙ୍କ ନାମ ଗଣେଶ ସିଂ ଭାଇଜୀ ଉଇକେ। ଅନ୍ୟପକ୍ଷରେ, ଗୁରୁବାର ସକାଳ ୮ଟାରେ ସିଂଝରଣ ରାସ୍ତାରେ ଅନ୍ୟ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ସଦର ଥାନା ଗଣ୍ଡବାହାର୍ଝୁଲା ଗାଁର ଜଣେ ବାଇକ୍ ଆରୋହୀ ରୂପଧର ମାଝି (୩୬)ଙ୍କ ମୃତ୍ୟୁ ଘଟିଛି। ଏକ ବଲେରୋ ସହ ବାଇକ୍‌ଟିର ଧକ୍କା ହୋଇଥିଲା।

## ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଜିଏସ୍‌ଟି ଅଧିକାରୀ

**ପୁରୀ, ୨୮ ।୩ (ସମିସ):** ଲାଞ୍ଚ ନେଇ ଧରାପଡ଼ିଲେ ପୁରୀ ଜିଏସ୍‌ଟି କାର୍ଯ୍ୟାଳୟ ଏନ୍‌ଫୋର୍ସମେଣ୍ଟ ୟୁନିଟ୍‌ର ସିଟିଓ ଏବଂ ଜିଏସ୍‌ଟି ଅଧିକାରୀ ମାନସ ରଞ୍ଜନ ବେହେରା। ଏକ ଜବତ ଗାଡ଼ିକୁ ଛାଡ଼ିଦେବା ପାଇଁ ମାଲିକଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ମାଡ଼ି ବସିଲା ଭିଜିଲାନ୍ସ ଟିମ୍। ଏହାପରେ ଭିଜିଲାନ୍ସ ପକ୍ଷରୁ ପୁରୀ ଜିଏସ୍‌ଟି ଅଫିସରେ ଚଢ଼ଉ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି।

ସୂଚନାନୁଯାୟୀ, ଜଣେ ବ୍ୟକ୍ତିଙ୍କ ଗାଡ଼ି ଜବତ ହୋଇଥିଲା। ଏହି ଗାଡ଼ିକୁ ଛାଡ଼ିବା ପାଇଁ ନିୟମ ମୁତାବକ ଗାଡ଼ି ମାଲିକ ୭୯ ହଜାର ୨୦୦ ଟଙ୍କା ଜିଏସ୍‌ସି ପେନାଲ୍‌ଟି ବାବଦକୁ ଦେଇଥିଲେ। ହେଲେ ଗାଡ଼ିକୁ ଛାଡ଼ି ନଥିଲେ ଜିଏସ୍‌ଟି ଅଧିକାରୀ ମାନସ। ଅଧିକ ୩୦ ହଜାର ଟଙ୍କା ଦାବି କରିଥିଲେ। ଫଳରେ ହତାଶ ହୋଇ ଏ ସମ୍ପର୍କରେ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ଅଭିଯୋଗକାରୀ ୩୦ ହଜାର ଟଙ୍କା ଲାଞ୍ଚ ଦେଉଥିଲେ। ଏହି ଟଙ୍କା ଜିଏସ୍‌ଟି ଅଧିକାରୀ ଶ୍ରୀ ବେହେରା ଗ୍ରହଣ କରିଥିବା ବେଳେ ତାଙ୍କୁ ପୁରୀ ଜିଲ୍ଲା ସ୍କୁଲ ସମ୍ମୁଖରୁ ମାଡ଼ି ବସିଥିଲା ଭିଜିଲାନ୍ସ ଟିମ୍। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ଅଧିକାରୀ ପୁରୀ ଜିଏସ୍‌ଟି ଅଫିସରେ ଚଢ଼ଉ କରିଥିଲେ। ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ମାନସଙ୍କ କାର୍ଯ୍ୟାଳୟରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭିଜିଲାନ୍ସ ଅଧିକାରୀ ଜବତ କରିଥିବା ସୂଚନା ମିଳିଛି। ତେବେ ଏନେଇ ଭିଜିଲାନ୍ସ ଅଧିକାରୀ କୌଣସି ପ୍ରତିକ୍ରିୟା ରଖି ନଥିବା ବେଳେ ମାନସଙ୍କ ବିରୋଧରେ ଭିଜିଲାନ୍ସ ସେଲ୍‌ରେ ଏକ ମାମଲା (ନଂ.୪/୨୪) ରୁଜୁ କରାଯାଇ ଅଧିକ ଖୋଳତାଡ଼ ଚାଲିଛି।

# ବିଜେପିରେ ଭର୍ତ୍ତୃହରିଙ୍କୁ ଶୀତଳ ସ୍ୱାଗତ

## ମିଶ୍ରଣ କାର୍ଯ୍ୟକ୍ରମରୁ ଦୂରେଇ ରହିଲେ ଦଳର ଶୀର୍ଷ ନେତୃତ୍ୱ

**ନୂଆଦିଲ୍ଲୀ,୨୮ ।୩(ସମିସ):** ସାଧାରଣରେ ଲୋକପ୍ରିୟତା ହ୍ରାସ ଓ ପୁନର୍ବାର ଟିକଟ ନ ପାଇବା ସମ୍ଭାବନା ମଉଳି ଯାଇଥିବା ଯୋଗୁଁ ବିଜେଡି ଛାଡ଼ି ଥିବା ସାଂସଦ ଭର୍ତ୍ତୃହରି ମହତାବ ଓ ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ର ବିଜେପିରେ ଯୋଗ ଦେଇଛନ୍ତି । ମାତ୍ର ବିଜେପିରେ ସେମାନଙ୍କୁ ଯେପରି ଶୀତଳ ସ୍ୱାଗତ କରାଯାଇଛି, ସେଥିରେ ଉଭୟଙ୍କ ମନ ବୁଝି ଯାଇଛି । ବିଡ଼ମ୍ବନା ହେଉଛି ଉଭୟଙ୍କୁ ଦଳରେ ଗ୍ରହଣ ସମୟରେ ଜାତୀୟସ୍ତରର କୌଣସି ବଡ଼ ନେତାଙ୍କ ଉପସ୍ଥିତ ନ ରହିବା ଏକ ଭିନ୍ନ ବାର୍ତ୍ତା ଦେଇଛି । ଦିଲ୍ଲୀ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଭର୍ତ୍ତୃହରି ଓ ସିଦ୍ଧାନ୍ତ ପଦ୍ମ ଧରିଥିବା ବେଳେ ମଞ୍ଚରେ କେବଳ ଓଡ଼ିଶା ବିଜେପି ନେତାଙ୍କୁ ଦେଖିବାକୁ ମିଳିଥିଲା। ବିଜେପି ଜାତୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେ ଓ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କୁ ଛାଡ଼ିଦେଲେ ଜାତୀୟସ୍ତରର କେହି ନେତା ସେଠାରେ ଉପସ୍ଥିତ ନ ଥିଲେ। ଜଣେ ୬ ଥରର ସାଂସଦ, ଜଣେ ପୂର୍ବତନ ସାଂସଦ ଦଳରେ ଯୋଗ ଦେଉଥିବା ବେଳେ ଦଳର ଜଣେ ହେଲେ ଶୀର୍ଷ ନେତୃତ୍ୱ ଉପସ୍ଥିତ ନରହିବା ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି।



ଭର୍ତ୍ତୃହରିଙ୍କଠାରୁ କମ୍ ଅଭିଜ୍ଞତା ସମ୍ପନ୍ନ ଅନ୍ୟ ରାଜ୍ୟର ନେତାମାନେ ବିଜେପିରେ ସାମିଲ ହେବା ବେଳେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ମାନେ ଉପସ୍ଥିତ ରହୁଛନ୍ତି। ମାତ୍ର ଭର୍ତ୍ତୃହରି, ସିଦ୍ଧାନ୍ତଙ୍କ ବେଳକୁ ଶୀର୍ଷ ନେତୃତ୍ୱ ଉପସ୍ଥିତ ରହିବାକୁ କାହିଁକି ପଛଘୁଞ୍ଚା ଦେଲେ ତାହା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। କୁହାଯାଉଛି ଉଭୟ ଭର୍ତ୍ତୃହରି ଏବଂ ସିଦ୍ଧାନ୍ତଙ୍କର ନିଜସ୍ୱ ସଂଗଠନ ଆଦୌ ନଥିବା ବେଳେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶଙ୍ଖ ଚିହ୍ନ କାରଣରୁ ସେମାନେ ଯାହା ରାଜନୈତିକ ସଫଳତା ପାଇ ଆସୁଥିଲେ। ଶଙ୍ଖ ଚିହ୍ନ ବ୍ୟତୀତ ଏମାନଙ୍କର ସାଧାରଣରେ ଆଦୌ ଉପସ୍ଥିତି ନଥିବା ବେଳେ ଏହାକୁ ବେଶ୍ ଭଲଭାବେ ଠଉରାଇ ନେଇଥିଲା ବିଜେଡି। ଫଳରେ ଆଗାମୀ ନିର୍ବାଚନରେ ସେମାନଙ୍କୁ ଟିକେଟ ନଦେବାକୁ ବିଜେଡି ଆପାତତଃ ନିଷ୍ପତ୍ତି ନେଇଥିଲା।


ଭର୍ତ୍ତୃହରିଙ୍କ ବିଜେପି ଯୋଗଦାନ ସହ ୨୦୧୯ ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଓଡ଼ିଶାର କିଛି ନେତାଙ୍କ ଯୋଗଦାନର ଅନେକ ସାମଞ୍ଜସ୍ୟ ଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି । ଏହି ନେତାମାନେ ବିଜେପିରେ ଯୋଗଦାନ ପରେ ସେମାନଙ୍କର ରାଜନୈତିକ ଜୀବନର ଯବନିକା ପଡ଼ି ଯାଇଥିଲା। କେଇମାସ ପରେ ବିଜେପିରୁ ସେମାନଙ୍କର ମୋହଭଙ୍ଗ ଘଟିଥିଲା। ଭର୍ତ୍ତୃହରି ଓ ସିଦ୍ଧାନ୍ତଙ୍କ କ୍ଷେତ୍ରରେ ସେପରି କିଛି ଘଟିବ ନାହିଁ ତ ବୋଲି ସ୍ୱାଭାବିକ ସେମାନଙ୍କର କତିପୟ ଘନିଷ୍ଠମାନେ ଆଶଙ୍କା କରୁଛନ୍ତି ।

## ଭର୍ତ୍ତୃହରି ଓ ସିଦ୍ଧାନ୍ତ 'ବିଗ୍ ଜିରୋ': ମୁନ୍ନା

ବିଜେପିରେ ଭର୍ତ୍ତୃହରି ଓ ସିଦ୍ଧାନ୍ତଙ୍କ ଯୋଗଦାନକୁ କଟାକ୍ଷ କରିଛନ୍ତି ବିଜେଡି ସାଂସଦ ମୁନ୍ନା ଖାଁ। ସେ କହିଛନ୍ତି ଯେ ଉଭୟ ହେଉଛନ୍ତି 'ବିଗ୍ ଜିରୋ'। ସେମାନଙ୍କୁ ଟିକେଟ ମିଳୁନଥିବା ଜାଣି ଭର୍ତ୍ତୃହରି ଓ ସିଦ୍ଧାନ୍ତ ବିଜେପିରେ ଯୋଗ ଦେଇଥିବାବେଳେ ଉଭୟଙ୍କ ରାଜନୈତିକ ସ୍ଥିତି ସମ୍ପର୍କରେ ଅବଗତ ହୋଇ ସାରିଥିଲେ ବିଜେପି ଶୀର୍ଷ ନେତୃତ୍ୱ। ଉଭୟଙ୍କ ନିକଟରେ ଲୋକ ସମର୍ଥନ, ଜନାଧାର ଆଦୌ ନ ଥିବା ବେଳେ ସେହି କାରଣରୁ ବିଜେପିର ଶୀର୍ଷ ନେତୃତ୍ୱ ମିଶ୍ରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ଅନାଗ୍ରହ ପ୍ରକାଶ କରିଥିବା ଚର୍ଚ୍ଚା ହେଉଛି । ମିଶ୍ରଣ କାର୍ଯ୍ୟକ୍ରମରେ କେହି ଶୀର୍ଷ ନେତୃତ୍ୱ ଉପସ୍ଥିତି ନ ରହିବା ରାଜନୀତି ବିଶେଷଜ୍ଞ ସହଜରେ ହଜମ କରି ପାରୁ ନାହାନ୍ତି।

## ଚେନ୍ନାଇକୁ ଚାଲାଣ ହେଉଛି ଓଡ଼ିଶା କଇଁଛ

### ବିଶାଖାପାଟଣା ଷ୍ଟେସନ୍‌ରୁ ୩୯୬ କଇଁଛ ଜବତ



### ଦୁଇ ଓଡ଼ିଆ ଯୁବକଙ୍କୁ ଧରିଲା ଡିଆର୍‌ଆଇ

**ଭୁବନେଶ୍ୱର, ୨୮ ।୩(ସମିସ):** ଚେନ୍ନାଇ ଚାଲାଣ ହେଉଥିବା ୪ ପ୍ରଜାତିର ମୋଟ ୩୯୬ଟି ଭାରତୀୟ କଇଁଛଙ୍କୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ବିଶାଖାପାଟଣାର ରେଲୱେ ଷ୍ଟେସନ୍‌ରୁ ଉଦ୍ଧାର କରିବା ସହ ଏହି ବେଆଇନ କାରବାର ଅଭିଯୋଗରେ ଓଡ଼ିଶାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଓଡ଼ିଶା ଓ କୋଲକାତାରୁ ଏହି କଇଁଛଗୁଡ଼ିକ ସଂଗ୍ରହ କରି ଚେନ୍ନାଇ ଚାଲାଣ କରାଯାଉଥିବା ଜଣାଯାଇଛି। ଜବତ କଇଁଛଗୁଡ଼ିକୁ ଆନ୍ଧ୍ରପ୍ରଦେଶର ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଜବତ କଇଁଛଗୁଡ଼ିକ ମଧ୍ୟରୁ ୨୨୦ଟି ଭାରତୀୟ ଟେଣ୍ଟ୍ କଇଁଛ, ୧୫୧ଟି ଭାରତୀୟ ରୁଫେଡ୍ କଇଁଛ, ୧୬ଟି ବ୍ରାଉନ୍ ରୁଫେଡ୍ କଇଁଛ ଓ ୯ଟି ଭାରତୀୟ କ୍ରାଉନ୍‌ଡ କଇଁଛ ରହିଥିବା ଜଣାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁସାରେ ଭାରତୀୟ କଇଁଛ ସିଡ୍ୟୁଲ୍-୧ ପ୍ରଜାତିର ପ୍ରାଣୀ। ତେଣୁ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଯାଇଛି। ଅପରପକ୍ଷେ, ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ସନ୍ଦେହରେ ଡିଆର୍‌ଆଇ ଗିରଫ ଯୁବକଦ୍ୱୟଙ୍କୁ ଅଧିକ ପଚରାଉଚରା କରୁଛି। କାହାକୁ ସେମାନେ କଇଁଛ ଦେଇଥା'ନ୍ତେ, ଆଗରୁ କେତେଥର ଏମିତି ଚାଲାଣ କରିଛନ୍ତି, ସେମାନଙ୍କ ଗ୍ୟାଙ୍ଗ୍‌ରେ ଆଉ କିଏ କିଏ ସାମିଲ ଅଛନ୍ତି; ଆଦି ବିଭିନ୍ନ ଦିଗକୁ ନେଇ ଜେରା କରାଯାଉଥିବା ଜଣାଯାଇଛି। ଆନ୍ଧ୍ରପ୍ରଦେଶର ବନ ବିଭାଗ ମଧ୍ୟ ଏହି ଘଟଣାରେ ଅଧିକ ଖୋଳତାଡ଼ ଚଳାଇଛି। ଆବଶ୍ୟକ ପଡ଼ିଲେ, ସେଠାକାର ବନ ବିଭାଗର ଏକ ଟିମ୍ ଓଡ଼ିଶା ଆସି ତଦନ୍ତ କରିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଓଡ଼ିଶାର ଏହି ଦୁଇ ଅଭିଯୁକ୍ତ ସାଲିମାର୍ ଏକ୍ସପ୍ରେସ୍‌ରେ କଇଁଛ ନେଇ ଚେନ୍ନାଇ ଯାଉଥିଲେ। ସେମାନେ ବ୍ୟାଗ୍ ଭିତରେ କଇଁଛଗୁଡ଼ିକୁ ନେଉଥିବା ବେଳେ ଯାଞ୍ଚ ସମୟରେ ବିଶାଖାପାଟଣା ରେଲୱେ ଷ୍ଟେସନ୍‌ରେ ଡିଆର୍‌ଆଇ ହାବୁଡ଼ରେ ପଡ଼ି ଯାଇଥିଲେ। କିଛି ଦିନ ତଳେ ଅନୁରୂପ ଭାବେ କୋଲକାତାରୁ ଭାୟା ବୈତନଗରୀ ଦେଇ କର୍ଣ୍ଣାଟକକୁ କଇଁଛ ଚାଲାଣ ହେଉଥିବା ବେଳେ କଟକ ମଙ୍ଗୁଳି ଟୋଲ୍ ପ୍ଲାଜା ନିକଟ ୩୫୧ଟି କଇଁଛ, ୩ଯୁବକ ସହ ଏକ କାର୍ ଜବତ କରିଥିଲା ଡିଆର୍‌ଆଇ।

## ଜେଲ୍ ଗଲେ ୟୁଟ୍ୟୁବର୍ ଦମ୍ପତି

**ବ୍ୟାସନଗର, ୨୮ ।୩ (ସମିସ): ବନ୍ୟଜନ୍ତୁଙ୍କ ସହ ବିଭିନ୍ନ ସମୟରେ ଫଟୋ ଉଠାଇ ଓ ଭିଡିଓ ରେକର୍ଡିଂ କରି ସୋସିଆଲ୍ ମିଡିଆରେ ପ୍ରସାର କରୁଥିବା** ଚର୍ଚ୍ଚିତ ୟୁଟ୍ୟୁବର ଦମ୍ପତି ମୋନାଲିସା ଭଦ୍ର ଓ ସ୍ୱାମୀ ବଦ୍ରିନାରାୟଣ ଭଦ୍ରଙ୍କୁ ଜେଲ ଯିବାକୁ ପଡ଼ିଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ ଉଲ୍ଲଂଘନ ଅଭିଯୋଗରେ ମାମଲା ରୁଜୁ ହେବା ପରେ ଫେରାର୍ ଥିବା ଏହି ଦମ୍ପତି ଯାଜପୁରରୋଡ୍ ବନ ବିଭାଗ ରେଞ୍ଜ ଅଫିସରେ ବୁଧବାର ରାତ୍ର ସମୟରେ ଆତ୍ମସମର୍ପଣ କରିଥିଲେ। ଗତ ୨୪ ତାରିଖରେ ମୁଖ୍ୟ ବନ ଅଧିକାରୀ କଟକଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ରେଞ୍ଜ ଅଧିକାରୀଙ୍କ ଅଧୀନରେ ୨ଟି ଟିମ୍ ଭଦ୍ରଙ୍କ ଯାଜପୁର ଜହଳସ୍ଥ ବାସଭବନରେ ଚଢ଼ଉ କରିଥିଲେ। ଚଢ଼ଉ ନେଇ ପୂର୍ବରୁ ସୂଚନା ପାଇ ଭଦ୍ର ଦମ୍ପତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବନ ବିଭାଗ ଅଧିକାରୀ ତାଙ୍କ ବାସଭବନରୁ ଏକ ମାଙ୍କଡ଼କୁ ଉଦ୍ଧାର କରିବା ସହିତ ଉଭୟଙ୍କ ନାମରେ ବନ୍ୟଜନ୍ତୁ ଆଇନ ୧୯୭୨ ଆଧାରରେ ସେକ୍ସନ ୯ରେ ମାମଲା ରୁଜୁ କରାଯାଇଥିଲା। ଭଦ୍ର ଦମ୍ପତି ଏହି ବନ୍ୟଜନ୍ତୁଙ୍କୁ ଆୟୁଧ କରି ଅନେକ ଫଟୋ ଓ ଭିଡିଓ ତିଆରି କରିବା ସହିତ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର କରି ଲକ୍ଷାଧିକ ଟଙ୍କା ଆୟ କରୁଥିଲେ। ଏନେଇ ବନ ବିଭାଗ ପକ୍ଷରୁ ୨୭୫/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଅଗ୍ରଗତି ଥିବା ବେଳେ ବୁଧବାର ରାତ୍ର ସମୟରେ ଭଦ୍ର ଦମ୍ପତି ଯାଜପୁର ରୋଡ ବନ ବିଭାଗ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଥିବା ରେଞ୍ଜ ଅଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ଆଜି ଅପରାହ୍ଣରେ ଯାଜପୁର ଅତିରିକ୍ତ ଦୌରାଜଜଙ୍କ ନିକଟରେ ଉଭୟଙ୍କୁ ହାଜର କରାଯାଇଥିଲା। ସେଠାରେ ଉଭୟଙ୍କ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଯାଜପୁର ସବ୍‌ଜେଲକୁ ପଠାଯାଇଥିବା ଜଣାପଡ଼ିଛି।

**ବନ୍ୟଜନ୍ତୁଙ୍କ ସହ କରୁଥିଲେ ଭିଡିଓ**

### ଯୌତୁକ ନିର୍ଯାତନା ଅଭିଯୋଗ ପରେ ପୁଲିସର ତଦନ୍ତ


## ଦୁଇଟି ହରିଣ ଚମଡ଼ା, ୫ ବନ୍ଧୁକ ଜବତ


**ବାଲେଶ୍ୱର, ୨୮ ।୩(ସମିସ):** ବାଲେଶ୍ୱର ଟାଉନ ଥାନା ବାରବାଟୀ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଅଭିଯୁକ୍ତଙ୍କ ଘରେ ଖାନତଲାସ କରିବା ସମୟରେ ଦୁଇଟି ହରିଣ ଚମଡା ସହ ୫ଟି ବନ୍ଧୁକ ଜବତ କରିଛି। ଏହାସହ ବହୁ ମାତ୍ରାରେ ସିସା ଗୁଳି ଜବତ କରିଛି। ଏହି ଘଟଣାରେ ପୁଲିସ ମହିଳାଙ୍କ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, ବାରବାଟୀ ଅଞ୍ଚଳର ମୁକ୍ତି କୁମାର ରଣା। ଏ ବାବଦରେ ସିଟି ଡିଏସପି ଗାୟତ୍ରୀ ପ୍ରଧାନ ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁସାରେ, ଗତ ୨୭ ତାରିଖରେ ବାରବାଟୀ ଅଞ୍ଚଳର ପ୍ରିୟଙ୍କା ରଣା ତାଙ୍କ ସ୍ୱାମୀ ମୁକ୍ତିଙ୍କ ବିରୋଧରେ ଯୌତୁକ ନିର୍ଯାତନା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏପରିକି ଏକ ବନ୍ଧୁକରେ ସିସା ଗୁଳି ଭର୍ତ୍ତି କରି ମୁକ୍ତି ତାଙ୍କ ପତ୍ନୀଙ୍କୁ ମାରିବାକୁ ଉଦ୍ୟମ କରୁଥିବା ବେଳେ ଗୁଳିଟି ଯାଇ ତାଙ୍କ ସିସିଟିଭି କ୍ୟାମେରାରେ ବାଜିଥିଲା। ପ୍ରିୟଙ୍କା ପାଟି କରିବାରୁ ସ୍ଥାନୀୟ ଲୋକେ ଆସି ତାଙ୍କୁ ସେଠାରୁ ▶ପୃଷ୍ଠା-୯



## ପିଏଚ୍‌ଡି ପାଇଁ ଏକକ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୨୮ ।୩(ସମିସ):** ଏଣିକି ପିଏଚ୍‌ଡି ପାଇଁ ଆବଶ୍ୟକ ହେବ ଜାତୀୟ ଯୋଗ୍ୟତା ପରୀକ୍ଷା ବା ନେଟ୍ ସ୍କୋର। ଆଶାୟୀ ଛାତ୍ରଛାତ୍ରୀମାନେ ନେଟ୍ ପରୀକ୍ଷାରେ ରଖିଥିବା ସ୍କୋର୍ ଅନୁଯାୟୀ ସିଟ୍ ପାଇବେ। ପୂର୍ବରୁ ସମସ୍ତ ବିଶ୍ୱବିଦ୍ୟାଳୟ ଭିନ୍ନଭିନ୍ନ ଭାବେ ପିଏଚ୍‌ଡି ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା କରୁଥିଲେ। ଏହାଦ୍ୱାରା ଆଶାୟୀ ଛାତ୍ରଛାତ୍ରୀମାନେ ଏକାଧିକଥର ପରୀକ୍ଷା ଦେଇ ଖର୍ଚ୍ଚାନ୍ତ ହେଉଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଓ ଅସୁବିଧାକୁ ଦୃଷ୍ଟିରେ ରଖି ଏକକ ପ୍ରବେଶିକା ପରୀକ୍ଷା କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ବିଶେଷଜ୍ଞ କମିଟି ସୁପାରିଶ ଆଧାରରେ ନେଟ୍ ସ୍କୋର ଆଧାରରେ ନାମଲେଖା ପାଇଁ ୟୁଜିସି ନିଷ୍ପତ୍ତି ନେଇଛି। ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷରୁ ଏହା ଲାଗୁ କରିବାକୁ ବୁଧବାର ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସମ୍ପ୍ରତି ନେଟ୍ ପରୀକ୍ଷା ଅନୁଯାୟୀ ଜୁନିଅର ରିସର୍ଚ୍ଚ ଫେଲୋସିପ୍(ଜେଆର୍‌ଏଫ୍) ଓ ସହାୟକ ଅଧ୍ୟାପକ ପାଇଁ ଚୟନ କରାଯାଉଛି। ଏହି ନିଷ୍ପତ୍ତି ପରେ ଆସନ୍ତା ଜୁନ୍ ମାସରୁ ନେଟ୍ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀମାନେ ତିନୋଟି ବର୍ଗ ପାଇଁ ମନୋନୀତ ହୋଇପାରିବେ। ଏକକାଳୀନ ଜୁନିଅର ରିସର୍ଚ୍ଚ ଫେଲୋସିପ୍ (ଜେଆର୍‌ଏଫ୍), ସହାୟକ ଅଧ୍ୟାପକ ଓ ପିଏଚ୍‌ଡି ନାମଲେଖା ପାଇଁ ଯୋଗ୍ୟ ହୋଇପାରିବେ।

# ଗଣତନ୍ତ୍ରର ସୁରକ୍ଷା ଦାବିରେ ଆପ୍‌ର ଗଣଧାରଣା



**ବ୍ରହ୍ମପୁର,୨୮ ।୩(ସମିସ):** ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡରେ ଆମ ଆଦମୀ ପାର୍ଟି ପକ୍ଷରୁ ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଦାବିରେ ଗଣଧାରଣା ଦିଆଯାଇଛି। ଜିଲ୍ଲା ସଭାପତି ସୁବାସ ରାଉତଙ୍କ ଆହ୍ୱାନ କ୍ରମେ ପାର୍ଟିର ବହୁ କର୍ମକର୍ତ୍ତା ଗୁରୁବାର ଦିନତମାମ ଧାରଣାରେ ବସି ରହିଥିଲେ। ଦଳର ରାଷ୍ଟ୍ରୀୟ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯାଇଥିବା ନେଇ ପାର୍ଟି ପକ୍ଷରୁ ଏଠାରେ ଅଭିଯୋଗ କରାଯାଇଛି। ଏହା ସହିତ ଇଡି ତାଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇ ତାଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ଯାହାକି ଭାରତୀୟ ସମ୍ବିଧାନ ପ୍ରତି ଶୁଭଙ୍କର ନୁହଁ ବୋଲି ଦଳୀୟ କର୍ମୀମାନେ କହିଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଜେଲ୍‌ରୁ ମୁକୁଳାଇବାକୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଧାରଣାରେ ସମ୍ପାଦକ ଆଦିତ୍ୟ ନାରାୟଣ ରଥ, ଯୁବନେତା ଜେ ଦିନେଶ, ବ୍ରହ୍ମପୁର ସଭାପତି ସି. ହରପ୍ରସାଦଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

● ଆଇଆର୍‌ଇଏଲ୍‌ର ଅବହେଳାରୁ ଯୁବକଙ୍କ ମୃତ୍ୟୁ ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

**ଛତ୍ରପୁର,୨୮ ।୩(ସମିସ):** ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ବାସନାପୁଟି ଗ୍ରାମ ନିକଟ ଆଇଆର୍‌ଇଏଲ୍ ଡ୍ରେଜିଙ୍ଗ ଅଞ୍ଚଳରେ ଥିବା ଏକ ଗଭୀର ଗର୍ତ୍ତରେ ବୁଡି ବାସନାପୁଟି ଗ୍ରାମର ଖଲି ନାୟକଙ୍କ ମୃତ୍ୟୁ ଘଟିଥିଲା। ଆଇଆରଇଏଲର ଅବହେଳା ଯୋଗୁଁ ଏପରି ଘଟିଥିବା ଅଭିଯୋଗ କରି ଏସବିଏଲ ଏନ୍‌ଜିଓ ପକ୍ଷରୁ ଏନଏଚ୍‌ଆର୍‌ସିରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁସାରେ ଖଲି ସେଠାକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ତାଙ୍କ ଗୋଡ଼ ଖସି ଗର୍ତ୍ତ ଗଭୀର ପାଣି ଭିତରେ ବୁଡି ଯାଇଥିଲା, ପରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଛତ୍ରପୁର ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଗର୍ତ୍ତରୁ ମୃତଦେହ ଉଦ୍ଧାର କରିଥିଲେ। ଅନ୍ୟପଟେ ଦୀର୍ଘ ୧୦ରୁ ୧୨ ବର୍ଷ ଧରି ଆଇଆର୍‌ଇଏଲ୍ ପକ୍ଷରୁ ଏଠାରେ ଡ୍ରେଜିଙ୍ଗ କରାଯାଇଥିଲେ ମଧ୍ୟ ତାହାକୁ ପୋତା ଯାଇନାହିଁ। ଯାହା ଫଳରେ ଏପରି ଅଘଟଣ ଘଟିଥିବା ଦେଖିବାକୁ ମିଳିଲା। ବୁଧବାର ବାସନାପୁଟି ଗ୍ରାମ୍ୟ କମିଟି ସଭାପତି ସିଏଚ ଭଗବାନ ରେଡ୍ଡୀଙ୍କ ନେତୃତ୍ୱରେ ଗ୍ରାମବାସୀ ଶବ ରଖି ଆଇଆଇଏଲ ଗେଟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଗୁରୁବାର ଏନଜିଓ କର୍ମକର୍ତ୍ତା ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ ୨୦୨୨ରେ ଏଭଳି ଏକ ଘଟଣା ଘଟିଥିଲା ଆର୍ଯ୍ୟପଲ୍ଲୀ ଗାଁରେ। ଗାଁର ଜଣେ ୩୨ ବର୍ଷିୟ ଯୁବକ ଏବଂ ୧୦ ବର୍ଷିୟ ଝିଅର ମୃତ୍ୟୁ ଘଟିଥିଲା।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା; ୪ ଗିରଫ

**ବ୍ରହ୍ମପୁର,୨୮ ।୩(ସମିସ):** ଜଣେ ଯୁବକକୁ ବିୟର ବୋତଲରେ ଯୁବକଙ୍କୁ ସଂଘବୋଧ ଆକ୍ରମଣ କରିଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ୪ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଖଲାସି ସାହିର ବି ଜଗଦୀଶ ଓରଫ ଜଗୁ(୨୬), ବି.ଲକ୍ଷ୍ମଣ ରାଓ(୨୧), ପି ରାଜା(୨୮) ଓ ଶିବ ଦାସ(୨୪)। ଆକ୍ରମଣରେ ବ୍ୟବହାର ହୋଇଥିବା ଭଙ୍ଗା ବିୟର ବୋତଲ ପୁଲିସ ଜବତ କରିଛି। ସୂଚନାଯୋଗ୍ୟ ଯେ, ହୋଲି ଦିନରେ ସ୍ଥାନୀୟ ଦଲୁଆ ସାହିର ସାନ୍ଟୁନୁ କୁମାର ପାଣି ନିଜ କାମ ସାରି ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଚର୍ଚ୍ଚ ରୋଡ ନିକଟରେ ଗୋଟିଏ ଦୋକାନ ନିକଟରେ ଛିଡ଼ା ହୋଇଥିଲେ। ଏଠାରେ ସାନ୍ଟୁନୁଙ୍କ ଜଣେ ସାଙ୍ଗଙ୍କୁ କିଛି ଯୁବକ ମାରପିଟ କରୁଥିବା ଦେଖି ସାନ୍ଟୁନୁ ପ୍ରତିବାଦ କରିଥିଲେ। ପ୍ରତିବାଦ କରିବାରୁ ଆକ୍ରମଣକାରୀ ଯୁବକମାନେ ବିୟର ବୋତଲ ଭାଙ୍ଗି ସାନ୍ଟୁନୁ ଆକ୍ରମଣ କରିଥିଲେ। ଏପରିକି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଏଥିରେ ସାନ୍ଟୁନୁ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସାନ୍ଟୁନୁକୁ ଉଦ୍ଧାର କରି ସିଟିହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ହୋଇ ଆସିବା ପରେ ଘଟଣାକୁ ନେଇ ସେ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣା ତଦନ୍ତ କରି ପୁଲିସ ଉପରୋକ୍ତ ୪ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି। ସାମାନ୍ୟ ବଚସାକୁ ନେଇ ଏହି ଆକ୍ରମଣ ହୋଇଥିବା ପୁଲିସ ତଦନ୍ତରୁ ଜଣାପଡିଛି।

# ଧୁମଧାମ୍‌ରେ ହୋଲି ପର୍ବ ପାଳିତ

**ଭଞ୍ଜନଗର,୨୮ ।୩(ସମିସ):** ରଙ୍ଗର ପର୍ବ ହୋଲିକୁ ପିଲା ଠାରୁ ବୟସ୍କ ସମସ୍ତେ ବେଶ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଛନ୍ତି। ଏହି ଅବସରରେ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଥିଲା। ହୋଲିକୁ କିଏ କେମିତି ପାଳନ କରିବେ ତାକୁ ନେଇ ସମସ୍ତେ ପ୍ରସ୍ତୁତ ହୋଇ ସକାଳୁ ସକାଳୁ ବିଭିନ୍ନ ରଙ୍ଗର ଅବିର, ପିଚକାରୀ ନେଇ ଛୋଟ ପିଲା, ଯୁବ ଗୋଷ୍ଠୀ, ପୁରୁଷ ଓ ମହିଳାମାନେ ନିଜ ସାଙ୍ଗସାଥି, ବନ୍ଧୁ ବାନ୍ଧବ ଙ୍କୁ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ବହୁଲୋକ ବିଭିନ୍ନ ସେଲିବ୍ରିଟିଙ୍କ ମୁଖା, ରଙ୍ଗୀନ ଚୁଟି, ବିଭିନ୍ନ ପ୍ରକାର ପୋଷାକ, ଟୋପି ଓ ଚଷମା ପିନ୍ଧି ବେଶ କୌତୁକିଆ ଦେଖା ଯାଉଥିଲେ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଆର୍‌ଟିଓ କାର୍ଯ୍ୟାଳୟର ପୂର୍ବତନ କିରାଣିଙ୍କୁ ୨ ବର୍ଷ ଜେଲ୍

**ବ୍ରହ୍ମପୁର,୨୮ ।୩(ସମିସ):** ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଡ. ଅରୁଣ କୁମାର ସାହୁ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଆରଟିଓ କାର୍ଯ୍ୟାଳୟର ଜଣେ ପୂର୍ବତନ କିରାଣିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା ଆରଟିଓ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣୀ ତଥା ବ୍ରହ୍ମପୁର ଅଳକାପୁରୀ ବାସିନ୍ଦା ମନୋରଞ୍ଜନ ମିଶ୍ର। ସେ ୨୦୦୩ରେ ଗଞ୍ଜାମ ଆରଟିଓ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବେ ବୋଲି ଉକ୍ତ ରାୟରେ କୁହାଯାଇଛି।

ସୂଚନାଯୋଗ୍ୟ ଯେ,୨୦୦୩ମସିହା ଜୁନ ୩୦ ତାରିଖରେ କନିଷ୍ଠ କିରାଣୀ ନିଜ କାର୍ଯ୍ୟାଳୟରେ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ କିରାଣୀଙ୍କ ଆୟ ବର୍ହିଭୂର୍ତ୍ତ ସମ୍ପତ୍ତି ଠୁଳ ଦିଗକୁ ନେଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ କିରାଣୀଙ୍କ କାର୍ଯ୍ୟାଳୟ ସମତେ ଅଳକାପୁରୀ ସ୍ଥିତ ବାସଭବନରେ ଚଢଉ କରାଯାଇଥିଲା। ସେହି ସମୟରେ କିରାଣୀଙ୍କ ନିକଟରୁ ୧୦ଲକ୍ଷ ୪୬ହଜାର ୪୮୮ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଯାହାର ସେ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଏହି ମାମଲାର ବିଚାରଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାଲୁ ରହିଥିଲା। ଭିଜିଲାନ୍ସର ତତକାଳୀନ ଇନ୍ସପେକ୍ଟର ପି.କେ ପଟେଲ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣା ବେଳେ ମୋଟ୨୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଏବଂ ଉପଯୁକ୍ତ ପ୍ରମାଣକୁ ଭିତ୍ତି କରି ଗୁରୁବାର କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ସମୟରେ ପୂର୍ବତନ କନିଷ୍ଠ କିରାଣୀ ମନୋରଞ୍ଜନ କୋର୍ଟରେ ଉପସ୍ଥିତ ଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ମନୋରଞ୍ଜନଙ୍କ ପେନସନ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଭିଜିଲାନ୍ସ ପକ୍ଷରୁ ସୁପାରିଶ କରାଯିବ ବୋଲି କୁହାଯାଇଛି।

# ଫାଶିଗୁଡ଼ା ଗ୍ରାମବାସୀଙ୍କ ପକ୍ଷରୁ ଖଣି ଅଧିକାରୀଙ୍କୁ ଦାବିପତ୍ର



**ବ୍ରହ୍ମପୁର,୨୮ ।୩(ସମିସ):** ଦିଗପହଣ୍ଡି ବ୍ଲକ ଫାଶିଗୁଡା ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଜିଲ୍ଲା ଖଣି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦିଗପହଣ୍ଡି ତହସିଲ ଅନ୍ତର୍ଗତ ବାଙ୍ଗରଡା ଆରଆଇ ଅଧିନରେ ସେରା ପାହାଡ ନିକଟରେ ୫୦ ହେକ୍ଟର ଜମି ରହିଛି। ଉକ୍ତ ଜମିରେ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ଡାଲି ଜାତୀୟ ଫସଲ ଚାଷ କରି ନିଜର ଜୀବିକା ନିର୍ବାହ କରୁଛନ୍ତି। ବର୍ତ୍ତମାନ ଉକ୍ତ ସ୍ଥାନକୁ ସଂରକ୍ଷିତ ରଖିବା ପାଇଁ ସେଠାରେ ବହି ଯାଇଥିବା ନଦୀ କୂଳରେ ଏକ ଗାର୍ଡୱାଲ ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଅଛି। ଇତି ମଧ୍ୟରେ ମୌଳାଭଣଞ୍ଜାଠାରେ ବାଲି ଖନନ ପାଇଁ ଲିଜ ନେଇଥିବା ବ୍ୟକ୍ତି ଜଣ ଉକ୍ତ କୂଳରୁ ବାଲି ଉଠାଣ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନଟି ସମ୍ପୂର୍ଣ୍ଣ ନଦୀରେ ମିଶିବାକୁ ବସିଲାଣି। ଫଳରେ ଗ୍ରାମବାସୀଙ୍କ ଚାଷରେ ତାହା ପ୍ରଭାବ ପଡୁଛି। ତେଣୁ ଗାର୍ଡୱାଲ ନିର୍ମାଣ ହେବା ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକୁ ରୋକିବା ପାଇଁ ଜିଲ୍ଲା ଖଣି ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ଅନ୍ୟପକ୍ଷରେ ଉକ୍ତ ପତ୍ରର ନକଲ ସ୍ଥାନୀୟ ତହସିଲଦାର, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ଫାଶିଗୁଡା ଗ୍ରାମର ବହୁ ବାସୀ ଉପସ୍ଥିତ ଥିଲେ।

# ଚୋରି ଅଭିଯୁକ୍ତକୁ ୬ ମାସ ଜେଲ୍

**ଦିଗପହଣ୍ଡି,୨୮ ।୩(ସମିସ):** ଦିଗପହଣ୍ଡି କୋର୍ଟ ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଗୁରୁବାର ୨୦୦୭ର ଏକ ଚୋରି ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଆବଶ୍ୟକ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୁହାଳପୁର ଗ୍ରାମର ପ୍ରମିଳା ପ୍ରଧାନଙ୍କ ଘରୁ ୨୦୦୭ ଅକ୍ଟୋବର ୪ ତାରିଖ ମଧ୍ୟରାତ୍ରିରେ ନଗଦ ପ୍ରାୟ ୪ ଲକ୍ଷ ଟଙ୍କା ଚୋରି ହୋଇଥିଲା। ବିଭିନ୍ନ ସମୟରେ ଘରକୁ ଆସୁଥିବା ସେହି ଗ୍ରାମର ପ୍ରକାଶ ପ୍ରଧାନ ଓ ତାଙ୍କର ଦୁଇ ପୁଅଙ୍କ ଉପରେ ମହିଳା ଜଣକ ସନ୍ଦେହ କରି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲା ଭିତ୍ତିରେ ତତ୍କାଳୀନ ଥାନା ଅଧିକାରୀ ରାମଚନ୍ଦ୍ର ସାହୁ ମାମଲା ନଂ. ୧୨୬/୦୭ ପ୍ରକାରେ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ପ୍ରକାଶଙ୍କ ପୁଅ ରାଜୀବ ଓରଫ ହରିଶ୍ଚନ୍ଦ୍ର ପ୍ରଧାନ ସେହି ଟଙ୍କା ଚୋରି କରିଥିବା ପୁଲିସ ଆଗରେ ସ୍ୱୀକାର କରିବା ସହ ଚୋରି ଟଙ୍କା ମଧ୍ୟ ଉଦ୍ଧାର କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ରାମଚନ୍ଦ୍ର ସାହୁ ଅଭିଯୁକ୍ତ ରାଜୀବଙ୍କ ବିରୋଧରେ ଦିଗପହଣ୍ଡି କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ୫ ଜଣ ସାକ୍ଷୀଙ୍କ ବୟାନ ଲିପିବଦ୍ଧ କରାଯାଇଥିଲା। ପରେ ଉଭୟ ପକ୍ଷ ନିଜ ନିଜ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ମଧ୍ୟ ସମସ୍ତ ସାକ୍ଷ୍ୟପ୍ରମାଣ ଏବଂ ବୟାନକୁ ଭିତ୍ତି କରି ମାଜିଷ୍ଟ୍ରେଟ ଏହି ରାୟ ପ୍ରକାଶ କରିଥିଲେ। ମାମଲାରେ ମହିଳାଙ୍କ ପକ୍ଷରୁ ସରକାରୀ ଓକିଲ ନକୁଳ ପ୍ରଧାନ ଓ କ୍ୟାଡର ଏପିପି ବିପ୍ଳବ କୁମାର ମୁଦୁଲି ମାମଲା ପରିଚାଳନା କରିଥିଲେ।

# ଘୁମୁସର ଜିଲ୍ଲା ଦାବି ନେଇ ସଚେତନତା

**ଭଞ୍ଜନଗର,୨୮ ।୩(ସମିସ):** ପୁଣିଥରେ ଘୁମୁସର ଜିଲ୍ଲା ଦାବି ଜୋର ଧରିଛି। ସରକାରଙ୍କ ପକ୍ଷରୁ ନିର୍ବାଚନ ପୂର୍ବରୁ ଭଞ୍ଜନଗର ଉପଖଣ୍ଡକୁ ଘୁମୁସର ଜିଲ୍ଲା ଘୋଷଣା କରିବାକୁ ନେଇ ଅନେକଥର ଦାବି କରାଯାଇଛି। ହେଲେ ଜିଲ୍ଲା ସମ୍ପର୍କିତ ସେଭଳି କୌଣସି ସୂଚନା ମିଳି ନ ଥିବାରୁ ପୁଣିଥରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯାଇଛି। କୁଲାଡ଼ ଭଞ୍ଜ ମଣ୍ଡପ ଠାରେ ଘୁମୁସର ଜିଲ୍ଲା ଆନ୍ଦୋଳନ କ୍ରିୟାନୁଷ୍ଠାନ କମିଟି ଓ ଘୁମୁସର ବିକାଶ ପରିଷଦର ସଦସ୍ୟମାନେ ଏକାଠି ଦୋଳଯାତ୍ରାରେ ହଜାର ହଜାର ଲୋକଙ୍କ ଭିତରେ ଘୁମୁସର ଜିଲ୍ଲା ଗଠନ ହେଲେ ଘୁମୁସର ବାସୀଙ୍କ ସୁବିଧା ଓ ଅଞ୍ଚଳର ବିକାଶ ସାଧିତ କୁ ନେଇ ଲୋକଙ୍କୁ ସଚେତନ କରିବା ସହ ପ୍ରଚାର ପତ୍ର କୁ କମିଟିର ସଦସ୍ୟ ମାନେ ବଣ୍ଟନ କରିଥିଲେ। କମିଟି ସଭାପତି ସୋମନାଥ ନାୟକ ଘୁମୁସରବାସୀଙ୍କୁ ଘୁମୁସର ଜିଲ୍ଲା ଆନ୍ଦୋଳନରେ ଝାସ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପ୍ରଚାର କାର୍ଯ୍ୟରେ ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଦସ୍ୟ ଗୋପାଳ ଚନ୍ଦ୍ର ଲେଙ୍କା, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ପୀତାମ୍ବର ପରିଡା, ରବିନାରାୟଣ ସାମନ୍ତ, ସୁରେନ୍ଦ୍ର ବେହେରା, ରଘୁନାଥ ପାତ୍ର, ଯୋଗେନ୍ଦ୍ର ଡାକୁଆ, ଭଞ୍ଜ କିଶୋର ପଣ୍ଡା, ବଜରଙ୍ଗ ପତି, ମନୁନନ୍ଦନ ପତି ପ୍ରମୁଖ ସହଯୋଗ କରିଥିଲେ।

# ମା' ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବେଲଗୁଣ୍ଠା,୨୮ ।୩(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ସିଂହମର୍ଦ୍ଦନ ଗ୍ରାମରେ ମା' ଶ୍ୟାମାକାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚବିଶି ପ୍ରହର ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ଗୋ-ଯଜ୍ଞ ଏବଂ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗହଙ୍ଗୁ ମଠାଧୀଶ ମହନ୍ତ ରାଘବାନନ୍ଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ନାମ ଯଜ୍ଞରେ ସିଂହମର୍ଦ୍ଦନ ସମେତ ଗାଙ୍ଗପୁର, ରାଇପଲ୍ଲୀ, ଗୋଲାପଡ଼ା ଏବଂ ଢେପାଗୁଡ଼ାର ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ପର୍ଶୁଲୁଣ୍ଡା ମା' ବୁଢାକେନ୍ଦୁ ଭଜନ ମଣ୍ଡଳୀର କଳାକାରମାନେ ଭଜନ ପରିବେଷଣ କରିଥିଲେ। ସେହିପରି ମୁନିଗାଡ଼ି ପଞ୍ଚାୟତ ଅନ୍ତର୍ଗତ ବନ୍ଥପଲ୍ଲୀ ଗ୍ରାମରେ ଶ୍ରୀ ରାମ ଲକ୍ଷ୍ମଣ, ସୀତାଙ୍କ ବିଗ୍ରହ ପ୍ରତିଷ୍ଠା, ଅବଧୂତେଶ୍ୱର ମନ୍ଦିର ଏବଂ ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଅଷ୍ଟପ୍ରହରୀ ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପଦର ମହନ୍ତ ମହାରାଜ ଏବଂ ପୁରୋହିତ ରାମକୃଷ୍ଣ ମହାପାତ୍ର, ଟୁନା ମହାପାତ୍ର ଯଜ୍ଞ କାର୍ଯ୍ୟ ଆରମ୍ଭ କରିବା ସହିତ ପୂର୍ଣ୍ଣାହୁତି ଦେଇଥିଲେ। ବନ୍ଥପଲ୍ଲୀ, ବେଣାପାଟ, ନିମିନା, ସିଙ୍ଗିପୁର ଏବଂ ମୁନିଗାଡ଼ି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରିଥିଲେ ଓ ମୁନିଗାଡ଼ି ସରପଞ୍ଚ ସବିତା ସ୍ୱାଇଁ, ସମିତିସଭ୍ୟ ମାନସ ବିଷୋୟୀଙ୍କ ସମେତ ବ୍ରଜେନ୍ଦ୍ର ପାଢୀ, ରାଜ କିଶୋର ମହାନ୍ତି, ଶରତଚନ୍ଦ୍ର ମହାନ୍ତି, ବାଳକୃଷ୍ଣ ସାବତ, ବୀରୋଜ କୁମାର ସାବତ, ପ୍ରଫୁଲ୍ଲ କୁମାର ସାବତ, ରାଜ କିଶୋର ଗୌଡ଼, ଶ୍ୟାମ ସୁନ୍ଦର ଗୌଡ଼, ଅଭିମନ୍ୟୁ ଗୌଡ଼, ଭଗବାନ ଗୌଡ଼, ଟିଟୁନ୍ ସାବତ, ଦିଗମ୍ବର ଜେନା, ମନୋଜ କୁମାର ପୋଲାଇ, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନ୍ଥପଲ୍ଲୀ ସମେତ ସିଙ୍ଗିପୁର ଗ୍ରାମବାସୀ, ସଂକୀର୍ତ୍ତନ ମଣ୍ଡଳୀ ଏବଂ ଯୁବକ ସଂଘ ସହଯୋଗ କରିଥିଲେ।

● ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

# ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

**ଫୁଲବାଣୀ,୨୮ ।୩(ସମିସ):** ସ୍ଥାନୀୟ ପଟାବାଲି ସାହି ସାଲୁଙ୍କୀ ନଦୀ ପୋଲରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ସଦର ଥାନା ଅନ୍ତର୍ଗତ ଦଡକି ପଞ୍ଚାୟତ କାଣୀଦଣୀ ଗ୍ରାମର ଶ୍ରୀବନ୍ତ ବେହେରା( ୨୬ ) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଶ୍ରୀବନ୍ତ ବାଇକ୍ ଯୋଗେ ଫୁଲବାଣୀରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ପୋଲରେ ବାଡ଼େଇ ହୋଇ ଯାଇଥିଲେ। ଘଟଣାସ୍ଥଳରେ ସେ ଛଟପଟ ହେଉଥିବା ସମୟରେ କିଛି ଲୋକ ଦେଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅପରପକ୍ଷରେ, ଶ୍ରୀବନ୍ତଙ୍କ ପରିବାର ଲୋକ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ମୃତକଙ୍କ ବାପା ବାନାମ୍ବର ବେହେରା ଟାଉନ ଥାନାରେ ଏତଲା ଦେଇଛନ୍ତି। ପୁଅ ସହିତ ବୁଧବାର ରାତି ୯ଟା ବେଳେ କଥାବାର୍ତ୍ତା କରିଥିବା ବେଳେ ପରେ ତାଙ୍କର ଫୋନ ଲାଗି ନ ଥିଲା ବୋଲି ଏତଲାରେ କହିଛନ୍ତି ବାନାମ୍ବର। ଗୁରୁବାର ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଟାଉନ ଥାନାରେ ପହଞ୍ଚି ହୋହଲ୍ଲା କରିବା ସହିତ ଘଟଣାର ତଦନ୍ତ ପାଇଁ ଦାବି କରିଥିଲେ। ପୁଲିସ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି କହିବା ସହ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ଥିବା ପ୍ରକାଶ କରିଛି।



# ଠାକୁରାଣୀ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ

**ଛତ୍ରପୁର,୨୮ ।୩(ସମିସ):** ଛତ୍ରପୁରର ଗ୍ରାମଦେବୀ ମା' ରମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ନିମନ୍ତେ ବୁଧବାର ଶୁଭ ଖୁଣ୍ଟି ସ୍ଥାପନ ହୋଇଯାଇଛି। ଛତ୍ରପୁରର ଆରାଧ୍ୟା ଦେବୀ ମା'ଠାକୁରାଣୀଙ୍କ ଠାରୁ ଆଜ୍ଞା ମାଳ ନିମନ୍ତେ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଛି। ନୀଳକଣ୍ଠେଶ୍ୱର ସାହି ସ୍ଥିତ ମା'ଙ୍କ ଅସ୍ଥାୟୀ ମଣ୍ଡପରେ ରୀତି ନୀତି ଅନୁସାରେ ସମସ୍ତ ପ୍ରକାର ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପ୍ରାରମ୍ଭରେ ପାରମ୍ପରିକ ରୀତି ନୀତି ଅନୁସାରେ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ସହର ପରିକ୍ରମା କରି ମା'ଙ୍କ ମନ୍ଦିର ନିକଟରେ ପହଞ୍ଚି ବିଭିନ୍ନ ପୂଜା କରିଥିଲେ। ଯାତ୍ରା କମିଟିର ମ୍ୟାନେଜର ସିଏଚ ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ସମସ୍ତ କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

**ବହୁ ଲୁଟ୍ ଓ ଚୋରି ମାମଲା**

# ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ

**ବ୍ରହ୍ମପୁର,୨୮ ।୩(ସମିସ):** ବ୍ରହ୍ମପୁର ସହର ଓ ଉପକଣ୍ଠରେ ସକ୍ରିୟ ଲୁଟେରା ଗ୍ୟାଙ୍ଗ। ଦିନ ଦ୍ୱିପହରରେ ବିଟ୍ ରାସ୍ତାରେ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଛଡ଼ାଇ ନେଉଛନ୍ତି ଏହି ଗ୍ୟାଙ୍ଗର ସଦସ୍ୟ। ଏହାସହ ତାଲାବନ୍ଦ ଘରକୁ ଟାର୍ଗେଟ କରି କଳାକନା ବୁଲାଇବାରେ ସଫଳ ହେଉଛନ୍ତି ଚୋରଗ୍ୟାଙ୍ଗ। ଗତ କିଛିଦିନ ହେବ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଲୁଟ୍ ଓ ଛିନତାଇ ଭଳି ଘଟଣା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। କିଛି ଲୁଟ ଘଟଣାର ସିସିଟିଭି ଫୁଟେଜ ପୁଲିସ ହାତରେ ଲାଗିଥିଲେ ହେଁ ଲୁଟେରାଙ୍କୁ ଧରିବା ଦୂରର କଥା ସେମାନଙ୍କ ଟେର ମଧ୍ୟ ପାଇପାରୁନି ପୁଲିସ। ଏମିତି କିଛି ଲୁଟ ଘଟଣାର ଲୁଟେରାଙ୍କ ସୁରାକ ନପାଇ ଚିନ୍ତାରେ ପଡିଛି ପୁଲିସ। ଗତ ୨୦ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ସୁନାଦେଇ ଗ୍ରାମ ନିବାସୀ କୃଷ୍ଣଚନ୍ଦ୍ର ମହାରଣାଙ୍କ ମୋଟର ସାଇକେଲ ଡିକିରୁ ୫ଲକ୍ଷ ୬୦ଟଙ୍କା ଲୁଟ୍ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି। ଏହି ଲୁଟ୍ ମାମଲାରେ ସମ୍ପୃକ୍ତଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଏକ ସ୍ୱତନ୍ତ୍ର ଟିମ ଗଠନ କରିଛନ୍ତି। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲେ ହେଁ ଏଯାବତ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି ପୁଲିସ। ସେହିପରି ଗତ ୮ତାରିଖରେ ସ୍ଥାନୀୟ ଡାଇମଣ୍ଡ ଟେଙ୍କ ରୋଡ଼ ସ୍ଥିତ ସତ୍ୟସାଇ ବାବା ରୋଡ଼ରେ ଖଲାସୀ ସାହି ନିବାସୀ କେ.ଶ୍ରୀନିବାସ ରାଓଙ୍କ ମା କେ.ରାବା ଆମ୍ମାଙ୍କୁ ୩ଜଣ ଦୁର୍ବୃତ୍ତ ପୁଲିସ ପରିଚୟ ଦେଇ ତାଙ୍କ ଠାରୁ ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ମେଇନ ରୋଡ଼ରେ ରହୁଥିବା ନାରାୟଣ ସେଠୀଙ୍କ ଘରୁ ଦୁର୍ବୃତ୍ତମାନେ କଳାକନା ବୁଲାଇ ପ୍ରାୟ ୧୫ଭରୀ ସ୍ୱର୍ଣ୍ଣ ଅଳଙ୍କାର, କିଛି ରୂପା ଓ ନଗଦ ପ୍ରାୟ ଦେଢ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ନଭେମ୍ବର ୨୯ତାରିଖ ବିଳମ୍ବିତ ରାତିରେ ବିଜିପୁର ଛକ ସ୍ଥିତ ନ୍ୟୁ କେସିଏମ ମେଡିସିନ ଷ୍ଟୋର ଓ ମା ଭୈରବୀ ମେଡ଼ିକାଲ ଷ୍ଟୋରରୁ ଚୋରି ହୋଇଥିଲା। ଚୋରିର ଶୈଳୀ କବାଟ ଭାଂଗିବା କିମ୍ବା ତାଲା କାଟିବା ପରିବର୍ତ୍ତେ ପଛପଟୁ କାନ୍ଥ ଖୋଳି ତିନିଜଣ ଚୋର ଦୋକାନ ଭିତରେ ପଶି ଡ୍ର'ରୁ ପ୍ରାୟ ୫୦ହଜାର ଟଙ୍କା ସହ ଦୁଇଟି ଲ୍ୟାପ୍‌ଟପ୍ ଚୋରି କରି ନେଇଥିଲେ। ସେହିପରି ଗତ ସେପ୍ଟେମ୍ବର ୧୯ତାରିଖ ବିଳମ୍ବିତ ରାତିରେ ଗାନ୍ଧିନଗର ମୁଖ୍ୟରାସ୍ତରେ ଥିବା ଅଜିତ କମ୍ପ୍ୟୁଟର ଏଣ୍ଡ ସର୍ଭିସ ଦୋକାନରୁ ନାମିଦାମୀ କମ୍ପାନୀର ୨୦ଟି ଲ୍ୟାପଟପ, ସିସିଟିଭି କ୍ୟାମେରା, ମୋଡ଼ମ ଓ ଡିଭିଆର ଇତ୍ୟାଦି ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହିଭଳି ଭାବେ ଆନ୍ୟାନ୍ୟ ଚୋରି ଓ ଲୁଟ ମାମଲାରେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ରହିଛି। ଘଟଣା ଘଟିବାର ଦୀର୍ଘ ମାସ ବିତିଯାଇଥିଲେ ସୁଦ୍ଧା ଏଯାବତ ପୁଲିସକୁ ସଫଳତା ମିଳିପାରିନାହିଁ। ତେବେ ପୁଲିସ ଲୁଟେରାଙ୍କୁ ଧରିବା ପାଇଁ କିଛି ନୂଆଁ ଯୋଜନା କରୁଛି ଅଥବା ଏପରି ହାତବାନ୍ଧି ବସୁଛି ତାହା ହିଁ ଦେଖିବାକୁ ବାକି ରହିଲା।

**ଚିହ୍ନଟ ହୋଇନାହାନ୍ତି ଏକାଧିକ ମାମଲାର ଅଭିଯୁକ୍ତ**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରଫୁଲ୍ଲ କୁମାର ମଲ୍ଲିକ୍

ଆବିର୍ଭାବ: ୨୩.୦୭.୧୯୬୪

ତିରୋଧାନ: ୧୫.୦୩.୨୦୨୪

ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ। ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ :
ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ।

# ଆନ୍ତଃଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ



**ବ୍ରହ୍ମପୁର, ୨୮ ।୩(ସମିସ):** ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ ପରିସରରେ ଗଞ୍ଜାମ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି ଚୟନ ପ୍ରକ୍ରିୟା ଶୁକ୍ରବାର ଅର୍ଥାତ ଚଳିତ ମାସ ୨୯ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ସ୍କୁଲର ୭ମ ଠାରୁ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବହୁ ଖେଳାଳି ଭାଗ ନେଇଥିଲେ। ଚୟନ ପ୍ରକ୍ରିୟାରେ ଓଡ଼ିଶା କ୍ରିକେଟ ଏସୋସିଏସନ (ଓସିଏ)ର ପ୍ରଭାତ କୁମାର ନାୟକ ଓ ଲଲାଟେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ପରିଡ଼ା ନାମ ପଞ୍ଜୀକରଣ ଦାୟିତ୍ୱ ତୁଲାଇଥିଲେ। ଚଳିତ ମାସ ୩୧ତାରିଖରେ ଚୟନ ଖେଳାଳିଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ଉକ୍ତ ଖେଳାଳିମାନେ ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ଜିଲ୍ଲାସ୍ତରୀୟ କ୍ରିକେଟ ଖେଳରେ ଗଞ୍ଜାମ ଜିଲ୍ଲା ନିମନ୍ତେ ପ୍ରତିନିଧିତ୍ୱ କରିବେ ବୋଲି ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ଅଶୋକ ସାହୁ କହିଛନ୍ତି।

# 'ମେରୀ ମର୍ଜି'ରେ ଚାଲିଛି ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ

ବ୍ରହ୍ମପୁର, ୨୮ ।୩(ସମିସ)

ପଶୁପକ୍ଷୀଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପଶୁ ଚିକିତ୍ସାଳୟ ରହିଛି। ସେହିକ୍ରମରେ ବ୍ରହ୍ମପୁରରେ ରହିଛି ପ୍ରାଣୀ ଚିକିତ୍ସାଳୟ। ଏଥିରେ ଅଭିଜ୍ଞ ଡାକ୍ତରଙ୍କ ସହିତ ଅନ୍ୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏହି ପ୍ରାଣୀ ଚିକିତ୍ସାଳୟକୁ ପ୍ରାୟ ୪୦ରୁ ୫୦ କିଲୋମିଟର ଦୂରଦୂରାନ୍ତରୁ ବହୁ ପଶୁପ୍ରେମୀ ନିଜର ପୋଷା ତଥା ବୁଲା କୁକୁର ଓ ଷଣ୍ଢଙ୍କ ସମେତ ପଶୁପକ୍ଷୀଙ୍କୁ ଚିକିତ୍ସା ପାଇଁ ନେଇ ଆସିଥାନ୍ତି। ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କୁ ବିଭାଗ ପକ୍ଷରୁ ମୋଟ ଅଙ୍କର ଦରମା ମଧ୍ୟ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଦିନ ଏଠାକୁ ୫୫ରୁ ୬୫ଟି ବିଭିନ୍ନ ଗୃହପାଳିତ ପଶୁପକ୍ଷୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ସେଥି ମଧ୍ୟରୁ ଅଧିକାଂଶ କୁକୁର ରହିଥାନ୍ତି। ତେବେ ଏଠାରେ କାର୍ଯ୍ୟରତ କିଛି ପ୍ରାଣୀ ଚିକିତ୍ସକ ନିରୀହ ପଶୁପକ୍ଷୀଙ୍କ ଚିକିତ୍ସାରେ ଅବହେଳା କରୁଥିବା ବହୁ ପଶୁପ୍ରେମୀ ଅଭିଯୋଗ ଆଣିଛନ୍ତି। ଏହା ସହ କାର୍ଯ୍ୟରତ କିଛି କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ କ୍ରୟ କରିବାକୁ ବାଧ କରୁଥିବା ନେଇ ଅଭିଯୋଗ ରହିଛି। ଅଧିକ ଟଙ୍କା ଉପାର୍ଜନ କରିବା ଲୋଭରେ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟର କିଛି କର୍ମଚାରୀ ଓ ପ୍ରାଣୀଚିକିତ୍ସକ ବିଭିନ୍ନ ଅସାଧୁ ଉପାୟ ଆପଣାଉଥିବା ଅଭିଯୋଗ ହୋଇଛି। ପଶୁପାଳକ କିମ୍ବା ପଶୁପ୍ରେମୀମାନେ କୌଣସି କାରଣରୁ ଅସୁସ୍ଥ ପଶୁପକ୍ଷୀଙ୍କୁ ପ୍ରାଣୀ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆଣିଲେ ଏଠାରେ କାର୍ଯ୍ୟରତ କିଛି ପ୍ରାଣୀଚିକିତ୍ସକ ସେମାନଙ୍କୁ ମିଲିଟାରୀ ଲାଇନ୍ ନିକଟରେ ଥିବା ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ ଆଣିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି। ଅନ୍ୟ ଦୋକାନ ଅପେକ୍ଷା ଉକ୍ତ ଔଷଧ ଦୋକାନରେ ଔଷଧର ମୂଲ୍ୟ ବହୁ ଅଧିକ ରହୁଥିବା ବେଳେ ପଶୁପ୍ରେମୀ ଓ ପଶୁପାଳକମାନେ ଅନ୍ୟ ଉପାୟ ନପାଇ ବାଧ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ଔଷଧ କ୍ରୟ କରୁଥିବା ଅଭିଯୋଗ କରିଛନ୍ତି।

ଚଳିତ ମାସ ୨୭ ତାରିଖ ଲାଞ୍ଜିପଲ୍ଲୀର ପଶୁପ୍ରେମୀ ନିହାର ପଣ୍ଡା ଏକ ଅସୁସ୍ଥ ବୁଲା କୁକୁରକୁ ଚିକିତ୍ସା ନିମନ୍ତେ ପଶୁ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ପ୍ରାଣୀଚିକିତ୍ସକ ପ୍ରଥମେ ଅସୁସ୍ଥ କୁକୁରଟିକୁ ଚିକିତ୍ସା କରିବାକୁ ଅମଙ୍ଗ ହୋଇଥିଲେ। ପରେ କୁକୁରଟିର ଶରୀରରେ ଷ୍ଟୋନ ଥିବା ଜାଣିବା ପରେ ଏ ହ । ର




**ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ ଆଣିବାକୁ କରାଯାଉଛି ବାଧ**

**ଔଷଧ ହେର୍‌ଫେର୍ କରାଯାଉଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ**

ଅସ୍ତ୍ରୋପଚାର ନିମନ୍ତେ ପଶୁପ୍ରେମୀ ନିହାରଙ୍କୁ ପ୍ରାଣୀ ଚିକିତ୍ସକ ଜଣକ ପରାମର୍ଶ ଦେଇଥିଲେ। ଏଥିପାଇଁ କିଛି ଔଷଧ ଓ ଅସ୍ତ୍ରୋପଚାର ସାମଗ୍ରୀ ଆବଶ୍ୟକ ରହିଥିବା ଦର୍ଶାଇ ସେସବୁ ମିଲିଟାରୀ ଲାଇନ୍ ନିକଟରେ ଥିବା ଏକ ନିର୍ଦ୍ଦିଷ୍ଟ ଔଷଧ ଦୋକାନରୁ ଆଣିବାକୁ ବାଧ କରିଥିଲେ। ପଶୁପ୍ରେମୀ ଜଣକ ଏହାକୁ ବିରୋଧ କରିବାରୁ ପ୍ରାଣୀ ଚିକିତ୍ସକ ଜଣକ ବିଭିନ୍ନ କାରଣ ଦର୍ଶାଇ ଉକ୍ତ ଔଷଧ ଦୋକାନରୁ ଔଷଧ ଆଣିବାକୁ କହିଥିଲେ। ଶେଷରେ ପଶୁପ୍ରେମୀ ଜଣକ ବାଧ ହୋଇ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ କିଛି ସାମଗ୍ରୀ ଉକ୍ତ ଔଷଧ ଦୋକାନରୁ ଆଣିଥିବା ବେଳେ ଅବଶିଷ୍ଟ ଅନ୍ୟ ଏକ ଔଷଧ ଦୋକାନରୁ କ୍ରୟ କରିଥିଲେ। ପରେ କୁକୁରଟିର ଅସ୍ତ୍ରୋପଚାର ହୋଇଥିଲା।

କେବଳ ନିହାର ନୁହନ୍ତି ଏଭଳି ଅନେକ ପଶୁପ୍ରେମୀ ପ୍ରତ୍ୟେକ ଦିନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହ ସରକାରଙ୍କ ଦ୍ୱାରା ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଯୋଗାଣ ହେଉଥିବା ବହୁ ଔଷଧକୁ ଚିକିତ୍ସା କାର୍ଯ୍ୟରେ ବ୍ୟବହାର କରାନଯାଇ ସେଗୁଡ଼ିକୁ ଅନ୍ୟତ୍ର ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। କିଛି ପଶୁପାଳକଙ୍କ ଠାରୁ ଏହି ଔଷଧ ବାବଦକୁ ଟଙ୍କା ଆଦାୟ କରାଯାଉଥିବା ମଧ୍ୟ ଅଭିଯୋଗ ରହିଛି। ଏନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ମନୋଜ ସାହୁଙ୍କୁ ପଚାରିବାରୁ ସେ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଏନେଇ ବହୁବାର ପ୍ରାଣୀ ଚିକିତ୍ସକଙ୍କୁ ତାଗିଦ କରାଯାଇଥିବା ସେ କହିଛନ୍ତି। ଏହା ସତ୍ତ୍ୱେ ସମାନ ଅଭିଯୋଗ ଆସୁଥିବା ଡାକ୍ତର ସାହୁ କହିଛନ୍ତି। ତେବେ ଏଭଳି ଅଭିଯୋଗ ସମ୍ପର୍କରେ କିଛି ଲିଖିତ ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯିବ ଓ ପ୍ରମାଣ ମିଳିଲେ ସେଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା କର୍ମଚାରୀ ଓ ପ୍ରାଣୀ ଚିକିତ୍ସକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ସାହୁ କହିଛନ୍ତି।




ବ୍ରହ୍ମପୁର ଖବରକାଗଜ ବିତରକ ସଂଘର ବନ୍ଧୁମିଳନ

# ଦର୍ଶକଙ୍କ ମନ ଜିଣିଲା ନାଟକ 'ଉଦ୍‌ଘାଟନ'

**ବ୍ରହ୍ମପୁର, ୨୮ ।୩(ସମିସ):** ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟକ 'ଉଦ୍‌ଘାଟନ' ମଞ୍ଚସ୍ଥ ହୋଇଯାଇଛି । ଏହି ନାଟକ ଦର୍ଶକଙ୍କୁ ହସାଇ ହସାଇ ବେଦାମ କରିବା ସହ ସମସ୍ତଙ୍କ ମନ ଜିଣିଛି । ଆଜି ମଣିଷ ଗୋଟିଏ ପଟେ ଶିକ୍ଷା, ସଂସ୍କୃତି ଓ ବିଜ୍ଞାନ କ୍ଷେତ୍ରରେ ଉପରକୁ ଉପରକୁ ଉଠୁଥିବା ବେଳେ ଅନ୍ୟ ପାଖରେ ସ୍ୱାର୍ଥ କେନ୍ଦ୍ରିକ ଓ ଅର୍ଥ ଲୋଭି ହୋଇ ତଳକୁ ତଳକୁ ଚାଲି ଯାଉଛି । ମଣିଷ ଏତେ ତଳକୁ ଖସି ଗଲାଣି ଯେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମରେ ସାଧାରଣ ଖଟିଖିଆ କଳାକାରଟିର ଜୀବନ ନେବାକୁ ମଧ୍ୟ ପଛାଏ ନାହିଁ। ଏମିତି କିଛି ଘଟଣାବଳୀକୁ ନେଇ ବିଶ୍ୱ ନାଟ୍ୟ ଦିବସ ଅବସରରେ ବ୍ରହ୍ମପୁର କଳାକାର ଏକତା ମଞ୍ଚ ତରଫରୁ ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚରେ ମଞ୍ଚସ୍ଥ ହୋଇଛି ନାଟକ'ଉଦଘାଟନ' । ଡ଼. ମିହିର କୁମାର ତ୍ରିପାଠୀଙ୍କ ରଚିତ ଏନ. ରାମବାବୁଙ୍କ ନିର୍ଦ୍ଦେଶିତ ଏହି ନାଟକ ଉପସ୍ଥିତ ନାଟ୍ୟ ଓ କଳାପ୍ରେମୀଙ୍କ ମନ ମୋହିଥିଲା । ନାଟକରେ ମୁକୁନ୍ଦ ସାହୁ ଓ ବୁଲୁ ସଙ୍ଗୀତ ଦାୟିତ୍ୱ ତୁଲାଇଥିବା ବେଳେ ଚକାଡୋଳା ଚିତ୍ରାଳୟ ମଞ୍ଚ ସଜ୍ଜା କରିଥିଲେ। ନାଟକର ଅଶୋକ ବ୍ରହ୍ମା, ଡ଼. ମିହୀର ତ୍ରିପାଠୀ, ଗିରିଜା ଶଙ୍କର ଦାସ, ଇଂ.ମନୋଜ ଦଣ୍ଡପାଟ, ନଳିନୀ ଗୌଡ଼, କ୍ଷୀରସିନ୍ଧୁ ମହାନ୍ତି, ଯାଦୁଗର କୁମାର, ଆରତୀ ପାତ୍ର, କୈଳାସ ପାଣିଗ୍ରାହୀ, ନାରାୟଣ ମହାକୁଡ଼, ରବୀନ୍ଦ୍ର ନାୟକ, ସରୋଜ ପଣ୍ଡା, ପ୍ରମୁଖ ଅଭିନୟ କରିଥିଲେ। ଗାନ୍ଧୀ ଭୂମିକାରେ ନଳିନୀ ଗୌଡ଼ଙ୍କ ସୁନ୍ଦର ଅଭିନୟ ସାଙ୍ଗକୁ ନାଟକର ବାର୍ତ୍ତା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ଏକତା ମଞ୍ଚର ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, କବି ଓ ସଂସ୍କୃତି ପ୍ରେମୀ ଇଂ.ଜାମିନୀକାନ୍ତ ଦାସ, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଜଗଦୀଶ ପାଣିଗ୍ରାହୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ମେଜର ରମାରମଣ ପାଢ଼ୀ, କିରଣ ବାଳା ମିଶ୍ର, ମଦନ ମିଶ୍ର, ରମେଶ ମହାରଣା, ଡା. ତିରୁପତି ସାହୁ ଆଦି ନାଟ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ଉପସଭାପତି ରାଜ ଗୋପାଳ ପାଢ଼ୀ ସଭା କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ନାଟ୍ୟ ପରିଚାଳକ ଅନିଲ କୁମାର ପାତ୍ର, ସୁନିଲ ସ୍ୱାଇଁ, ତ୍ରିପତୀ ନାୟକ ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ସଂଘର କୋଷାଧ୍ୟକ୍ଷ ସତ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସିଣ୍ଡିକେଟ୍ ବୈଠକ

# ଅଧ୍ୟାପକ ପଦବୀ ପୂରଣ ପାଇଁ ଆରମ୍ଭ ହେବ ପ୍ରକ୍ରିୟା

ବ୍ରହ୍ମପୁର, ୨୮ ।୩(ସମିସ)



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ତଥା ଦ୍ୱିତୀୟ ସିଣ୍ଡିକେଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଣ୍ଡିକେଟ ବୈଠକ ପୂର୍ବରୁ ପ୍ରଥମେ ଅର୍ଥ କମିଟି ବୈଠକ ବସି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆୟବ୍ୟୟର ବଜେଟ ପ୍ରସ୍ତୁତ କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆୟ ୩୧ କୋଟି ୩୫ ଲକ୍ଷ ୮୧ ହଜାର ୧୬୫ ଟଙ୍କା ଥିବାବେଳେ ସେଥିମଧ୍ୟରୁ ୩୦ କୋଟି ୩୪ ଲକ୍ଷ ୯୨ ହଜାର ୩୭୦ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଜଣାପଡ଼ିଛି। ପରେ ସିଣ୍ଡିକେଟ ବୈଠକରେ ବିଶ୍ୱବିଦ୍ୟାଳୟର ଆର୍ଥିକ ବଜେଟକୁ ଉପସ୍ଥାପନ କରାଯାଇଥିଲା। ବୈଠକରେ ମୁଖ୍ୟତଃ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲେ ହେଁ ବିଶ୍ୱବିଦ୍ୟାଳୟକୁ ୟୁଜିସିର ମାନ୍ୟତା ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ନେବା, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ମଧ୍ୟରୁ ଗଣଶିକ୍ଷା ବିଭାଗ ଅଧୀନକୁ ଚାଲିଯାଇଥିବା ଯୁକ୍ତ ଦୁଇ ଶ୍ରେଣୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆର ଭିତ୍ତାମୂଲ୍ୟକୁ ବୃଦ୍ଧି କରିବା, ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଚୁକ୍ତିଭିତ୍ତିକ ଅଧ୍ୟାପକଙ୍କୁ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଆଦି ବିଭିନ୍ନ ପ୍ରମୁଖ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ତେବେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କୌଣସି ପ୍ରସଙ୍ଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇନଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡଃ. ଗିତାଞ୍ଜଳୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ସିଣ୍ଡିକେଟ ସଦସ୍ୟ ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ଧୀରେନ କୁମାର ପଟ୍ଟନାୟକ, ଡଃ. ମଧୁସ୍ମିତା ଦାଶ, ଡଃ ମାନସ ରଞ୍ଜନ ପାତ୍ର, ପିଜି କାଉନସିଲ ଅଧକ୍ଷା ଡଃ. ପଦ୍ମିନୀ ସାହୁ, ଡଃ ଉଷାରାଣୀ ରଥ, ଡଃ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଡଃ. ବିଦ୍ୟୁତ୍ ପ୍ରଭା ସାହୁ, ପ୍ରଫେସର ପୁଷ୍ପାଞ୍ଜଳୀ ସାମନ୍ତରା, ଡଃ. ସିଦ୍ଧାର୍ଥ କୁମାର ପାଢ଼ୀ, କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର ଓ ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

- **ଯୁକ୍ତ ଦୁଇ ଶ୍ରେଣୀକୁ ଅନ୍ୟତ୍ର ସ୍ଥାନାନ୍ତର ସହ ବିଶ୍ୱବିଦ୍ୟାଳୟର ୟୁଜିସି ମାନ୍ୟତା ଉପରେ ଗୁରୁତ୍ୱ**
- **୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୩୦.୩୪ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ**

ଗତ ଜାନୁଆରୀ ମାସରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରଥମ ସିଣ୍ଡିକେଟ ବୈଠକ ବସିଥିଲା। ପୂର୍ବତନ କୁଳପତିଙ୍କ କାର୍ଯ୍ୟକାଳ ଶେଷ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ. ଗିତାଞ୍ଜଳୀ ଦାଶଙ୍କୁ ଏଠାକାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କୁଳପତି ଦାୟିତ୍ୱ ଗ୍ରହଣ କରିବାର ଦୁଇ ମାସ ପରେ ଏହା ପ୍ରଥମ ବୈଠକ। ମାର୍ଚ୍ଚ ମାସ ପୂର୍ବରୁ ବଜେଟ ପ୍ରସ୍ତୁତ କରି ବିଭାଗକୁ ପଠାଇବା ଜରୁରୀ ଥିବା କାରଣରୁ ଏହି ବୈଠକ ଡକାଯାଇଥିବା ସୂଚନା ମିଳିଛି। ବିଶ୍ୱବିଦ୍ୟାଳୟର ସିଣ୍ଡିକେଟରେ ମୋଟ ୧୫ ଜଣ ସଦସ୍ୟ ଥିବା ବେଳେ ମାତ୍ର ୨ଜଣ ସଦସ୍ୟ ଅନୁପସ୍ଥିତ ଥିଲେ।

## ଦିନକ ପରେ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ, ମାହୋଲ ସରଗରମ

# ୧୧ଟି ପଦବୀ ପାଇଁ ରଣାଙ୍ଗନରେ ୨୬ ପ୍ରାର୍ଥୀ

ବ୍ରହ୍ମପୁର, ୨୮ ।୩(ସମିସ)





- **କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ପ୍ରଥମ ଥର ହେଉଛି ଭୋଟଗ୍ରହଣ**
- **ମହିଳାଙ୍କ ପାଇଁ ସଂରକ୍ଷିତ ଗୋଟିଏ ପଦବୀ ପାଇଁ ୩ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା**

ଦିନକ ପରେ ଅର୍ଥାତ୍ ଆସନ୍ତା ୩୦ ତାରିଖରେ ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ଅନୁଷ୍ଠିତ ହେବ ଓକିଲ ସଂଘ ନିର୍ବାଚନ। ଏହି କ୍ରମରେ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ମାହୋଲ ସରଗରମ ରହିଛି। ଚଳିତ ବର୍ଷ ସଂଘର ବିଭିନ୍ନ ପଦ ପଦବୀ ପାଇଁ ଏକାଧିକ ପ୍ରାର୍ଥୀ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସଭାପତି ପାଇଁ ୫ ଜଣ, ଉପସଭାପତି ପାଇଁ ୨ଜଣ, ସମ୍ପାଦକ ପଦବୀ ପାଇଁ ୬ ଜଣ, ଯୁଗ୍ମ ସମ୍ପାଦକ ପାଇଁ ୨ଜଣ ଏବଂ ଚଳିତ ବର୍ଷ ପ୍ରଥମ ଥର ପାଇଁ ସଂଘର କାର୍ଯ୍ୟକାରୀ କମିଟିରେ ମୋଟ ୭ ଜଣ ସଦସ୍ୟଙ୍କ ପାଇଁ ଭୋଟଗ୍ରହଣ କରାଯିବ। ଏହି ୭ଟି ପଦବୀ ମଧ୍ୟରୁ ୬ଟି ପୁରୁଷଙ୍କ ପାଇଁ ଓ ଗୋଟିଏ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ ସବୁଠାରୁ ବଡ଼ କଥା ହେଲା ପ୍ରଥମ ଥର ପାଇଁ ହେବାକୁ ଥିବା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଥିବା ୬ଟି ପଦବୀ ପାଇଁ ୮ ଜଣ ପ୍ରାର୍ଥୀ ଥିବାବେଳେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ଗୋଟିଏ ପଦବୀ ପାଇଁ ୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଭିନ୍ନ ପଦପଦବୀ ପାଇଁ ପ୍ରଚାର ଜୋରଦାର ଚାଲିଥିବା ବେଳେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ଗୋଟିଏ ପଦବୀ ପାଇଁ ୩ ଜଣ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେଉଥିବା ପରିଲକ୍ଷିତ ହୋଇଛି। ଚଳିତ ନିର୍ବାଚନରେ କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ବରିଷ୍ଠ ସଦସ୍ୟା ତଥା ୧୯୯୫ ମସିହା ବ୍ୟାଚ୍‌ର ଆଇନଜୀବୀ ଅଞ୍ଜଳୀ ମହାନ୍ତି, ୨୦୦୭ ବ୍ୟାଚ୍‌ର ଆରତୀ ପ୍ରଭା ମହାରଣା ଓ ୨୦୧୧ ମସିହା ବ୍ୟାଚ୍‌ର ମୀରାବାଇ ପାଣିଗ୍ରାହୀ ନିର୍ବାଚନ ଲଢୁଛନ୍ତି। ସମସ୍ତ ପ୍ରାର୍ଥୀ ଏହାକୁ ଏକ ବନ୍ଧୁତ୍ୱର ସହ ଲଢ଼େଇ ବୋଲି କହୁଥିଲେ ହେଁ ନିଜନିଜ ସମର୍ଥକଙ୍କ ସହ ପ୍ରଚାର କାର୍ଯ୍ୟକୁ ସମସ୍ତ ପ୍ରାର୍ଥୀ ତ୍ୱରାନ୍ୱିତ କରିଛନ୍ତି। ପ୍ରକୃତରେ କହିବାକୁ ଗଲେ ନିର୍ବାଚନରେ ବିଜୟ ଅବା ପରାଜୟ ସମସ୍ତଙ୍କ ପାଇଁ ବର୍ତ୍ତମାନ ଇଜ୍ଜତର ପ୍ରଶ୍ନ ହୋଇଛି। ଫଳରେ ହାତରେ ଖୁବ୍ କମ ସମୟ ଥିବାବେଳେ ସୋସିଆଲ ମିଡିଆକୁ ପ୍ରଚାରର ମାଧ୍ୟମ କରିଥିଲେ ସୁଦ୍ଧା ଘରକୁ ଘର ବୁଲି ନିଜ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିପଡ଼ିଛନ୍ତି ସମସ୍ତେ। ଚଳିତ ନିର୍ବାଚନରେ ମୋଟ ୧୫୮୩ ଜଣ ଭୋଟର ଥିବାବେଳେ ସେଥିମଧ୍ୟରୁ ୧୮୦ରୁ ଅଧିକ ଜଣ ମହିଳା ଆଇନଜୀବୀ ଅଛନ୍ତି।

୩୦ ତାରିଖ ଶନିବାର ସମଗ୍ର ରାଜ୍ୟରେ ୱାନ ବାର୍ ୱାନ ଭୋଟ ନିୟମ ପ୍ରକାରେ ନିର୍ବାଚନ ଅନୁଷ୍ଠିତ ହେବ। ବ୍ରହ୍ମପୁରରେ ୩୦ ତାରିଖ ଦିନ ସକାଳ ୮ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହେବ। ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ଅନୀଲ କୁମାର ପଣ୍ଡା।

## ନାବାଳିକାଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର, ୨୮ ।୩(ସମିସ):** ସ୍ଥାନୀୟ ପୋକ୍‌ସୋ କୋର୍ଟରେ ଏକ ନାବାଳିକାଙ୍କୁ ଅସଦାଚରଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ବିଚାରପତି ପ୍ରଭାତ କୁମାର ରାଜଗୁରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ନଭେମ୍ବର ୨୪ ତାରିଖ ୨୦୨୧ ମସିହାରେ ଏନେଇ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ନିତ୍ୟାନନ୍ଦ ପଣ୍ଡାଙ୍କୁ ଗିରଫ କରିଥିଲା। ପରେ ଜାମିନରେ ଅଭିଯୁକ୍ତ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ମୋଟ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଦୀର୍ଘ ଦୁଇବର୍ଷରୁ ଅଧିକ ସମୟର ବିଚାରଣା ପରେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ନିତ୍ୟାନନ୍ଦ ପଣ୍ଡାଙ୍କୁ ନିର୍ଦ୍ଦୋଷରେ କଲାସ କରିଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ପାଇଁ ଆଇନଜୀବୀ ରଘୁନାଥ ପାଣିଗ୍ରାହୀ, ପିତବାସ ପଣ୍ଡା ଓ ବିରଞ୍ଚି ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ଏମ୍‌କେସିଜି ମେଡିକାଲ ଆଟେଣ୍ଡାଣ୍ଟଙ୍କ ପରଲୋକ

**ବ୍ରହ୍ମପୁର, ୨୮ ।୩(ସମିସ):** ଏମ୍‌କେସିଜି ମେଡିକାଲରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ମାଣିକ କୋଠିଆ(୨୭)ଙ୍କ ପରଲୋକ ଘଟିଛି। ବାଇଗଣ ବାଡିର ମୂଳବାସିନ୍ଦା ମାଣିକ ଦୀର୍ଘ ବର୍ଷ ହେବ ଏଠାରେ ଆଉଟସୋର୍ସିଂ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ବ୍ରହ୍ମପୁର ବିଜିପୁରରେ ଘର ଭଡ଼ା ନେଇ ରହୁଥିଲେ। ତାଙ୍କର ଏକ ୨ ବର୍ଷର ଝିଅ ରହିଛି। ଗୁରୁବାର ସେ ନ୍ୟୁରୋଲୋଜି ବିଭାଗରେ ନିଜ ଡ୍ୟୁଟି କରୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ପରେ ସେ ଡ୍ୟୁଟିରୁ ଘରକୁ ଫେରିଥିଲେ। ସନ୍ଧ୍ୟାରେ ପୁଣି ଅସୁସ୍ଥ ଅନୁଭବ କରିବାରୁ ପରିବାର ପକ୍ଷରୁ ତାଙ୍କୁ ଏମକେସିଜିର କାଜୁଆଲିଟିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ। ଅନ୍ୟପକ୍ଷରେ ମାଣିକଙ୍କ ଚକ୍ଷୁକୁ ଏମକେସିଜି ମେଡିକାଲକୁ ଦାନ କରିବାକୁ ପରିବାର ଲୋକେ ନିଷ୍ପତ୍ତି ନେଇଛନ୍ତି। ମାଣିକ ଆଉଟସୋର୍ସିଂ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଦସ୍ୟା ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କ ବିୟୋଗରେ ପରିବାର ଲୋକଙ୍କ ସମେତ ସହକର୍ମୀ ଓ ସଂଘ ସଦସ୍ୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଲୋକଙ୍କ ଚାହିଦା ମେଣ୍ଟାଇ ପାରୁନି ଏଟିଏମ୍

# ଟଙ୍କା ନ ଥିବାରୁ ଗ୍ରାହକ ହନ୍ତସନ୍ତ

**ବେଲଗୁଣ୍ଠା, ୨୮ ।୩(ସମିସ)**

ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପାର୍ଶ୍ୱରେ ଥିବା ଏସବିଆଇ ଏଟିଏମ୍‌ରେ ଅଚଳାବସ୍ଥା ଦେଖାଦେଇଛି। ଏହି ଏଟିଏମ୍ ଉପରେ ଗାଙ୍ଗପୁର ସମେତ ଆଖପାଖ ଅଞ୍ଚଳର ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି ଓ କିନ୍ତୁ ଅଞ୍ଚଳରେ ଥିବା ଏହି ଏକମାତ୍ର ଏଟିଏମ୍ ଲୋକଙ୍କ ଚାହିଦା ମେଣ୍ଟାଇବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ବହୁ ସମୟରେ ଏହି ଏଟିଏମରେ ଲଗାତାର ଦୁଇ ତିନି ଦିନ ଧରି ନଗଦ ଟଙ୍କା ରହୁନଥିବା ବେଳେ ଅଧିକାଂଶ ସମୟରେ ଏଟିଏମ୍‌ରେ ଲିଙ୍କ୍ ରହୁନଥିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଓ ଏପରିକି



ବର୍ତ୍ତମାନ ଏକ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଏଟିଏମ୍‌ରେ ଟଙ୍କା ନଥିବାରୁ ଲୋକେ ଟଙ୍କା ଉଠାଇବାର ଭରସା ନେଇ ଟଙ୍କା ଉଠାଇ ନପାରି ନିରାଶରେ ଫେରୁଛନ୍ତି। କେବଳ ଟଙ୍କା ଉଠାଣ କ୍ଷେତ୍ରରେ ନୁହେଁ ଏହି ଏଟିଏମ୍ ଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଧିକାଂଶ ସମୟରେ ଏହି ଏଟିଏମ୍ ଭିତରୁ ମିନି ଷ୍ଟେଟମେଣ୍ଟ୍ ମଧ୍ୟ ବାହାରି ପାରୁନି ଓ ତେଣୁ ବହୁ ସମୟରେ ଲୋକେ ଟଙ୍କା ଉଠାଇବା ପାଇଁ ମିନି ଷ୍ଟେଟମେଣ୍ଟ୍ ପାଇଁ ଏବଂ ପିନ୍ ଜେନେରେଟ୍ ପାଇଁ ଗୋବରା ଏଟିଏମକୁ ଦୌଡୁଛନ୍ତି ଓ ଏହା ସହିତ ଏହି ଏଟିଏମରେ ଦୀର୍ଘ ଦିନ ଧରି ଏସି କାର୍ଯ୍ୟ କରୁନଥିବା ବେଳେ ସବୁ ସମୟରେ ଏଟିଏମ୍ କବାଟ ଖୋଲା ରହୁଥିବାରୁ ଏଟିଏମ୍ ଭିତରକୁ ବୁଲା କୁକୁର ପଶି ଯିବାର ଦେଖା ଯାଉଛି ଓ ତେଣୁ ଏହି ଏଟିଏମ୍‌ର ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ ଏଟିଏମ୍ ସଂଖ୍ୟା ବଢ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଭଞ୍ଜନଗର, ୨୮ ।୩(ସମିସ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ବୈଠକରେ ସଭାପତିତ୍ୱ କରି ଛାତ୍ରୀଛାତ୍ର ମାନେ ଯୁକ୍ତ ୩ ସରିବା ପରେ ଗଣଯୋଗାଯୋଗ ବିଭାଗରେ କିଭଳି ଭବିଷ୍ୟତ ଗଠନ କରିବେ ସେନେଇ କହିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧାପିକା ଆରତି ବାଳା ପ୍ରଧାନ, ଶୈକ୍ଷିକ ପରିଷଦର ମୁଖ୍ୟ ପ୍ରାଧାପକ ବିଭାଶ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଭାଗୀୟ ଅଧାପକ ବାବୁଲା ପ୍ରଧାନ ଆଲୋଚନାରେ ଭାଗ ନେଇ ଗଣ ଯୋଗାଯୋଗ ବିଭାଗ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ଅଛି ବୋଲି କହିଥିଲେ। ଅଧାପକ ହରିଶ କୁମାର, ବିଦେଶୀ ରାଉତ, ଛାତ୍ରୀ ପୂଜା ପାତ୍ର, ଶୁଭମ ସୁଭଦ୍ରା ପ୍ରଧାନ, ସାଗରିକା ସ୍ୱାଇଁ, ସୁଭାସ୍ମିତା ଗୌଡ଼, ଛାତ୍ର ସାଇ ଆଦିତ୍ୟ ଜେନା, ଉତ୍ତମ ପ୍ରଧାନ, ବାବୁ ରଥ, ନବୀନ ସ୍ୱାଇଁ, ଚିନ୍ମୟ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ବକ୍ତବ୍ୟ ରଖିଥିଲେ।

## ଖୁଣ୍ଟେଶ୍ୱରୀ ପୀଠରେ ଦୋଳ ଯାତ୍ରା



**ସୋରଡ଼ା, ୨୮ ।୩(ସମିସ):** ସୋରଡ଼ାର ମଧ୍ୟ ଭାଗରେ ବିରାଜିତ ଗୋପୀନାଥ ସ୍ୱାମୀଙ୍କ ପୀଠରେ ରାଧାକୃଷ୍ଣଙ୍କ ବିଗ୍ରହ ସହର ପରିକ୍ରମା ସହିତ ମନ୍ଦିର ଟ୍ରଷ୍ଟି ତଥା ପୂର୍ବତନ ନଗରପାଳ ନୀଳକଣ୍ଠ ସେନାପତିଙ୍କ ତତ୍ତ୍ୱାବଧାନରେ ଯଥା ରୀତିନୀତି ମୁତାବକ ଦୋଳ ଯାତ୍ରା ଚାଲୁରହିଛି। ସେହିପରି ସ୍ଥାନୀୟ ବିଧାୟକଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଖୁଣ୍ଟେଶ୍ୱରୀଙ୍କ ପୀଠରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନ୍‌ଏସି ଅଧକ୍ଷ ଶିବ ଶଙ୍କର ପଣ୍ଡା, ଆସ୍କା ସମବାୟ ବ୍ୟାଙ୍କ ସୋରଡା ନିର୍ଦ୍ଦେଶକ ବସନ୍ତ କୁମାର ସ୍ୱାଇଁଙ୍କ ଆୟୋଜନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରିର ପ୍ରତିବାଦ

**ଛତ୍ରପୁର, ୨୮ ।୩(ସମିସ):** ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରିର ପ୍ରତିବାଦ ଓ ଦେଶର ସମ୍ବିଧାନ ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ



ଆମ ଆଦମୀ ପାର୍ଟି ଛତ୍ରପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ଦଳୀୟ ନେତା ଓ କର୍ମୀ ମାନେ ଛତ୍ରପୁର ଭିଆଇପି ରୋଡ୍‌ଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ଦିବସୀୟ ସାମୂହିକ ଉପବାସ ବସିଥିଲେ। ଏଥିରେ ଦଳର ଛତ୍ରପୁର ବ୍ଲକ ସଭାପତି ଅଜା ଆମ୍ବିଳ ବିଶ୍ୱାଳ, ଲିଗାଲ ସେଲର କୈଳାଶ ସେଠୀ, ରିତୁ କୁମାରୀ ସେଠୀ, ହାକିମ ଖାନଙ୍କ ସମେତ ବହୁ ଦଳୀୟ ନେତା ସାମିଲ ହୋଇଥିଲେ।

## କଙ୍କଣ ଦେବୀଙ୍କ ପୀଠରେ ଭକ୍ତଙ୍କ ସମାଗମ

**ଆସିକା, ୨୮ ।୩(ସମିସ):** ୧୨ ମାସରେ ତେର ପର୍ବ। ସେଥି ମଧ୍ୟରୁ ଦୋଳ ପୂର୍ଣ୍ଣିମା ଏକ ନିଆରା ପର୍ବ। ଭେଟନଇ ଠାରୁ ଦୁଇ କିଲୋମିଟର ଗଲେ ପାହାଡ଼ ପାର୍ଶ୍ୱରେ ପୂଜା ପାଇ ଆସୁଛନ୍ତି ମା’ କଙ୍କଣ ଦେବି। ଦେଳ ପୂର୍ଣ୍ଣିମା ଅବସରରେ ମା’ଙ୍କ ପୀଠରେ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ଶାନ୍ତି ସୁଙ୍ଖଳା ପାଇଁ ମନ୍ଦିର କମିଟି ପକ୍ଷରୁ ଭକ୍ତ ଙ୍କ ସମସ୍ତ ପ୍ରକାର ବ୍ୟବସ୍ଥା କାରା ଯାଇଥିବା ବେଳେ ମା’ଙ୍କ କୁଣ୍ଡା ପିଠା ଭୋଗ ପ୍ରିୟ ଭୋଗ କାହିଁ କେଉଁ ଆବାହନ କାଳରୁ ରହି ଆସିଛି। ଦୋଳ ପୂର୍ଣ୍ଣିମାରେ ମା’ଙ୍କ ପୀଠରେ ଦିନ ତମାମ ହୋମ ଯଜ୍ଞ ସହ, ଅଷ୍ଟ ପ୍ରହରୀ ଓ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।



# ଚେକ୍ ପୋଷ୍ଟରେ ଓଡ଼ିଶା-ଆନ୍ଧ୍ର ମିଳିତ ଟିମ୍‌ର ଯାଞ୍ଚ




**ପାରଳାଖେମୁଣ୍ଡି, ୨୮ ।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ମେ ୧୩ତାରିଖରେ ଗଜପତି ଜିଲ୍ଲା ସମେତ ସୀମାନ୍ତ ଆନ୍ଧ୍ରରେ ମଧ୍ୟ ମତଦାନ ଅନୁଷ୍ଠିତ ହେବ। ଏହି ସମୟରେ ଉଭୟ ରାଜ୍ୟକୁ ବେଆଇନ ମଦ ଚାଲାଣ ହେବା ସମ୍ଭାବନା ଅଧିକ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ର- ଓଡ଼ିଶା ସୀମାନ୍ତରେ ଉଭୟ ରାଜ୍ୟର ଅବକାରୀ ଟିମ୍ ମିଳିତ ଭାବେ ଯାଞ୍ଚ ତଥା ତନଖି କରୁଥିବାର ଦେଖିବାକୁ ମିଳୁଛି। ଉଭୟ ରାଜ୍ୟ ସୀମାନ୍ତରେ ବ୍ୟାପକ ତଲାସୀ ଆରମ୍ଭ କରିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ବସୁନ୍ଧରା ଓ ଅଚ୍ୟୁତାପୁରମ ଆଦି ଚେକ ପୋଷ୍ଟରେ ଯାଞ୍ଚ କରାଯିବ ସହ ନିର୍ବାଚନ ସରିବା ଯାଏଁ ତନଖି ଜାରି ରଖିବା ପାଇଁ ଉଭୟ ରାଜ୍ୟର ଅବକାରୀ ଟିମ୍ ନିଷ୍ପତ୍ତି ନେଇଥିବା ସୂଚନା ପ୍ରଦାନ କରାଯାଇଛି।

## ■ ବାଲି ଚୋରା ଚାଲାଣ ବେଳେ ଚଢ଼ଉ

# ୨ ଟ୍ରକ୍ ସହ ଟ୍ରାକ୍ଟର୍ ଜବତ



**ଆସିକା, ୨୮ ।୩(ସମିସ):** ବେଆଇନ ବାଲି ଚୋରା ଚାଲାଣବେଳେ ପୁଲିସ ଚଢ଼ଉ କରି ଦୁଇଟି ବାଲି ବୋଝେଇ ଟ୍ରକ୍ ସହ ଗୋଟିଏ ଟ୍ରାକ୍ଟରକୁ ଜବତ କରିଛି। ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ଆସିକା ଏସ୍‌ଡିପିଓ। ଆସିକା ଅଞ୍ଚଳର ପାକଲା ପଲି ଛକ ଓ ବିଜୁ ପଟ୍ଟନାୟକ ଛକରେ ପୁଲିସ ଯାନବାହନ ଯାଞ୍ଚବେଳେ ଦୁଇଟି ଟ୍ରକ ଓ ଗୋଟିଏ ଟ୍ରାକ୍ଟରକୁ ଜବତ କରିଛି ପୁଲିସ। ଆସିକା ଥାନା କେସନଂ(୨୪୭/୨୪)ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ବେଳେ ଗିରଫ ବ୍ୟକ୍ତି ମାନେ ହେଲେ ପୋଚିଲିମା ଅଞ୍ଚଳର କଂସ ଦାସ, ଧୋବା ପଲିର କାହ୍ନୁ ଗୌଡ଼ ଓ କାଦପଡ଼ାର ରାଜୀବ ପ୍ରଧାନ।

# ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ




ଦିଗପହଣ୍ଡି, ୨୮ ।୩(ସମିସ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧୀକାରୀ କୋରେଶ ସେଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ଦିଗପହଣ୍ଡି ବିଡିଓ ଡ.ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି ଏବଂ ତହସିଲଦାର ଅନିତା କୁମାରୀ ସାହୁ, ଏବିଇଓ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ରବା ପାଇକ, ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପତି, ଡ.ବିଜୟ ଚନ୍ଦ୍ର ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଭାଗ ନେଇଥିବା ୨୬ଟି ଉଚ୍ଚ ବିଦ୍ୟାଳୟର ୪୭ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ମଧ୍ୟରୁ ବିଚାରକ ଅବିନାଶ ଚନ୍ଦ୍ର ପାଢ଼ୀ ଏବଂ ଗୋପାଳ କୃଷ୍ଣ ପଣ୍ଡା ଶ୍ରେଷ୍ଠ ୫-ଟି ପ୍ରକଳ୍ପକୁ ଚୟନ କରିଥିଲେ। ପରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ରାଜେନ୍ଦ୍ର କୁମାର ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଓ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନ ସଚେତନତା ସଭା




**ଦିଗପହଣ୍ଡି, ୨୮ ।୩(ସମିସ):** ଦିଗପହଣ୍ଡି ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ସମ୍ବନ୍ଧୀୟ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧକ୍ଷା ତଥା ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଅଧକ୍ଷତା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପ୍ରତି ସାଧାରଣ ଲୋକଙ୍କ ମଧ୍ୟରେ ରହିଥିବା ଘୃଣା, ଅସ୍ପୃଶ୍ୟତା, ଅତ୍ୟାଚାର ଆଦି ମନୋଭାବ ଦୂର କରି ସେମାନଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ ଓ ସୁରକ୍ଷା ଯୋଗାଇ ଦେବା ଦିଗରେ ରହିଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଇନଜୀବୀ ହରପ୍ରସାଦ ରଥ, ଏ. ସୋମେଶ୍ୱର ରାଓ, ପ୍ରଦୀପ କୁମାର ନାୟକ, ସଞ୍ଜୟ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, ଏପିପି ନକୁଳ ପ୍ରଧାନ, ବିପ୍ଳବ କୁମାର ମୁଦୁଲି ଅତିଥି ଭାବେ ଯୋଗ ଦେଇ ସମ୍ପୃକ୍ତ ଆଇନର ବିଭିନ୍ନ ଦିଗ ଉପରେ ମତ ପ୍ରକାଶ କରିଥିଲେ। ବିଚାର ବିଭାଗୀୟ କର୍ମଚାରୀ ଶିବରାମ ସାହୁ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ଅଶ୍ୱିନୀ କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ପଣ୍ଡା, ବିକ୍ରମ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ତାଲୁକ ଆଇନ ସହାୟତା କମିଟିର ସମ୍ପାଦକ ସତ୍ୟନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୁମୁସରର ସ୍ୱର ପକ୍ଷରୁ ଆଲୋଚନାଚକ୍ର




**ବୁଗୁଡ଼ା, ୨୮ ।୩(ସମିସ):** ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱର ପକ୍ଷରୁ ବାଲିପଦର ଗଞ୍ଜାମ ପକ୍ଷରୁ ୧୩୫ତମ ସାହିତ୍ୟ ଆଲୋଚନାଚକ୍ର ପ୍ରତିଷ୍ଠାନର ସଭାପତି ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସୁସାହିତ୍ୟିକ କବି ଅନନ୍ତ କର, ସ୍ତମ୍ଭକାର ଶିବ ପ୍ରସାଦ ଦାସ, ଭଞ୍ଜମାଟିର ସଭାପତି କାମରାଜୁ ସାହାଣୀ, ସାହିତ୍ୟ ଘର ସଭାପତି ରଘୁନାଥ ସାହୁ, କବି କପିଳ ଚନ୍ଦ୍ର ମହାନ୍ତି, ଏନ.ରୀନା ଚୌଧୁରୀ, ଟି.ସତ୍ୟ ନାରାୟଣ ପାତ୍ର, ସମାଜସେବୀ କୈଳାଶ ଚନ୍ଦ୍ର ପ୍ରଧାନ, ଖଲିପରିଡ଼ା, ଉତ୍କଳ କଳା ପରିଷଦ ସଭାପତି ଜି.ରାଜେଶ୍ୱର ପାତ୍ର, ଜରାଶ୍ରମ ସଞ୍ଚାଳକ କାର୍ତ୍ତିକେଶ୍ୱର ବିଷୋୟୀ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସାହିତ୍ୟ ସର୍ବଭାରତୀୟ ସାହିତ୍ୟକୁ ପ୍ରଭାବିତ କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ। କଣ୍ଠଶିଳ୍ପୀ ଦୁର୍ଗାପ୍ରସାଦ ଦାସ, ନିତ୍ୟାନନ୍ଦ ସାହୁ, ସନ୍ତୋଷ କୁମାର ରାଉତ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିବା ବେଳେ କବି କପିଳ ଚନ୍ଦ୍ର ମହାନ୍ତି, ସମାଜସେବୀ ଏନ୍. ରୀନା ଚୌଧୁରୀଙ୍କୁ ସେମାନଙ୍କ ପାରଦର୍ଶିତା ପାଇଁ ‘ଘୁମୁସରର ସ୍ୱର’ ସମ୍ମାନରେ ସମ୍ବର୍ଦ୍ଧିତ କରା ଯାଇଥିଲା। କବି ଧ୍ରୁବ ପାଣିଗ୍ରାହୀ, ରାଜ ଗୋପାଳ ନାୟକ, ଏ. ସର୍ଭିସ୍ ଆଚାରୀ, ନିରଞ୍ଜନ ପାତ୍ର, ପ୍ରଦୀପ କୁମାର ମିଶ୍ର, ରଞ୍ଜିତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ।

# ବିଶ୍ୱ ନାଟ୍ୟ ଦିବସରେ ନାଟୁଆ ମେଳା ଆୟୋଜିତ

**ପାରଳାଖେମୁଣ୍ଡି, ୨୮ ।୩(ସମିସ):** ପାରଳାଖେମୁଣ୍ଡିରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଯାଇଛି। ପ୍ରଗତିଶୀଳ ନାଟ୍ୟ ସଂସ୍ଥା ‘ତରଙ୍ଗ ରଙ୍ଗ’ ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ବିଜୟ କ୍ଲବ ପରିସରରେ ମଞ୍ଚ କଳାକାରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଆୟୋଜକ ତରଙ୍ଗରଙ୍ଗ ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, ବିଶିଷ୍ଟ ନାଟ୍ୟଶିଳ୍ପୀ ମନୋଜ ପାଢ଼ୀ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥି ଓଡ଼ିଆ ଭାଷାକୁ ତଥା ଓଡ଼ିଶାକୁ ପାରଳା ମାଟି ହିଁ ପ୍ରଥମ ରଙ୍ଗମଞ୍ଚ ଓ ପ୍ରଥମ ନାଟକ ଦେଇଛି। ରଘୁନାଥ ପରିଚ୍ଛା ହିଁ ପ୍ରଥମ ନାଟ୍ୟକାର ବୋଲି ବିଭିନ୍ନ ପୁସ୍ତକରେ




ଲେଖା ହୋଇଛି। ତେଣୁ ଦକ୍ଷିଣ ଓଡ଼ିଶାର ଏହି ଗୌରବକୁ କେହି କେବେ ଭ୍ରମିତ କରିପାରିବେ ନାହିଁ ବୋଲି ମତ ଉପସ୍ଥାପନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚ କଳାକାରଙ୍କ ମଧ୍ୟରେ ‘ପୁରତାନ ନାଟକ ଶୈଳୀ ଓ ଅଧୁନା ଦର୍ଶକଙ୍କ ରୁଚି’ ବିଷୟ କୁ ନେଇ ଆଲୋଚନା ହୋଇଥିଲା। ଏଥିରେ ମଞ୍ଚ ଅଭିନେତା ଏମ. ପୃଥିବୀ ରାଜ, ଅମୂଲ୍ୟ ପାଣିଗ୍ରାହୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସତ୍ୟ ପଡ଼ିଆରୀ ଓ ହରିହର ପଟ୍ଟନାୟକ ମତ ଉପସ୍ଥାପନା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ମଞ୍ଚ ଅଭିନେତା ଆଦର୍ଶ ଦାସ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାଣିଗ୍ରାହୀ, କାମଦେବ ପାଢ଼ୀ, ଶିବ ପ୍ରଧାନ ଓ ସୁଜିତ୍ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ରକ୍ତଦାନ ଶିବିରରୁ ୩୫ ୟୁନିଟ୍ ସଂଗୃହୀତ

**ରମ୍ଭା, ୨୮ ।୩(ସମିସ)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ର ପଞ୍ଚାୟତର ମଧୁରଚୁଆ ଠାରେ ଶାସ୍ତ୍ରୀଜୀ ଯୁବ ପରିଷଦ, ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରମ୍ଭା ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟି ଉମାକାନ୍ତ ସାହୁଙ୍କ ବେଦମନ୍ତ୍ର ଧ୍ୱନୀରେ ଆରମ୍ଭ ହୋଇଥିବା ଶିବିରରେ ମୁଖ୍ୟ ଅତିଥି ଭାବେ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ମାନସ ରଞ୍ଜନ ନାହାକ, ସମ୍ମାନିତ ଅତିଥିଭାବେ ଗୋ କଲ୍ୟାଣ ସମିତି ମଧୁର ଚୁଆ ଶାଖା ସଂଯୋଜକ ଶିକ୍ଷକ ଅମର ପ୍ରସାଦ ନାୟକ, ରମ୍ଭା ସାହିତ୍ୟଘର ସମ୍ପାଦକ ଶେଷଦେବ ବେହେରା, ଗ୍ରୀନ ପିସ୍ ଭିଲେଜ୍ ଫାଉଣ୍ଡେସନର ସଭାପତି ତଥା ସମାଜସେବୀ ପ୍ରକାଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଶାସ୍ତ୍ରିଜୀ ଯୁବକ ସଂଘର ସମ୍ପାଦକ ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ, ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ, ସହ ସଂଯୋଜକ ରବିନାରାୟଣ ସେନାପତି, ସମାଜସେବୀ ବିଜୟ ମିସ୍ତ୍ରୀଙ୍କ ତତ୍ତ୍ୱାବଧାନରେ



ପରିଚାଳିତ ଶିବିରରୁ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ପୃଥ୍ୱୀରାଜ ନାହାକ, ରାଧାକାନ୍ତ ନାୟକ ସହଯୋଗ କରିଥିଲେ। ଶିବିରରେ ପ୍ରବୀଣ ନାୟକ, ସନ୍ତୋଷ ନାୟକ, ସର୍ବେଶ୍ୱର ନାହାକ, ଜୀତେନ୍ଦ୍ର ନାୟକ, ବି .କ୍ଷେତ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଗୌଡ଼, ଚନ୍ଦନ ନାୟକ, ସଞ୍ଜୟ ନାୟକ, ସୁବ୍ରତ ନାୟକ, ପ୍ରବୀଣ ନାହାକ, ପ୍ରେମାନନ୍ଦ ନାହାକ, ତନ୍ମୟ ନାହାକ, ଅଜୟ ନାୟକ, ଉମାକାନ୍ତ ସାହୁ, ଅମର ପ୍ରସାଦ ନାୟକ, ସତ୍ୟ ନାରାୟଣ ନାୟକ, ହରିହର ନାହାକ, ପବିତ୍ର ମୋହନ ନାହାକ, ଜ୍ଞାନେଶ୍ୱର ନାହାକ, ସିଦ୍ଧାନ୍ତ ନାୟକ, ଲୋକନାଥ ନାହାକ, କେଶବ ନାହାକ, ବୃନ୍ଦାବନ ନାୟକ, ରାଜକିଶୋର ନାୟକ, ସମୀର ନାୟକ, ସୁଶାନ୍ତ କୁମାର ନାୟକ, ରତ୍ନାକର ନାୟକ, ରଞ୍ଜନ ନାହାକ, ରୂପକ ନାୟକ, ନିର୍ମଳ ନାହାକ, ସନ୍ତୋଷ କୁମାର ନାୟକ, ବିକାଶ ନାୟକ, ଗୋପବନ୍ଧୁ ନାୟକ, ନୀଳାମ୍ବର ନାୟକ ଓ ପ୍ରବୀଣ ନାହାକ ପ୍ରମୁଖ ରକ୍ତଦାନ କରିଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାରର ଡାକ୍ତର ଭି. ଅସ୍ମିତା, ଏ.କେ ବାଜୁବନ୍ଧ, ଅନୁରାଧା ମାଝୀ, ରାମହରି ପଣ୍ଡା ଓ ଡମ୍ବରୁ ବାହାଦୁର କାର୍କେ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।


# କୁଖ୍ୟାତ ଅପରାଧୀ ମୁଖତାର୍ ଅନସାରୀର ମୃତ୍ୟୁ



ଲକ୍ଷ୍ନୌ,୨୮ ।୩(ଏଜେନ୍ସି): ଗ୍ୟାଙ୍ଗଷ୍ଟରରୁ ରାଜନେତା ବନିଥିବା ଉତ୍ତରପ୍ରଦେଶର ମାଫିଆ ଡନ୍ ମୁଖତାର ଅନସାରୀର ଗୁରୁବାର ମୃତ୍ୟୁ ହୋଇଛି । ହୃଦଘାତ କାରଣରୁ ତାହାର ମୃତ୍ୟୁ ହୋଇଥିବା କୁହାଯାଇଛି । ଏହା ପରେ ସମଗ୍ର ରାଜ୍ୟରେ ହାଇଆଲର୍ଟ ଜାରି ହେବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ମାଉ, ଗାଜିପୁର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି । ମୁକ୍ତାର ଜେଲରେ ଥିବାବେଳେ ହୃଦଘାତ ଯୋଗୁ ଅଚେତ ହୋଇପଡ଼ିଥିଲା । ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ତାକୁ କଡ଼ା ସୁରକ୍ଷା ମଧ୍ୟରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଦୁଇ ଦିନ ତଳେ ଜେଲରେ ମୁଖତାରର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାକୁ ରାଣୀ ଦୁର୍ଗାବତୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସା ପରେ ଡିସଚାର୍ଜ କରାଯାଇ ତାକୁ ପୁଣି ଜେଲ୍ ପଠାଇ ଦିଆଯାଇଥିଲା । ମୁକ୍ତାର ଖାଦ୍ୟରେ ବିଷ ମିଶାଯାଉଥିବା ତା’ ଭାଇ ତଥା ଗାଜିପୁରରୁ ବହୁଜନ ସମାଜ ପାର୍ଟି ସାଂସଦ ଅଫଜଲ ଅନସାରୀ ଅଭିଯୋଗ କରିଥିଲେ ।

■ ଟିକଟ ନ ମିଳିବାରୁ ଭାବବିହ୍ୱଳ ହେଲେ ବରୁଣ

# ସାଂସଦ ନଥାଇ ବି ଲୋକଙ୍କ ପାଇଁ କାମ କରିବି



ନୂଆଦିଲ୍ଲୀ,୨୮ ।୩(ଏଜେନ୍ସି): ଉତ୍ତର ପ୍ରଦେଶର ପିଲିଭିଟ୍ ବିଜେପି ସାଂସଦ ବରୁଣ ଗାନ୍ଧୀଙ୍କୁ ଏଥର ଟିକଟ ମିଳିନାହିଁ । ତାଙ୍କ ମାଆ ମେନକା ଗାନ୍ଧୀଙ୍କୁ ଦଳ ଟିକଟ ଦେଇଥିଲେ ହେଁ ବରୁଣ ଟିକଟ ପାଇବାରୁ ବଞ୍ଚିତ ହୋଇଛନ୍ତି । ଟିକଟ ନ ପାଇ ନିରାଶ ହୋଇଥିବା ବରୁଣ ଗୁରୁବାର ନିଜ ନିର୍ବାଚନ କ୍ଷେତ୍ର ଭୋଟରଙ୍କ ଉଦ୍ଦେଶ୍ୟରେ ଏକ ଭାବବିହ୍ୱଳ ଚିଠି ଲେଖିବା ସହିତ କହିଛନ୍ତି ଯେ ‘ପିଲିଭିଟ୍ ସାଂସଦ ଭାବେ ମୋ କାର୍ଯ୍ୟକାଳ ଶେଷ ହୋଇପାରେ , କିନ୍ତୁ ପିଲିଭିଟ୍ ସହିତ ମୋର ସମ୍ପର୍କ ଶେଷ ନିଃଶ୍ୱାସ ଯାଏ ରହିବ । ସାଧାରଣ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ଜାରି ରହିବ । ଏଥିପାଇଁ ଯାହା ବି ମୂଲ୍ୟ ଦେବାକୁ ପଡ଼ିବ ତାହା ମୁଁ ଦେବି ।’ ତେବେ ପିଲିଭିଟ୍‌ବାସୀ ଏଥିପାଇଁ ତାଙ୍କୁ ଆଶୀର୍ବାଦ ଦେବେ ବୋଲି ସେ ଆଶା କରୁଥିବା କହିଛନ୍ତି ।

# ଗୋବିନ୍ଦା ଶିବସେନା ସିନ୍ଦେ ଗୋଷ୍ଠୀରେ ସାମିଲ



ମୁମ୍ବାଇ,୨୮ ।୩(ଏଜେନ୍ସି): ବଲିଉଡ ତାରକା ଗୋବିନ୍ଦା ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ରାଜନୀତିକୁ ଫେରିଛନ୍ତି । ଗୋବିନ୍ଦା ଗୁରୁବାର ଶିବସେନା ସିନ୍ଦେ ଗୋଷ୍ଠୀରେ ସାମିଲ ହୋଇଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଭେଟିବା ପରେ ସେ ଆନୁଷ୍ଠାନିକ ଭାବେ ସକ୍ରିୟ ରାଜନୀତିକୁ ଫେରିଆସିଥିବା ଘୋଷଣା କରିଛନ୍ତି । ଆଗାମୀ ନିର୍ବାଚନରେ ଗୋବିନ୍ଦା ନିର୍ବାଚନ ମଇଦାନକୁ ଓହ୍ଲାଇବା ସହିତ ଉତ୍ତର-ପଶ୍ଚିମ ମୁମ୍ବାଇରୁ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ୨୦୦୪ରେ ଗୋବିନ୍ଦା ରାଜନୀତିରେ ପ୍ରବେଶ କରିବା ସହିତ କଂଗ୍ରେସ ଟିକଟରେ ବିଜୟୀ ହୋଇ ସାଂସଦ ହୋଇଥିଲେ । ଏହି ସମୟରେ ସେ ବିଜେପି ପ୍ରାର୍ଥୀ ରାମ ନାଏକଙ୍କୁ ପରାସ୍ତ କରିଥିଲେ । କିନ୍ତୁ ଜଣେ ସାଂସଦ ଭାବେ ତାଙ୍କର ପ୍ରଦର୍ଶନ ଓ କାର୍ଯ୍ୟକଳାପ ନୈରାଶ୍ୟଜନକ ଥିଲା । ସେ ସଂସଦକୁ ଯାଉନଥିବାରୁ କଂଗ୍ରେସ ତାଙ୍କୁ ସେତେଟା ଗୁରୁତ୍ୱ ଦେଇନଥିଲା । ପରବର୍ତ୍ତୀ ସମୟରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ରାଜନୀତି ଛାଡ଼ିଥିଲେ । ତେବେ ଚଳିତ ଲୋକସଭା ନିର୍ବାଚନରେ ମୁମ୍ବାଇ ଉତ୍ତର ପଶ୍ଚିମ ଆସନରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି କୁହାଯାଉଛି ।

# ଡେରା ମୁଖ୍ୟଙ୍କୁ ଗୁଳିକରି ହତ୍ୟା

ଡେରାଡୁନ, ୨୮ ।୩(ଏଜେନ୍ସି): ଉତ୍ତରାଖଣ୍ଡର ଉଦ୍ଧାମ ସିଂହ ନଗର ଜିଲ୍ଲାସ୍ଥ ରୁଦ୍ରପୁର-ତନାକପୁର ରୁଟରେ ଥିବା ପ୍ରସିଦ୍ଧ ନାନକମଟ୍ଟା ସାହିବ ଗୁରୁଦ୍ୱାରାର ଡେରା ମୁଖ୍ୟ ତଥା କରସେବା ପ୍ରମୁଖ ବାବା ତାରସେମ୍ ସିଂହଙ୍କୁ ଆଜି ସକାଳେ ବାଇକରେ ଆସିଥିବା ଦୁଇ ଜଣ ଅଜ୍ଞାତ ବ୍ୟକ୍ତି ଗୁଳିକରି ହତ୍ୟା କରିଛନ୍ତି । ବାବା ତାରସେମ୍ ସିଂହ ଗୁରୁଦ୍ୱାରା ପରିସରରେ ସକାଳ ପ୍ରାୟ ୬ଟା ୩୦ ମିନିଟ ବେଳେ ଏକ ଚେୟାରରେ ବସିଥିଲେ । ହଠାତ୍ ବାଇକରେ ମୁଖାପିନ୍ଧା ଦୁଇ ବ୍ୟକ୍ତି ଆସି ଖୁବ୍ ନିକଟରୁ ବାବାଙ୍କ ଉପରକୁ ଗୁଳି ଚଳାଇଥିଲେ । ତାଙ୍କୁ ତୁରନ୍ତ ହସପିଟାଲ ନିଆଯାଇ ଚିକିତ୍ସାର ସୁବ୍ୟବସ୍ଥା କରାଯାଇଥିଲା କିନ୍ତୁ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା । ହତ୍ୟାକାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସଆଇଟି) ଗଢ଼ାଯାଇଛି । ଶାନ୍ତିରକ୍ଷା ପାଇଁ ନାନକମଟ୍ଟା ସାହିବ ଗୁରୁଦ୍ୱାରା ଅଞ୍ଚଳରେ ବହୁସଂଖ୍ୟାରେ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରାଯାଇଛି । ଶାନ୍ତରକ୍ଷା ପାଇଁ ପୁଲିସ୍ ପକ୍ଷରୁ ଶିଖ ସମ୍ପ୍ରଦାୟକୁ ନିବେଦନ କରାଯାଇଛି । ଉଦ୍ଧାମ ସିଂହ ନଗର ଏସଏସପି ଓ କୁମାୟୁନ୍ ଡିଆଜି ଘଟଣାସ୍ଥଳରେ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ଯେପରି ନିୟନ୍ତ୍ରଣାଧୀନ ରହେ ତାହା ସୁନିଶ୍ଚିତ କରୁଛନ୍ତି ।

## ନିର୍ବାଚନ ଲଢ଼ିବାରେ ରେକର୍ଡ

# ୨୩୮ ଥର ହାରି ବି ପୁଣି ପଦ୍ମରାଜନ ପ୍ରାର୍ଥୀ



ଚେନ୍ନାଇ,୨୮ ।୩(ଏଜେନ୍ସି): ୨୦୨୪ ନିର୍ବାଚନକୁ ଆଉ ମାତ୍ର ହାତ ଗଣତି ସମୟ ବାକି । ସବୁ ଦଳ ପକ୍ଷରୁ ଏବେ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବା ସହିତ ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ନାମାଙ୍କନ ପତ୍ର ଦାଖଲ ମଧ୍ୟ ଶେଷ ହୋଇଛି । ନିର୍ବାଚନକୁ ନେଇ ଏହାମଧ୍ୟରେ ତାମିଲନାଡୁର ଏକ ଘଟଣା ଅନେକଙ୍କୁ ବିସ୍ମିତ କରିଛି । ତାମିଲନାଡୁର ରାଜନୀତି ପ୍ରେମୀ ଏବଂ ‘ନିର୍ବାଚନ ରାଜା’ ଭାବେ ଜଣାଶୁଣା ୬୫ ବର୍ଷୀୟ କେ ପଦ୍ମରାଜନ ଏଥର ମଧ୍ୟ ଲୋକସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି । ଥରେ କି ୫ ଥର ନୁହେଁ; ଏହାମଧ୍ୟରେ ପଦ୍ମରାଜନ ନିଜ ଜୀବନକାଳ ମଧ୍ୟରେ ୨୩୮ ଥର ପ୍ରାର୍ଥୀ ହୋଇ ନିର୍ବାଚନ ହାରିଛନ୍ତି । ଏହାସତ୍ତ୍ୱେ ସେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ମୋହରୁ ବର୍ତ୍ତି ପାରିନାହାନ୍ତି । ରାଜନୀତି ପ୍ରେମୀ ଭାବେ ପରିଚିତ ପଦ୍ମରାଜନ ଏଥର ଧର୍ମପୁରୀ ଜିଲ୍ଲା ସଂସଦୀୟ କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଟାୟାର ମରାମତି ଦୋକାନ କରିଥିବା ପଦ୍ମରାଜନ ମେଟୁରରୁ ୧୯୮୮ରେ ପ୍ରଥମେ ନିର୍ବାଚନ ଲଢ଼ିବା ଆରମ୍ଭ କରିଥିଲେ । ସେବେଠାରୁ ସେ ପଞ୍ଚାୟତଠୁ ଆରମ୍ଭ କରି ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ସବୁଥିରେ ପ୍ରାର୍ଥୀ ହୋଇ ଆସୁଛନ୍ତି । ହେଲେ ସେ ପ୍ରତ୍ୟେକ ଥର ପରାଜିତ ହୋଇଛନ୍ତି । କିନ୍ତୁ ଏହି ପରାଜୟ ମଧ୍ୟରେ ବି ପଦ୍ମରାଜନ ‘ଲିମକା ବୁକ୍ ଅଫ୍ ରେକର୍ଡସ୍’ରେ ନିଜକୁ ସ୍ଥାନିତ କରିପାରିଛନ୍ତି ।

## ଟିକଟ ନ ପାଇବାରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ

# ଚିକିତ୍ସିତ ଅବସ୍ଥାରେ ସାଂସଦଙ୍କ ମୃତ୍ୟୁ



ଚେନ୍ନାଇ,୨୮ ।୩(ଏଜେନ୍ସି): ୨୦୨୪ ନିର୍ବାଚନ ପାଇଁ ଟିକଟ ନ ମିଳିବାରୁ ତାମିଲନାଡୁର ଇରୋଡ ସାଂସଦ ତଥା ଏମ୍‌ଡିଏମ୍‌କେ ନେତା ଏ ଗଣେଶମୂର୍ତ୍ତି ଆତ୍ମହତ୍ୟା ଉଦ୍ୟମ କରି ପ୍ରାଣ ହାରିଛନ୍ତି । ଗୁରୁବାର ସକାଳେ ଚିକିତ୍ସିତ ଅବସ୍ଥାରେ କୋଏମ୍ବାଟୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା ବେଳେ ତାଙ୍କର ହୃଦ୍‌ଘାତଜନିତ ମୃତ୍ୟୁ ହୋଇଛି ବୋଲି କୁହାଯାଇଛି । ଚଳିତ ଲୋକସଭା ନିର୍ବାଚନ ପାଇଁ ଟିକଟ ନ ମିଳିବାରୁ ସେ ଗତ ରବିବାର କୀଟନାଶକ ପିଇ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଇରୋଡର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ତାଙ୍କୁ କୋଏମ୍ବାଟୁର ସ୍ଥାନାନ୍ତର କରାଯାଇଥିଲା । ସେଠାରେ ମଧ୍ୟ ତାଙ୍କ ଅବସ୍ଥାରେ କୌଣସି ସୁଧାର ଆସି ନଥିଲା । ଏ ଗଣେଶମୂର୍ତ୍ତି ୨୦୧୯ରେ ଡିଏମକେ ଟିକଟରୁ ସାଂସଦ ହୋଇଥିଲେ । ଏହାସହିତ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ତୁଲାଇଥିଲେ । କିନ୍ତୁ ପରେ ସେ ଭାଇକୋଙ୍କ ଏମଡିଏମକେ ଦଳରେ ସାମିଲ ହୋଇଥିଲେ । ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

# ଏପ୍ରିଲ ୧ ଯାଏ ବଢ଼ିଲା କେଜ୍ରିୱାଲଙ୍କ ରିମାଣ୍ଡ ଅବଧି

ନୂଆଦିଲ୍ଲୀ,୨୮ ।୩(ଏଜେନ୍ସି)



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ହେପାଜତରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ରିମାଣ୍ଡ ଅବଧି ବଢ଼ିଛି । ଗୁରୁବାର ତାଙ୍କର ରିମାଣ୍ଡ ଅବଧି ଶେଷ ହୋଇଥିଲା ବେଳେ ଇଡି ପକ୍ଷରୁ ତାଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା । କେଜ୍ରିୱାଲଙ୍କ ଗିରଫକୁ ବେଆଇନ ଦର୍ଶାଇ ତାଙ୍କ ଓକିଲ କୋର୍ଟରେ ଯୁକ୍ତି ବାଢ଼ିଥିଲେ । ୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜଣେ ମୁଖ୍ୟମନ୍ତ୍ରୀଙ୍କୁ କ’ଣ ଗିରଫ କରାଯାଇପାରିବ କି ବୋଲି ସେ ପ୍ରଶ୍ନ କରିଥିଲେ । କିନ୍ତୁ ଏହି ମାମଲାରେ ଅଧିକ ପଚରାଉଚରା ପାଇଁ ଇଡି କେଜ୍ରିୱାଲଙ୍କୁ ଆଉ ୭ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା । ତେବେ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ରାଉଜ୍ ଆଭେନ୍ୟୁ କୋର୍ଟ କେଜ୍ରିୱାଲଙ୍କ ଇଡି ରିମାଣ୍ଡକୁ ଆଉ ୫ ଦିନ ବଢ଼ାଇ ଦେଇଛନ୍ତି । ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ତାଙ୍କର ରିମାଣ୍ଡ ଅବଧି ବୃଦ୍ଧି କରାଯାଇଛି । ଏହି ସମୟରେ କେଜ୍ରିୱାଲ କହିଥିଲେ ଯେ, ସେ ଇଡି ରିମାଣ୍ଡ ପିଟିସନକୁ ବିରୋଧ କରୁନାହାନ୍ତି । ଇଡି ଯେତେ ଦିନ ଚାହିଁବ ଜେଲରେ ରଖିପାରିବ । କିନ୍ତୁ ଏହି ଯାଞ୍ଚ ଏଜେନ୍ସି ଜାଣିଶୁଣି ତାଙ୍କୁ ଅବକାରୀ ଦୁର୍ନୀତି ଫାନ୍ଦରେ ପକାଇବାକୁ ଚେଷ୍ଟା କରିବା ସହିତ ତାଙ୍କ ଦଳକୁ ବଦନାମ କରିବାକୁ ଉଦ୍ୟମ କରୁଛି ବୋଲି କେଜ୍ରିୱାଲ କହିଥିଲେ ।

## ମୁଖ୍ୟମନ୍ତ୍ରୀ ପଦବୀରୁ ହଟାଇବା ଆବେଦନ ଖାରଜ

ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ଇଡି ହେପାଜତରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ତାଙ୍କ ପଦବୀରୁ ହଟାଇବା ଲାଗି ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ଏହି ମାମଲାରେ ନ୍ୟାୟିକ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ ଏବଂ ଏଭଳି ଏକ ରାଜନୈତିକ ପ୍ରସଙ୍ଗରେ ଆମେ ସମୀକ୍ଷା କରିପାରିବୁ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟଙ୍କ ଏଭଳି ରାୟ କେଜ୍ରିୱାଲଙ୍କ ପାଇଁ ଏକ ବଡ ଆଶ୍ୱସ୍ତି ହୋଇଛି ବୋଲି ବିଭିନ୍ନ ମହଲରେ ବିବେଚନା କରାଯାଉଛି । କାରଣ ପୂର୍ବରୁ ବିଭିନ୍ନ ଆବେଦନକୁ ନେଇ ତାଙ୍କୁ ହାଇକୋର୍ଟରୁ ନିରାଶ ହେବାକୁ ପଡ଼ିଥିଲା ।

### ଆମେରିକାକୁ ପୁଣି କଡ଼ାବାଣୀ ଶୁଣାଇଲା ଭାରତ

## ଆମ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଅନି

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ଘଟଣାକୁ ନେଇ ଆମେରିକା ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଟିପ୍ପଣୀ ଜାରି କରାଯିବା ପରେ ଭାରତ ପକ୍ଷରୁ ଏହାକୁ ନିନ୍ଦା କରାଯିବା ସହିତ ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତଙ୍କୁ ସମନ କରାଯାଇଥିଲା । ଏହାପରେ ମଧ୍ୟ ଆମେରିକା ଏହି ପ୍ରସଙ୍ଗରେ ସ୍ଥିତାବସ୍ଥା ଜାରି ରଖିବାରୁ ଭାରତର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ନ ପୂରାଇବାକୁ ଭାରତ ଆମେରିକା ପ୍ରତି କଡ଼ା ଟିପ୍ପଣୀ ଜାରି କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପ୍ରବକ୍ତା ରଣଧୀର ଜୈସ୍ୱାଲ କହିଛନ୍ତି ଯେ, ଭାରତରେ ପ୍ରଣୀତ ଆଇନ ବ୍ୟବସ୍ଥା ଅନୁସାରେ ବିଚାର କରାଯାଏ । ଗଣତନ୍ତ୍ରର ପ୍ରତ୍ୟେକ ଦିଗକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯାଏ । ଯେଉଁ ରାଷ୍ଟ୍ର ଗଣତନ୍ତ୍ରର ମୂଲ୍ୟବୋଧକୁ ସମ୍ମାନ ଦିଏ ସେହି ରାଷ୍ଟ୍ର ଏହି ପ୍ରସଙ୍ଗକୁ ନେଇ କିଛି ଓଲଟା ଭାବିବା ଉଚିତ ନୁହେଁ । କିନ୍ତୁ ଭାରତର ନିର୍ବାଚନ ପ୍ରକ୍ରିୟା ଏବଂ ଆଇନ ବ୍ୟବସ୍ଥାକୁ ନେଇ କୌଣସି ବିଦେଶୀ ରାଷ୍ଟ୍ରର ମତ ମନ୍ତବ୍ୟକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ସେ କହିଛନ୍ତି ।

■ ସିଜେଆଇଙ୍କୁ ୬୦୦ ଆଇନଜୀବୀଙ୍କ ଚିଠି ପ୍ରସଙ୍ଗ

# କଂଗ୍ରେସକୁ ନିଶାଣ କଲେ ମୋଦୀ

ନୂଆଦିଲ୍ଲୀ,୨୮ ।୩(ଏଜେନ୍ସି)



କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନ୍ୟାୟପାଳିକା ଉପରେ ଚାପ ପକାଇ ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଦେଶର ୬୦୦ ବରିଷ୍ଠ ଆଇନଜୀବୀ ପ୍ରଧାନବିଚାରପତିଙ୍କୁ ଚିଠି ଲେଖି ଚିନ୍ତାପ୍ରକଟ କରିଛନ୍ତି । ଆଇନଜୀବୀମାନଙ୍କ ଏହି ଚିଠିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସକୁ ନିଶାଣ କରିଛନ୍ତି । ଅନ୍ୟଙ୍କୁ ଭୟଭୀତ କରିବା କଂଗ୍ରେସର ପୁରୁଣା ସଂସ୍କୃତି ବୋଲି ମୋଦୀ କହିଛନ୍ତି । ସେ ‘ଏକ୍ସ’ରେ ଉଲ୍ଲେଖ କରି କହିଛନ୍ତି ଯେ, ଅନ୍ୟକୁ ଧମକାଇବା ଓ ଡରାଇବା କଂଗ୍ରେସର ସଂସ୍କୃତି । ୫୦ ବର୍ଷ ତଳେ ଏହି ଦଳ ଏକ ପ୍ରତିବଦ୍ଧ ନ୍ୟାୟପାଳିକା ପାଇଁ ଆହ୍ୱାନ ଦେଇଥିଲେ । କିନ୍ତୁ ରାଷ୍ଟ୍ର ପ୍ରତି କଂଗ୍ରେସର କୌଣସି ପ୍ରତିବଦ୍ଧତା ରହିଥିବା ଦେଖାଯାଇ ନାହିଁ । ତେବେ ଏଥିପାଇଁ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । କାରଣ ୧୪୦ କୋଟି ଭାରତୀୟ ଏହି ଦଳକୁ ଅଗ୍ରାହ୍ୟ କରିଛନ୍ତି ବୋଲି ମୋଦୀ କହିଛନ୍ତି । ମୋଦୀଙ୍କ ଏଭଳି ଆକ୍ରମଣକୁ ନେଇ କଂଗ୍ରେସର ବରିଷ୍ଠ ନେତା ତଥା ପ୍ରବକ୍ତା ଜୟରାମ ରମେଶ ପାଲଟା ଜବାବ ରଖିବାକୁ ସହିତ ନ୍ୟାୟପାଳିକାକୁ ସୁରକ୍ଷା ଦେବା ନାଁରେ ପ୍ରଧାନମନ୍ତ୍ରୀ ଏହା ଉପରେ ଆକ୍ରମଣ କରି ଚାଲିଛନ୍ତି ବୋଲି କହିଛନ୍ତି ।

## ଗାଜାରେ ଅସ୍ତ୍ରବିରତି ପ୍ରସ୍ତାବ ୟୁଏନଏସ୍‌ସିରେ ପାରିତ

# ଭିଟୋ ପ୍ରୟୋଗ କଲାନି ଆମେରିକା

ତେଲ ଆଭିଭ, ୨୮ ।୩ (ଏଜେନ୍ସି): ଇସ୍ରାଏଲ-ହମାସ ମଧ୍ୟରେ ସାଢ଼େ ପାଞ୍ଚ ମାସ ହେଲା ଜାରି ଯୁଦ୍ଧ ବନ୍ଦ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ରେ ଏକ ପ୍ରସ୍ତାବ ପାରିତ ହୋଇଯାଇଛି । ଏହି ସଂଗଠନର ୧୫ରୁ ୧୪ ସଦସ୍ୟ ପ୍ରସ୍ତାବ ସପକ୍ଷରେ ମତଦାନ କରିଛନ୍ତି । ତେବେ ଆମେରିକା ମତଦାନରୁ ଦୂରେଇ ରହିଥିଲା । ଏହି ଦେଶ ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ ମଧ୍ୟ କରି ନ ଥିଲା । ଏହା ପୂର୍ବରୁ ୩ ଥର ଅଣା ଯାଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ଆମେରିକା ଅଟକାଇ ଦେଇଥିଲା । ୱାଶିଂଟନର ଏହି ପଦକ୍ଷେପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କ୍ଷୁବ୍ଧ ହୋଇଛନ୍ତି । ସେ ପ୍ରତିରକ୍ଷା ମନ୍ତ୍ରୀ ୟୌଭ ଗ୍ୟାଲେଣ୍ଟଙ୍କ ଆମେରିକା ଗସ୍ତକୁ ରଦ୍ଦ କରିଦେଇଛନ୍ତି । ଏହା ବ୍ୟତୀତ ଇସ୍ରାଏଲ ବିଦେଶ ମନ୍ତ୍ରୀ କହିଛନ୍ତି ଯେ ଗୁଳିମାଡ଼ ବନ୍ଦ ହେବ ନାହିଁ । ହମାସକୁ ନିପାତ କରିବା ପର୍ଯ୍ୟନ୍ତ ଏବଂ ବନ୍ଦୀ ନ ଫେରିବା ଯାଏଁ ଯୁଦ୍ଧ ଜାରି ରହିବ । ସୂଚନା ଅନୁଯାୟୀ ୟୁଏନ୍‌ଏସ୍‌ସିରେ ପାରିତ ପ୍ରସ୍ତାବରେ ବିନା ସର୍ତ୍ତରେ ସମସ୍ତ ବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରାଯାଇଛି ।

# ୨.୩ ଲକ୍ଷ ଟଙ୍କାରେ ନିଲାମ ହେଲା ୯ ଲେମ୍ବୁ



ଭିଲିପୁରମ୍,୨୮ ।୩(ଏଜେନ୍ସି): ତାମିଲନାଡୁର ଭିଲିପୁରମର ଏକ ମନ୍ଦିରରେ ଭଗବାନଙ୍କ ଉଦ୍ଦେଶ୍ୟରେ ଯଜ୍ଞରେ ଭୋଗ ଲଗାଯାଇଥିବା ୯ଟି ଲେମ୍ବୁ ୨.୩ ଲକ୍ଷ ଟଙ୍କାରେ ନିଲାମ ହୋଇଛି । ଭିଲିପୁରମ୍‌ସ୍ଥିତ ଭଗବାନ ମୁରୁଗା(କାର୍ତ୍ତିକ)ଙ୍କ ମନ୍ଦିରରେ ପାଙ୍ଗୁନି ଉତିରାମ ସ୍ୱତନ୍ତ୍ର ଉତ୍ସବରେ ବିଭିନ୍ନ ରୀତିନୀତି ପାଳନ କରାଯାଇଥିଲା ବେଳେ ଭଗବାନଙ୍କ ଉଦ୍ଦେଶ୍ୟରେ ଲେମ୍ବୁ ପୂଜା କରାଯାଇଥାଏ । ଏଠାକାର ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଅନୁସାରେ ଏହି ଲେମ୍ବୁକୁ ନେଇ ସରବତ୍ କରି ପିଇଲେ ନିଃସନ୍ତାନ ଦମ୍ପତି ସନ୍ତାନ ଲାଭ କରିଥାଆନ୍ତି । ନିକଟରେ ଏହି ମନ୍ଦିରରେ ଉତ୍ସବ ପାଳନ କରାଯିବା ସହିତ ବହୁ ଶ୍ରଦ୍ଧାଳୁ ଲେମ୍ବୁ ଅର୍ପଣ କରିଥିଲେ । ତେବେ ଏହି ଲେମ୍ବୁ ମଧ୍ୟରୁ ବହୁ ଶ୍ରଦ୍ଧାଳୁ ସେମାନଙ୍କ ବ୍ୟବସାୟ ବୃଦ୍ଧି ପାଇଁ କିଣି ନେଇଥିଲା ବେଳେ ଏକ ଦମ୍ପତି ୯ ଟି ଲେମ୍ବୁ କିଣିଥିଲେ । ସେମାନେ ଏଥିପାଇଁ ୨.୩ ଲକ୍ଷ ଟଙ୍କା ମନ୍ଦିରକୁ ଦେଇଛନ୍ତି ।

## ଜାତିସଂଘ ରିପୋର୍ଟ

# ଦୈନିକ ୧୦୦କୋଟି ଲୋକଙ୍କ ଖାଦ୍ୟ ଫୋପଡ଼ାଯାଉଛି

ନ୍ୟୁୟର୍କ, ୨୮ ।୩(ଏଜେନ୍ସି)




ବିଶ୍ୱ ଜନସଂଖ୍ୟାର ଏକତୃତୀୟାଂଶ ଖାଦ୍ୟ ଅସୁରକ୍ଷା ଭୋଗୁଥିବା ବେଳେ ଦୈନିକ ୧୦୦ କୋଟି ଲୋକଙ୍କ ପେଟ ପୂରିବା ଭଳି ପରିମାଣର ଖାଦ୍ୟ ନଷ୍ଟ ହେଉଛି । ୨୦୨୨ରେ ୧୦୫ କୋଟି ଟନ୍ ଖାଦ୍ୟ ନଷ୍ଟ ହୋଇଥିଲା । ଜାତିସଂଘର ପରିବେଶ ସଂସ୍ଥା(ୟୁଏନଇପି)ର ଗତକାଲି ପ୍ରକାଶିତ ଖାଦ୍ୟ ନଷ୍ଟ ସୂଚକାଙ୍କ ରିପୋର୍ଟ-୨୦୨୪ରେ ଏହି ସୂଚନା ରହିଛି । ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ(ଏଫଏଓ)ର ଆକଳନ ଅନୁଯାୟୀ, ଖାଉଟିମାନଙ୍କୁ ଯେତେ ପରିମାଣର ଖାଦ୍ୟ ଉପଲବ୍ଧ ତାହାର ୧୯% ଖୁଚୁରା ଦୋକାନ, ଖାଦ୍ୟ ଯୋଗାଣ ସେବା ସଂସ୍ଥା ଓ ଘରୋଇ ସ୍ତରରେ ନଷ୍ଟ ହୋଇଥାଏ । ଏହା ବ୍ୟତୀତ ଯୋଗାଣ ଶୃଙ୍ଖଳରେ ଅମଳ-ପର ସମୟରୁ ବିକ୍ରୟ ସ୍ଥଳ ଯାଏ ଆସିବା ମଧ୍ୟରେ ୧୩% ଖାଦ୍ୟସାମଗ୍ରୀ ନଷ୍ଟ ହୋଇଥାଏ ।

ୟୁଏନଇପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଙ୍ଗେର ଆଣ୍ଡରସେନ୍ କହିଛନ୍ତି, ଖାଦ୍ୟ ନଷ୍ଟ ହେବା ଏକ ବୈଶ୍ୱିକ ବିପତ୍ତି । ବିଶ୍ୱର ବିଭିନ୍ନ ଭାଗରେ ପ୍ରଚୁର ଖାଦ୍ୟ ନଷ୍ଟ ହେଉଛି ତେଣୁ ଆଜି ନିୟୁତନିୟୁତ ମଣିଷଙ୍କୁ ଭୋକଉପାସରେ ରହିବାକୁ ପଡୁଛି । ଏହି ଖାଦ୍ୟ ନଷ୍ଟ ବ୍ୟାପାରଟି କେବଳ ବିଶ୍ୱ ଅର୍ଥନୀତିକୁ ଯେ ପ୍ରଭାବିତ କରୁଛଇ, ତାହା ନୁହେଁ, ଏହା ଜଳବାୟୁ ପରିବର୍ତ୍ତନକୁ କ୍ଷୀପ୍ରତର କରୁଛି, ପର୍ଯ୍ୟାବରଣକୁ କ୍ଷତି ପହଞ୍ଚାଉଛି ଓ ପ୍ରଦୂଷଣ ବଢ଼ାଉଛି । ଘରେ ପରିବାରର ସମସ୍ତଙ୍କ ପାଇଁ ଖାଦ୍ୟ ରନ୍ଧାଯାଉଛି କିନ୍ତୁ ତାହାର ଏକ ବଡ଼ ଅଂଶ ନଷ୍ଟ ହେଉଛି । ପ୍ରାୟ ପ୍ରତିବର୍ଷ ଘରୋଇ ସ୍ତରରେ ସବୁଠାରୁ ଅଧିକ ପରିମାଣ ୬୩୧ ନିୟୁତ ଟନ୍ ଖାଦ୍ୟ ନଷ୍ଟ ହେଉଥିବା ବେଳେ ଖାଦ୍ୟ ଯୋଗାଣ ସେବା ସଂସ୍ଥାଗୁଡ଼ିକ ୨୯୦ ନିୟୁତ ଟନ୍ ଓ ଖୁଚୁରା ବିକ୍ରୟ କ୍ଷେତ୍ରଗୁଡ଼ିକ ୧୩୧ ନିୟୁତ ଟନ୍ ଖାଦ୍ୟ ନଷ୍ଟ କରିଥାନ୍ତି । ଜଣେ ବ୍ୟକ୍ତି ବର୍ଷକୁ ହାରାହାରି ୭୯ କିଲୋଗ୍ରାମ୍ ଖାଦ୍ୟ ନଷ୍ଟ କରିଥାନ୍ତି । ଏହି ଖାଦ୍ୟ ନଷ୍ଟ ନହୋଇ ବିତରିତ ହୋଇଥିଲେ ବିଶ୍ୱର ସମସ୍ତ କ୍ଷୁଧିତ ଲୋକ ପ୍ରତିଦିନ ୧.୩ଟି ଖାଦ୍ୟ ଥାଳି(ମିଲ୍) ପାଇପାରନ୍ତେ । ଖାଦ୍ୟ ନଷ୍ଟ ସମସ୍ୟା କେବଳ ଧନୀ ଦେଶରେ ରହିଛି ବୋଲି କୁହାଯିବ ନାହିଁ । ଧନ ଓ ଆୟ ନିର୍ବିଶେଷରେ ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ଆୟକାରୀ ସଂଗୋଷ୍ଠୀରେ ଖାଦ୍ୟ ନଷ୍ଟ ହେଉଛି । ମୁଣ୍ଡପିଛା ଖାଦ୍ୟ ନଷ୍ଟ ପରିମାଣକୁ ବିଚାରକୁ ନେଲେ ଧନୀ, ମଧ୍ୟମ ଧନୀ ଓ ଗରିବ ଦେଶ ମଧ୍ୟରେ ଫରକ ଖୁବ୍ କମ୍ ରହୁଛି । ମଧ୍ୟମ ଧନୀ ଦେଶରେ ଗ୍ରାମାଞ୍ଚଳରେ କମ୍ ଓ ସହରାଞ୍ଚଳରେ ଅଧିକ ଖାଦ୍ୟ ନଷ୍ଟ ହୋଇଥାଏ । ଗ୍ରାମାଞ୍ଚଳରେ ବଳକା ଖାଦ୍ୟ ଗୃହପାଳିତ ଜୀବଜନ୍ତୁଙ୍କୁ ଦିଆଯାଏ ଓ ଖତ ବା କମ୍ପୋଷ୍ଟ କରାଯାଏ ।


ରିପୋର୍ଟରେ ଲେଖାଅଛି, ହାରାହାରି ତାପମାତ୍ରା ଓ ଖାଦ୍ୟ ନଷ୍ଟ ମଧ୍ୟରେ ସିଧାସଳଖ ସମ୍ପର୍କ ରହୁଛି । ମୋଟ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନର ୧୦% ହେଉଛି ଖାଦ୍ୟ ନଷ୍ଟ କାରଣରୁ ଯାହା ତୁଳନାତ୍ମକ ଭାବେ ବିମାନ ଚଳାଚଳ କ୍ଷେତ୍ରର ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନ ପରିମାଣଠାରୁ ଅଧିକ । ତେଣୁ ଖାଦ୍ୟର ଆବଶ୍ୟକତା ଅନୁଯାୟୀ ସଠିକ୍ ଯୋଗାଣ(ରେସନିଂ) କରାଯାଇ ନଷ୍ଟ ପରିମାଣ ହ୍ରାସ କରାଯିବା ଜରୁରୀ । ଜାପାନ ଓ ଇଂଲଣ୍ଡରେ ରେସନିଂ ଉପାୟରେ ଖାଦ୍ୟ ନଷ୍ଟ ପରିମାଣ ସଫଳତାର ସହ ହ୍ରାସ କରାଯାଇପାରିଛି ।

# ଜେଜେପି ହରିୟାଣାର ସମସ୍ତ ୧୦ ଲୋକସଭା ଆସନରେ ଲଢ଼ିବ




କୁରୁକ୍ଷେତ୍ର, ୨୮ ।୩(ଏଜେନ୍ସି): ଜନନାୟକ ଜନତା ପାର୍ଟି (ଜେଜେପି) ହରିୟାଣାର ସମସ୍ତ ୧୦ ଲୋକସଭା ଆସନରେ ପ୍ରାର୍ଥୀ ଦେବ ବୋଲି ଜେଜେପି ମୁଖ୍ୟ ଦୁଷ୍ୟନ୍ତ ଚୌତାଲା ଘୋଷଣା କରିଛନ୍ତି । ରାଜ୍ୟରେ ବିଜେପି-ଜେଜେପିର ମେଣ୍ଟ ସରକାର ଥିଲା । ସରକାରର ଅଂଶୀଦାର ଦଳର ନେତା ଭାବେ ଦୁଷ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ଥିଲେ । ତେବେ ଲୋକସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଆସନ ବଣ୍ଟନକୁ ନେଇ ଦୁଇ ଦଳ ମଧ୍ୟରେ ଫାଟ ଦେଖାଦେଲା । ଜେଜେପି ଏବେ ବିଜେପିଠାରୁ ଦୂରେଇଯାଇଛି, ମେଣ୍ଟ ଗଠନରେ ବିଫଳ ହୋଇ ଗତ ୧୨ ତାରିଖରେ ମନୋହରଲାଲ ଖଟ୍ଟର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଓ ଖଟ୍ଟରଙ୍କ ସ୍ଥାନରେ ନାୟାବ ସୈନି ସ୍ୱାଧୀନ ବିଧାୟକମାନଙ୍କ ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଦୁଷ୍ୟନ୍ତଙ୍କ ଜେଜେପି କୌଣସି ଦଳ ସହ ମେଣ୍ଟ ନକରି ଏକାକୀ ରାଜ୍ୟର ସମସ୍ତ ୧୦ ଲୋକସଭା ଆସନରେ ଲଢ଼ିବାକୁ ପ୍ରସ୍ତୁତ ହୋଇଛି । ୨୦୧୯ରେ ହରିୟାଣାର ସମସ୍ତ ୧୦ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଜିତିଥିଲେ । ଲୋକସଭା ନିର୍ବାଚନ ପାଇଁ ହରିୟାଣାରେ ମେ’ ୨୫ ତାରିଖରେ ମତଦାନ ହେବ ଓ ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ ।

ସବୁ ନ୍ୟାୟାଳୟ ଉପରେ ଏକ ସର୍ବୋଚ୍ଚ ନ୍ୟାୟାଳୟ ରହିଛି, ଯାହା ବିବେକର ବିଚାରାଳୟ।
-ମହାତ୍ମା ଗାନ୍ଧୀ



ସକାଳ
THE SAKALA

# ନ୍ୟାୟ ବ୍ୟବସ୍ଥାରେ ହସ୍ତକ୍ଷେପ ଆରୋପ

ଭାରତ ଓ ପାକିସ୍ତାନ ଦୁଇ ପଡ଼ୋଶୀ ରାଷ୍ଟ୍ର। ଉଭୟଙ୍କ ମଧ୍ୟରେ ସାଧାରଣ ସୀମାରେଖା ରହିଥିଲେ ମଧ୍ୟ ରାଷ୍ଟ୍ର ଚରିତ୍ର, ଗଣତାନ୍ତ୍ରିକ ବ୍ୟବସ୍ଥା, ଶାସନ, ପ୍ରଶାସନିକ ଶୃଙ୍ଖଳା, ନ୍ୟାୟିକ ନିରପେକ୍ଷତା ଓ ବ୍ୟକ୍ତି ସ୍ୱାଧୀନତା ଆଦି ମୌଳିକ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। ଭାରତ ବିଶ୍ୱର ସର୍ବବୃହତ୍ ସମର୍ଥ ଗଣତନ୍ତ୍ର ହୋଇଥିବା ବେଳେ ପାକିସ୍ତାନରେ ତାହାର ପାରମ୍ପରିକ ଅଭାବ ସ୍ପଷ୍ଟ। ସେଠାରେ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି ବୋଲି ପାକ୍ କର୍ତ୍ତୃପକ୍ଷ କହୁଥିଲେ ମଧ୍ୟ ସରକାର ଏବଂ ଶାସନ ଉପରେ ସେନା ଏବଂ ସାମରିକ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇର ପ୍ରଚ୍ଛନ୍ନ ପ୍ରଭାବ ରହିଛି। ସେନା ଯେଉଁଠି ପ୍ରକୃତ ନିୟନ୍ତ୍ରକ ସେଠି ଗଣତନ୍ତ୍ର ଅର୍ଥହୀନ। ତେବେ ଏହି ଦୁଇ ପଡ଼ୋଶୀ ରାଷ୍ଟ୍ରରେ ଯୁଗପତ୍ (କାକତାଳୀୟ) ଭାବେ ଏକାପ୍ରକାର ଘଟଣା ଘଟିଛି, ଯେଉଁଠି ନ୍ୟାୟପାଳିକା ଉପରେ ବାହ୍ୟ ଏବଂ ଅନୁଚିତ ଚାପ ସୃଷ୍ଟିର ଆରୋପ ଉଠାଯାଇଛି।

ପ୍ରଥମେ ଭାରତ କଥା ବିଚାର କରିବା। କାରଣ ଏହା ଆମର ଏକ ଜାତୀୟ ପ୍ରସଙ୍ଗ। ପାକିସ୍ତାନ ଘଟଣା କେବଳ କାକତାଳୀୟ। ତେବେ ଦୁଇଟି ବିଷୟ ଏକ ପ୍ରକାରର ହୋଇଥିବାରୁ ସ୍ୱାଧୀନଚେତା ବ୍ୟକ୍ତିର ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସତରେ ଗଣତନ୍ତ୍ରରେ କ୍ଷମତାର ପୃଥକୀକରଣ ବା ସେପାରେସନ ଅଫ୍ ପାୱାର ତତ୍ତ୍ୱଟି ସତ୍ୟ ନା ଏକ ମରିଚୀକା? ଭାରତର ୬୦୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ଧନଞ୍ଜୟ ଯଶୋବନ୍ତ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଏକ ପତ୍ର ଲେଖି ଅଭିଯୋଗ କରିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନ୍ୟାୟିକ ମାମଲାକୁ ପ୍ରଭାବିତ କରିବାକୁ ଚାପ ପ୍ରୟୋଗ କରୁଛି। ସେହି ଗୋଷ୍ଠୀ ମିଛ କାହାଣୀକୁ ଉପସ୍ଥାପନ କରି ନିଜର ଉଦ୍ଦେଶ୍ୟ ସାଧନ ପାଇଁ ବିଚାରପତିଙ୍କ ଉପରେ ଚାପ ଓ ଧମକ ସୃଷ୍ଟି କରୁଛନ୍ତି। ଏହି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀ ରାଜନୈତିକ ବ୍ୟକ୍ତିଙ୍କ ଦୁର୍ନୀତି ମାମଲାଗୁଡ଼ିକରେ ଅଦାଲତ ରାୟ ତାଙ୍କ ବିରୁଦ୍ଧରେ କରାଇବାର ପ୍ରୟାସ କରୁଛନ୍ତି। ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ପ୍ରଭାବିତ ହେବାର ଆଶଙ୍କା ରହୁଛି ଏବଂ ଅଦାଲତର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି। ଦେଶର ସର୍ବୋଚ୍ଚ ଅଦାଲତରେ ମଧ୍ୟ ଏହି ଗୋଷ୍ଠୀ ସକ୍ରିୟ ଏବଂ ସେମାନଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ଆଇନଜୀବୀମାନେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଅଛନ୍ତି ବରିଷ୍ଠ ଆଇନଜୀବୀ ହରୀଶ ସାଲଭେ ଓ ସୁପ୍ରିମକୋର୍ଟ ବାର କାଉନ୍‌ସିଲର ଅଧ୍ୟକ୍ଷ ମନନ କୁମାର ମିଶ୍ର ପ୍ରମୁଖ। ଏହି ଘଟଣା ଭାରତୀୟ ଗଣତନ୍ତ୍ର ଓ ସ୍ୱାଧୀନ ନ୍ୟାୟିକ ବ୍ୟବସ୍ଥା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ। ପ୍ରଧାନ ବିଚାରପତି ଏହି ଅଭିଯୋଗକୁ କେଉଁଭଳି ବିଚାରକୁ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ।

ତେବେ ଏଭଳି ଅଭିଯୋଗ ନୂଆ ନୁହେଁ। ଅନେକ ଦିନରୁ ଆଇନଜୀବୀମାନେ ଅଦାଲତର ନିରପେକ୍ଷତାରେ ବାହ୍ୟ ତଥା ଅନୁଚିତ ହସ୍ତକ୍ଷେପ ଓ ଚାପ ନେଇ ଉଦ୍‌ବେଗ ପ୍ରକାଶ କରି ଆସୁଥିଲେ। ଯେଉଁ ଦେଶରେ ଆଇନର ଶାସନ ଏବଂ ନ୍ୟାୟିକ ନିରପେକ୍ଷତା ନ ଥାଏ, ସେ ଦେଶରେ ଏଭଳି ଅଭିଯୋଗ ଆସିବା ସ୍ୱାଭାବିକ। ତେଣୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକାର ନିରପେକ୍ଷତା ଓ ସ୍ଥିତିକୁ ସୁଦୃଢ଼ କରିବାକୁ ହେଲେ ସମ୍ପୃକ୍ତ ଚାପ ପ୍ରୟୋଗକାରୀ ଗୋଷ୍ଠୀଙ୍କ ବିରୋଧରେ ଉଦାହରଣୀୟ କାର୍ଯ୍ୟାନୁଷ୍ଠାନ ଲୋଡ଼ା। ଅବଶ୍ୟ ଭାରତ ଭଳି ଏକ ସମୃଦ୍ଧ ଓ ଗତିଶୀଳ ଗଣତନ୍ତ୍ରରେ ନ୍ୟାୟପାଳିକାର ସ୍ୱାଧୀନତା କ୍ଷମତାକୁ ସଂକୁଚିତ କରିବା ଭଳି କୌଣସି କାର୍ଯ୍ୟ ଗ୍ରହଣୀୟ ନୁହେଁ।

ଏବେ ଏହି ପ୍ରସଙ୍ଗରେ ପାକିସ୍ତାନର ଘଟଣାବଳୀକୁ ଦେଖିବା ଉଚିତ ମନେହୁଏ। ସେଠାକାର ଛ'ଜଣ ହାଇକୋର୍ଟ ବିଚାରପତି ଦେଶର ପ୍ରଧାନ ବିଚାରପତିଙ୍କୁ ଏକ ପତ୍ର ଲେଖି ଅଭିଯୋଗ କରିଛନ୍ତି ଯେ ଦେଶର ଶକ୍ତିଶାଳୀ ସାମରିକ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସେମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ ଓ ଚାପ ପ୍ରୟୋଗ କରୁଛି। କାମ ନ ହେଲେ ଧମକ, ଅପହରଣ, ଆକ୍ରମଣ, ହତ୍ୟା ଓ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନର ଭୟ ଆଇଏସ୍ଆଇ ଦେଖାଉଛି। ଏହାଫଳରେ ସ୍ୱାଧୀନ ଭାବେ ନ୍ୟାୟିକ କାର୍ଯ୍ୟ ସମ୍ପାଦନ ସମ୍ଭବ ହୋଇପାରୁନାହିଁ। ଏଣୁ ସେମାନେ ସେ ଦେଶର ପ୍ରଧାନ ବିଚାରପତିଙ୍କଠାରୁ ସୁରକ୍ଷା ଓ ନ୍ୟାୟ ଲୋଡ଼ିଛନ୍ତି। କହିବା ବାହୁଲ୍ୟ ଯେ ପାକିସ୍ତାନରେ ଆଇଏସ୍ଆଇ ନିର୍ଦ୍ଦେଶରେ ବିଚାରପତି, ସେମାନଙ୍କ ସମ୍ପର୍କୀୟଙ୍କୁ ଅପହରଣ, ହତ୍ୟା, ହଇରାଣ ହରକତ କରିବା ଏକ ସାଧାରଣ ଘଟଣା ହୋଇଯାଇଛି। ତେବେ ସେ ଯା'ହେଉ ସେଠାକାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏହି ଅଭିଯୋଗ ପାଇବା ପରେ ଏହାର ବିଚାର କରିବାକୁ ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ବୈଠକ ଡକାଇଛନ୍ତି। ସେ ଦେଶର ସର୍ବୋଚ୍ଚ ନ୍ୟାୟିକ ପରିଷଦ ଏହି ଘଟଣାର ତଦନ୍ତ କରି ପ୍ରତିକାର ବ୍ୟବସ୍ଥା କରିବ ବୋଲି ସୂଚନା ମିଳିଛି। ପାକିସ୍ତାନରେ କ'ଣ ହେବ, ତାହା ସେଠାକାର ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତି ଓ ପ୍ରବର୍ତ୍ତିତ ଶାସନ ବ୍ୟବସ୍ଥା ଉପରେ ନିର୍ଭର କରେ। କାରଣ ସେଠାରେ ଆଇନର ଶାସନ ଏକ ବିରଳ ଘଟଣା।

ଭାରତରେ ଆଇନର ଶାସନ (ରୁଲ୍ ଅଫ୍ ଲ), ସେପାରେସନ୍ ଅଫ୍ ପାୱାର ଏବଂ ନ୍ୟାୟିକ ନିରପେକ୍ଷତା ସମ୍ବିଧାନ ପ୍ରଦତ୍ତ। ଏହାର ପରମ୍ପରା ସୁଦୃଢ଼। ଆମ ସ୍ୱାଧୀନ ନ୍ୟାୟିକ ବ୍ୟବସ୍ଥାକୁ କେହି, ଏପରିକି ସରକାର ମଧ୍ୟ ଚାପ ପ୍ରୟୋଗ ବା ଭୟ ଦେଖାଇ ବଚସ୍କର କରିପାରିବେ ନାହିଁ। ଏଭଳି ତତ୍ତ୍ୱମାନଙ୍କୁ ଚିହ୍ନଟ କରି ପ୍ରଭାବହୀନ କରିବା କାମ ସର୍ବୋଚ୍ଚ ଅଦାଲତ ତଥା ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥାର।

# ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱ



ରାକେଶ ପଣ୍ଡା
ଟାଙ୍ଗୀ(କଟକ), ମୋ: ୯୩୩୭୮୯୭୬୫୦

ଶିକ୍ଷା ହେଉଛି ଜୀବନର ମୂଳଦୁଆ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାଧନ, ଯାହା ସମସ୍ତଙ୍କ ଜୀବନରେ ଅତ୍ୟନ୍ତ ଉପଯୋଗୀ। ଶିକ୍ଷା ହିଁ ମଣିଷକୁ ପୃଥିବୀର ଅନ୍ୟ ଜୀବମାନଙ୍କଠାରୁ ପୃଥକ କରେ ଏବଂ ତାକୁ ସବୁଠାରୁ କୁଶଳ ଓ ଚତୁର ପ୍ରାଣୀ ଭାବରେ ଗଢ଼ି ତୋଳିବାକୁ ସହାୟକ ହୋଇଥାଏ। ଏହା ହିଁ ମଣିଷକୁ ପରବର୍ତ୍ତୀ ମୁହୂର୍ତ୍ତରେ ସଶକ୍ତ କରିବା ସହ ଜୀବନର ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରିବାକୁ ପ୍ରସ୍ତୁତ କରେ। ଉଚ୍ଚସ୍ତରର ଶିକ୍ଷା ସାମାଜିକ ତଥା ପାରିବାରିକ ସମ୍ମାନ ହାସଲ କରିବାରେ ଏବଂ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଲୋକଙ୍କୁ ସାହାଯ୍ୟ କରେ। ଜୀବନରେ ସଫଳତା ହାସଲ କରିବା ଏବଂ ଭିନ୍ନ କିଛି କରିବା ନିମନ୍ତେ ପ୍ରତ୍ୟକ ବ୍ୟକ୍ତି ପାଇଁ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଭବିଷ୍ୟତର ବିକଶିତ ରାଷ୍ଟ୍ରଗଠନ କେବଳ ଶିକ୍ଷାର ମୂଳଦୁଆ ଉପରେ ପର୍ଯ୍ୟବସିତ।

ମାନବ ବୁଦ୍ଧି ଓ ଶିକ୍ଷା ହାସଲ କରି ବିକଶିତ ହୁଏ। ଶିକ୍ଷା ବିନା ମାନବ ଜୀବନକୁ କଳ୍ପନା କରିବା କଷ୍ଟକର। ତେଣୁ, ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଶିକ୍ଷା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏକ ଉତ୍ତମ ସ୍ୱାସ୍ଥ୍ୟକର ପରିବେଶ ଏବଂ ଶିକ୍ଷିତ ସମାଜ ଉଭୟ ମହିଳା ଓ ପୁରୁଷଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ। କେବଳ ଶିକ୍ଷିତମାନେ ହିଁ ଏକ ରାଷ୍ଟ୍ର ଗଠନ କରି ଏହାକୁ ସଫଳତା ଏବଂ ପ୍ରଗତିର ପଥରେ ଶିଖରକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି। କିନ୍ତୁ ଆଜିର ମଣିଷ ଅତ୍ୟଧିକ ଭୌତିକବାଦୀ ହୋଇପଡ଼ିଛି। ବଳିଦାନ, ତ୍ୟାଗ, ସନ୍ତୋଷ, ପ୍ରଜ୍ଞା, ଚିନ୍ତନ, ଲୋକାତୀତ ଅନୁଭୂତି, ଆଧ୍ୟାତ୍ମିକ ମୂଲ୍ୟବୋଧ, ମୁକ୍ତି ତଥା ମୋକ୍ଷ ପରି ଶବ୍ଦ ମାନ ତା'ର ମନ ଏବଂ ଚେତନା ମଧ୍ୟରୁ ଲୁପ୍ତ ହୋଇଯାଇଛି। ବ୍ୟାପକ ଉପଭୋଗବାଦୀ ସଂସ୍କୃତି ତଥା ଭୋଗ-ବିଳାସ ମଧ୍ୟରେ ଭୌତିକବାଦ ବର୍ତ୍ତମାନ ମଣିଷର ଗୁଣାତ୍ମକ ଚେତନାରେ ଏକ ପରଦା ସାଜିଛି। ଏହା ହିଁ ଆଜିର ଶିକ୍ଷା ନୀତି ଓ ବ୍ୟବସ୍ଥା ଉପରେ ଭିନ୍ନ ଏକ ଢଙ୍ଗରେ ପ୍ରଭାବିତ କରୁଛି।

ଶାସ୍ତ୍ର କହେ, ବାପା, ମା' ହେଉଛନ୍ତି ଗୋଟିଏ ଶିଶୁର ପ୍ରଥମ ଗୁରୁ ଏବଂ ସେମାନେ ନିଜର ସନ୍ତାନସନ୍ତତିଙ୍କୁ ଯେଉଁ ମୂଲ୍ୟବାନ ବସ୍ତୁ ଦେଇଥା'ନ୍ତି, ତାହା ହେଉଛି ଶିକ୍ଷା। କିନ୍ତୁ ବର୍ତ୍ତମାନ ସମୟରେ ବ୍ୟସ୍ତବହୁଳ ଜୀବନଶୈଳୀ ମଧ୍ୟରେ ରହି ପିତା, ମାତାମାନେ ନିଜର ସନ୍ତାନଙ୍କୁ ସମୟ ଦେଇ ପାରୁନାହାନ୍ତି! ତା'ଛଡ଼ା, ସେମାନଙ୍କୁ ବୃତ୍ତିଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଉଚ୍ଚ ଅଟ୍ଟାଳିକା ବିଶିଷ୍ଟ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ସେମାନଙ୍କୁ ଆକର୍ଷିତ କରୁଛି। ବଡ଼ ଗାଡ଼ିର ବ୍ୟବହାର, ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହରେ ନିଜର ସନ୍ତାନ ପାଠ ପଢ଼ିବାକୁ ସେମାନେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଶିକ୍ଷାର ବାସ୍ତବ ଉଦ୍ଦେଶ୍ୟ ଓ ମହତ୍ତ୍ୱଠାରୁ ଅନେକ ଦୂରକୁ ଯାଇ ନିଜେ ଏକ ସମ୍ଭ୍ରାନ୍ତ ପରିବେଶ ମଧ୍ୟରେ ବଞ୍ଚିବା ସହ ପିଲାମାନଙ୍କୁ ମଧ୍ୟ ସେହିପରି ଅତ୍ୟାଧୁନିକ ସୁବିଧା, ସୁଯୋଗ ଥିବା ବିଦ୍ୟାଳୟରେ ଶିକ୍ଷା ଲାଭ ନିମନ୍ତେ ଛାଡୁଛନ୍ତି। ତେଣୁ ଆଧୁନିକ ଏବଂ ଚାକଚକ୍ୟ ପରିବେଶ ମଧ୍ୟରେ ପିଲାଟିଏ ଆଜିର ସମୟରେ ନିଜର ଶିକ୍ଷା ଜୀବନ ଆରମ୍ଭ କରୁଛି। ଚିନ୍ତାଧାରା ଓ ମାନସିକତା ଆଜି ଏପରି ହୋଇଛି ଯେ ଧନୀ ଓ ମଧ୍ୟମ ବର୍ଗର ପରିବାରର କଥା ଦୂରେ ଥାଉ, ଗରିବ ପରିବାର ମଧ୍ୟ ନିଜର ଆର୍ଥିକ ଅନଟନକୁ ଭ୍ରୂକ୍ଷେପ ନ କରି ସରକାରୀ ବିଦ୍ୟାଳୟ ବଦଳରେ ବ୍ୟବସାୟ ଆଧାରରେ ଖୋଲିଥିବା ବେସରକାରୀ ବିଦ୍ୟାଳୟରେ ଅଧିକ ପଇସା ଖର୍ଚ୍ଚ କରି ନିଜର ପିଲାକୁ ପଢ଼ାଇବାକୁ ମନ ବଳାଉଛନ୍ତି! ଏଭଳି ବ୍ୟବସ୍ଥାରେ ନୈତିକ ଶିକ୍ଷା ତଥା ବ୍ୟବହାରିକ ଜ୍ଞାନର ଶିକ୍ଷା ପ୍ରଦାନ କମ୍ ଥିବା ପରି ଅନୁଭବ ହୁଏ। ଫଳସ୍ୱରୂପ, ଅଧିକାଂଶ କ୍ଷେତ୍ରରେ ଅନେକ ଛାତ୍ର ଅବା ଛାତ୍ରୀ ଏକ ବୃତ୍ତିଭିତ୍ତିକ ପରିବେଶ ଓ ଚିନ୍ତାଧାରା ମଧ୍ୟରେ ନିଜର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରୁଛନ୍ତି।

ତେବେ ଏଠାରେ ପ୍ରଶ୍ନ ହେଉଛି, ଏହାଦ୍ୱାରା ସେମାନେ ପ୍ରକୃତରେ ଶିକ୍ଷିତ ହେଉଛନ୍ତି ତ? ବଡ଼ ଚାକିରି, ଭଲ ରୋଜଗାର କରିବା ସହ ବଡ଼ ମଣିଷ ହେବା ନିମନ୍ତେ ସେମାନେ ସକ୍ଷମ ହେଉଛନ୍ତି, କିନ୍ତୁ 'ଭଲ ମଣିଷ' ହୋଇପାରୁଛନ୍ତି ତ ? ଅପରପକ୍ଷରେ, ଅନେକ ଧର୍ମଗ୍ରନ୍ଥ ତଥା ପୁସ୍ତକ ମାଧ୍ୟମରେ ଏହା ଆମ ଜ୍ଞାତସାରକୁ ଆସେ ଯେ ସବୁ ଧର୍ମ, ଧର୍ମାଚାର୍ଯ୍ୟ, ସନ୍ଥ ତଥା ଋଷି, ମୁନି ଗୁଣାତ୍ମକ ଶିକ୍ଷାର ମୂଲ୍ୟବୋଧକୁ ସର୍ବଦା ସର୍ବୋଚ୍ଚ ମହତ୍ତ୍ୱ ଦେଇଥା'ନ୍ତି। ଅତୀତରେ ରାଜା, ମହାରାଜା ଏବଂ ଅନ୍ୟ ସମ୍ଭ୍ରାନ୍ତ ଶ୍ରେଣୀର ପରିବାରର ପିଲାମାନେ ଶିକ୍ଷା ଗ୍ରହଣ ନିମନ୍ତେ ଗୁରୁକୁଳରେ ନିଜର ବାଲ୍ୟସମୟ କାଟୁଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଗୁରୁଙ୍କର ଛପର, କୁଡ଼ିଆ ଘରେ ରହି ଖରା, ବର୍ଷା ଏବଂ ଶୀତର ପ୍ରକୋପକୁ ସହ୍ୟ କରି ବିଭିନ୍ନ ପ୍ରକାରର ଅମୂଲ୍ୟ ବିଦ୍ୟା ତଥା ଶିକ୍ଷା ଲାଭ କରୁଥିଲେ। ସେଠାରେ ଆଜି ପରି ଅତ୍ୟାଧୁନିକ ପରିବେଶ ନ ଥିଲା, କିନ୍ତୁ ଏକ ସଂସ୍କାରଭରା ତଥା ନୈତିକତାପୂର୍ଣ୍ଣ ପରିବେଷ୍ଟନୀ ଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ସେମାନେ ମହାଜ୍ଞାନୀ, ଯୋଦ୍ଧା ତଥା ଅନେକ ସୁଲଭ ଗୁଣ ଏବଂ ବିଦ୍ୟାରେ ନିପୁଣ ତଥା ପାରଙ୍ଗମ ହୋଇ ସମାଜରେ ପ୍ରତିଷ୍ଠିତ ହେବା ସହ ଭଲ ଓ ଉତ୍ତମ ମଣିଷଟିଏ ହୋଇପାରୁଥିଲେ। ଗୋଟିଏ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରାଯାଉଥିଲା ଏବଂ ଅତି ସୁଚାରୁ ଭାବରେ ସେମାନେ ଉକ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ସବୁକୁ ନିର୍ବାହ କରୁଥିଲେ। ପ୍ରାୟ କୋଡ଼ିଏ ତିରିଶ ବର୍ଷ ତଳକୁ ଗଲେ ମଧ୍ୟ ଏହା ଜଣାପଡ଼େ ଯେ ଅନେକ ଡାକ୍ତର, ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ, ବୈଜ୍ଞାନିକ, ଗବେଷକ, ଶିକ୍ଷାବିତ ଇତ୍ୟାଦି ସରକାରୀ ବିଦ୍ୟାଳୟରୁ ହିଁ ସୃଷ୍ଟି ହୋଇଛନ୍ତି। କାରଣ ସେହି ସମୟରେ ବିଦ୍ୟାଳୟରେ ପରିମାଣାତ୍ମକ ଓ ଚାକଚକ୍ୟ ପରିବେଶ ଅପେକ୍ଷା ଗୁଣାତ୍ମକ ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯାଉଥିଲା ଏବଂ ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ହୋଇ ନ ଥିଲା।

ବାସ୍ତବରେ ଶିକ୍ଷା ହେଉଛି ଜୀବନର ଘନ ଅନ୍ଧକାର ମଧ୍ୟରେ ଜ୍ଞାନ ରୂପକ ଏକ ଆଲୋକର କିରଣ। ଉତ୍ତମ ଓ ଗୁଣାତ୍ମକ ଶିକ୍ଷା ଗୋଟିଏ ମନୁଷ୍ୟ ଜୀବନରେ ଅନେକ ଉଦ୍ଦେଶ୍ୟ ପ୍ରଦାନ କରେ। ଯେପରିକି ବ୍ୟକ୍ତିଗତ ଅଭିବୃଦ୍ଧି ଓ ସାମାଜିକ ସ୍ଥିତିକୁ ପ୍ରୋତ୍ସାହିତ କରିବା, ସାମାଜିକ ପରିବେଶରେ ବିକାଶ, ଅର୍ଥନୈତିକ ପ୍ରଗତି, ଦେଶର ସଫଳତା, ଜୀବନରେ ଲକ୍ଷ୍ୟ ସ୍ଥିର କରିବା, ସାମାଜିକ ସମସ୍ୟା ବିଷୟରେ ସଚେତନ କରାଇବା ଏବଂ ପରିବେଶ ସମସ୍ୟା ତଥା ଅନ୍ୟାନ୍ୟ ସାମାଜିକ ସମସ୍ୟାର ସମାଧାନ ବାଟ ଦେଖାଇବା ଇତ୍ୟାଦି। ଅନ୍ୟ ଏକ ଅର୍ଥରେ, ଶିକ୍ଷାର ବାସ୍ତବ ଲକ୍ଷ୍ୟ ହେଉଛି ଜଣେ ବ୍ୟକ୍ତିକୁ ଭଲ ମଣିଷ ଭାବରେ ଗଢ଼ି ତୋଳିବା। ଶିକ୍ଷା ଏଭଳି ହେବା ଉଚିତ ଯେ ଜଣେ ବ୍ୟକ୍ତି ନିଜ ପରିବେଶ ସହିତ ପରିଚିତ ହୋଇପାରିବ। ସେଥିପାଇଁ ଗୁଣାତ୍ମକ ଶିକ୍ଷା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଲାଭ କରି ଜଣେ ବ୍ୟକ୍ତି ସମାଜରେ ସମ୍ମାନ ପାଇବ ଏବଂ ସମାଜରେ ମଥା ଟେକି ବଞ୍ଚିପାରିବ। କିନ୍ତୁ ଏହା ଆଶ୍ଚର୍ଯ୍ୟର ବିଷୟ ଯେ, ଆଜିର ସମୟରେ ଶିକ୍ଷାଦାନର ପରିବେଶ, ବ୍ୟବସ୍ଥା ଏବଂ ଏହାର ପ୍ରକୃତ ଉଦ୍ଦେଶ୍ୟ ଏକ ପ୍ରହେଳିକା ସାଜିଛି ମାତ୍ର। ଏଣୁ ଉକ୍ତ ବ୍ୟବସ୍ଥିତ ପଦ୍ଧତିରେ ପରିମାଣାତ୍ମକ ଶିକ୍ଷାର ମାନ ଏବଂ ଗୁଣ ସମୀକ୍ଷାର ପରିଧି ମଧ୍ୟରେ ଆସିବା ସହ ଏହାର ମୂଲ୍ୟାଙ୍କନ ହେବା ଜରୁରୀ। ଏଥିସହ ଆମ ବ୍ୟକ୍ତିଗତ ଜୀବନ ତଥା ସମାଜ ଏବଂ ସଂସ୍କୃତି ପ୍ରତି ଶିକ୍ଷା ବ୍ୟବସ୍ଥା କେତେ ଉପଯୋଗୀ ହୋଇପାରିଛି ତାହା ମଧ୍ୟ ଆକଳନ କରାଯିବା ଉଚିତ। ସର୍ବୋପରି, ସମସ୍ତ ଦେଶର ସରକାର ଭୌତିକବାଦରୁ ଦୂରରେ ରହି ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଉଚ୍ଚ ତାଲିମପ୍ରାପ୍ତ ଶିକ୍ଷକଙ୍କର ନିଯୁକ୍ତି ଓ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ମାନର ପ୍ରସାର ସୁନିଶ୍ଚିତ କରିବା ଉଚିତ ଏବଂ ଶିକ୍ଷାର ତରଙ୍ଗକୁ ଜନସାଧାରଣଙ୍କ ନିକଟରେ ବିସ୍ତାର କରିବା ବିଧେୟ। କାରଣ ଦେଶ ଶିକ୍ଷିତ ହେଲେ ହିଁ ବିକାଶ ସମ୍ଭବ।



# ବର୍ଜ୍ୟବସ୍ତୁ ବିହୀନ ସମାଜ



ଇଂ ଚୌଧୁରୀ ଜ୍ଞାନରଞ୍ଜନ ସାମଲ
ବଡ଼ଚଣା, ମୋ: ୯୯୩୭୪୮୭୭୩୪

ସମଗ୍ର ବିଶ୍ୱର ୮୦୦ କୋଟି ଲୋକ ଆଉ ଅଗଣିତ ଜୀବଜଗତ ଜୀବନଧାରଣ ପାଇଁ ପୃଥିବୀ ଉପରେ ନିର୍ଭରଶୀଳ। ମଣିଷ ସମାଜର ଆବଶ୍ୟକତା ପୂରଣ ପାଇଁ ପୃଥିବୀରେ ସମସ୍ତ ସମ୍ପଦ ରହିଛି। କିନ୍ତୁ ଏହା ଆମର ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ଅସରନ୍ତି ଇଚ୍ଛାକୁ ପୂରଣ କରିବା ପାଇଁ ଅକ୍ଷମ। ଅପରପକ୍ଷରେ ଏହି ସୀମିତ ସମ୍ବଳର ମାତ୍ରାଧିକ ଉପଯୋଗ ସମଗ୍ର ଜୀବଜଗତ ପାଇଁ ଏକ ଅସନ୍ତୁଳିତ ପରିସ୍ଥିତି ସୃଷ୍ଟି କରିଛି ଏବଂ ଜୀବଜଗତକୁ ବିପଜ୍ଜନକ ପରିସ୍ଥିତି ଆଡ଼କୁ ଟାଣି ନେଉଛି। ତେଣୁ କୁହାଯାଉଛି ଯେ ମଣିଷ ସମାଜର ଆଜିର ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ପ୍ରାୟ ପାଞ୍ଚଟି ପୃଥିବୀର ଆବଶ୍ୟକତା ରହିଛି। ଏପରିକି ପୃଥିବୀ ପୃଷ୍ଠରେ ବଳକା ରହିଯାଇଥିବା ସୀମିତ ପ୍ରାକୃତିକ ସମ୍ବଳର ବିନିଯୋଗ ପାଇଁ ପ୍ରତିଯୋଗିତା ଆଉ ଏକ ବିଶ୍ୱଯୁଦ୍ଧ ଆଡ଼କୁ ମଣିଷ ସମାଜକୁ ଟାଣି ନେଉଛି। ଏହି ପରୀପ୍ରେକ୍ଷୀରେ ମିଳିତ ଜାତିସଂଘ ୧୪ ଡିସେମ୍ବର ୨୦୨୨ରେ ଅନୁଷ୍ଠିତ ଏହାର ୭୭ ତମ ଅଧିବେଶନରେ ମାର୍ଚ୍ଚ ୩୦ ତାରିଖକୁ 'ବର୍ଜ୍ୟବସ୍ତୁ ଶୂନ୍ୟ ଦିବସ' ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ୟୁଏନ୍ଇପି ଓ ୟୁଏନ୍-ହାବିଟାଟ୍ ସଂସ୍ଥାର ମିଳିତ ପ୍ରୟାସରେ ୨୦୨୩ ରେ ସମଗ୍ର ବିଶ୍ୱ ପ୍ରଥମ 'ବର୍ଜ୍ୟବସ୍ତୁ ଶୂନ୍ୟ ଦିବସ' ପାଳନ କରିଥିଲା। ପ୍ରାକୃତିକ ସମ୍ପଦର ସଂରକ୍ଷଣ, ବ୍ୟବହୃତ ପଦାର୍ଥର ପୁନଃ ବ୍ୟବହାର, ପୁନଃନବୀକରଣ ଦ୍ୱାରା ପ୍ରକୃତି ଉପରେ ଚାପ ହ୍ରାସ କରି ପରିବେଶର ସମତୁଲତା ବଜାୟ ରଖିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ଦିଗରେ ମଧ୍ୟ ଏହା ସହାୟକ ହୋଇପାରିବ।

ୟୁଏନ୍ଇପିର ଏକ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ସମଗ୍ର ବିଶ୍ୱରେ ୨୦୦ କୋଟି ଟନ୍‌ରୁ ଅଧିକ କଠିନ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି। ଯଦି ଏଗୁଡ଼ିକୁ ଏକ ସରଳରେଖାରେ ରଖଯାଏ, ତେବେ ତାହା ପୃଥିବୀର ବିଷୁବ ବୃତ୍ତକୁ ୨୫ ଥର ପରିକ୍ରମା କରିପାରିବ। ଉଲ୍ଲେଖଯୋଗ୍ୟ ଯେ ୨୦୨୦ରେ ସମଗ୍ର ବିଶ୍ୱର କଠିନ ବର୍ଜ୍ୟବସ୍ତୁ ଉତ୍ପାଦନର ୬୨ ପ୍ରତିଶତ ନିୟନ୍ତ୍ରିତ ବର୍ଜ୍ୟବସ୍ତୁ ପରିଚାଳନାର ଅଂଶ ହୋଇଥିବା ବେଳେ ସେଥିମଧ୍ୟରୁ କେବଳ ୧୯%କୁ ପୁନଃବ୍ୟବହାର କରାଯାଇ ପାରିଥିଲା, ୧୩% ଶକ୍ତିରେ ରୂପାନ୍ତରିତ ହୋଇଥିଲା ଏବଂ ବାକି ୩୦% ବର୍ଜ୍ୟବସ୍ତୁ କେନ୍ଦ୍ରରେ ଫୋପାଡ଼ି ଦିଆଯାଇଥିଲା।



୨୦୫୦ ସୁଦ୍ଧା ବିଶ୍ୱରେ ଅନିୟନ୍ତ୍ରିତ ବର୍ଜ୍ୟବସ୍ତୁର ଅଂଶ ୪୧% କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହାକି ୮୦୫ ନିୟୁତ ଟନ୍ ସ୍ତରରୁ ୧୫୭ କୋଟି ଟନ୍ ହେବ। ଆଉ ଏକ ଚିନ୍ତାଜନକ ବିଷୟ ଯେ ୨୦୭ କୋଟି ଲୋକଙ୍କର ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ନାହିଁ। ସେଥିମଧ୍ୟରୁ ୨୦୦ କୋଟି ଲୋକ ଗ୍ରାମାଞ୍ଚଳରେ ଏବଂ ୭ ଲକ୍ଷ ଲୋକ ସହରାଞ୍ଚଳରେ ବସବାସ କରନ୍ତି। ଏହାର ଅର୍ଥ ହେଉଛି ହେଉଛି ୫୪୦ ନିୟୁତ ଟନ୍ କଠିନ ବର୍ଜ୍ୟବସ୍ତୁ, ଯାହା ସମଗ୍ର ବିଶ୍ୱ ବର୍ଜ୍ୟବସ୍ତୁର ୨୭%, ତାହା ସଂଗ୍ରହ ହୋଇପାରୁ ନାହିଁ। ଏହିଭଳି ପରିସ୍ଥିତିରେ ବର୍ଜ୍ୟବସ୍ତୁ ଶୂନ୍ୟ ପୃଥିବୀର ପରିକଳ୍ପନା ଏକ ସ୍ୱପ୍ନ ଭଳି ଲାଗୁଥିବା ସତ୍ତ୍ୱେ ଆମର ନିରନ୍ତର ପ୍ରୟାସ ସମଗ୍ର ଜୀବଜଗତ ପାଇଁ ଏକ ବରଦାନ ସାବ୍ୟସ୍ତ ହେବ।

ପ୍ରସ୍ତର ଯୁଗରୁ ପ୍ରାକୃତିକ ସମ୍ପଦର ସୁବିନିଯୋଗ ଆଉ ସଂରକ୍ଷଣ ମାନବ ସଭ୍ୟତାର ଆଧାର ହୋଇ ରହିଥିଲା। କୃଷିକାର୍ଯ୍ୟର ବର୍ଜ୍ୟ ପଦାର୍ଥକୁ ଗୋଖାଦ୍ୟ, ଗୃହନିର୍ମାଣ ଆଦିରେ ବିନିଯୋଗ କରାଯାଉଥିଲା। ଗାଈର ଗୋବରରୁ ଜାଳେଣି ଆଉ ଜୈବିକ ବାଷ୍ପ ଓ ସାର ଉତ୍ପାଦନ ଓ ବ୍ୟବହାର ଆଜି ବି ବିଶ୍ୱର କେତେକ ଅଞ୍ଚଳରେ ହେଉଛି। ରୋମାନ ସଭ୍ୟତାରେ କାଚକୁ ତରଳାଇ ପୁନଃ ବିନିଯୋଗ କରିବା ପଦ୍ଧତି ପ୍ରଥମେ ଆବିଷ୍କୃତ ହୋଇଥିଲା। ଭାରତବର୍ଷରେ ବର୍ଜ୍ୟବସ୍ତୁଗୁଡ଼ିକର ପୁନଃ ବିନିଯୋଗ କିଛି ନୂଆ କଥା ନୁହେଁ। ପୁରୁଣା ପୋଷାକ, ଖେଳନା, ବହି ଆଦି ଉତ୍ତରପିଢ଼ି ଦ୍ୱାରା ନଚିରିବା ଯାଏଁ ବ୍ୟବହାର କରାଯାଇଥାଏ ଏବଂ ଖବରକାଗଜଗୁଡ଼ିକ ଦୋକାନୀମାନେ ବ୍ୟାଗ ଏବଂ ପ୍ୟାକେଟ୍ ତିଆରି ପାଇଁ ବ୍ୟବହାର କରିଥା'ନ୍ତି। ବହୁ ପୁରୁଣା ପୋଷାକକୁ ଘରେ ବିଭିନ୍ନ ବ୍ୟବହାର ପାଇଁ ରଖାଯାଏ। ଏପରିକି ଫେରିବାଲାଙ୍କୁ କିଛି ଦ୍ରବ୍ୟ ବିନିମୟରେ ଦିଆଯାଇଥାଏ। ମହିଳାମାନଙ୍କର କେଶକୁ ସଂଗ୍ରହ କରାଯାଇ କୃତ୍ରିମ ପନିଟେଲ ଉତ୍ପାଦନ ପାଇଁ ବିନିଯୋଗ କରାଯାଏ। ମତ୍ସ୍ୟଜୀବୀମାନେ ମାଛ ଧରିବା ସମୟରେ ପୁରୁଣା ଟ୍ୟୁବ୍ ବ୍ୟବହାର, ଆଉ ପାନ ଦୋକାନ ନିକଟରେ ପୁରୁଣା ଟାୟାର ଉପରେ ବସି ଗପ କରିବା, ପିଲାମାନେ ପୁରୁଣା ଟାୟାରରେ ଖେଳିବା ଆମ ଗ୍ରାମୀଣ ଜୀବନର ଅଂଶବିଶେଷ। ବର୍ଜ୍ୟବସ୍ତୁରୁ କିଛି ହସ୍ତଶିଳ୍ପ ତିଆରି କରିବା ଗ୍ରାମାଞ୍ଚଳର ମହିଳାମାନଙ୍କ ପାଇଁ ଏକ ଅବସର ସମୟର କାର୍ଯ୍ୟ। ଏଣୁ ବର୍ଜ୍ୟବସ୍ତୁକୁ ନେଇ ପୁନଃ ବିନିଯୋଗ ଆମ ପାଇଁ ନୂଆ କଥା ନୁହେଁ। ଆବଶ୍ୟକତାକୁ ସୀମିତ କରି ଜୀବନଯାପନ କରିବା ଆମର ଏକ ପୁରୁଣା ପରମ୍ପରା, ଯାହା ପୃଥିବୀ ପୃଷ୍ଠରେ ନିରନ୍ତର ଜୀବନ ପାଇଁ ସଂରକ୍ଷଣ ଦିଗରେ ପ୍ରଥମ ପଦକ୍ଷେପ।

ପଦାର୍ଥର ପରମାୟୁ ଥାଇ ତାହାକୁ ବର୍ଜ୍ୟବସ୍ତୁ ତାଲିକାଭୁକ୍ତ କରିବା ଆମ ପରିବେଶ ପାଇଁ ହାନିକାରକ ହୋଇଥାଏ। କଠିନ ବର୍ଜ୍ୟବସ୍ତୁ ଉତ୍ପାଦନରେ ଭାରତ ବିଶ୍ୱରେ ସପ୍ତମ ସ୍ଥାନରେ ରହିଛି। ଅନୁମାନ କରାଯାଏ ଯେ ଭାରତର ସହରାଞ୍ଚଳରେ ପ୍ରତିଦିନ ୧, ୩୦, ୦୦୦ ରୁ ୧, ୫୦, ୦୦୦ ମେଟ୍ରିକ୍ ଟନ୍ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି। ବର୍ଜ୍ୟବସ୍ତୁ ସୃଷ୍ଟିର ବର୍ତ୍ତମାନ ହାର ବଜାୟ ରହିଲେ ଏହା ୨୦୩୧ ସୁଦ୍ଧା ବର୍ଷକୁ ପ୍ରାୟ ୧୨୫ ନିୟୁତ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ। ଉତ୍ତର ଓ ଦକ୍ଷିଣ ୟୁରୋପରେ ବିଶ୍ୱର ସର୍ବାଧିକ ପୁନଃ ନବୀକରଣ ହାର ଯଥାକ୍ରମେ ୪୪ ଏବଂ ୪୨ ପ୍ରତିଶତ ଥିବା ବେଳେ ଭାରତରେ ଏହା ମାତ୍ର ୧୯ ପ୍ରତିଶତରେ ସୀମିତ ହୋଇ ରହିଛି।

ପ୍ରାକୃତିକ ସମ୍ପଦର ସଦୁପଯୋଗ, ବର୍ଜ୍ୟବସ୍ତୁ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁଗୁଡ଼ିକର ପୁନଃବିନିଯୋଗ, ପୁନଃନବୀକରଣ କେବଳ ମାନବ ସମାଜ ନୁହେଁ, ବରଂ ସମଗ୍ର ଜୀବଜଗତ ପାଇଁ ଏକ ଆବଶ୍ୟକତାରେ ପରିଣତ ହୋଇସାରିଛି। ମାନବ ସମାଜର ଅବଶ୍ୟକତାକୁ ସଂକୁଚିତ କରି ସୀମିତ ପ୍ରାକୃତିକ ସମ୍ପଦର ସଦୁପଯୋଗ, ବର୍ଜ୍ୟବସ୍ତୁ ପରିଚାଳନାର ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ଏକ ଆହ୍ୱାନରେ ପରିଣତ ହୋଇଛି। ଏବେ ସମୟ ଆସିଛି, ଆମକୁ ବର୍ଜ୍ୟବସ୍ତୁ ପରିଚାଳନାଠାରୁ ପ୍ରାକୃତିକ ସମ୍ପଦ ପରିଚାଳନା ପର୍ଯ୍ୟନ୍ତ ଆମ ଚିନ୍ତାଧାରାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହି ଚିନ୍ତାଧାରା ଆମ ଅର୍ଥନୈତିକ, ସାମାଜିକ ଆଉ ସାଂସ୍କୃତିକ ଜୀବନର ଅଂଶବିଶେଷ ହୋଇ ରହିଲେ ଏକ ସୁସ୍ଥ ସମାଜ ଗଠନ ସହ ଉତ୍ତର ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ହୋଇପାରିବ।

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# କୋଟିଆରେ ବିଦ୍ୟୁତ୍ ମିଟର ଲଗାଇଲା ଆନ୍ଧ୍ର





**ପଟ୍ଟାଙ୍ଗି, ୨୮ ।୩ (ସମିସ):** କୋଟିଆରେ ପୁଣି ଅନୁପ୍ରବେଶ କଲା ଆନ୍ଧ୍ର। ଅନୁପ୍ରବେଶ କରି ତଳ ଗଞ୍ଜେଇପଦର ଗ୍ରାମରେ ୩୯ଟି ମିଟର ବସାଇଛି। ଆସନ୍ତା ମେ' ୧୩ ତାରିଖ ଦିନ ଓଡ଼ିଶା ଲୋକସଭା ଏବଂ ବିଧାନସଭା ନିମନ୍ତେ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ ଆନ୍ଧ୍ର ବାରମ୍ବାର କୋଟିଆରେ ଅନୁପ୍ରବେଶ ଜାରି ରଖିଥିବା ଦେଖିବାକୁ ମିଳିଛି। ଗୁରୁବାର କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ଗ୍ରାମରେ ଆନ୍ଧ୍ରର କିଛି ଅଧିକାରୀ ଅଟୋ ସାହାଯ୍ୟରେ ଅନୁପ୍ରବେଶ କରିଛନ୍ତି। ଅଟୋରେ ବିଦ୍ୟୁତ୍ ମିଟରଗୁଡ଼ିକ ଆଣିଥିଲେ ଅଧିକାରୀମାନେ। ସେମାନେ ଉକ୍ତ ଗ୍ରାମରେ ଆନ୍ଧ୍ର ନିଯୁକ୍ତ କରିଥିବା ଜନପ୍ରତିନିଧି ବିଶୁ ଗେମେଲଙ୍କୁ ଠିଆ କରାଇ ବିଦ୍ୟୁତ୍ ମିଟରଗୁଡ଼ିକୁ ଘରେ ଘରେ ଲଗାଉଛନ୍ତି। ଅଧିକାରୀମାନେ ଗ୍ରାମବାସୀଙ୍କଠାରୁ ନିଜର ଫଟୋ ସଂଗ୍ରହ କରିବା ସହ ଫଟୋ ଲଗାଇ ଫର୍ମଗୁଡ଼ିକୁ ପୂରଣ କରୁଥିବା ନଜରକୁ ଆସିଛି। ଆନ୍ଧ୍ର ଅଧିକାରୀ କେନ୍ଦ୍ର ସରକାରଙ୍କ ବିଦ୍ୟୁତ ବିଭାଗ ନିର୍ଦ୍ଦେଶକ୍ରମେ ଆମେ ଆସିଛୁ କହି ନିଜ ତେଲୁଗୁ ଭାଷାରେ ଉତ୍ତର ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ୩୯ଟି ଫର୍ମ ପୂରଣ କରାଯାଇଥିବା ବେଳେ ସେତିକି ମିଟର ଲଗାଯିବ। ଆଗାମୀ ଦିନରେ ପୁଣି ମିଟର ଲଗାଇବାର ଯୋଜନା ରହିଥିବା ନେଇ କହିଥିଲେ।

ଓଡ଼ିଶା ସରକାର କୋଟିଆରେ ବିଦ୍ୟୁତ ଯୋଗାଣ ନିମନ୍ତେ ସବଷ୍ଟେସନ୍ କରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ପ୍ରସ୍ତୁତି କରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ପ୍ରାରମ୍ଭ ହୋଇ ନଥିବା ଜଣାପଡ଼ିଛି। ତେଣୁ ଆସନ୍ତା ନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଆନ୍ଧ୍ର ଏଭଳି ପ୍ରଲୋଭନ ଦେଖାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ଘଟଣା ନେଇ ସୂଚନା ପାଇବା ପରେ ସେଠାରେ ପଟ୍ଟାଙ୍ଗି ବିଡିଓ ଏବଂ ତହସିଲଦାର ପହଞ୍ଚି ମିଟର ସହ ମିଟର ଲଗାଉଥିବା ବ୍ୟକ୍ତିଙ୍କୁ କୋଟିଆ ଥାନାକୁ ନେଇ ଅଟକ ରଖିଥିଲେ। ପରେ ତାଗିଦ୍ କରାଯିବା ସହ ନୋଟିସ୍ କରାଯାଇ ସେମାନଙ୍କୁ ଛଡ଼ାଯାଇଥିବା ବେଳେ ମିଟରଗୁଡ଼ିକୁ ଥାନାରେ ଜବତ କରି ରଖାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ଆସନ୍ତା ମେ' ୧୩ରେ ଆନ୍ଧ୍ର ଲୋକସଭା ଏବଂ ବିଧାନସଭା ନିମନ୍ତେ ନିର୍ବାଚନ ହେବାକୁ ଅଛି। ଏହାପରେ ଆନ୍ଧ୍ର ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଏବଂ ଆଇସିଡିଏସ୍ ବିଭାଗ ମଧ୍ୟ ଅନୁପ୍ରବେଶ କରି ନିର୍ବାଚନ ପ୍ରଚାର କରିଥିଲା। ଏହାପରେ ପୁଣି ଗୁରୁବାର ଅନୁପ୍ରବେଶ କରି ମିଟର ଲଗାଇଛି ଆନ୍ଧ୍ର।

# ଭୁବନ ଆଇନଜୀବୀ ସଂଘର ନିର୍ବାଚନ ସ୍ଥଗିତ

**କଟକ,୨୮ ।୩(ସମିସ):** ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶନାମା ଓ କେନ୍ଦ୍ରୀୟ ନିର୍ବାଚନ କମିଟିର ନୋଟିସ୍‌ର ଅବମାନନାକୁ ଦୃଷ୍ଟିରେ ରଖି ନୀତିଗତ ଭାବେ ଭୁବନ ଆଇନଜୀବୀ ସଂଘର ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି ହୋଇଛି। ଏଥିସହ ଭୁବନ ଆଇନଜୀବୀ ସଂଘର ନିର୍ବାଚନ ଅଧିକାରୀ କୋଦଣ୍ଡଧର ନାୟକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାନଯିବ, ସେନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ନୋଟିସ ଜାରି ହୋଇଛି। ପ୍ରକାଶଥାଉକି ବେଆଇନ ଭାବେ ସଂଘର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ନାକଚ ସଂକ୍ରାନ୍ତରେ ବାବୁଲି ସେଠୀ ଓ ପ୍ରହ୍ଲାଦ ସାହୁ ଆଇନଜୀବୀ ପରିଷଦରେ ଅଭିଯୋଗ

**ନିର୍ବାଚନ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ**

କରିଥିଲେ। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶମତେ ଗଠିତ କେନ୍ଦ୍ରୀୟ ନିର୍ବାଚନ ପରିଚାଳନା କମିଟିରେ ନିର୍ବାଚନ ଅଧିକାରୀ ହାଜର ହୋଇନଥିଲେ। ଏଣୁ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାର୍ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି।

# ଭିଜିଲାନ୍ସ ଜାଲରେ ରେଭିନ୍ୟୁ ସୁପରଭାଇଜର, ଅବସରପ୍ରାପ୍ତ ଅମିନ

**ଭୁବନେଶ୍ୱର, ୨୮ ।୩(ସମିସ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଗତସିଂହପୁର ଜମି ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟାଳୟର ରେଭିନ୍ୟୁ ସୁପରଭାଇଜର ଗଣେଶ ମଲ୍ଲିକ। ସେ ଏବେ ପାରାଦୀପସ୍ଥିତ ସ୍ୱତନ୍ତ୍ର ଜମି ଅଧିଗ୍ରହଣ କ୍ୟାମ୍ପ ଅଫିସରେ ନିଯୁକ୍ତ ହୋଇଛନ୍ତି। ତାଙ୍କ ସହ କ୍ଷୀରୋଦ ରଥ ନାମକ ଜଣେ ବ୍ୟକ୍ତି ଧରାପଡ଼ିଛନ୍ତି। କ୍ଷୀରୋଦ ଜଣେ ବରିଷ୍ଠ ଅମିନ। ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ସାରିଛନ୍ତି। ପାରାଦୀପସ୍ଥିତ ସ୍ୱତନ୍ତ୍ର ଜମି ଅଧିଗ୍ରହଣ କ୍ୟାମ୍ପ ଅଫିସରେ ତାଙ୍କୁ ନିଯୁକ୍ତ କରାଯାଇଛି। ଜଣେ ବ୍ୟକ୍ତିଙ୍କୁ ଜମି ଅଧିଗ୍ରହଣ ବାବଦ ଅର୍ଥ ଦେବା ପାଇଁ ଓ ତତ୍‌ସମ୍ପର୍କିତ କାମ କରିଦେବା ପାଇଁ ରେଭିନ୍ୟୁ ସୁପରଭାଇଜର ଗଣେଶ ମଲ୍ଲିକ ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସକୁ ଜଣାଇଥିଲେ। ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ଗଣେଶଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗକାରୀଙ୍କଠାରୁ ଆଜି ବରିଷ୍ଠ ଅମିନ କ୍ଷୀରୋଦ ରଥ ୪ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ସେହି ସମୟରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କ ପକେଟରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯିବା ପରେ ତାଙ୍କ ହାତକୁ ପାଣିରେ ଧୁଆଯାଇଥିଲା। ସେଥିରେ କେମିକାଲର ପ୍ରମାଣ ମିଳିବା ପରେ ତାଙ୍କୁ ଓ ଗଣେଶଙ୍କୁ ଗିରଫ କରିଥିଲେ କଟକ ଭିଜିଲାନ୍ସ ଅଧିକାରୀ। ଭିଜିଲାନ୍ସ ପକ୍ଷରୁ ରେଭିନ୍ୟୁ ସୁପରଭାଇଜର ଗଣେଶ ମଲ୍ଲିକ ଓ କ୍ଷୀରୋଦ ରଥଙ୍କ ଦୁଇଟି ଲେଖାଏଁ ଠିକଣାରେ ଚଢ଼ଉ କରାଯାଇଛି। ଉଭୟ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଛି।

■ ହାଇକୋର୍ଟରେ ସ୍କୁଲ ମିଶ୍ରଣ ମାମଲା

# ଏପ୍ରିଲ୧୫ରେ ପୂର୍ଣ୍ଣାଙ୍ଗ ଶୁଣାଣି

**କଟକ, ୨୮ ।୩(ସମିସ):** ସ୍କୁଲ ମିଶ୍ରଣ ସମ୍ପର୍କିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତିକୁ ଜଣିକିଆ ବିଚାରପତି ରଦ୍ଦ କରିଥିଲେ। ଏହି ରାୟ ବିରୋଧରେ ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଦାୟର କରିଥିବା ରିଟ୍ ଅପିଲର ଶୁଣାଣି ଆଜି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କ ଖଣ୍ଡପୀଠରେ ହୋଇଛି। ଜଣିକିଆ ବିଚାରପତି ସ୍କୁଲ ମିଶ୍ରଣ ପ୍ରସଙ୍ଗରେ ଦାୟର ୧୪୭ଗୋଟି ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଥିଲେ। ତେବେ ରାଜ୍ୟ ସରକାର କେବଳ ଗୋଟିଏ ମାମଲାରେ ପ୍ରଦାନ କରାଯାଇଥିବା ରାୟ ବିରୋଧରେ ୨୦୨୧ରେ ଯେଉଁ ରିଟ୍ ଅପିଲ ଦାୟର କରିଥିଲେ ବୋଲି ଶୁଣାଣି ବେଳେ ଦର୍ଶାଯାଇଥିଲା। ଅନ୍ୟ ମାମଲାଗୁଡ଼ିକରେ ପ୍ରଦାନ କରାଯାଇଥିବା ରାୟ ବିରୋଧରେ ସରକାର ପୃଥକ ପୃଥକ ରିଟ୍ ଅପିଲ ଦାୟର କରିଛନ୍ତି କି ନାହିଁ, ତାହା ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜଣାଇବାକୁ ହାଇକୋର୍ଟ କହିଛନ୍ତି। ଏପ୍ରିଲ ୧୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଥାଉକି ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ ବିରୋଧ କରି ବିଭିନ୍ନ ମାମଲା ସେତେବେଳେ ହାଇକୋର୍ଟରେ ଦାୟର ହୋଇଥିଲା। ସମସ୍ତ ମାମଲାର ଶୁଣାଣି କରି ଜଣିକିଆ ବିଚାରପତି ଗତ ୨୦୨୧, ମେ ୪ରେ ରାୟ ପ୍ରକାଶ କରି ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ ରଦ୍ଦ କରିଥିଲେ। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ସରକାର ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ଗତ ୨୦୨୧, ଜୁଲାଇ ୨୦ରେ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ସରକାରଙ୍କ ରିଟ୍ ଅପିଲର ଶୁଣାଣି କରି ଜଣିକିଆ ବିଚାରପତିଙ୍କ ୨୦୨୧, ମେ' ୪ର ରାୟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଯଦି ସ୍କୁଲ ମିଶ୍ରଣ ସମ୍ପର୍କିତ ସମସ୍ତ ମାମଲାର ୨୦୨୧, ମେ' ୪ର ରାୟ ବିରୋଧରେ ସରକାରଙ୍କ ତରଫରୁ ପୃଥକ୍ ପୃଥକ୍ ରିଟ୍ ଅପିଲ ଦାୟର କରାଯାଇ ନଥିବ, ତେବେ ଏହି ଅପିଲ ମଧ୍ୟ ଖାରଜ ହେବା କଥା। ଏହି ପ୍ରସଂଗରେ ସୁପ୍ରିମକୋର୍ଟଙ୍କ ରାୟର ଦୃଷ୍ଟାନ୍ତକୁ ଅଦାଲତରେ ପ୍ରତିପକ୍ଷ ଉପସ୍ଥାପନ କରିଥିଲେ।

# ଆମେରିକାରେ ଏପ୍ରିଲ ପହିଲାକୁ ଓଡ଼ିଶା ଦିବସ ପାଳନ ପାଇଁ ସରକାରୀ ଘୋଷଣାପତ୍ର ଜାରି

**ଭୁବନେଶ୍ୱର,୨୮ ।୩(ସମିସ):** ଯୁକ୍ତରାଷ୍ଟ୍ର ଆମେରିକାର କିଙ୍ଗ କାଉଣ୍ଟି ପକ୍ଷରୁ ଆସନ୍ତା ଏପ୍ରିଲ ପହିଲାକୁ ଓଡ଼ିଶା ଦିବସ ଭାବେ ପାଳନ କରିବାକୁ ସରକାରୀ ଘୋଷଣାପତ୍ର(ପ୍ରୋକ୍ଲାମେସନ୍) ଜାରି ହୋଇଛି। କିଙ୍ଗ କାଉଣ୍ଟିର ଏକଜିକ୍ୟୁଟିଭ ଡୋ କନ୍‌ଷ୍ଟାଣ୍ଟାଇନ୍ ଏହି ମର୍ମରେ ଜାରି କରିଥିବା ଏକ ଘୋଷଣାପତ୍ରରେ ଓଡ଼ିଶାର ଉତ୍କର୍ଷ କଳା, ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ମାଧ୍ୟମରେ ଦୁଇ ପ୍ରଦେଶ ମଧ୍ୟରେ ସଂହତି ସ୍ଥାପନରେ ଏହା ଅଧିକ ସହାୟକ ହେବ ବୋଲି ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଆମେରିକାର ବେଲଭ୍ୟୁ ଓ ସିଆଟେଲ ସହରରେ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ଭାଷାଭାଷୀ ବସବାସ କରୁଛନ୍ତି। ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ସେମାନେ ଏକତ୍ରିତ ହୋଇ ଓଡ଼ିଆ ଭାଷା ଏବଂ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମିତ୍ତ ବଳିଷ୍ଠ ଭୂମିକା ଗ୍ରହଣ କରି ଆସୁଛନ୍ତି। ଗତବର୍ଷ ଜୁଲାଇ ମାସରେ କିଙ୍ଗ କାଉଣ୍ଟି ପକ୍ଷରୁ ସରକାରୀ ଭାବରେ ଶ୍ରୀଗୁରୁ ଭାଗବତ ଦିବସ ପାଳନ କରାଯାଇଥିଲା। ଆମେରିକାରେ ସରକାରୀ ସ୍ତରରେ ଓଡ଼ିଆ ଭାଷା, ସଂସ୍କୃତିର ଏପରି ଆଦର ଓ ସ୍ୱୀକୃତିକୁ ପ୍ରବାସୀ ଓଡ଼ିଆମାନେ ଉଚ୍ଚ ପ୍ରଶଂସା କରି କିଙ୍ଗ କାଉଣ୍ଟି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

**ବରଗଡ଼ ଜିଲ୍ଲାପାଳଙ୍କୁ ହାଜର କରାଇବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ**

# ଅଙ୍କୁଶ ଲଗାଇଲେ ହାଇକୋର୍ଟ

**କଟକ, ୨୮ ।୩(ସମିସ):** ଏକ ପେନସନ୍ ମାମଲାରେ ବରଗଡ଼ ଜିଲ୍ଲାପାଳଙ୍କୁ ହାଜର କରିବା ପାଇଁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟଙ୍କ ଜଣିକିଆ ବିଚାରପତି। ତେବେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ଉପରେ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ତରଫରୁ ଦାୟର ରିଟ୍ ଅପିଲର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଗତ ମାର୍ଚ୍ଚ ୨୨ରେ ଜଣିକିଆ ବିଚାରପତି ବରଗଡ଼ ଜିଲ୍ଲାପାଳଙ୍କୁ ହାଇକୋର୍ଟରେ ହାଜର କରାଇବାକୁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଏପ୍ରିଲ ୨ରେ ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ଭାବେ ହାଜର କରିବା ଲାଗି ନିର୍ଦ୍ଦେଶ ରହିଥିଲା। ପେନସନ୍ ନିୟମ ଅନୁସାରେ ପ୍ରତିପକ୍ଷ ପରିବାର ପେନସନ୍ ପାଇବେ ବା ନାହିଁ, ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ସରକାର ରଖିବେ ବୋଲି ହାଇକୋର୍ଟ କହିଛନ୍ତି। ଯଦି ପ୍ରତିପକ୍ଷଙ୍କ ପରିବାର ପେନସନ୍ ପାଇବା ପ୍ରସଙ୍ଗ

**ଜଣିକିଆ ବିଚାରପତିଙ୍କ ଆଦେଶ ଉପରେ ରହିତାଦେଶ**

ସନ୍ତୋଷଜନକ ବୋଲି ପ୍ରାଧିକୃତ ଅଧିକାରୀ ଅନୁଭବ କରନ୍ତି, ତେବେ ସେ ପରିବାର ପେନସନ୍ ମଞ୍ଜୁରୀ ଆଦେଶ ପ୍ରଦାନ କରିବେ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ଏପ୍ରିଲ ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।ମାମଲାରୁ ପ୍ରକାଶ ଯେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ସୁରେଶ୍ୱରୀ ମିଶ୍ର ପରିବାର ପେନସନ୍ ପ୍ରସଙ୍ଗ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହେବା ପରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର ପାଇଁ ଉପଯୁକ୍ତ ନିର୍ଦ୍ଦେଶନାମା ସରକାରୀ ସ୍ତରରେ ଜାରି କରାଯାଇ ନଥିବା ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ବରଗଡ଼ ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ହାଜର ହୋଇ ନଥିଲେ। ଏଣୁ ଜିଲ୍ଲାପାଳଙ୍କୁ ହାଜର କରିବା ପାଇଁ ବରଗଡ଼ ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରି ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାରଙ୍କ ତରଫରୁ ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରାଯାଇଥିଲା।

# ଅବସରପ୍ରାପ୍ତ ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ୨ବର୍ଷ ଜେଲ୍

**କଟକ, ୨୮ ।୩ (ସମିସ):** ଯାଜପୁର ଜିଲ୍ଲା ବରୀ ତହସିଲ ଅନ୍ତର୍ଗତ ମହାରୀ ସର୍କଲର ଅବସରପ୍ରାପ୍ତ ସହକାରୀ ରାଜସ୍ୱ ନିରୀକ୍ଷକ ଖଗେଶ୍ୱର କବିଙ୍କୁ ଲାଞ୍ଚ ଗ୍ରହଣ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଡି)/୭ ଅନୁସାରେ ୨ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ ଗତ ୨୦୧୩ରେ ଯାଜପୁର ଜିଲ୍ଲା ବରୀ ତହସିଲ ଅନ୍ତର୍ଗତ ମହାରୀ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ ଥିବା ଖଗେଶ୍ୱର କବି ଜଣେ ବ୍ୟକ୍ତିଙ୍କଠାରୁ ୫ଟି ମ୍ୟୁଟେସନ୍ କେସରେ ଆବଶ୍ୟକ ଯାଞ୍ଚ ରିପୋର୍ଟ ଦେବା ନିମନ୍ତେ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲା। କଟକ ଭିଜିଲାନ୍ସ ଡିଭିଜନ୍‌ର ପ୍ରାକ୍ତନ ଇନସ୍ପେକ୍ଟର ବିଶ୍ୱନାଥ ରାଉତ ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ୍ ବନ୍ଦ ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

**ଜମିପଟ୍ଟା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ**

# ଭିଜିଲାନ୍ସ ଜାଲରେ ସ୍ୱତନ୍ତ୍ର ରାଜସ୍ୱ ଅଧିକାରୀ

**ନୂଆପଡ଼ା, ୨୮ ।୩ (ସମିସ):** ନୂଆପଡ଼ା ଜିଲ୍ଲା ରାଜସ୍ୱ ବିଭାଗରେ ରାଜସ୍ୱ ସ୍ୱତନ୍ତ୍ର ଅଧିକାରୀ (ଓଏସ୍‌ଡି) କାର୍ଯ୍ୟରତ ନରେନ୍ଦ୍ର ଚନ୍ଦ୍ରକାର ଭିଜିଲାନ୍‌ସ ହାତରେ ଧରାପଡ଼ିଛନ୍ତି। ଜମିପଟ୍ଟା ବାବଦକୁ ସେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ସୂଚନା ଅନୁସାରେ, ଜଣେ ବ୍ୟକ୍ତିଙ୍କ ତାଙ୍କ ପିତାଙ୍କ ନାମରେ ଥିବା ଜମି ସେଟେଲମେଣ୍ଟ ରିଭିଜନ୍ ଫାଇଲ ପ୍ରକ୍ରିୟା କରିଦେବା ପାଇଁ ଶ୍ରୀ ଚନ୍ଦ୍ରକାର ୪୬ ହଜାର ଟଙ୍କା ଲାଞ୍ଚ



ମାଗିଥିଲେ। ଅଭିଯୋଗକ୍ରମେ, ଭିଜିଲାନ୍ସ ଅଧିକାରୀ ଜିଲ୍ଲାପାଳ ଅଫିସଠାରେ ଥିବା ରାଜସ୍ୱ ବିଭାଗ ଅଫିସରେ ଚଢ଼ଉ କରି ଶ୍ରୀ ଚନ୍ଦ୍ରକାରଙ୍କଠାରୁ ୩୦ ହଜାର ଟଙ୍କା ଜବତ କରିଥିଲେ। ଶ୍ରୀ ଚନ୍ଦ୍ରକାରଙ୍କ ଖରିଆର ରୋଡ୍‌ରେ ଥିବା ତାଙ୍କ ଘରେ ମଧ୍ୟ ଚଢ଼ଉ ଚାଲିଛି। କୋରାପୁଟ୍ ଭିଜିଲାନ୍ସ ଟିମ୍ ସହ ନୂଆପଡ଼ା ଭିଜିଲାନ୍ସ ଡିଏସପି ଦିନବନ୍ଧୁ ବେହେରା ସହ କର୍ମଚାରୀ ଉପସ୍ଥିତ ଯାଞ୍ଚ କରୁଛନ୍ତି। ଭିଜିଲାନ୍ସ ବିଭାଗ ୨ଟି ସ୍ଥାନରେ ପଚରାଉଚରା ମଧ୍ୟ କରୁଛି।

**ସହଜ ହେବନି ନିର୍ବାଚନରେ ବେଆଇନ୍ କାରବାର**

# ଦୁଇ ଡଜନ ସରକାରୀ ସଂସ୍ଥା କରିବେ ମିଳିତ ଅପରେସନ୍

**ଭୁବନେଶ୍ୱର, ୨୮ ।୩ (ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ସମଗ୍ର ରାଜ୍ୟରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଥିବା ବେଳେ ପ୍ରଚାର ଜୋର୍ ଧରିଲାଣି। ତେବେ ଚଳିତ ନିର୍ବାଚନକୁ ଅପରାଧ ମୁକ୍ତ ରଖିବା ଲାଗି ଏଥର ହୋଇଛି ବ୍ୟାପକ ବ୍ୟବସ୍ଥା। ବିଶେଷକରି ନିର୍ବାଚନରେ ଟଙ୍କା, ନିଶାଦ୍ରବ୍ୟ, ଉପହାର ଏବଂ ଅନ୍ୟ ବେଆଇନ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଯଦିଓ ସବୁଥର ନିର୍ବାଚନରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ଧରପଗଡ଼ ଅଭିଯାନ ଚାଲେ, ତେବେ ଏଥର କିନ୍ତୁ ବେଆଇନ କାରବାର ଉପରେ ଲଗାମ୍ କଷିବା ପ୍ରକ୍ରିୟା ଅଧିକ ଶାଣିତ ହେବ। ପ୍ରଥମଥର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଦୁଇ ଡଜନରୁ ଅଧିକ ସଂସ୍ଥା, ବିଭାଗ ଏହି କାର୍ଯ୍ୟରେ ନିୟୋଜିତ ହୋଇ ମିଳିତ ଭାବେ କାମ କରିବେ। ଦୁଇ ଦିନ ତଳେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଛି। ଏହା ପୂର୍ବରୁ ଗତ ମାସରେ ଇସିଆଇ ସବୁ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

ନିର୍ବାଚନରେ ବେଆଇନ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ନିର୍ବାଚନ କମିସନ ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛନ୍ତି। ଓଡ଼ିଶାର ୧୫ଟି ଜିଲ୍ଲା ୪ଟି ରାଜ୍ୟର ସୀମା ସହିତ ଲାଗିଛି। ତେଣୁ ଏଥିରେ ରାଜ୍ୟ ସୀମା ଉପରେ ତୀକ୍ଷ୍ଣ ନଜର ରଖାଯିବ। ଏଥିରେ ପୁଲିସ, ରାଜ୍ୟ ଅବକାରୀ, ଜିଏସ୍‌ଟି, କଷ୍ଟମ୍, ରାଜସ୍ୱ ଗୁଇନ୍ଦା, ଆୟକର, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ବ୍ୟୁରୋ ଅଫ୍ ସିଭିଲ୍ ଏଭିଏସନ୍ ଆଣ୍ଡ ସିକ୍ୟୁରିଟିଜ୍, ପରିବହନ ବିଭାଗ, ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ), ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ଡାକ ବିଭାଗ, ରାଜ୍ୟ ବନ ବିଭାଗ, ରିଜର୍ଭ ବ୍ୟାଙ୍କ, ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି, ଭାରତୀୟ ତଟରକ୍ଷୀ, ରେଳବାଇ, ଆରପିଏଫ୍ ଭଳି ବିଭାଗ ସାମିଲ ହେବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏଜେନ୍ସି ମିଳିତ ଭାବେ କାମ କଲେ ବେଆଇନ ଅର୍ଥ ଏବଂ ଅନ୍ୟ କାରବାର କରୁଥିବା ଲୋକ ପର୍ଯ୍ୟାୟକ୍ରମିକ ଯାଞ୍ଚରୁ ଖସିଯିବା ସହଜ ହେବ ନାହିଁ। ନଗଦ ହେଉ ଅବା ଅନ୍‌ଲାଇନ୍‌ରେ ଅର୍ଥ କାରବାରର; ସବୁ ଉପରେ ନଜର ରହିବ। ଜଳପଥ, ରେଳପଥ, ସଡ଼କ ପଥ କିମ୍ବା ଆକାଶ ପଥରେ ଚାଲାଣ ରୋକିବା ପାଇଁ ମଧ୍ୟ ଯୋଜନା ହୋଇଛି। ଏସବୁ ଏଜେନ୍ସି ପରସ୍ପର ମଧ୍ୟରେ ସୂଚନା ଆଦାନ ପ୍ରଦାନ କରିବା ସହିତ ମିଳିତ ଅପରେସନ୍ କରିବେ।

ସୀମା ସହିତ ଲାଗିଛି। ତେଣୁ ବେଆଇନ କାରବାର ରୋକିବା ଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ ୧୧୮ଟି ପୁଲିସ ଏବଂ ୩୮ଟି ଜିଏସ୍‌ଟି ଚେକ୍ ପୋଷ୍ଟ କରାଯିବ। ସମୁଦାୟ ୧୫୬ଟି ଚେକ୍ ପୋଷ୍ଟ ରହିବ। ଜିଲ୍ଲାରେ ପେସାଦାର ଅପରାଧୀ, ଅସ୍ତ୍ରଶସ୍ତ୍ର ଚାଲାଣକାରୀ, ମଦ ମାଫିଆଙ୍କ ଉପରେ ଆଗୁଆ କାର୍ଯ୍ୟାନୁଷ୍ଠାନ ହେବ। କ୍ଷେତ୍ର ଉପରେ ଜବତ ହେଉଥିବା ସାମଗ୍ରୀର ତଥ୍ୟ ତୁରନ୍ତ ଅନ୍‌ଲାଇନ୍ ମାଧ୍ୟମରେ ଅଧିକାରୀମାନେ ଅପଲୋଡ୍ କରାଯିବ। ଏହାଦ୍ୱାରା ଜବତ ସାମଗ୍ରୀର ହେରଫେର ହୋଇପାରିବ ନାହିଁ ଏବଂ ତାହାର ସଠିକ୍ ପରିମାଣ ଲିପିବଦ୍ଧ ହେବ। ଅପରପକ୍ଷେ ଏଥର ଜଳପଥ ଓ ବିମାନରେ ବେଆଇନ ସାମଗ୍ରୀ ଚାଲାଣ ଉପରେ ନଜର ରଖାଯିବ। ସିଆଇଏସ୍‌ଏଫ୍, କଷ୍ଟମ୍ ବିଭାଗ ଏବଂ ଭାରତୀୟ ତଟରକ୍ଷୀ ମିଳିତ ଅପରେସନ୍ କରିବେ। ସେହିପରି ଅନ୍‌ଲାଇନ୍‌ରେ ଟଙ୍କା ନେଣଦେଣ ଉପରେ ମଧ୍ୟ କେନ୍ଦ୍ରୀୟ ସଂସ୍ଥା ନଜର ରଖିବେ। ରାଜ୍ୟ ଭିତରେ ବେଆଇନ ମଦ କାରବାର ଏବଂ ଟଙ୍କା ଚାଲାଣ ରୋକିବା ଲକ୍ଷ୍ୟରେ ଯାଞ୍ଚ ଆରମ୍ଭ ହେବ ବୋଲି କୁହାଯାଇଛି।

- **ଅନ୍‌ଲାଇନ୍‌ରେ ଅପଲୋଡ୍ ହେବ ଜବତ ସାମଗ୍ରୀର ବିବରଣୀ**
- **ରାଜ୍ୟ ସୀମା ଓ ଜଳପଥ ଉପରେ ରହିବ ନଜର**

## ଅବଶିଷ୍ଟାଂଶ..

### ମାସ ଶେଷ ସୁଦ୍ଧା...

୩୮.୪ ଡିଗ୍ରୀ, ଅନୁଗୋଳରେ ୩୮.୧ ଡିଗ୍ରୀ, ଝାରସୁଗୁଡ଼ାରେ ୩୮.୩ ଡିଗ୍ରୀ, ସମ୍ବଲପୁରରେ ୩୮.୦ ଡିଗ୍ରୀ, ହୀରାକୁଦରେ ୩୮.୦ ଡିଗ୍ରୀ, ତାଳଚେରରେ ୩୮.୬ ଡିଗ୍ରୀ, ବଲାଙ୍ଗିରରେ ୩୮.୯ ଡିଗ୍ରୀ, ଫୁଲବାଣୀରେ ୩୮.୯ ଡିଗ୍ରୀ, ମାଲକାନଗିରିରେ ୩୮.୨ ଡିଗ୍ରୀ ତାପମାତ୍ରା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ୩୧ ତାରିଖ ସୁଦ୍ଧା କିଛି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବାର ସମ୍ଭାବନା ରହିଛି। ଅନ୍ୟପଟେ ତାପମାତ୍ରା ବୃଦ୍ଧି ଓ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବ ଯୋଗୁଁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ରହିବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଶୁକ୍ରବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଯାଜପୁର ଆଦି ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ଏହି ଜିଲ୍ଲାଗୁଡ଼ିକରେ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଆଦି ଜିଲ୍ଲାରେ ମଧ୍ୟ ସ୍ୱଳ୍ପ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି। ମୁଖ୍ୟତଃ ୟେଲୋ ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ସମସ୍ତ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବଜ୍ରପାତରୁ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାଳବୈଶାଖୀ ଯୋଗୁଁ ଯଦି କୌଣସି କ୍ଷୟକ୍ଷତି ଘଟେ ତେବେ ତୁରନ୍ତ ଏହାର ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୁରୁବାର ଆଇଏମଡି ପକ୍ଷରୁ ପ୍ରକାଶ ପାଇଥିବା ବିସ୍ତାରିତ ପରିସର ଆକଳନ ଅନୁଯାୟୀ ରାଜ୍ୟରେ ଏପ୍ରିଲ୍ ମାସରେ ପ୍ରଚୁର ତାତି ଅନୁଭୂତ ହେବ। ମୁଖ୍ୟତଃ ଏପ୍ରିଲ୍ ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ପ୍ରଚଣ୍ଡ ତାତି ଅନୁଭୂତ ହେବ। ଏହି ସମୟରେ ରାଜ୍ୟର ଅଧିକାଂସ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି।

### ନ୍ୟାୟପାଳିକାର...

ଫିକ୍ସିଂ' ପାଇଁ ଏହି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏକ ସିଦ୍ଧାନ୍ତ ମଧ୍ୟ ପ୍ରସ୍ତୁତ କରିଛନ୍ତି ଯାହା ନ୍ୟାୟିକ ବ୍ୟବସ୍ଥା ପ୍ରତି ଅପମାନ ନୁହେଁ ; ବରଂ ସମ୍ମାନ ଉପରେ ଆକ୍ରମଣ ବୋଲି ସେମାନେ କହିଛନ୍ତି। ରାଜନୈତିକ ଏଜେଣ୍ଡା ରଖୁଥିବା ଏହି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ନ୍ୟାୟପାଳିକା ଉପରେ ଚାପ ପକାଇ ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରି କୁତର୍କ ମାଧ୍ୟମରେ ନିରାଧାର ଅଭିଯୋଗ ଆଣି ଲୋକ ଲୋଚନରେ ଅଦାଲତଙ୍କୁ ଅପନିନ୍ଦିତ କରାଇବାକୁ ଉଦ୍ୟମ କରୁଛନ୍ତି। ନ୍ୟାୟପାଳିକାର ସଂହତି, ନିରପେକ୍ଷତା ଏବଂ ସର୍ବୋପରି ପବିତ୍ରତା ପ୍ରତି ସନ୍ଦେହ ସୃଷ୍ଟି କରାଯାଉଥିବାରୁ ଏହି ଆଇନଜୀବୀମାନେ ଉଦବେଗ ପ୍ରକାଶ କରି ସିଜେଆଇଙ୍କୁ ଏହି ଚିଠି ଲେଖିଛନ୍ତି। ସେମାନେ ଜଣାଇଛନ୍ତି ଯେ , ଯେତେବେଳେ କୌଣସି ପ୍ରଭାବଶାଳୀ ରାଜନେତାଙ୍କ ଦୁର୍ନୀତି ସମ୍ପର୍କିତ ମାମଲା ଅଦାଲତକୁ ଆସେ ସେତେବେଳେ ଏହି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତତ୍ପର ହେବା ସହିତ ଅଦାଲତଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ଓ ନ୍ୟାୟପାଳିକାକୁ ଅପଯଶ ପହଞ୍ଚାଇବାକୁ ଚେଷ୍ଟିତ ହୋଇଥାଏ। ଜନମାନସରେ ଏକ ଅବଧାରଣା ସୃଷ୍ଟିକରାଯାଏ ଯେ , ଅତୀତରେ ଅଦାଲତଙ୍କ ନ୍ୟାୟଦାନ କାର୍ଯ୍ୟପ୍ରଣାଳୀ ଅତୀବ ସୁଚାରୁ ଥିଲା ଓ ରାୟଗୁଡ଼ିକ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ଯୋଗ୍ୟ ଥିଲା, ଯାହା ଦୁର୍ଭାଗ୍ୟକୁ ଏବେ ପରିଦୃଷ୍ଟ ହେଉନାହିଁ। ଏପରି ଅବଧାରଣା ସୃଜନର ଉଦ୍ଦେଶ୍ୟ ହେଉଛି ନ୍ୟାୟପାଳିକାକୁ ନ୍ୟୂନ ଦେଖାଇବା ଓ ନ୍ୟାୟପାଳିକା ପ୍ରତି ଲୋକଙ୍କ ଅତୁଟ ବିଶ୍ୱାସକୁ ଜର୍ଜର କରିବା। ମନଗଢ଼ା, ନିରାଧାର ଅଭିଯୋଗ ଅଣାଯାଏ ଯେ ଖଣ୍ଡପୀଠ ଗଠନରେ କାରସାଦି ବା ବେଞ୍ଚ୍ ଫିକ୍ସିଂ ହେଉଛି। ଏଭଳି ପ୍ରମାଣହୀନ, ଅସତ୍ୟ ଅଭିଯୋଗ କାରଣରୁ ବିଚାରପତିମାନଙ୍କ ନିଷ୍ପକ୍ଷତା ସନ୍ଦେହ ଘେରକୁ ଆସେ, ସମ୍ମାନରେ ଦାଗ ଲାଗେ। ନ୍ୟାୟିକ ପ୍ରସଙ୍ଗରେ ରାଜନେତାମାନେ ଯେପରି ଦୋମୁହାଁ ଆଚରଣ ଓ ଉଚ୍ଚାରଣ ନୀତି ଆପଣାଉଛନ୍ତି ତାହା ମଧ୍ୟ ଉଦବେଗର ଅନ୍ୟତମ ଏକ କାରଣ ବୋଲି ଦର୍ଶାଇ ଆଇନଜୀବୀମାନେ କହିଛନ୍ତି, ଅଦାଲତ ଫଏସଲା ଯଦି ରାଜନେତାଙ୍କୁ ସୁହାଉଥିବ ତେବେ ତାହାର ଉଚ୍ଚପ୍ରଶଂସା କରାଯିବ। ସୁହାଉନଥିଲେ ବିଭିନ୍ନ ଅଳରେ ସେମାନେ ଅସନ୍ତୋଷ ବର୍ଷା କରିବେ। ଏହା ନ୍ୟାୟିକ ବ୍ୟବସ୍ଥା ପ୍ରତି ଏକ ଅବାଞ୍ଛିତ ଆକ୍ଷେପ ସଦୃଶ ହେଉଛି। ଦେଖାଯାଉଛି, ରାଜନେତାମାନେ ଯାହାକୁ ଦୁର୍ନୀତିଖୋର କହିଛନ୍ତି, ତାହାଙ୍କୁ ପୁଣି ଅଦାଲତରେ ସଚ୍ଚୋଟ କହିଛନ୍ତି। ଅଦାଲତଙ୍କ ନିଷ୍ପତ୍ତି ତାଙ୍କ ସପକ୍ଷରେ ନଗଲେ ନେତାମାନେ ମିଡିଆରେ ନ୍ୟାୟପାଳିକାରେ ବିଭ୍ରାଟ ରହିଛି କହି ବିଷୋଦଗାର କରୁଛନ୍ତି। ଆଇନଜୀବୀମାନେ ଏହି ଚିଠିରେ ନ୍ୟାୟପାଳିକାକୁ ସକଳ ବାହ୍ୟ ପ୍ରଭାବରୁ ମୁକ୍ତ ରଖାଯିବା ଓ ଆଇନର ଶାସନକୁ ଦୃଢ଼ ଭାବେ ଲାଗୁ କରାଯିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଧାନବିଚାରପତିଙ୍କୁ ନିବେଦନ କରିଛନ୍ତି।

### ଦୁଇଟି ହରିଣ...

ଉଦ୍ଧାର କରିଥିଲେ। ପରେ ସେ ଯାଇ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ ମୁକ୍ତିଙ୍କ ଘରେ ଚଢ଼ଉ କରିଥିଲା। ଏହି ସମୟରେ ତାଙ୍କ ଘରୁ ଦୁଇଟି ହରିଣ ଚମଡା ସହ ୫ଟି ବନ୍ଧୁକ ଜବତ ହୋଇଛି। ଏହାସହ ୨୩ ବାକ୍ସ ଶିଶା ଗୁଳିକୁ ମଧ୍ୟ ଜବତ କରିଥିବା ବେଳେ ୨୧ଟି କ୍ୟାଟ୍ରିଜ ସାଙ୍ଗକୁ ୬ଟି ତୀରକୁ ମଧ୍ୟ ଜବତ କରିଛି। ଏହି ଏୟାରଗନ୍‌ଗୁଡ଼ିକ ପାଇଁ କୌଣସି ଲାଇସେନସର ଆବଶ୍ୟକତା ନ ଥିବା ବେଳେ ସେ ଘରେ ଏହାକୁ ରଖିଥିଲେ। ବିଶେଷକରି ଏହି ଏୟାରଗନ୍ ଶିକାର କରିବା ପାଇଁ ବ୍ୟବହାର କରାଯାଇଥାଏ। ହେଲେ ତାଙ୍କ ଘରୁ ଦୁଇଟି ହରିଣ ଚମଡ଼ା ମିଳିବା ଏବେ ଘଟଣାଟି ସନ୍ଦେହଘେରକୁ ଆସିଛି। କେଉଁ ଉଦ୍ଦେଶ୍ୟରେ ଏହି ହରିଣ ଚମଡ଼ା ରହିଥିଲା ଏବଂ ଏହା କେବେଠାରୁ ରହିଥିଲା, ତାହା ଏବେ ସନ୍ଦେହ ଘେରରେ ରହିଛି। ଅନ୍ୟପଟେ ପୁଲିସ ମୁକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରୀ ବାରିଣୀ ଦାସ, ଏଏସଆଇ ପବିତ୍ରମୋହନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, Sitanshu Mishra, S/o-Late Balunkeswar Mishra, resident of EB -26, Stage-1, Laxmisagar, Bhubaneswar, Dist-Khordha, Pin-751006 declare by this affidavit No.216, dated- 23/03/2024, that now onwards I shall be known as **SITANSHU SEKHAR MISHRA** for all future purposes.

# ଶ୍ରୀଜଗନ୍ନାଥ ଓ ମା’ ବିରଜାଙ୍କ ଆଶୀର୍ବାଦ ନେଲେ ପ୍ରଣବ





**ପୁରୀ/ଯାଜପୁର,୨୮ ।୩(ସମିସ):** ବିଜେଡିର ତୁଙ୍ଗନେତା ତଥା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ହେବା ପରେ ଆଜି ପୁରୀ ଗସ୍ତ କରି ଚତୁର୍ଦ୍ଧାମୂର୍ତ୍ତି ଓ ଯାଜପୁରରେ ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କୁ ଦର୍ଶନ କରି ଆଶୀର୍ବାଦ ଲୋଡ଼ିଛନ୍ତି। ପୁରୀରେ ତାଙ୍କୁ ଦଳୀୟ ନେତା, ସମର୍ଥକ ଓ ସେବାୟତ ସ୍ୱାଗତ କରି ମନ୍ଦିରକୁ ପାଛୋଟି ନେଇଥିଲେ। ସେଠାରେ ସେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଦଳ ତାଙ୍କ ଉପରେ ଯେଉଁ ଭରସା କରିଛି, ସେଥିରେ ସଫଳ ହେବା ପାଇଁ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପ୍ରଣବଙ୍କ ସହ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀରୁ ବିଜେଡିର ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତିଙ୍କ ସମେତ ଅନ୍ୟ ନେତୃବୃନ୍ଦ ସାମିଲ ଥିଲେ।

ସେହିଭଳି ପୂର୍ବାହ୍ନ ୧୧ଟାରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କୁ ସେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ପ୍ରଣବ ମା’ ବିରଜା ମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ଦଳଗତ ନିର୍ବିଶେଷରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେ ମା’ ବିରଜାଙ୍କୁ ଦର୍ଶନ କରି ସେଠାରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଜିଲ୍ଲା ଉପସଭାପତି ପ୍ରକାଶ ତ୍ରିପାଠୀ, ବ୍ଲକ ସଭାପତି ପରେଶ ବିଶ୍ୱାଳ, ଜିଲ୍ଲା ମହିଳା ଉପସଭାପତି ସସ୍ମିତା ସାହୁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ବେହୁରିଆଙ୍କ ସମେତ ସମସ୍ତ କାଉନସିଲର, ମିଶନ ଶକ୍ତିର ମହିଳାବୃନ୍ଦ, ବହୁ ନେତା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ପ୍ରଣବଙ୍କୁ ବିଜେଡି ସମ୍ବଲପୁର ସାଂସଦ ପ୍ରାର୍ଥୀ କରିଥିବାରୁ ସମ୍ବଲପୁରରେ ଉତ୍ସାହର ମାହୋଲ ଦେଖାଦେଇଛି। ଏହି ଆସନରେ ସେ ବିଜେପିର ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ନବୀନ ପଟ୍ଟନାୟକଙ୍କ ଭଳି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ କାମ କରିବା ସୌଭାଗ୍ୟର ବିଷୟ: ଅବିନାଶ ସାମଲ



ଏଥର ଢେଙ୍କାନାଳ ଲୋକସଭା ଆସନରେ ବିଜେଡି ଏକ ସମ୍ପୂର୍ଣ୍ଣ ନୂଆ ତଥା ଯୁବ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛି। ଢେଙ୍କାନାଳର ଅବିନାଶ ସାମଲଙ୍କ ଉପରେ ଭରସା କରିଛି ଦଳ। ପେସାରେ ସେ ଜଣେ ଡାକ୍ତର। ଚଳିତ ନିର୍ବାଚନରେ ଅବିନାଶ ପ୍ରଥମ ଥର ପାଇଁ ଭୋଟରଙ୍କ ପାଖକୁ ଯିବେ। କେମିତି ରହିବ ତାଙ୍କର ନିର୍ବାଚନୀ ଯାତ୍ରା, ସେନେଇ ତାଙ୍କ ମୁହଁରୁ ଶୁଣିବାକୁ ଆମ ପ୍ରତିନିଧି ସଂଗ୍ରାମ ଦାସ ତାଙ୍କ ସହ କଥା ହୋଇଥିଲେ।

**ପ୍ର: ଆପଣଙ୍କ ପାଇଁ ଏ ନିର୍ବାଚନ ପ୍ରଥମ। କେମିତି ଏହାକୁ ସାମ୍ନା କରିବେ ?**
**ଉ:** ପ୍ରଥମ ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। କାରଣ ମୁଁ ଏ ମାଟିର ପୁଅ। ଏଠାକାର ଲୋକଙ୍କୁ ଜାଣିଛି। ଏହାଛଡ଼ା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି, ଲୋକଙ୍କୁ ସୁବିଧାସୁଯୋଗ ଯୋଗାଇ ଦେଇଛନ୍ତି ଏବଂ ସାରା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିଛନ୍ତି, ତାହା କାହାକୁ ଅଜଣା ନୁହେଁ। ତେଣୁ ତାଙ୍କରି ନାଁରେ ମୁଁ ଲୋକଙ୍କ ପାଖକୁ ଯିବି। ମୁଁ ଜଣେ ଯୁବକ ହେଲେ ମଧ୍ୟ ନବୀନ ପଟ୍ଟନାୟକ ମୋ ଉପରେ ଯେଉଁଭଳି ଭାବେ ଭରସା କରିଛନ୍ତି, ସେଇ ଭରସାକୁ ନିଶ୍ଚିତ ଭାବେ ସାକାର କରିବି।

**ପ୍ର: ଆପଣ ପେସାରେ ଜଣେ ଡାକ୍ତର, ରାଜନୀତିକୁ କାହିଁକି ଆସିଲେ ?**
**ଉ:** ଲୋକଙ୍କ ସେବା କରିବାକୁ ମୋର ଆଗ୍ରହ ରହିଛି। ରାଜନୀତିକୁ ଆସିଲେ ହୁଏତ ଆହୁରି ଅଧିକ ସେବା କରିପାରିବି, ସେଥିପାଇଁ ଆସିଲି। ଏହାଛଡ଼ା ମୋର ଦାଦା ସୁଧୀର ସାମଲ ଜଣେ ଦକ୍ଷ ରାଜନୀତିଜ୍ଞ। ସେ ବହୁବାର ଢେଙ୍କାନାଳରୁ ବିଧାୟକ ରହି ଆସିଛନ୍ତି। ଏଥର ମଧ୍ୟ ଦଳୀୟ ଟିକଟ୍ ପାଇ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ଏମିତି ଏକ ପରିବାରରୁ ଆସିଥିବାରୁ ମୋତେ ରାଜନୀତିରେ ଅଧିକ ପ୍ରେରଣା ମିଳିପାରିବ।

**ପ୍ର: ବର୍ତ୍ତମାନ ଆପଣ କିପରି ଭୋଟରଙ୍କ ପାଖକୁ ଯିବେ ?**
**ଉ:** ଦେଖନ୍ତୁ ରାଜ୍ୟ ସରକାର ଅନୁଗୋଳ, ଢେଙ୍କାନାଳ ଜିଲ୍ଲା ପାଇଁ ବହୁତ କିଛି ଯୋଜନା କରିଛନ୍ତି। ଏଠାରେ ଅନେକ ବୃହତ କାରଖାନା ସ୍ଥାପନ ପାଇଁ ପ୍ରସ୍ତୁତି ସରିଛି। ମହିଳାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଏଠାରେ ଏକ ବିଶ୍ୱସ୍ତରୀୟ ଗାର୍ମେଣ୍ଟ କାରଖାନା ହେବ। ତେଣୁ ମୁଁ ଜଣେ ଯୁବକ ହିସାବରେ ଭୋଟରଙ୍କୁ କହିବି, କିଭଳି ଏ ସବୁରୁ ସେମାନେ ଲାଭବାନ ହୋଇପାରିବେ। ସେଥିପାଇଁ ମୁଁ ସେମାନଙ୍କ କାନ୍ଧରେ କାନ୍ଧ ମିଶାଇ କାମ କରିବି। ଏହି ସଂକଳ୍ପ ନେଇ ମୁଁ ଭୋଟରମାନଙ୍କ ପାଖକୁ ଯିବି।

**ପ୍ର: ଆପଣ ବିଜୟ ଲାଭ କଲେ କ’ଣ କରିବାକୁ ମନସ୍ଥ କରିଛନ୍ତି ?**
ଉ: ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ଆମ ରାଜ୍ୟରେ ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି। ଶିଳ୍ପ, ଖଣି, କ୍ରୀଡ଼ା ସମେତ ଏଠାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ। ଯାହାକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରି ଆସୁଛନ୍ତି। ତେଣୁ ମୁଁ ତାଙ୍କରି ପଦାଙ୍କ ଅନୁସରଣ କରି ପ୍ରଥମେ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି, ମହିଳାମାନଙ୍କ ଦକ୍ଷତା ବିକାଶ, କ୍ରୀଡ଼ାର ବିକାଶ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଏବଂ ଲୋକଙ୍କର ଅନ୍ୟାନ୍ୟ ମୌଳିକ ସୁବିଧା ସମାଧାନ ଦିଗରେ କାମ କରିବି।

**ପ୍ର: ଶେଷରେ କ’ଣ କହିବେ ?**
ଉ: ମୋ ଭଳି ଜଣେ ଯୁବକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏତେ ବଡ଼ ସୁଯୋଗ ଦେଇଥିବାରୁ ପ୍ରଥମେ ତାଙ୍କୁ କୃତଜ୍ଞତା ଜଣାଇବି। ତାଙ୍କରି ଟିମରେ ଜଣେ ସୈନିକ ହୋଇ କାମ କରିବି।

## କଂଗ୍ରେସ ଛାଡ଼ିଲେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ



**ବଲାଙ୍ଗିର, ୨୮ ।୩ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗିର ଜିଲ୍ଲା କଂଗ୍ରେସ କମିଟିର ସଭାପତି ସୁରେନ୍ଦ୍ର ସିଂ ଭୋଇ ଦଳ ଛାଡ଼ିଛନ୍ତି। ଏନେଇ ସେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ କଂଗ୍ରେସ ଛାଡ଼ିଥିବା କହିଛନ୍ତି। ପ୍ରକାଶ ଯେ ସୁରେନ୍ଦ୍ର ଦୀର୍ଘ ୩୮ ବର୍ଷ ହେଲା କଂଗ୍ରେସର ସଦସ୍ୟ ଭାବରେ ଦାୟିତ୍ୱ ତୁଲାଉଥିଲେ। ସେ ବଲାଙ୍ଗିର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବରେ କାମ କରୁଥିଲେ। ତେବେ ସେ ଦଳ ଛାଡ଼ିବା ପରେ ଜିଲ୍ଲାର ରାଜନୈତିକମହଲ ସରଗରମ ହୋଇଛି।

# ସରପଞ୍ଚରୁ ସାଂସଦ ପ୍ରାର୍ଥୀ ଲମ୍ବୋଦର

## ବିଜେଡି ଶିବିର ଚଳଚଞ୍ଚଳ, ନେତା-କର୍ମୀ ଉତ୍ସାହିତ

ନୂଆପଡା/ସିନାପାଲି,୨୭।୩(ସମିସ): ୨୦୨୪ ସାଧାରଣ ନିର୍ବାଚନ ଲାଗି ବୁଧବାର ବିଜେଡି ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ନୂଆପଡା ଜିଲ୍ଲା ସଦର ବିଧାନସଭା ସକାଶେ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଓ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଭାବେ ଦଳ ଲମ୍ବୋଦର ନିଆଲଙ୍କୁ ପ୍ରାର୍ଥୀ ତାଲିକାଭୁକ୍ତ କରିଛି। ଏହି ଖବର ପ୍ରଚାରିତ ହେବାପରେ ସମଗ୍ର ଜିଲ୍ଲା ବିଜେଡି ଶିବିର ଚଳ ଚଞ୍ଚଳ ହୋଇପଡିଛି। ନୂଆପଡା ଜିଲ୍ଲା ସମେତ ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ରାଜନୈତିକ ଉଷ୍ମତା ବଢିଯାଇଛି। ବିଭିନ୍ନ ଜାଗାରେ ସମର୍ଥକ ତଥା କର୍ମୀ ଓ ଦଳୀୟ ନେତାଙ୍କ ଆତସବାଜି ସହ ବାଣ ରୋଷଣୀରେ ଝଲସି ଉଠିଛି। ବିଭିନ୍ନ ଜାଗାରେ ଲମ୍ବୋଦର ଓ ଢୋଲକିଆଙ୍କ ସମର୍ଥକ ଖୁସି ମନାଇଛନ୍ତି।



ବିଜେଡି ସାଂସଦ, ବିଧାୟକ ପ୍ରାର୍ଥୀ ଘୋଷଣା ପରେ ରାଜନୈତିକ ଉଷ୍ମତା ବୃଦ୍ଧି

ରାଜେନ୍ଦ୍ର ଢୋଲକିଆ
ନୂଆପଡା ବିଧାୟକ ପ୍ରାର୍ଥୀ

ଢୋଲକିଆ ୨୦୦୩ରେ ପ୍ରଥମ ଥର ପାଇଁ ବିଜେଡିରେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୨୦୦୪ମସିହାରେ ତତ୍କାଳୀନ ବିଜେଡି-ବିଜେପି ମିଳିତ ସରକାରରେ ଟିକେଟ ନ ମିଳିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ବିଜୟ ଲାଭ କରିଥିଲେ। ୨୦୦୯ରେ ପୁଣିଥରେ ବିଜେଡି ତରଫରୁ ଲଢି ଦ୍ୱିତୀୟ ଥର ପାଇଁ ବିଜୟ ଲାଭ କରିଥିଲେ। ୨୦୧୪ରେ ସାଧାରଣ ନିର୍ବାଚନରେ ପରାଜୟ ଲାଭ କରିଥିଲେ। ପୁଣିଥରେ ୨୦୧୯ ନିର୍ବାଚନରେ ତୃତୀୟ ଥର ପାଇଁ ବିଧାୟକ ହୋଇଥିଲେ। ୨୦୨୨ରେ ରାଜ୍ୟ ସରକାରଙ୍କ ଯୋଜନା ଏବଂ ସଂଯୋଜନ ମନ୍ତ୍ରୀ ଭାବେ ଦାୟିତ୍ୱ ପାଇଥିଲେ।

ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ଘର ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବୋଡେନ ବ୍ଲକ ଡୋଟୋରେ। ୧୯୯୨ରେ ପ୍ରଥମ ଥର ପାଇଁ କରଙ୍ଗାମାଳ ସରପଞ୍ଚ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୯୭ରୁ ୨୦୦୨ପର୍ଯ୍ୟନ୍ତ ସମିତି ସଭ୍ୟ ଥିଲେ। ୨୦୦୨ରେ ଲିଟିସର୍ଗି ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବୋଡେନ ବ୍ଲକର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୨ରୁ ୨୦୧୭ଯାଏଁ ୧୧ନମ୍ବର ଜୋନରେ ଜିଲ୍ଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିବାବେଳେ ୨୦୧୭ରୁ ୨୦୨୨ ଯାଏଁ ଦ୍ୱିତୀୟ ଥର ପାଇଁ ଜିଲ୍ଲାପରିଷଦ ସଭ୍ୟ ରହିଥିଲେ। ୨୦୧୪ ଏବଂ ୨୦୧୯ରେ ଦୁଇ ଥର ବିଜେଡିରୁ ବିଧାୟକ ପ୍ରାର୍ଥୀ ରହି ଅଳ୍ପ ଭୋଟର ବ୍ୟବଧାନରେ ପରାଜିତ ହୋଇଥିଲେ। ୨୦୧୮ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏକ୍ସପର୍ଟ ମେମ୍ବର ଭାବେ କାମ କରିଥିଲେ। ବର୍ତ୍ତମାନ ଉତ୍କଳ ଯାଦବ ମହାସଭାରେ ରାଜ୍ୟ ସାଧାରଣ ସଂପାଦକ ଭାବେ ରହିଥିବାବେଳେ ଜିଲ୍ଲା ଯାଦବ ସମାଜର ମଧ୍ୟ ସାଧାରଣ ସଂପାଦକ ଦାୟିତ୍ୱରେ ରହିଛନ୍ତି।

## ଭଞ୍ଜନଗର ନିର୍ବାଚନମଣ୍ଡଳୀ

# ଏକାକୀ ଦୁର୍ଗ ସମ୍ଭାଳିଛନ୍ତି ବିକ୍ରମ

**ଭଞ୍ଜନଗର, ୨୮ ।୩(ସମିସ):** ବୁଧବାର ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ବିଧାନସଭା ଓ ଲୋକସଭା ନିମନ୍ତେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ରାଜନୈତିକ ଦୃଷ୍ଟିକୋଣରୁ ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ହେଉଛି ଭଞ୍ଜନଗର। ଏକଦା କଂଗ୍ରେସର ଗଡ଼ ଥିବା ଭଞ୍ଜନଗରକୁ ବିଜେଡି ଦୀର୍ଘବର୍ଷ ହେଲା ନିଜର ଦୁର୍ଗରେ ପରିଣତ କରିସାରିଛି। ୧୯୯୫ରୁ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ନେତା ତଥା ବର୍ତ୍ତମାନର ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏକାକୀ ବିଧାୟକ ଦାୟିତ୍ୱ ସମ୍ଭାଳିଛନ୍ତି। ଏଠାରୁ ସେ ଲାଗାତାର ୬ଥର ନିର୍ବାଚିତ ହେଲେଣି। ତାଙ୍କ ନେତୃତ୍ୱକୁ ଭରସା କରି ଦଳ ପୁଣିଥରେ ସପ୍ତମଥର ପାଇଁ ପ୍ରାର୍ଥୀ କରାଇଛି। ଭଞ୍ଜନଗର ବ୍ଲକର ୨୨, ଜଗନ୍ନାଥପ୍ରସାଦ ବ୍ଲକର ୨୫ଟି ପଞ୍ଚାୟତ ଓ ଭଞ୍ଜନଗର ଏନ୍ଏସିକୁ ନେଇ ଭଞ୍ଜନଗର ନିର୍ବାଚନମଣ୍ଡଳୀ ଗଠିତ।



୨୦୧୯ ନିର୍ବାଚନରେ ଏହି ଆସନରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ବିଜେଡି ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖଙ୍କୁ ୭୬, ୮୭୯ ଭୋଟ୍, ବିଜେପିର ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ୬୭, ୭୭୬ ଭୋଟ ଓ କଂଗ୍ରେସର ସଞ୍ଜୟ କୁମାର ତ୍ରିପାଠୀଙ୍କୁ ମାତ୍ର ୭ ହଜାର ୬୯ ଖଣ୍ଡ ଭୋଟ ମିଳିଥିଲା। ବିଜେପିର ପ୍ରଦ୍ୟୁମ୍ନ କୁମାର ନାୟକଙ୍କଠାରୁ ୯,୧୦୩ ଖଣ୍ଡ ଭୋଟ ଅଧିକ ପାଇ ବିକ୍ରମ ବିଜୟୀ ହୋଇଥିଲେ। ଏହି ବିଧାନସଭା କ୍ଷେତ୍ରରେ ବିଭିନ୍ନ ସମ୍ପ୍ରଦାୟର ଭୋଟର୍ ରହିଥିବାରୁ ଏହା ରାଜନୀତିକୁ ପ୍ରଭାବିତ କରି ଆସିଛି।

ଗତ ପଞ୍ଚାଗତ ଓ ପୌର ନିର୍ବାଚନରେ ଦୁଇଟି ଯାକ ବ୍ଲକ ଓ ଗୋଟିଏ ଏନ୍ଏସି ବିଜେଡି ହାତରେ ରହିଛି। ୧୯୯୫ରୁ ବିକ୍ରମ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ପଦପଦବୀରେ ରହିବା ସହ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାନସଭାର ବାଚସ୍ପତି ମଧ୍ୟ ହୋଇ ପାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଅଞ୍ଚଳର ବିକାଶକୁ ପାଥେୟ କରି ସପ୍ତମଥର ପାଇଁ ସେ ଏହି ଆସନରୁ ବିଜୟୀ ହେବାକୁ ଆଶା ରଖିଛନ୍ତି।

ଅନ୍ୟପଟେ ବିଜେପି ଟିକଟ ଦୌଡ଼ରେ ଗତ ନିର୍ବାଚନରେ ପରାଜିତ ପ୍ରଦ୍ୟୁମ୍ନ କୁମାର ନାୟକ ଓ ଘୁମୁସର ଜିଲ୍ଲା ଉପସଭାପତି ଅଯୋଧ୍ୟା ନାଥ ମହାପାତ୍ର ଦଳୀୟ କାର୍ଯ୍ୟରେ ସକ୍ରିୟ ରହି ସାଙ୍ଗଠନିକ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେହିପରି ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ମଧ୍ୟ ଟିକଟ ଦୌଡ଼ରେ ଥିବା ଜଣାପଡ଼ିଛି। ହେଲେ ଅଦ୍ୟାବଧି କାହାକୁ ଭଞ୍ଜନଗର ବିଜେପିର ଟିକଟ୍ ମିଳିବ, ତାହା ସ୍ପଷ୍ଟ ହୋଇନାହିଁ।

- ପ୍ରାର୍ଥୀ ଦେବା ପାଇଁ ବିଜେପି-କଂଗ୍ରେସର ମାନସମନ୍ଥନ
- ଟିକଟ୍ ଦୌଡ଼ରେ ଦୁଇ ଦଳର
- ଏକାଧିକ ଆଶାୟୀ

ଅନ୍ୟପକ୍ଷରେ ପୂର୍ବରୁ କଂଗ୍ରେସର ଗଡ଼ ଥିବା ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ଦଳର ସ୍ଥିତି ଆଉ ପୂର୍ବଭଳି ନାହିଁ ଓ କଂଗ୍ରେସର ବହୁ ପୁରୁଖା ନେତାମାନେ ଦଳ ଛାଡ଼ି ଅନ୍ୟ ଦଳକୁ ଯିବା ପରେ ଏଠାରେ ଦଳୀୟ ସଙ୍ଗଠନ ଦୁର୍ବଳ ହୋଇପଡ଼ିଛି। ନବେ ଦଶକ ପରେ ଦଳ ତା’ର ଅସ୍ତିତ୍ୱ ହରାଇବାରେ ଲାଗିଛି। ଗତ ନିର୍ବାଚନରେ ଦଳ ମାତ୍ର ୪.୪୭ ପ୍ରତିଶତ ଭୋଟ୍ ପାଇବା ଏହାର ଉଦାହରଣ। ୨୦୧୯ ନିର୍ବାଚନ ପରଠାରୁ ବିଧାୟକ ପ୍ରାର୍ଥୀ ସଞ୍ଜୟଙ୍କ ଏଠାରେ ଦେଖାମିଳୁନି। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଷୋୟୀ ଓ ପୂର୍ବତନ ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ବିଷୋୟୀ ଏବେ ନିର୍ବାଚନମଣ୍ଡଳୀର ମଙ୍ଗ ଧରିଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଉଭୟ ଜଡ଼ିତ ରହି ସଙ୍ଗଠନ ସଜାଡୁଛନ୍ତି। ତେବେ ଦଳ ପ୍ରଶାନ୍ତ, ଦେବୀଙ୍କୁ ଟିକଟ ଦେଉଛି ନା ପୁରୁଣା ଚେହେରା ସଞ୍ଜୟଙ୍କୁ ପ୍ରାର୍ଥୀ କରିବ, ତାହା ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି।

## ଆସିକା ସଂସଦୀୟ କ୍ଷେତ୍ର

# ଦୁଇ ହେଭିୱେଟ୍ ନେତାଙ୍କ ଝିଅଙ୍କ ମଧ୍ୟରେ ଟକ୍କର

**କବିସୂର୍ଯ୍ୟନଗର, ୨୮ ।୩ (ସମିସ):** ଆସିକା ଲୋକସଭା ନିର୍ବାଚନମଣ୍ଡଳୀରେ ଏଥର ଦୁଇ ହେଭିୱେଟ୍ ନେତାଙ୍କ ଝିଅଙ୍କ ମଧ୍ୟରେ ହେବ ଟକ୍କର୍। ଏଠାରୁ ବିଜେଡି କୋଦଳାର ପୂର୍ବତନ ନଗରପାଳ ହର ସାହୁଙ୍କ ଝିଅ ରଞ୍ଜିତା ସାହୁଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ଅନିତା ଶୁଭଦର୍ଶିନୀଙ୍କ ନାମ ଘୋଷଣା କରିଛି। ଅନିତା ପୂର୍ବତନ ଅର୍ଥମନ୍ତ୍ରୀ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ଝିଅ। ୨୦୧୯ରେ ପ୍ରଥମଥର ପାଇଁ ବିଜେପି ଟିକଟରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ଅନିତା। କିନ୍ତୁ ବିଜେଡି ପ୍ରାର୍ଥୀ ପ୍ରମିଳା ବିଷୋୟୀଙ୍କଠାରୁ ସେ ପରାଜୟ ବରଣ କରିଥିଲେ। ତେବେ



ଅନିତା ଶୁଭଦର୍ଶିନୀ



ରଞ୍ଜିତା ସାହୁ

ଏଥର ମଧ୍ୟ ବିଜେପି ତାଙ୍କ ଉପରେ ଭରସା କରି ଟିକଟ୍ ଦେଇଥିବା ବେଳେ ତାଙ୍କୁ କଡ଼ା ଟକ୍କର୍ ଦେବା ପାଇଁ ନୂଆ ମୁହଁ ଭାବେ ରଞ୍ଜିତା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବାପା ହର ସାହୁଙ୍କ ଦୃଢ଼ ସଂଗଠନ ଓ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ନିର୍ବାଚନ ଲଢୁଥିବାରୁ ଏହା ତାଙ୍କୁ ଏକ ବଡ଼ ଫାଇଦା ଦେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଅପରପକ୍ଷେ ଏହି ଲୋକସଭା କ୍ଷେତ୍ରରୁ ବିଜେଡି ଓ ବିଜେପି ପୁଣିଥରେ ମହିଳା କାର୍ଡ ଖେଳିଛନ୍ତି। ଗତଥର ଏଠାରୁ ପ୍ରମିଳା ବିଷୋୟୀଙ୍କୁ ଟିକଟ୍ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଚକିତ କରିଥିବା ବେଳେ ଏଥର ମଧ୍ୟ ସମାନ ନୀତି ଆପଣାଇଛନ୍ତି।

## କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ

# ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୨୯ ଲକ୍ଷ ଭୋଟର

**କେନ୍ଦୁଝର, ୨୮ ।୩ (ସମିସ):** କେନ୍ଦୁଝର ଜିଲ୍ଲାର ୬ ଗୋଟି ବିଧାନସଭା ଆସନ ମଧ୍ୟରୁ ୨୪-କେନ୍ଦୁଝର(ଏସ୍‌ଟି) ଆସନଟି ସବୁବେଳେ ଚର୍ଚ୍ଚାରେ ରହିଥାଏ। ଜିଲ୍ଲା ମୁଖ୍ୟାଳୟ ଏହି ଆସନରେ ରହିଥିବାରୁ ବିଧାନସଭା କ୍ଷେତ୍ରଟିର ଗୁରୁତ୍ୱ ମଧ୍ୟ ଅନେକ। ପୂର୍ବରୁ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଏହି ଆସନକୁ ବିଜେଡି ନିଜ ଅକ୍ତିଆରକୁ ନେଇଥିଲା। ମାତ୍ର ଗତ ୨୦୧୯ ନିର୍ବାଚନରେ ମାତ୍ର ୧୧୨୪ ଖଣ୍ଡ ଭୋଟରେ ବିଜେପି ପ୍ରାର୍ଥୀ ମୋହନ ମାଝୀ ଏହି ଆସନରୁ ବିଜୟୀ ହୋଇଥିଲେ। ଏହି ଆସନଟି ଅନୁସୂଚିତ ଜନଜାତି ବର୍ଗ ନିମନ୍ତେ ସଂରକ୍ଷିତ ରହିଛି। କେନ୍ଦୁଝର ଜିଲ୍ଲା ଏକ ଜନଜାତି ବହୁଳ ଜିଲ୍ଲା ହୋଇଥିବା ବେଳେ ଏହି ଆସନଟିରେ ମଧ୍ୟ ଜନଜାତି ବର୍ଗର ଲୋକଙ୍କର ଭୋଟ ନିର୍ଣ୍ଣାୟକ ହୋଇଥାଏ।

କେନ୍ଦୁଝରଗଡ଼ ପୌରପାଳିକାର ୨୧ଗୋଟି ୱାର୍ଡ, ସଦର ବ୍ଲକର କଣ୍ଡରାପଶି, କାଉଁରୀକଳା, କାଠବାରୀ, ଗୋପିନାଥପୁର, ଗୋବର୍ଦ୍ଧନ, ଜନାର୍ଦ୍ଦନପୁର, ଡିମ୍ବୋ, ନରଣପୁର, ନୂଆଗାଁ, ନେଲୁଙ୍ଗ, ପର୍ଜନପୁର, ପଦ୍ମପୁର, ପଳାଶପଙ୍ଗା, ବରଦାପାଳ, ବାଉରୀପଦା, ବୋଦାପଳଶା, ମଇଦାନକେଲ, ମଣ୍ଡୁଆ, ମହାଦେଇଯୋଡା, ରଘୁନାଥପୁର, ରାଇକଳା, ରାଇସୁଆଁ, ଶଙ୍କିରି, ଶିରିଶପାଳ ଏବଂ ହାଣ୍ତିଭଙ୍ଗାକୁ ମିଶାଇ ସମସ୍ତ ୨୫ଟି ପଞ୍ଚାୟତ, ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତ ମଧ୍ୟରୁ ଅର୍ଶଳା, ବାଲିବନ୍ଧ, ଝୁମ୍ପୁରା, ଖେଣ୍ଡରା, କୁଟୁଗାଁ, ନହବେଡା, ନାରଦପୁର, ନିଶ୍ଚିନ୍ତପୁର, ବସନ୍ତପୁର, ଗୁମୁରା, ମଲଦା ଏବଂ ନୟାଗଡ଼ ପଞ୍ଚାୟତ ସମେତ ୧୨ ଗୋଟି ପଞ୍ଚାୟତ, ବାଂଶପାଳ ବ୍ଲକର ୨୧ଟି ପଞ୍ଚାୟତ ମଧ୍ୟରୁ କୋଡିପଶା, ଶୁଆକାଟି, ତଳଚମ୍ପେଇ, ତଳ କଇଁସାରୀ ଏବଂ କୁମୁଣ୍ଡି ପ୍ରମୁଖ ୫ଗୋଟି ପଞ୍ଚାୟତ ସହିତ ମୋଟ ୪୨ ଗୋଟି ପଞ୍ଚାୟତକୁ ନେଇ କେନ୍ଦୁଝର ନିର୍ବାଚନ ମଣ୍ଡଳି ଗଠିତ। ଏହି ନିର୍ବାଚନ ମଣ୍ଡଳୀର ମୋଟ ଜନସଂଖ୍ୟା ୧, ୬୫, ୭୯୭ ଜଣ ପୁରୁଷ ୧, ୬୬, ୯୬୭ ଜଣ ମହିଳାଙ୍କୁ ମିଶାଇ ମୋଟ ୩, ୩୨, ୭୬୪ଜଣ ରହିଛନ୍ତି। ଚଳିତ ୨୦୨୪ ବିଧାନସଭା ନିର୍ବାଚନରେ ଏମାନଙ୍କ ମଧ୍ୟରୁ ୧, ୧୩, ୪୨୮ ଜଣ ପୁରୁଷ ଏବଂ ୧, ୧୫, ୯୩୫ଜଣ ମହିଳା ଭୋଟରଙ୍କ ସହିତ ମୋଟ ୨, ୨୯, ୩୬୩ ଜଣ ଭୋଟର ସେମାନଙ୍କର ମତସାବ୍ୟସ୍ତ କରିବାକୁ ଯାଉଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ମୋଟ୍ ଭୋଟର୍‌ଙ୍କ ସଂଖ୍ୟା ୬୮.୯୩ ପ୍ରତିଶତ ରହିଥିବା ବେଳେ ଏଥିମଧ୍ୟରୁ ମହିଳା ଭୋଟର ୬୯.୪୪ ପ୍ରତିଶତ ଏବଂ ୬୮.୪୧ ପ୍ରତିଶତ ପୁରୁଷ ଭୋଟର ରହିଛନ୍ତି। ୨୪-କେନ୍ଦୁଝର(ଏସଟି) ନିର୍ବାଚନ ମଣ୍ଡଳୀରେ ଏଥର ୨୮୩ ଗୋଟି ବୁଥ ହେବ ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।



କେନ୍ଦୁଝର ନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୧ଟି ଝୁମ୍ପୁରା ବ୍ଲକର କନକନା ହୋଇଥିବା ବେଳେ ବାଂଶପାଳ ବ୍ଲକର ଦୁଆରଶୁଣି ୨୮୩ ନମ୍ବର ବୁଥଟି ନିର୍ବାଚନ ମଣ୍ଡଳୀର ଶେଷ ବୁଥ୍। ଗତ ୨୦୧୪ ନିର୍ବାଚନରେ ୩୫.୮୭ ପ୍ରତିଶତ ଭୋଟ ସହିତ ମୋଟ ୫୫, ୯୫୯ଖଣ୍ଡ ଭୋଟ୍ ପାଇ ବିଜୁ ଜନତା ଦଳର ପ୍ରାର୍ଥୀ ଅଭିରାମ ନାଏକ ବିଜେପିର ମୋହନ ଚରଣ ମାଝୀଙ୍କୁ ୮୬୭୬ ଭୋଟ ବ୍ୟବଧାନରେ ଏଠାରେ ପରାସ୍ତ କରିଥିଲେ। ମୋହନ ୪୭, ୨୮୩ ଖଣ୍ଡ ଭୋଟ ପାଇଥିଲେ। ସେଥର କଂଗ୍ରେସ ଦଳର ପ୍ରାର୍ଥୀ ସିଦ୍ଧେଶ୍ୱର ନାଏକ ମାତ୍ର ୧୭, ୫୩୧ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଦ୍ୱାରିକା ନାଏକ ୨୫, ୭୫୫ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ଆଗରେ ଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ କେନ୍ଦୁଝର ଆସନଟି ବିଜେପି ହାତକୁ ଚାଲି ଯାଇଥିଲା। ବିଜେପିର ମୋହନ ଚରଣ ମାଝୀ ୭୨, ୭୬୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜୁ ଜନତା ଦଳର ପ୍ରାର୍ଥୀ ମାଧବ ସର୍ଦ୍ଦାର ୭୧,୬୩୬ ଖଣ୍ଡ ଭୋଟ ପାଇ ମାତ୍ର ୧୧୨୪ ଭୋଟରେ ହାରି ଯାଇଥିଲେ। ୨୦୧୯ରେ କଂଗ୍ରେସର ଦଳୀୟ ପ୍ରାର୍ଥୀ ବିଦ୍ୟାଧର ଦେହୁରୀ ମାତ୍ର ୧୪, ୫୫୩ ଖଣ୍ଡ ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ ମାତ୍ର ୩୨୨୪ ଖଣ୍ଡ ଭୋଟ ହାତେଇଥିଲେ।

# ମହୁଲ ବାସ୍ନାରେ ମହକୁଛି ଅଞ୍ଚଳ; ମୂଲ ପାଉନି ଗୋଟାଳି

## ନାହିଁ ସଂରକ୍ଷଣ ଓ ବଜାର ବ୍ୟବସ୍ଥା; ଦର ନିର୍ଦ୍ଧାରଣ କରୁଛନ୍ତି ଦଲାଲ





**ଏମଭି-୭୯, ୨୮।୩ (ସମିସ) :** ଫଗୁଣର ଆଗମନରେ ମହୁଲ ଫୁଲ ଝଡ଼ିବା ଆରମ୍ଭ ହୋଇଯାଏ। ତାହାର ବାସ୍ନାରେ ମହକି ଯାଏ ବଣ ପାହାଡ଼ ଅଞ୍ଚଳ। ଗଛରେ ଥିବାବେଳେ ମହୁଲ ଫୁଲ ଯେତିକି ସୁନ୍ଦର ଲାଗେ ତଳେ ପଡ଼ିବା ପରେ ତାହା ଅନେକ ଲୋକଙ୍କୁ ରୋଜଗାର ଯୋଗାଇବା ସହ ପେଟକୁ ଦୁଇମୁଠା ଦାନା ଯୋଗାଇଥାଏ। ମାଲକାନଗିରି ଜିଲ୍ଲାରେ ମହୁଲ ଫୁଲ ଗୋଟାଇ ଅନେକ ଲୋକ ରୋଜଗାରକ୍ଷମ ହେଉଥିବାବେଳେ ବର୍ତ୍ତମାନ ଏହି ଫୁଲକୁ ଗୋଟାଇବାର ଏହା ଉପଯୁକ୍ତ ସମୟ। ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଲୁଗେଲ, ତଣ୍ଡାବାଇ, ମାଲାଭରମ, ମହାରାଜପାଲ୍ଲୀ ଆଦି ଅନେକ ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡ଼ିକରେ ଏବେ ମହୁଲ ମହକରେ ମହକୁଛି। ମହୁଲ ଫୁଲ ସଂଗ୍ରହ କରିବା ପାଇଁ ପାହାନ୍ତିଆରୁ ବା ସକାଳୁ ଆଖପାଖ ଗାଁର ମହିଳାମାନେ ମୁଣ୍ଡରେ ଟୋକେଇ ଧରି ନିଜ ପରିବାରର ସହ ମହୁଲ ଗଛ ନିକଟରେ ପହଞ୍ଚି ଯାଉଛନ୍ତି। ତେବେ ଏତେ କଷ୍ଟରେ ମହୁଲ ଫୁଲ ସଂଗ୍ରହ କରି ଆଣୁଥିଲେ ହେଁ ଉଚିତ ମୂଲ୍ୟ ମିଳୁନଥିବାରୁ ଗୋଟାଳିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିକ୍ରି ପାଇଁ ବଜାର ବ୍ୟବସ୍ଥା ନଥିବାରୁ ବହୁ ଅସୁବିଧାର ଭୋଗୁଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ବାଧ୍ୟ ହୋଇ ଅତି କମ ମୂଲ୍ୟରେ ଦଲାଲଙ୍କ ହାତରେ ଏହି ମହୁଲକୁ ଟେକି ଦେଇ ସ୍ୱଳ୍ପ ପ୍ରାପ୍ୟ ପାଉଥିବା ପ୍ରକାଶ କରିଛନ୍ତି। ବ୍ଲକର ବିଭିନ୍ନ ଗ୍ରାମରେ ମହୁଲ ଫୁଲ ସଂଗ୍ରହ ଜୋରସୋରରେ ଚାଲିଛି। ମହୁଲ ଫୁଲ ୫ରୁ ୬ ଦିନ ଧରି ଟାଣ ଖରାରେ ଶୁଖାଇବା ପରେ ବିକ୍ରି କିଭଳି କରାଯିବା ସେ ନେଇ ଚିନ୍ତା କରିଥାନ୍ତି ଏହାର ସଂଗ୍ରହକାରୀ। ତେବେ କୌଣସି ବଜାର ବ୍ୟବସ୍ଥା ନଥିବାରୁ ଶେଷରେ ସ୍ଥାନୀୟ ଅଞ୍ଚଳରେ ଥିବା କିଛି ବେପାରୀଙ୍କ ନିକଟରେ ଅତି କମ ଦାମରେ କିଲୋ ପିଛା ପ୍ରାୟ ୧୫ରୁ ୨୦ ଟଙ୍କାରେ ମହୁଲ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ତେବେ ପରିଶ୍ରମ ତୁଳନାରେ ଏହା ଯଥେଷ୍ଟ କମ ହେଉଥିବାରୁ ସରକାରୀ ଭାବେ ବିକ୍ରି ବ୍ୟବସ୍ଥା କରିବାକୁ ଲୋକେ ଦାବି କରୁଛନ୍ତି। ଅନ୍ୟ ପକ୍ଷରେ ପ୍ରତି ପଞ୍ଚାୟତର ପ୍ରସାଶନ ପକ୍ଷରୁ ଲଘୁ ବନଜାତ ଦ୍ରବ୍ୟ ମହୁଲ ଫୁଲ କ୍ରୟ କରିବା ପାଇଁ ୨୦୦୨ରେ ଗ୍ରାମ ପଞ୍ଚାୟତକୁ ଦର ଧାର୍ଯ୍ୟ ପାଇଁ କ୍ଷମତା ଦିଆଯାଇଛି। ଆଉ ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ପଞ୍ଚାୟତ ମହୁଲ କ୍ରୟ କରିବାର ନିୟମ କରାଯାଇଛି। ହେଲେ ସରକାରୀ ନିୟମ ସମ୍ପର୍କରେ ମହୁଲ ସଂଗ୍ରହକାରୀ ଜାଣି ନଥିବାରୁ ଦଲାଲକୁ କମ ମୂଲ୍ୟରେ ବିକ୍ରି କରି ସ୍ୱଳ୍ପ ରୋଜଗାର କରୁଥିବାବେଳେ ମାଲେମାଲ ହେଉଛନ୍ତି ବେପାରୀ। ଏଥି ପାଇଁ ପଞ୍ଚାୟତସ୍ତରରେ ବ୍ୟବସ୍ଥା କରାଗଲେ ଗୋଟାଳିମାନେ ଲାଭବାନ ହୋଇ ପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# 'ମିଛ ସପନକୁ କରିଛି ସାଥୀ' ମଞ୍ଚସ୍ଥ



**ଧରାକୋଟ,୨୮।୩(ସମିସ):** ପବିତ୍ର ହୋଲି ଅବସରରେ ଧରାକୋଟ ବ୍ଲକ ଜାହାଡ଼ା ଗ୍ରାମରେ ସାମାଜକୁ ନୂତନ ଦିଗଦର୍ଶନ ଦେଲା ଭଳି ନାଟକ ମିଛ ସପନକୁ କରିଛି ସାଥୀ ମନସ୍ଥ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ୨୯ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ବକ୍ତା ରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ସାବତ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପାଣ୍ଡବ ସ୍ୱାଇଁ, ଶିକ୍ଷକ ଗଣେଶ ସ୍ୱାଇଁ, ଧରାକୋଟ ତାଲୁକା ବାଣୀୟତ ଓଡ଼ିଆ ସମାଜ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ, ଜାହାଡ଼ା ସେବା ସମବାୟ ସମିତି ସଭାପତି କୈଳାସ ଚନ୍ଦ୍ର ପ୍ରଧାନ, ଗଞ୍ଜାମ ଜିଲ୍ଲା ଦଣ୍ଡଯାତ୍ରା ମହାସଂଘ ସଭାପତି ଶିବ ରାମ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ଦଣ୍ଡଯାତ୍ରା ଯାତ୍ରା କମିଟି ସଭାପତି ଭଗବାନ ପରିଡ଼ା ସଭାପତିତ୍ୱ କରିଥିଲେ। ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣାବଳୀକୁ ନେଇ ଏହି ସଚେତନ ଭିତ୍ତିକ ନାଟକ ଟିକୁ ହାତୀଓଟ ଗ୍ରାମର ପଦ୍ମଲୋଚନ ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ବିଭିନ୍ନ ଭୂମିକାରେ ଶିବରାମ, ସୁଜିତ, ଜେକେ ପଟ୍ଟନାୟକ, ବାଳକୃଷ୍ଣ, ଚିତ୍ରସେନ, ଉମା, ମନୋଜ, ଲକି, ଉତ୍ତମ, ଭଗବାନ, ଅନୁ, କୁନ୍ତୀ, ଶୁଭ, ରୂପାଲି ଏବଂ ଶିଶୁ କଳାକାରମାନେ ଅଭିନୟ କରିଛନ୍ତି। ନୃତ୍ୟ ରେମୋ ଡ୍ୟାନ୍ସ ଗ୍ରୁପ, ସଙ୍ଗୀତରେ ବାବୁଲି, ବାପି ଓ ଅନ୍ୟମାନେ ରହିଛନ୍ତି। ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ବହୁ ଦର୍ଶକ ନାଟକଟିକୁ ଉପଭୋଗ କରିଥିଲେ।

# ପୁଲିସ ନିକଟରେ ଆତ୍ମସମର୍ପଣ କଲା ମାଓବାଦୀ

**ମାଲକାନଗିରି,୨୮।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଜିଲ୍ଲା ପୁଲିସ ନିକଟରେ ଜଣେ ମାଓବାଦୀ ଆତ୍ମସମର୍ପଣ କରିଛି। ସୂଚନାଅନୁଯାୟୀ, ଛତିଶଗଡ଼ର କଟେକଲ୍ୟାଣ ଅଞ୍ଚଳ କମିଟି ସହ ଜଡ଼ିତ ମାଓ ସଂଗଠନ ତେଲମ ପଞ୍ଚାୟତ ଡିଏକେଏମ୍‌ଏସ୍ ଉପାଧ୍ୟକ୍ଷ ତୁଲା ଓରଫ ସୁଲେ ମାଣ୍ଡବି ଗୁରୁବାର ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ବର୍ତ୍ତମାନ ଛତିଶଗଡ଼ ପୁଲିସ ଦ୍ୱାରା ମାଓବାଦୀଙ୍କ ଆତ୍ମସମର୍ପଣ ଅଭିଯାନ, ମାଓ ମୁକ୍ତ ଅଞ୍ଚଳ ଓ ଥଇଥାନ ନୀତି ଚାଲିଥିବାବେଳେ ସେଠାକାର ସରକାରଙ୍କ ଦ୍ୱାରା ବହୁ ଉନ୍ନୟନମୂଳକ କାର୍ଯ୍ୟ ହେଉଛି ବୋଲି ଆତ୍ମସମର୍ପଣ ପରେ ସେ ପ୍ରକାଶ କରିଛି। ଏଥିରେ ପ୍ରଭାବିତ ହୋଇ ସେ ଆତ୍ମସମର୍ପଣ କରିଥିବାବେଳେ ମାଓ ସଂଗଠନରେ ବର୍ତ୍ତମାନ ଆଉ ପୂର୍ବ ଆଦର୍ଶ ନାହିଁ। ଉଚ୍ଚ ପଦସ୍ଥ ମାଓବାଦୀମାନେ ଅନ୍ୟ ମାଓବାଦୀଙ୍କୁ ସମ୍ମାନ ଦେଉ ନଥିବା ସହ ପୁଲିସ ଖବରଦାତା ସନ୍ଦେହରେ ନିରୀହ ଆଦିବାସୀଙ୍କୁ ହତ୍ୟା କରୁଛନ୍ତି। ସେମାନଙ୍କ ଦ୍ୱାରା ଆଜି ପର୍ଯ୍ୟନ୍ତ କୌଣସି ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ହୋଇପାରିଲା ନାହିଁ। ତେଣୁ ସେ ନିଜକୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନଯାପନ କରିବାକୁ ମନସ୍ଥ କରିଥିବା ପ୍ରକାଶ କରିଛନ୍ତି। ତାଙ୍କ ଆତ୍ମସମର୍ପଣ ସମୟରେ ସିଆରପିଏଫ କମାଣ୍ଡାଣ୍ଟ ନିରଜ ଯାଦବ, ଅତିରିକ୍ତ ପୁଲିସ ଅଧିକ୍ଷକ ରାମକୁମାର ବର୍ମନ, ଦ୍ୱିତୀୟ କମାଣ୍ଡ ଅଧିକାରୀ ବିବେକ କୁମାର ସିଂ ଉପସ୍ଥିତ ଥିଲେ।

**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party: BIJU JANATA DAL**

**Name of the Election: GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024**

**Name of the State: ODISHA**

(1) Name of the Constituency - **134 - DIGAPAHANDI AC**

Name of the Candidate – **SHRI BIPLAB PATRO**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Bailable |
| | b. | Case No. | i. UC 63/2009 |
| | c. | Name of the Court | i. JMFC (Transport), Berhampur |
| | d. | Whether charges have been framed or not (Yes/No) | i. Yes |
| | e. | Date of Conviction, if any | i. N.A. (Under trial) |
| | f. | Details of punishment undergone, if any | N.A. |
| | g. | Any other information required to be given | Nil |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a young and well educated social worker and has always worked for the welfare of the locality. He is having good support and repute in the locality. He is a very popular and very dynamic leader among the people of the State. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the Odisha State Assembly is more justified than other individuals without criminal antecedents. |

(2) Name of the Constituency - **134 - DIGAPAHANDI AC**

Name of the Candidate – **SHRI BIPLAB PATRO**

.......................................................................................... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

**SD/-**
**DR. SASMIT PATRA**
**GENERAL SECRETARY.**

**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party: BIJU JANATA DAL**

**Name of the Election: GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024**

**Name of the State: ODISHA**

(1) Name of the Constituency - **124 - POLASARA AC**

Name of the Candidate – **SHRI SRIKANTA SAHU**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Bailable<br>ii. Bailable |
| | b. | Case No. | i. GR -332/2010<br>ii. CT - 1144/2023 |
| | c. | Name of the Court | i. JMFC, Kabisuryanagar<br>ii. SDJM, Bubaneswar |
| | d. | Whether charges have been framed or not (Yes/No) | i. Yes<br>ii. No |
| | e. | Date of Conviction, if any | i. 01/08/2011 |
| | f. | Details of punishment undergone, if any | N.A. |
| | g. | Any other information required to be given | i. Case is now pending for trial<br>ii. Case is now under investigation |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a social worker of Repute and has always worked for the welfare of the general public. Earlier elected as Member of Legislative Assembly to the State of Odisha. He is very popular and very dynamic leader among the people of the State. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the Odisha State Assembly is more justified than other individuals without criminal antecedents. |

(2) Name of the Constituency - **124-POLASARA AC**

Name of the Candidate – **SHRI SRIKANTA SAHU**

.......................................................................................... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

**SD/-**
**DR. SASMIT PATRA**
**GENERAL SECRETARY.**

# ବିକୃତ ଓଡ଼ିଆ ଲେଖାକୁ ନେଇ ଅସନ୍ତୋଷ; ଲିଭାଇଲା ରେଳ ବିଭାଗ





**ପାରଳାଖେମୁଣ୍ଡି, ୨୮ ।୩(ସମିସ)**

ପାରଳାଖେମୁଣ୍ଡି ରେଳଷ୍ଟେସନର ଉନ୍ନତିକରଣ କାମ ଆଗେଇ ଚାଲିଛି । ପ୍ଲାଟଫର୍ମ ନିର୍ମାଣଠାରୁ ଆରମ୍ଭ କରି ଯାତ୍ରୀ ପ୍ରତୀକ୍ଷାଳୟ ଆଦି ସହ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଲାଗି ବ୍ୟାପକ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହି ପ୍ରକ୍ରିୟାନୁଯାୟୀ ଷ୍ଟେସନର ନାମ ଫଳକ ଲେଖାଯାଇଛି । ହେଲେ ଏହି ଫଳକରେ ଓଡ଼ିଆ ଭାଷାକୁ ବିକୃତ କରି ଲେଖାଯିବାକୁ ନେଇ ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ରେଳ ଷ୍ଟେସନ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିକୃତ ଓଡ଼ିଆରେ ନାମ ଲେଖାଯିବାକୁ ନେଇ ନାନାଦି ଆଲୋଚନା ମଧ୍ୟ ହେଉଥିଲା । ଶେଷରେ ରେଳ ବିଭାଗ ଲେଖା ଉପରେ ରଙ୍ଗ ବୋଳି ଦେଇଥିବା ଦେଖିବାକୁ ମିଳିଛି । ଭୁଲ ସ୍ୱୀକାର କରି ରଙ୍ଗ ବୋଳି ବିକୃତ ଲେଖାକୁ ଲିଭାଇ ଦେଇଛି ରେଳ ବିଭାଗ । ବର୍ତ୍ତମାନ ସଠିକ ଉଚ୍ଚାରଣ ସହ ସଠିକ୍ ଭାବେ ଲେଖାଯିବ ବୋଲି ରେଳ ବିଭାଗ ସୂତ୍ରରୁ ପ୍ରକାଶ ।

ପ୍ରକାଶ ଯେ, ଏହି ରେଳ ଷ୍ଟେସନ ସର୍ବପୁରାତନ ତଥା ଐତିହାସିକ ଷ୍ଟେସନ । ନୈପଡ଼ାରେ ଥିବା ବ୍ରଡଗେଜ୍ ଲାଇନକୁ ସଂଯୋଗୀକରଣ କରିବା ଲାଗି ୧୮ଶହ ମସିହା ଶେଷ ପର୍ଯ୍ୟାୟରେ ତତ୍କାଳୀନ ପାରଳା ମହାରାଜା ନିଜସ୍ୱ ପାଣ୍ଠି ବରାଦ କରି ନିର୍ମାଣ କରିଥିଲେ । ଉପାନ୍ତ ଅଞ୍ଚଳର ଲୋକେ କିପରି ଦେଶର ବିଭିନ୍ନ ପ୍ରାନ୍ତକୁ ଗମନାଗମନ କରିପାରିବେ ତାହା ଉଦ୍ଦେଶ୍ୟ ରଖି ଏହି ରେଳଲାଇନ ଓ ଷ୍ଟେସନ ନିର୍ମାଣ କରାଯାଇଥିଲା ।

# ବାଇକ୍ ପୋଡ଼ିଲେ ଦୁର୍ବୃତ୍ତ; ପାଟ୍ରୋଲିଂ କଡ଼ାକଡ଼ି ଦାବି

**ପାରଳାଖେମୁଣ୍ଡି, ୨୮ ।୩(ସମିସ):** ପାରଳାଖେମୁଣ୍ଡି ନଡ଼ିଆତୋଟା ସାହିର ରାଜେନ୍ଦ୍ର କୁମାର ପଡ଼ିହାରୀଙ୍କ ବାଇକ୍‌କୁ କେହିଅଜଣା ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି । ରାଜେନ୍ଦ୍ର ନିଜ ଘର ସାମନାରେ ରଖିଥିବା ବାଇକ୍‌କୁ ବୁଧବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛି । ଏନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ନଡିଆତୋଟା ସାହି ଅଞ୍ଚଳରେ କିଛି ମାସ ହେଲା ଦୁର୍ବୃତ୍ତ ଘରେ ପଶି ଚୋରି, ବାଇକ୍ ଚୋରି, ଘର ଉପରୁ ଗାଈ ଗୋବର ପକାଇବା ଭଳି ଘଟଣା ହୋଇଥିବା ଅଞ୍ଚଳବାସୀ କହିଛନ୍ତି । ଏପରି ଘଟଣା ଘଟୁଥିବାରୁ ଲୋକେ ଭୟଭୀତ ହୋଇ ରହିଛନ୍ତି । ଏନେଇ ପୁଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରାଯାଉଛି । ବିଶେଷ କରି ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଆଇନଜୀବୀ ପ୍ରଶାନ୍ତ ପ୍ରଧାନ ଓ ରାଜନେତା ଅଭିମନ୍ୟୁ ପଣ୍ଡା ପ୍ରମୁଖ କହିଛନ୍ତି ଯେ, ଏହି ଅଞ୍ଚଳ ରେଳଷ୍ଟେସନର ଅତି ନିକଟରେ ରହିଥିବା କାରଣରୁ ବାହାର ଦୁର୍ବୃତ୍ତ ଅପରାଧ କରି ସହଜରେ ପଳାୟନ କରୁଛନ୍ତି । ପୁଲିସ ପକ୍ଷରୁ ରେଳଷ୍ଟେସନ ସମେତ ହାଟପଦା, ନଡିଆତୋଟା ସାହି ଆଦି ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଦାବି କରିଛନ୍ତି । ଏହି ଅଞ୍ଚଳରେ ପୁଲିସ ଫାଣ୍ଡି ରହିଥିଲେ ମଧ୍ୟ ଏହା କାର୍ଯ୍ୟ କରୁଛି କି ନାହିଁ ତାହା ସନ୍ଦେହ ଘେରରେ । ଫାଣ୍ଡି ବିଶେଷ କରି ରେଳଷ୍ଟେସନ ଅଞ୍ଚଳ ପାଇଁ ସ୍ଥାପନ ହୋଇଥିଲା । ତେବେ ଏହା କାର୍ଯ୍ୟକ୍ଷମ କି ନାହିଁ ଜଣାପଡୁ ନ ଥିବାର କହିଛନ୍ତି ସ୍ଥାନୀୟ ବାସିନ୍ଦା । ବାଇକ୍ ପୋଡ଼ି ମାମଲାକୁ ନେଇ ବାଇକ୍ ମାଲିକ ରାଜେନ୍ଦ୍ର ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି । ସେ ଜଣେ ଶିକ୍ଷକ ଏବଂ ତାଙ୍କର କାହା ସହିତ ଶତ୍ରୁତା ନ ଥିବା କହିଛନ୍ତି ।



# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିଗୁଡା, ୨୮ ।୩(ସମିସ):** ହୋଲି ଖେଳି ସାରି ସାଙ୍ଗ ମାନଙ୍କ ସହ ବାଲିଗୁଡା ପେନାକେତା ଘାଇରେ ଗାଧୋଇବା ବେଳେ ଯୁବକ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ଦୁଇ ଦିନ ପରେ ନିଖୋଜ ଯୁବକଙ୍କ ମୃତଦେହ ପେନାକେତା ଘାଇରୁ ଉଦ୍ଧାର ହୋଇଛି । ମୃତ ଯୁବକ ହେଲେ ବାଲିଗୁଡା ନୁଆସାହିର ମଧୁସୂଦନ ବିଶୋଇ । ଗତ ମଙ୍ଗଳବାର ହୋଲି ଖେଳି ସାରି ପେନାକେତା ଘାଇରେ ଗାଧୋଇବା ବେଳେ ଏପରି ଅଘଟଣ ଘଟିଥିଲା । ଯୁବକ ଘାଇରେ ନିଖୋଜ ହେବା ପରେ ବାଲିଗୁଡା ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ସୁଦ୍ଧା କୌଣସି ସନ୍ଧାନ ମିଳି ପାରିନଥିଲା । ପରେ ଓଡ୍ରାଫର ୧୦ ଜଣିଆ ଟିମ୍ ଓ ବାଲିଗୁଡା ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ନିଖୋଜର ଦୁଇ ଦିନ ପରେ ମୃତଦେହ ଉଦ୍ଧାର କରାଯାଇଛି । ବାଲିଗୁଡା ପୁଲିସ ଘଟଣାର ତଦନ୍ତ କରୁଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଡାକ୍ତରଖାନାକୁ ପଠାଯାଇଥିବା ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଇଁ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି, ୨୮ ।୩(ସମିସ):** ଗଜପତି ଜିଲ୍ଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା ପ୍ରସ୍ତୁତି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ, ଉପଜିଲ୍ଲାପାଳ ଅନୂପ ପଣ୍ଡାଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନିର୍ବାଚନ ଆଦର୍ଶ ଆଚରଣବିଧି ଅନୁପାଳନ କରି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି । ଅତି ଆଡମ୍ବର ସହ କାର୍ଯ୍ୟକ୍ରମ ନ କରି କେବଳ ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ସମାରୋହ ଆୟୋଜନ ହେବ । ପ୍ରତ୍ୟେକ ବର୍ଷ ପରି ପ୍ରାତଃ ୪.୩୦ ସମୟରେ ରାମଧୂନ, ବନ୍ଦେ ଉତ୍କଳ ଜନନୀ ଆଦି ସଙ୍ଗୀତ ଡାକବାଜି ଯନ୍ତ୍ର ଯୋଗେ ବାଦନ କରାଯିବ । ଏହାପରେ ସକାଳ ୭ ଟା ବେଳେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟାର୍ପଣ, ୭.୩୦ରେ ବଜାର ଛକ ନିକଟସ୍ଥ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପାରଳା ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବା ନେଇ ନିଷ୍ପତ୍ତି ହୋଇଛି । ଏହା ସହ ସହରର ବିଭିନ୍ନ ସ୍ଥାନରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପରିଷ୍କାର ରଖାଯିବାପାଇଁ ନିଷ୍ପତ୍ତି ମଧ୍ୟ ହୋଇଛି । ସେହିପରି ଜିଲ୍ଲାସ୍ତରୀୟ ସମସ୍ତ ସରକାରୀ ଅନୁଷ୍ଠାନ, ସମସ୍ତ ବ୍ୟାଙ୍କ, ବୀମା କମ୍ପାନି, ଶିକ୍ଷାନୁଷ୍ଠାନ ଗୁଡିକରେ ଏପ୍ରିଲ୍ ପହିଲା ଦିନ ରଙ୍ଗବେରଙ୍ଗର ଲିଟୁ ଆଲୋକ ସାଜସଜ୍ଜା କରିବା ପାଇଁ କୁହାଯାଇଛି । ପ୍ରସ୍ତୁତି ବୈଠକକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାୟୀ ପରିଚାଳନା କରିଥିଲେ ।

# ସାଲୁଗା ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା

**ଦାରିଙ୍ଗବାଡ଼ି, ୨୮ ।୩ (ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ କନ୍ଧମାଳ ଲୋକସଭା ଓ ଜି.ଉଦୟଗିରି ବିଧାନସଭା ଆସନ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରାର୍ଥୀ ତାଲିକା ଘୋଷଣ କରିଛନ୍ତି । ଘୁ. ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ସାଲୁଗା ପ୍ରଧାନଙ୍କୁ ପୁଣି ଥରେ ପ୍ରାର୍ଥୀ କରାଯାଇଥିବାରୁ କର୍ମୀ ମହଲରେ ଉତ୍ସାହ ପ୍ରକାଶ ପାଇଛି । ଶ୍ରୀ ପ୍ରଧାନଙ୍କୁ ଦାରିଙ୍ଗବାଡ଼ି ବ୍ଲକ ବିଜେଡି ପକ୍ଷରୁ ଆନନ୍ଦ ଉଲ୍ଲାସରେ ବାଣ ଫୁଟାଇ ବଜାରରେ ସ୍ୱାଗତ କରାଯାଇଥିଲା ।



# ବିଦ୍ୟାଳୟ ବାହାରେ ଅନ୍ତେବାସୀଙ୍କ ସଫେଇ; ଚିନ୍ତାରେ ଅଭିଭାବକ

**ଗୁମ୍ମା, ୨୮ ।୩(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ସରକାରୀ ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀ ଅନ୍ତେବାସୀ ଛାତ୍ରୀ ବିଦ୍ୟାଳୟ ପରିସର ବାହାରେ ବିପଦପୂର୍ଣ୍ଣ ପଥର ଗଦା, ଡ୍ରେନ ଓ ଅଳିଆ ଆବର୍ଜନା ସଫେଇ କରୁଥିବା ନେଇ ବିବାଦ ଉପୁଜିଛି । ସରକାର ଶିକ୍ଷା ବ୍ୟବସ୍ଥାକୁ ସର୍ବ ପ୍ରଥମ ସ୍ଥାନରେ ରଖିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ଅନ୍ତେବାସୀ ଛାତ୍ରୀ ବିଦ୍ୟାଳୟ ବାହାରେ ବିପଦପୂର୍ଣ୍ଣ ସ୍ଥିତିରେ ସଫେଇ କରୁଛନ୍ତି । ଶାରୀରିକ, ମାନସିକ ଓ ଉଚ୍ଚ ଶିକ୍ଷା ମିଳିବ ବୋଲି ଅଭିଭାବକ ପିଲାମାନଙ୍କୁ ଅନ୍ତେବାସୀ ସ୍କୁଲରେ ରଖିଥାନ୍ତି । '୫-ଟି' ଉପକ୍ରମରେ ବିଦ୍ୟାଳୟକୁ ଅନ୍ତର୍ଗତ କରାଯାଇ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉଥିଲେ ମଧ୍ୟ ଛାତ୍ରୀ ବିଦ୍ୟାଳୟ ବାହାରେ ବିପଦପୂର୍ଣ୍ଣ ସ୍ଥିତିରେ ଅଳିଆ ସଫାକୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି । ଅଭିଭାବକ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି । ଏଥିନେଇ ବିଦ୍ୟାଳୟରେ ସଫେଇ କର୍ମଚାରୀ ଅଭାବ ଯୋଗୁଁ ଛାତ୍ରୀ ଶ୍ରମ ଦାନ କରିଥିଲେ ବୋଲି ଅଧକ୍ଷ ଶ୍ରୀଧର ଭୂୟାଁ ଓ ଦାୟିତ୍ୱରେ ଥିବା ୱାର୍ଡେନ କହିଛନ୍ତି ।



# ପଥରକନାଲିରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ଚକାପାଦ, ୨୮ ।୩(ସମିସ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ କେରେଡ଼ି ପଞ୍ଚାୟତ ପଥରକନାଲି ଗ୍ରାମରେ ଓ ଶ୍ରୀ ଶ୍ରୀ କୃଷ୍ଣ ଚୈତନ୍ୟ ଭକ୍ତ ସତସଙ୍ଗ ଯଜ୍ଞ କମିଟି ତରଫରୁ ଏକ ଅଷ୍ଟମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମ ଦିନରେ ପୁରୋହିତ ଜଗଦିଶ ନନ୍ଦ ଓ ଯଜମାନ ଚିତ୍ରସେନ କହଁର ଉପସ୍ଥିତ ରହି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ମହିଳାଙ୍କ ଦ୍ୱାରା କଳସରେ ପାଣି ଆଣି କୁଞ୍ଜ ଚାରିପାଖରେ ରଖାଯାଇଥିଲା । ଦ୍ୱିତୀୟ ଦିନରେ ନାମ ଆରମ୍ଭ ହୋଇ ତୃତୀୟ ଦିନରେ ଶେଷ ହୋଇଥିଲା । ଏହି ଯଜ୍ଞରେ କୀର୍ତ୍ତନ ଶିକ୍ଷା ଗୁରୁ ପଞ୍ଚୁଦେବ କଟା ଓ ଦୀକ୍ଷା ଗୁରୁ ରାଜପତି କହଁର ସହଯୋଗ କରିଥିଲେ । ଯଜ୍ଞକୁ ସତ୍‌ସଙ୍ଗ ଯଜ୍ଞ କମିଟି ସଭାପତି ପ୍ରମୋଦ କୁମାର ମଲ୍ଲିକ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସମ୍ପାଦକ ବିଜୟଚନ୍ଦ୍ର କହଁର, ସହ ସମ୍ପାଦକ ଗୁରୁବନ କହଁର, କୋଷାଧକ୍ଷ ତ୍ରିଲୋଚନ କହଁର, ପରିଚାଳକ ସୁବାସଚନ୍ଦ୍ର କହଁର, ସହ ପରିଚାଳକ ବିକ୍ରମ କହଁର ଏବଂ ଗ୍ରାମ୍ୟ କମିଟି ସଭାପତି ଗୁରୁବନ କହଁର, ଉପସଭାପତି ବିବସ୍ଥ କହଁର, ସମ୍ପାଦକ ମୃତ୍ୟୁଞ୍ଜୟ କହଁର, ସହସମ୍ପାଦକ ଦୁଃଶାସନ କହଁର, କୋଷାଧକ୍ଷ ଦଶରଥ କହଁର, ଅଧିକାରୀ ସୁରବନ କହଁର, ତହଲ୍ୟା ସାଇବାନ କହଁର, ପରିଚାଳକ ସୁରେଶନ କହଁର ଯଜ୍ଞକୁ ସଠିକ ଭାବେ ତୁଲାଇ ଥିଲେ । ଏଥିରେ ୨୭ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ଏହି ଅବସରରେ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ହୋଇଥିଲା ।

# 'ମୋର ପ୍ରଥମ ଭୋଟ ଦେଶ ପାଇଁ' କାର୍ଯ୍ୟକ୍ରମ

**ଜି.ଉଦୟଗିରି, ୨୮ ।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ଏନଏସଏସ ତରଫରୁ ଗୁରୁବାର ଛାତ୍ରଛାତ୍ରୀଙ୍କୁ ନେଇ 'ମୋର ପ୍ରଥମ ଭୋଟ ଦେଶ ପାଇଁ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଅଧକ୍ଷ ତଥା ଇଂରାଜୀ ଅଧ୍ୟାପକ ତପନଚନ୍ଦ୍ର ନାୟକ ଏବଂ ମୁଖ୍ୟବକ୍ତା ଭାବରେ ଅର୍ଥନୀତି ଅଧ୍ୟାପକ ବିନାୟକ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବରେ ଗଣିତ ଅଧ୍ୟାପିକା ଅନିତା ପଟ୍ଟନାୟକ ମଞ୍ଚାସୀନ ଥିଲେ । ଏଥିରେ ସମସ୍ତ ଅତିଥି ବୃନ୍ଦ ଅଭିଭାଷଣରେ ଭୋଟ ଦାନର ଗୁରତ୍ୱ ଏବଂ ସଫଳ ଗଣତନ୍ତ୍ରର ରୂପାୟନରେ ଭୋଟର ମୂଲ୍ୟ ବିଷୟରେ ଆଲୋକପାତ କରିଥିଲେ । ଏନଏସଏସ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ବକ୍ତବ୍ୟ ରଖି ନିଶ୍ଚିତ ଭୋଟଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଅନ୍ୟାନ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଏନଏସଏସ ୟୁନିଟ ୨ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପିକା ସରିତା ମିଶ୍ର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଫୁଲବାଣୀ, ୨୮ ।୩(ସମିସ):** ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରସ୍ତୁତିରେ ଲାଗିପଡ଼ିଛି କଂଗ୍ରେସ । ଏହି ପରିପ୍ରେକ୍ଷୀରେ ବୁଧବାର ଫୁଲବାଣୀରେ ଜିଲ୍ଲା କଂଗ୍ରେସର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ କାର୍ଯ୍ୟାଳୟକୁ ଭର୍ଚ୍ଚୁଆଲ ମୋଡରେ ଉଦ୍‌ଘାଟନ କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଜାକବ ପ୍ରଧାନ, ଅଜୟନ୍ତୀ ପ୍ରଧାନ, ପୂର୍ବତନ ଜିଲ୍ଲା ଅନାମ ନାୟକ, ଯୁବ କଂଗ୍ରେସ ସଭାପତି ଚନ୍ଦନ ପଣ୍ଡା, ନଗର କଂଗ୍ରେସ ସଭାପତି ଶିବ ଶଙ୍କର ବେହେରା, ବ୍ଲକ ସଭାପତି ପ୍ରତିଭା କହଁର, ଶ୍ରମିକ ନେତା ଘନକୁମାର ଶବର, ବସନ୍ତ ପାତ୍ରୀ, ନନ୍ଦ କିଶୋର ଦାଶ, ବିଜୟ ମହାନ୍ତି ଓ ରଜତ ମହାନ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

# ଦୋଳଉତ୍ସବରେ ମହାପ୍ରଭୁଙ୍କ ଭ୍ରମଣ ଶୋଭାଯାତ୍ରା

**ଟିକାବାଲି, ୨୮ ।୩ (ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଟିକାବାଲି ପଞ୍ଚାୟତର ଛତିଝାର ଗ୍ରାମରେ ଦୋଳ ଗୋବିନ୍ଦ ମହାପ୍ରଭୁଙ୍କ ଭ୍ରମଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛତିଝାର ଦୋଳଗୋବିନ୍ଦ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ପଧାନପଡ଼ାର ଜୟ ଶ୍ରୀରାମ ସଂକୀର୍ତ୍ତନ ଦଳ ଓ ରୁଦାବିଦୀଙ୍ଗିଆ ସଂକୀର୍ତ୍ତନ ଦଳର କଳାକାର ବୃନ୍ଦଙ୍କ ମୃଦଙ୍ଗ ଓ ତାଳର ତାଳେ ତାଳେ ଏକ ସୁନ୍ଦର ନୃତ୍ୟ ପରିବେଷଣ କରି ଛାତିଝର ଗ୍ରାମଠାରୁ ଟିକାବାଲି ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଭ୍ରମଣ ଶୋଭାଯାତ୍ରା ହୋଇଥିଲା । ଶୁଭ ମୁହୂର୍ତ୍ତରେ ଏକ ସୁନ୍ଦର କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ଲୁକ୍କାୟିତା ପ୍ରତିଭାକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପନା କରିବାରେ ସକ୍ଷମ ହୋଇଥିବାରୁ ଦଳ ଗୋବିନ୍ଦ ସଂକୀର୍ତ୍ତନ ମଣ୍ଡଳୀର ଦଳ ମୁଖ୍ୟ ସ୍ୱପ୍ନା ନାୟକ, ସଭାନେତ୍ରୀ ଗାନ୍ଧାରୀ ନାୟକ, ସମ୍ପାଦିକା ରୁକ୍ମଣି ନାୟକ, ସନ୍ତୋଷୀ ନାୟକ, ନରେଶ ନାୟକ, ମାନସ ବେହେରା, ବୁନା ନାୟକ, ବିଜୟ ଦେହୁରୀ, ରତିକାନ୍ତ ବେହେରା, ନମିତା ନାୟକ, ତପସ୍ୱିନୀ ଦିଗାଲ, ଆଶା ନାୟକ, ବସନ୍ତ ନାୟକ, ସିଦ୍ଧାନ୍ତ ନାୟକ ଏହି ପରି ଦଳ ଗଠନ ନେତୃତ୍ୱ କଳାକାର ବୃନ୍ଦ ପାରମ୍ପରିକ ଲୋକ କଳାକାର ମହାସଂଘର ସଭାପତି ତଥା ନୃତ୍ୟଗୁରୁ ଯୁକ୍ତ ବୁଲୁ ଦିଗାଲଙ୍କୁ ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ପରେ ଛାତିଝର ଗାଁ ମୁଣ୍ଡରୁ ବଡ଼ ପଟୁଆରରେ ଶୋଭାଯାତ୍ରା ବାହାରିଥିଲା ।

● ମା' ବରାଳ ଦେବୀ ଚ୍ୟାଲେଞ୍ଜ କ୍ରିକେଟ୍

# ଡିମ୍ବିରିଗୁଡ଼ା ଚାମ୍ପିଅନ



**ଫିରିଙ୍ଗିଆ, ୨୮ ।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ମଣିପଦରରେ ମା' ବରାଳ ଦେବୀ ଚ୍ୟାଲେଞ୍ଜ କ୍ରିକେଟ କପ୍ ଉଦ୍‌ଯାପିତ ହୋଇଛି । ବରାଳ ଦେବୀ କ୍ରିକେଟ କ୍ଲବ ବନ୍ଧଗଡ଼ ଆନୁକୂଲ୍ୟରେ କ୍ଲବର ସଭାପତି ସରୋଜ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଆଇନଜୀବୀ ସତ୍ୟ ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ଲାଲନନ୍ଦା ପ୍ରଧାନ, ବିଜେଡି ବ୍ଲକ ସଭାପତି ରଜନୀ କାନ୍ତ ମଲ୍ଲିକ, ଜଳନ୍ଧର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର ଯୋଗ ଦେଇଥିଲେ । ବାଲିଗୁଡ଼ା ବ୍ଲକର ବାରଖମା ଟିମ୍ ଓ ଫିରିଙ୍ଗିଆ ବ୍ଲକର ଡିମ୍ବିରିଗୁଡା କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବାରଖମା ଟିମ୍‌କୁ ପରାସ୍ତ କରି ଡିମ୍ବିରିଗୁଡା ଚାମ୍ପିଅନ ହୋଇଥିଲା । ବିଜେତା ଓ ଉପବିଜେତା ଦଳକୁ ଅତିଥି ଟ୍ରଫି ପ୍ରଦାନ କରିଥିଲେ । ଦୀପକ ବେହେରା ଓ ରଜନୀ ଦିଗାଲ ଓମ୍ପାୟର ଦାୟିତ୍ୱ ପରିଚାଳନା କରିଥିବା ବଳେ କ୍ଲବର ସମ୍ପାଦକ ବଜେନ୍ଦ୍ର କହଁରଙ୍କ ସହ ଦୀକ୍ଷିତ ବିଷୋୟୀ, ପ୍ରିୟଦର୍ଶନ ମୁଖି, ବିଶ୍ୱରଂଜନ କହଁର, ଅନନ୍ତ କହଁର, ମାନସ ବିଶୋଇ, ଅଜୟ କହଁର, ପ୍ରମୋଦ ଦିଗାଲ ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଶିକ୍ଷୟିତ୍ରୀଙ୍କ କାର୍ଯ୍ୟରେ ଅବହେଳା ଓ ଦୁର୍ବ୍ୟବହାର

# ସରକାରୀ ଆଶ୍ରମ ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଫିରିଙ୍ଗିଆ, ୨୮ ।୩(ସମିସ)**



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କଡ଼ିପାରି ସରକାରୀ ଆଶ୍ରମ ସ୍କୁଲରେ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଛାତ୍ରଛାତ୍ରୀଙ୍କ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ସ୍କୁଲ୍‌ରେ ତାଲା ପକାଇ ଦେଇଛନ୍ତି । ଗତ ବାଇଶି ତାରିଖରୁ ପାଞ୍ଚଦିନ ଧରି ଆଶ୍ରମ ସ୍କୁଲରେ ତାଲା ପଡ଼ିଛି । ସୂଚନା ମୁତାବକ, କଡ଼ିପାରି ସରକାରୀ ଆଶ୍ରମ ସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ କିଛିଦିନ ହେଲା ପିଲାଙ୍କୁ ଠିକ୍ ଭାବରେ ପାଠ ନ ପଢ଼ାଇ ଗାଳିଗୁଲଜ କରିବା ସହ ଖରାପ ବ୍ୟବହାର କରୁଥିବା ଅଭିଭାବକ ଅଭଯୋଗ କରିଛନ୍ତି । ଏ ସମ୍ପର୍କରେ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ କୌଣସି କଥାକୁ ଖାତିର୍ ନ କରି ଅଭିଭାବକଙ୍କୁ ଖରାପ ବ୍ୟବହାର କରୁଛନ୍ତି । ଏହି ସମ୍ପର୍କରେ ଫିରିଙ୍ଗିଆ ବିଇଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ଫଳ ନ ମିଳିଥିବାରୁ ଗ୍ରାମବାସୀ ଓ ଛାତ୍ରଛାତୀଙ୍କ ଅଭିଭାବକ ସ୍କୁଲରେ ତାଲା ପକାଇଛନ୍ତି । ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଶିକ୍ଷୟିତ୍ରୀ ଖଣ୍ଡନ କରିଛନ୍ତି । ଘଟଣାର ତଦନ୍ତ କରାଯିବ ବୋଲି ବିଇଓ ଅଶୋକ ମିଶ୍ର କହିଛନ୍ତି । ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣକ ପୂର୍ବରୁ ଫିରିଙ୍ଗିଆ ବ୍ଲକ ସାଡୀଙ୍ଗିଆ ପଞ୍ଚାୟତ ଅଧୀନରେ ଥିବା ଲେଣ୍ଡ୍ରିଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ ଦାୟିତ୍ୱରେ ଥିଲେ । ସେଠି ମଧ୍ୟ ତାଙ୍କର ଏଭଳି ଆଚରଣକୁ ନେଇ ଗ୍ରାମବାସୀ ଓ ଅଭିଭାବକ ସ୍କୁଲରେ ତାଲା ପକାଇବା ସହ ବଦଳି ଦାବି କରିବାରୁ ତାଙ୍କୁ କଡ଼ିପାରି ବିଦ୍ୟାଳୟକୁ ବଦଳି କରାଯାଇଥିଲା । ପୁଣି ଥରେ ସମ୍ପୃକ୍ତ ଶିକ୍ଷୟିତ୍ରୀୟଙ୍କ ଅବହେଳା ପାଇଁ କଡ଼ିପାରି ବିଦ୍ୟାଳୟରେ ମଧ ସମାନ ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଆସିକା, ୨୮ ।୩(ସମିସ):** ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ମେଡିକାଲରେ ଉତ୍ତେଜନା ସୃଷ୍ଟି ହୋଇଛି । ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ହେଲା ବୋଲି ଅଭିଯୋଗ କରି ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ଅପରପକ୍ଷେ ମହିଳା ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରିବାର ଲୋକଙ୍କୁ ବ୍ରହ୍ମପୁର ନେବାକୁ କହିଥିଲୁ। ହେଲେ ସେମାନେ ଶୁଣିନଥିଲେ। ଫଳରେ ଗର୍ଭବତୀଙ୍କ ମୃତ୍ୟୁ ହେଲା ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ସୂଚନାନୁସାରେ ଆସିକା ବ୍ଲକ ଅନ୍ତର୍ଗତ ପାଣ୍ଡିଆ ପଥର ପଞ୍ଚାୟତର ସୁନାପଲି ଗାଁର ଗର୍ଭବତୀ ସନ୍ଧ୍ୟା ରାଣୀ ବେହେରା(୨୮) ପ୍ରସବ ଲାଗି ବୁଧବାର ରାତିରେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜାଣିପାରି ଦାୟିତ୍ୱରେ ଥିବା ଡାକ୍ତର ପରିବାର ଲୋକଙ୍କୁ ବ୍ରହ୍ମପୁର ନେବା ପାଇଁ ପରାମର୍ଶ ଦେଇଥିଲେ। ତଥାପି ପରିବାର ଲୋକେ ବ୍ରହ୍ମପୁର ନେବାକୁ ଇଚ୍ଛା ପ୍ରକାଶ କରି ନଥିଲେ। ଡାକ୍ତରଙ୍କ କହିବା ଅନୁସାରେ ଗର୍ଭବତୀଙ୍କ ଡାଇବେଟିସ, ହାର୍ଟ ଖରାପ ଥିବା ଯୋଗୁଁ ଭୋର ସମୟରେ ବ୍ରହ୍ମପୁର ନେବା ପାଇଁ କହିଥିଲେ। ହେଲେ ସେମାନେ ଆଦୌ ଶୁଣିନଥିଲେ। ଫଳରେ ଗୁରୁବାର ଭୋରରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ମୃତକଙ୍କ ଡାକ୍ତରଙ୍କ ଅବହେଳାକୁ ଦାୟି କରି ମେଡିକାଲରେ ହୋ ହାଲ୍ଲା କରିଥିଲେ ପରିବାର ଲୋକେ। ଏନେଇ ଡାକ୍ତର ଦୀପକ ସାମନ୍ତରାୟଙ୍କୁ ପଚାରିବାରୁ ପରିବାର ଲୋକଙ୍କ ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟିଲା ବୋଲି କହିଥିଲେ। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ମଦ ଜବତ; ୨ ଗିରଫ



**ଛତ୍ରପୁର, ୨୮ ।୩(ସମିସ):** ଚମାଖଣ୍ଡି ଥାନା ପୁଲିସ ୯୫ ଲିଟର ବିଦେଶୀ ମଦ ଜବତ କରାଯିବା ସହିତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପ୍ରବେଶନାରୀ ଆଇପିଏସ ଅଧିକାରୀ ଏବି ଶିଲ୍ପା, ଚମାଖଣ୍ଡି ଥାନା ଅଧିକାରୀ ଦୀପିକା ଦେବୀ ରାୟ, ଏଏସଆଇ ସୁଧିର ଦୂପଟା ଓ ଏକ ପୁଲିସ ଟିମ୍ ବୁଧବାର ବିଳମ୍ବିତ ରାତ୍ରରେ ନରେନ୍ଦ୍ରପୁର ଗ୍ରାମର ଜୈନକ ଘର ଏବଂ ପୋକିଡିବନ୍ଧ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଢ଼ାବା ଉପରେ ଚଢ଼ଉ କରି ୯୫ ଲିଟର ଚୋରା ବିଦେଶୀ ମଦ ସହିତ ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ନରେନ୍ଦ୍ର ପୁର ଗ୍ରାମର ଅନିଲ କୁମାର ସାହୁ ଓ ଢ଼ାବାର ପାରିତୋଷ ନାୟକ ବୋଲି ସୂଚନା ମିଳିଛି, ଏନେଇ ପୁଲିସ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ମା' ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା



**ବୁଗୁଡ଼ା, ୨୮ ।୩(ସମିସ):** ବୁଗୁଡ଼ା ବ୍ଲକର ତାଳସାକର ଗ୍ରାମରେ ମା'ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଉଦଯାପିତ ହୋଇଯାଇଛି । ଏହି ଉତ୍ସବ ଅବସରରେ ରବିବାର ଦିନ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ ଓ ନାମଯଜ୍ଞର ଅଧିବାସ, ସୋମବାର ଦିନ କର୍ମାରମ୍ଭ, ସୂର୍ଯ୍ୟପୂଜା, ଶାଳାପୂଜା, ଅଗ୍ନି ସ୍ଥାପନ, ବନଯାଗ ଓ ଅନ୍ନଯଜ୍ଞ ସହ ନାମଯଜ୍ଞ ଆରମ୍ଭ ହୋଇଥିଲା । ଏଥିରେ କତକଲା, ଗରେଇଝୁଲି, ମାଳତିବାଡି, ଗୁଡିପଲ୍ଲୀ, ମୋଟାବାଡ଼ି, ବେଠିଆବୋରଦା ଓ ତାଳସାକର ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ପୁରୋହିତ ଭାବେ ପ୍ରମୋଦ ଚନ୍ଦ୍ର ହୋତା, ସଦାଶିବ ଷଡଙ୍ଗୀ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଇଶ୍ୱର ସ୍ୱାଇଁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମା'ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଆୟୋଜିତ ନାମଯଜ୍ଞ ଓ ଅନ୍ନଯଜ୍ଞରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା।

## 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ବୁଗୁଡ଼ା, ୨୮ ।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ପକ୍ଷରୁ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭଞ୍ଜନଗର ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ରଶ୍ମିତା ପଣ୍ଡା ଯୋଗଦେଇ ସମଗ୍ର ଶିକ୍ଷାରେ ପରିବାରର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ମମତା ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭ ଓ ବୋଧ ଶ୍ରେଣୀ ଶିଶୁଙ୍କ ମା'ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁଙ୍କ ସୁଷମ ଖାଦ୍ୟ ଏବଂ ଶୈକ୍ଷିକ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗୁରୁମା ସୁଜାତା ମହାପାତ୍ର, ଅର୍ଚ୍ଚନାମୟୀ ପାତ୍ର, ପ୍ରତିମା ସାହୁ, ପାପା ବିଷୋୟୀ ଓ ଟିକିନା ବେହେରା ପ୍ରମୁଖ ପରିଚାଳନା କରିଥିଲେ।



# ଆସୁଛି ନିର୍ବାଚନ; କମ୍ପିବ ଗାଁ' ଦାଣ୍ଡ

**ବ୍ରହ୍ମପୁର,୨୮ ।୩(ସମିସ):** ୫ ବର୍ଷ ପରେ ଆସିଛି ଗଣତନ୍ତ୍ରର ମହାପର୍ବ। ଏଥିଲାଗି ଚଳଚଞ୍ଚଳ ସହର ସମେତ ପୁରପଲ୍ଲୀ। ନୂଆ ଜନପ୍ରତିନିଧି ବାଛିବା ଲାଗି ସମସ୍ତେ ଆଗଭର। ଏପଟେ ନିର୍ବାଚନ ଯେତିକି ପାଖେଇ ଆସୁଛି, ଜନତା ଓ ନେତାଙ୍କ ଭିତରେ ସେତିକି ଉତ୍ସାହ ବି ବୃଦ୍ଧି ପାଉଛି। ନାମାଙ୍କନ ପର୍ବ ପରେ ପ୍ରଚାର ପ୍ରସାର ଆରମ୍ଭ ହେବ। ଏଥିପୂର୍ବରୁ ନେତାମାନେ ସେମାନଙ୍କ ରଣନୀତି ପ୍ରସ୍ତୁତି କରି ସାରିଛନ୍ତି। ଏପଟେ ବିଭିନ୍ନ ଦଳ ପକ୍ଷରୁ ପୋଷ୍ଟର ବ୍ୟାନର ମଧ୍ୟ ତିଆରି ଆରମ୍ଭ ହୋଇଯାଇଛି। ନିର୍ବାଚନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ନିର୍ବାଚନ ସଙ୍ଗୀତ ଲାଗି ଏବେଠାରୁ ଡିମାଣ୍ଡ ଆରମ୍ଭ ହୋଇଛି। ଚଳିତବର୍ଷ ନିର୍ବାଚନରେ ନିର୍ବାଚନ ଗୀତରେ ଗାଁ ଗଣ୍ଡା କମ୍ପିବ ବୋଲି ଆଶା କରାଯାଇଛି। ଓଡ଼ିଆ, ହିନ୍ଦୀ, ତେଲୁଗୁ ଭଳିକି ଭଳି ଗୀତ ସମ୍ପ୍ରତି ମଇଦାନକୁ ଆସିବ। ଏନେଇ ବ୍ରହ୍ମପୁର ସହରରେ ଥିବା ବିଭିନ୍ନ ରେକର୍ଡିଂ ଷ୍ଟୁଡିଓ ପକ୍ଷରୁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଟ୍ରାକ୍ ବି ପ୍ରସ୍ତୁତ ହେଉଛି। ନେତାଙ୍କ ଇଚ୍ଛା ମୁତାବକ ଗୀତ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଉଛି।

ସାମ୍ପ୍ରତିକ ସ୍ଥିତିରେ ଲୋକଙ୍କ ପସନ୍ଦ ଆସୁଥିବା ଗୀତକୁ ନିର୍ବାଚନ ପ୍ରଚାରରେ ଅଗ୍ରାଧିକାର ଦିଆଯିବ ବୋଲି ଜଣାଯାଇଛି। ଅନ୍ୟପଟେ ସମ୍ପ୍ରତି ଚହଳ ସୃଷ୍ଟି କରିଥିବା କିଛି ଓଡ଼ିଆ ଗୀତ ମାର୍କେଟ ଘାଣ୍ଟିବ ବୋଲି ସଙ୍ଗୀତ ପ୍ରେମୀ କହିଛନ୍ତି। ତେବେ ଗଞ୍ଜାମ ଜିଲ୍ଲାର କିଛି ନିର୍ବାଚନ ମଣ୍ଡଳୀରେ ତେଲଗୁ ଭୋଟର ଥିବା ହେତୁ ସେମାନଙ୍କୁ ଆକୃଷ୍ଟ କରିବା ଲାଗି ତେଲୁଗୁ ନିର୍ବାଚନୀ ଗୀତ ମଧ୍ୟ ପଡ଼ୋଶୀ ଆନ୍ଧ୍ରରେ ପ୍ରସ୍ତୁତି କରାଯାଉଛି। ନିର୍ବାଚନ ଥିବାରୁ ହେତୁ ଗାୟକ, ସଙ୍ଗୀତଜ୍ଞ ଓ ଷ୍ଟୁଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଏଣେ ପୂର୍ବାବର୍ଷ ଅପେକ୍ଷା





ଚଳିତବର୍ଷ ଅଧିକା ବ୍ୟବସାୟ କରିବାକୁ ଏମାନେ ଆଶା ରଖିଥିବା ବେଳେ ସେହି ତୁଳନାରେ ଗୀତ ପ୍ରସ୍ତୁତି ଲାଗି ଟଙ୍କା ବି ଅଧିକ ଖର୍ଚ୍ଚ କରିବାକୁ ନେତାଏଁ ପ୍ରସ୍ତୁତ ହେଉଛନ୍ତି। ସେହିଭଳି ବିଭିନ୍ନ ଦଳ ପକ୍ଷରୁ ବର୍ତ୍ତମାନ

**■ ଷ୍ଟୁଡିଓ ରେଡି; ଶେଷ ପର୍ଯ୍ୟାୟରେ ଟ୍ରାକ୍ ପ୍ରସ୍ତୁତି**
**■ ଏଲ୍ଇଡି ଗାଡ଼ିରେ ହେବ ଜୋରଦାର ପ୍ରଚାର**

ଏଲ୍ଇଡି ଗାଡ଼ି ଆସି ସହରର ଅନ୍ଧପସରା ସମେତ ଅନ୍ୟାନ୍ୟ ଅଞ୍ଚଳରେ ରହିଛି। ଦଳୀୟ ସଂକେତ ମିଳିବା ପରେ ଏହି ଗାଡ଼ି ବିଭିନ୍ନ ସାହି ବୁଲି ଦଳ ସପକ୍ଷରେ ପ୍ରଚାର ପ୍ରସାର କରିବ। ଭୋଟରଙ୍କୁ ଆକୃଷ୍ଟ କଲାଭଳି ବିଭିନ୍ନ ଭିଡିଓ ଓ ଗୀତ ପ୍ରସ୍ତୁତ କରାଯାଇ ନିର୍ବାଚନ ପ୍ରଚାରରେ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ସୋସିଆଲ ମିଡିଆ ପ୍ରସାର ପ୍ରଚାରକୁ ସାମ୍ପ୍ରତିକ ସ୍ଥିତିରେ ଅଗ୍ରାଧିକାର ଦିଆଯାଉଥିବା ବେଳେ ଭଳିକି ଭଳି ଗୀତ ଓ ଭିଡିଓ କରି ନେତାଏଁ ସେମାନଙ୍କର ଆକାଉଣ୍ଟରେ ଅପଲୋଡ୍ କରୁଛନ୍ତି। ନେତାଙ୍କ ସମର୍ଥକ ମାନେ ମଧ୍ୟ ବହୁଳ ପ୍ରଚାରରେ ସାମିଲ ହେଉଛନ୍ତି। ଏ ପରିପ୍ରେକ୍ଷୀରେ ନିର୍ବାଚନ ସଙ୍ଗୀତର ଆବଶ୍ୟକତା ଯଥେଷ୍ଟ ରହିଛି। ଏଣୁ ଭୋଟରଙ୍କୁ ଆକୃଷ୍ଟ କଲାଭଳି ସଙ୍ଗୀତ ତିଆରି କରିବାରେ ସମସ୍ତେ ଲାଗି ପଡ଼ିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ବିଜୁ ଜନତା ଦଳ ଗଞ୍ଜାମ ଜିଲ୍ଲାର କିଛି ବିଧାନ ସଭା ସମେତ ଆସିକା ଲୋକସଭା ଲାଗି ପ୍ରାର୍ଥୀ ଘୋଷଣା କରିଛି। ବିଜେପି ମଧ୍ୟ ଆସିକା ଓ ବ୍ରହ୍ମପୁର ଲୋକସଭା ଲାଗି ପ୍ରାର୍ଥୀ ଘୋଷଣା କରି ସାରିଛି। ସେପଟେ କଂଗ୍ରେସ ଦଳ ମଧ୍ୟ ପ୍ରତିଟି ନିର୍ବାଚନ ମଣ୍ଡଳୀରେ ଉତ୍ତମ ପ୍ରାର୍ଥୀ ଦେବାକୁ ମନସ୍ଥ କରିଥିବା ବେଳେ ବାମପନ୍ଥୀ ଓ ଅନ୍ୟାନ୍ୟ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଛି। ଏହି ସମସ୍ତ ଦଳ ସମ୍ପ୍ରତି ଭୋଟରଙ୍କ ନିକଟତର ହେବାକୁ ପ୍ରଚେଷ୍ଟା କରୁଥିବା ବେଳେ ନିର୍ବାଚନୀ ସଙ୍ଗୀତ ଚଳିତଥର ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ବିଭିନ୍ନ ମହଲରେ କୁହାଯାଇଛି। ପ୍ରକାଶଯୋଗ୍ୟ ଯେ, ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଗୁଆ ଘିଅ ଗୀତରେ ବହୁଳ ମାତ୍ରାରେ ନିର୍ବାଚନୀ ଗୀତ ପ୍ରସ୍ତୁତ ହୋଇଥିଲା। ଏହି ଗୀତରେ ଗାଁ ଗଣ୍ଡା କମ୍ପି ଉଠିଥିଲା। ସେହିଭଳି ଚଳିତବର୍ଷ ମଧ୍ୟ କିଛି ନୂଆ ଗୀତରେ ଭୋଟରଙ୍କ ମନ ଜିଣିବାକୁ ବିଭିନ୍ନ ପ୍ରାର୍ଥୀ ପ୍ରଚେଷ୍ଟା ଆରମ୍ଭ କରି ଦେଇଛନ୍ତି।

## କବିସୂର୍ଯ୍ୟନଗରରୁ ପୁଣି ଲତିକା

**କବିସୂର୍ଯ୍ୟନଗର/କୋଦଳା, ୨୮ ।୩(ସମିସ):** ବୁଧବାର ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀ ସହିତ ଲୋକସଭା କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ମଧ୍ୟରେ କବିସୂର୍ଯ୍ୟନଗର ବିଧାନସଭା ନିମନ୍ତେ ଲଗାତାର ଦ୍ୱିତୀୟ ଥର ପାଇଁ ଲତିକା ପ୍ରଧାନଙ୍କୁ ଟିକେଟ ଦେଇଥିବାବେଳେ ଆସ୍କା ସାଂସଦ ନିମନ୍ତେ ନବାଗତା ରଞ୍ଜିତା ସାହୁଙ୍କୁ ମନୋନୀତ କରିଛନ୍ତି। ଏହି ଖବର ପାଇବା ପରେ ଉଭୟ ମନୋନୀତ ପ୍ରାର୍ଥୀଙ୍କ ସମର୍ଥକ ବାଣ ଫୁଟାଇ ଖୁସି ମନାଇଥିଲେ। ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ନିଜର ସମର୍ଥକଙ୍କ ଗହଣରେ କୋଦଳାର ଆରାଧ୍ୟ ଦେବତା ବାବା ଶ୍ରୀ ଦଣ୍ଡିଶ୍ୱର ମହାଦେବଙ୍କ ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ଉତ୍ସାହୀ ଜନସାଧାରଣଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ବିଧାୟିକା ପ୍ରାର୍ଥିନୀ ଭାବେ ମନୋନୀତ ହୋଇଥିବା ଲତିକା ପ୍ରଧାନ ଜନସାଧାରଣଙ୍କ ଗହଣରେ ବାବା ଶ୍ରୀଦଣ୍ଡିଶ୍ୱର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପୁଣି ଥରେ ବିଧାୟିକା ପ୍ରାର୍ଥୀ ଭାବେ ମନୋନୀତ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ଜିଲ୍ଲା ବିଜେଡି ସଭାପତି ଡଃ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀ ପକ୍ଷରୁ ଭଜନସନ୍ଧ୍ୟା

**କବିସୂର୍ଯ୍ୟନଗର,୨୮ ।୩(ସମିସ):** କବିସୂର୍ଯ୍ୟନଗର ସିନ୍ଦୁରିଆପଡ଼ା ମୁଖ୍ୟ ରାସ୍ତା କଡରେ ଦୋଳ ପୂର୍ଣ୍ଣିମା ଅବସରରେ ଶ୍ରୀଗୁଣ୍ଡିଚା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଇଂ. କୃପାସିନ୍ଧୁ ସ୍ୱାଇଁଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ସଞ୍ଜୟ କୁମାର ମଣ୍ଡଳ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ସାଥିରେ ଥିଲେ ବରିଷ୍ଠ ବ୍ଲକ କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ଜେନା, ବିଶ୍ୱଜିତ ମିଶ୍ର, ବଳରାମ ସୁବୁଦ୍ଧି। କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ମଣ୍ଡଳ ନିଜ ବକ୍ତବ୍ୟରେ ଜୀବନର ଝଡ଼ଝଞ୍ଜା ମଧ୍ୟରେ ମନକୁ ହାଲୁକା କରିବାରେ ଭଜନ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ। କଳାକାର ମଧ୍ୟରେ ଶିବରାମ, ଶଙ୍କର, ସନକୁମାର, କନକ କୁମାର, ଲକ୍ଷ୍ମୀରାଣୀ, ଶ୍ରଦ୍ଧା ସୁମନ, ପ୍ରେମରାଜ, ଲିପି ମହାନ୍ତି ଓ ବବ୍ରୁବାହାନ ଜେନା ଉପସ୍ଥିତ ରହି କଣ୍ଠଦାନ କରିଥିଲେ। ଶ୍ରୀଜଗନ୍ନାଥ ଗବେଷକ ତଥା ଆସିକା ଥାନା ଏଏସଆଇ ପୂର୍ଣ୍ଣଚନ୍ଦ୍ର ବେହେରା ଉପସ୍ଥିତ ହୋଇ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସଫଳ ଉତ୍ତରଦାତାଙ୍କୁ ଉପହାର ପ୍ରଦାନ କରିଥିଲେ ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ।



## ଫଟୋଗ୍ରାଫି ଓ ଭିଡିଓ ତାଲିମ କର୍ମଶାଳା



**ଛତ୍ରପୁର, ୨୮ ।୩(ସମିସ):** ଛତ୍ରପୁର ନିକଟ ତାମ୍ପରା ରିସର୍ଟରେ ବିବାହ କାର୍ଯ୍ୟକ୍ରମ ଫଟୋଗ୍ରାଫି ଜ୍ଞାନ କୌଶଳ ଉପରେ ଏକ ଦିନିକିଆ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଛତ୍ରପୁର, ବ୍ରହ୍ମପୁର ଏବଂ ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋଣଅନୁକୋଣରୁ ବିଭିନ୍ନ ବର୍ଗର ଫଟୋଗ୍ରାଫରମାନେ ଯୋଗଦେଇ କେନନ କମ୍ପାନୀର କେମେରାରୁ କ୍ୱାଲିଟି ଫଟୋ ଉତ୍ତୋଳନ କରିବାର ଜ୍ଞାନ କୌଶଳ ଉପରେ ତାଲିମ ନେଇଥିଲେ। କର୍ମଶାଳାରେ କେନନର ଆସିଷ୍ଟାଣ୍ଟ ମାର୍କେଟିଙ୍ଗ ମ୍ୟାନେଜର ଅଭିଜିତ ରୟ, ମେଣ୍ଟର ଅଭିଷେକ ପଟ୍ଟନାୟକ ଓ ଲଳିତ ରୋହି ଦାସ, ଗାୟତ୍ରୀ ଇଲେକ୍ଟ୍ରୋନିକ୍ସର ଦୁର୍ଗା ପ୍ରସାଦ ଶତପଥୀ ଯୋଗଦେଇ ଫୋଟଗ୍ରାଫି ଓ ଭିଡିଓ ଗ୍ରାଫି ବିଷୟରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ମହାରଣା, ଛତ୍ରପୁର ଫଟୋଗ୍ରାଫି ଆସୋସିଏସନ୍‌ର ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଦିଲ୍ଲୀପ ସାମଲ, ଉପଦେଷ୍ଟା ପ୍ରଶାନ୍ତ କୁମାର ମହାରଣା, ଲୋକନାଥ ମହାରଣା ଓ କାମାକ୍ଷା ପ୍ରସାଦ ପଣ୍ଡାଙ୍କ ସମେତ ଆସୋସିଏସନ ବହୁ ସଦସ୍ୟ ଏବଂ ଛତ୍ରପୁର ଅଞ୍ଚଳର ବହୁ ଫୋଟଗ୍ରାଫର ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗର ପାଠଚକ୍ର

**ବ୍ରହ୍ମପୁର, ୨୮ ।୩(ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ପେଟ୍ରୋଫିଜିସିଷ୍ଟ ଭୂତତ୍ତ୍ୱ ବିଜ୍ଞାନ ଏବଂ ଭୂଯାନ୍ତ୍ରିକ ବିଜ୍ଞାନ ମଧ୍ୟରେ ଯୋଗସୂତ୍ର ଶୀର୍ଷକ ନେଇ ଏହି ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପେଟ୍ରୋଫିଜିସିଷ୍ଟ ଗିରିଜା ଶଙ୍କର ପାଢ଼ୀ ଯୋଗଦେଇ ଭୂବିଜ୍ଞାନ କ୍ଷେତ୍ରରେ ପେଟ୍ରୋଫିଜିସିଷ୍ଟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ପ୍ରାଧ୍ୟାପକ ଡ. ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ମା' ବାଙ୍କେଶ୍ୱରୀଙ୍କ ଯାତ୍ରା ଉଦ୍‌ଯାପିତ**

## ସେବା ଯୋଗାଇଲେ ରୋଭର୍ସ ଓ ରେଞ୍ଜର୍ସ କ୍ଲବ୍



**ଦିଗପହଣ୍ଡି,୨୮ ।୩(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବଡ଼ଡୁମୁଳାସ୍ଥିତ ମା' ସିଦ୍ଧ ବାଙ୍କେଶ୍ୱରୀଙ୍କ ୩ ଦିନ ବ୍ୟାପୀ ଦୋଳଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରାରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ବୁଧବାର ଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହୋଇଛି ।ଏପରିକି ବଡଖେମୁଣ୍ଡି ରାଜ ପରିବାରର ସଦସ୍ୟଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ସମସ୍ତଙ୍କ ମଙ୍ଗଳ କାମନା ମଧ୍ୟ କରାଯାଇଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ଯାତ୍ରା ପରିଚାଳନା କମିଟି ଏବଂ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଶେଷକରି ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ମହାବିଦ୍ୟାଳୟ, ବମକୋଇ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶେରଗଡ଼ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍କାଉଟ୍, ରୋଭର୍ସ ଏବଂ ରେଞ୍ଜର୍ସ କ୍ଲବର ଛାତ୍ରୀଛାତ୍ର ମାନେ ଉଲ୍ଲେଖନୀୟ ସେବା ଯୋଗାଇ ଦେଇଥିଲେ। ସମ୍ପୃକ୍ତ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ଏସ୍. ସୀତାରାମ ମୂର୍ତ୍ତି, ପ୍ରଦୀପ କୁମାର ପ୍ରଧାନ ଏବଂ ସୁଧାଂଶୁ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ମାନେ ଭକ୍ତଙ୍କ ଧାଡି ଦର୍ଶନ, ପାନୀୟ ଜଳଯୋଗାଣ, ମନ୍ଦିର ପରିସର ଓ ବାହାର ପରିବେଶ ପରିଷ୍କାର ରଖିବା ଦିଗରେ ସହଯୋଗ କରିଥିଲେ। ତେବେ ଧାଡି ଦର୍ଶନ ସମୟରେ ଦୁଇ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ଲୁଟର ଶୀକାର ହୋଇଥିବା ଜଣେ ମହିଳା ନୂଆପଡ଼ା ଗ୍ରାମର ଏସ. ଅନିତା ବୋଲି ଜଣା ଯାଇଥିବା ବେଳେ ଅନ୍ୟ ଜଣକ ବ୍ରହ୍ମପୁର ନାରାୟଣ ନଗରର ସୁରଭି ସାହୁ ବୋଲି ଜଣାପଡ଼ିଛି। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ବାବାଶଙ୍କର ସରାଫ କହିଛନ୍ତି। ଶୃଙ୍ଖଳିତ ଯାତ୍ରା ସମାପନ ଦିଗରେ ସହଯୋଗ ଯୋଗାଇ ଦେଇଥିବା ସ୍କାଉଟ, ରୋଭର୍ସ ଓ ରେଞ୍ଜର କ୍ଲବ ସମେତ ପୋଲିସ ପ୍ରଶାସନକୁ ଯାତ୍ରା ପରିଚାଳନା କମିଟି ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି।

## ବଂଶୀଧର ଭୂୟାଁଙ୍କ ବିୟୋଗରେ ଶୋକସଭା



**ବ୍ରହ୍ମପୁର, ୨୮ ।୩(ସମିସ):** ସ୍ଥାନୀୟ ଗଜପତି ନଗର ହନୁମାନ ମନ୍ଦିର ପ୍ରାଙ୍ଗଣରେ ପୂଜ୍ୟପୂଜା ସମିତିର ସଭାପତି ବଂଶୀଧର ଭୂୟାଁଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ଭୂୟାଁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମଞ୍ଚ ପକ୍ଷରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସେ ଜଣେ ମେଳାପୀ ଓ ଦୃଢ଼ ସଂଗଠକ ଥିଲେ ଓ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅହରହ ଚେଷ୍ଟା କରୁଥିଲେ। ସହରର ବିଭିନ୍ନ ଅନୁଷ୍ଠାନ ସହ ତାଙ୍କ ଭଲ ସମ୍ପର୍କ ରହିଥିଲା। ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଗଜପତି ନଗର ଉନ୍ନୟନ କମିଟିର ସଭାପତି ତଥା ଜନ ଜାଗରଣ ମଞ୍ଚର ସମ୍ପାଦକ ଗଗନ ଚନ୍ଦ୍ର ମଲ୍ଲିକ, ଶିକ୍ଷା ଓ ସେବା ନିବୃତ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଓମ ଲଫିଙ୍ଗ କ୍ଲବର ଦେବରାଜ ଗୌଡ଼, ପୂର୍ଣ୍ଣଚନ୍ଦ୍ର ମହାରଣା, ବିରେନ କୁମାର ବେହେରା, କାହ୍ନୁ ଚରଣ ପାତ୍ର, କବିରାଜ ସାହୁ, ସୁବାସ ଚନ୍ଦ୍ର ମିଶ୍ର, ବିଜୟ ଚନ୍ଦ୍ର ବିଶୋଇ, ଅଶୋକ କୁମାର ଦଳାଇ ପ୍ରମୁଖ ବଂଶୀଧର ଭୂୟାଁଙ୍କ ସ୍ମୃତିରେ ଶୋକବ୍ୟକ୍ତ କରିଥିଲେ। ସେହିପରି ସଂସ୍କାରବାଦୀ ଓ ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ବିଜିପୁର ଭକ୍ତ ଭବନ ପରିସରରେ ସ୍ୱର୍ଗତ ଭୂୟାଁଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ସଙ୍ଗଠନର ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ବଂଶୀଧର ଭୂୟାଁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ହିମାଂଶୁ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ମାଝୀ, ବିଜୟ କୁମାର ବିଷୋୟୀ, ରଜନୀକାନ୍ତ ମଣ୍ଡଳ, ରବିନାରାୟଣ ସାବତ, ସମୀର କୁମାର ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ସାହୁ, ଜୟନ୍ତ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଇପିଏଲ୍‌ର ୫ ବିଫଳ ଅଧିନାୟକ

ଟି-୨୦ କ୍ରିକେଟରେ ନେତୃତ୍ୱର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅଧିନାୟକଙ୍କ ନିଷ୍ପତ୍ତି ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରିଥାଏ। ବ୍ୟାଟିଂ କ୍ରମରେ କେଉଁ ବ୍ୟାଟର କେତେବେଳେ ବ୍ୟାଟିଂ କରିବେ ଓ ବୋଲିଂରେ ପରିବର୍ତ୍ତନଠାରୁ ଆରମ୍ଭ କରି କ୍ଷେତ୍ରରକ୍ଷଣ ସବୁଥିରେ ଅଧିନାୟକଙ୍କ ଭୂମିକାକୁ ଅଣଦେଖା କରିହେବ ନାହିଁ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ତଥା ସବୁଠାରୁ ଧନୀ ଟି-୨୦ ଲିଗ୍ ରୂପେ ପରିଗଣିତ ଆଇପିଏଲରେ ମଧ୍ୟ ଅଧିନାୟକମାନେ ନିଜ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଏହି ହାଇପ୍ରୋଫାଇଲ ଲିଗ୍‌ରେ ଏକାଧିକ ଅଧିନାୟକ ବେଶ୍ ସଫଳତା ହାସଲ କରିଥିବା ବେଳେ ଆଉ କେତେଜଣ ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ନିଜର ଦେଶରେ ନେତୃତ୍ୱ ନେଇ ସଫଳତା ହାସଲ କରିଥିବା ଖେଳାଳିମାନେ ଆଇପିଏଲରେ ଅଧିନାୟକ ଭାବେ ବିଫଳ ହୋଇଛନ୍ତି। ଅତିକମ୍‌ରେ ୨୫ଟି ଆଇପିଏଲ ମ୍ୟାଚ୍ ଖେଳିଥିବା ଏହି ଭଳି ୫ ଅଧିନାୟକ ଆଇପିଏଲ୍ ନେତୃତ୍ୱକୁ ନେଇ ଆଲୋଚନା କରିବା।











### କୁମାର ସାଙ୍ଗକରା

ଜଣେ ବିଶ୍ୱସ୍ତରୀୟ ୱିକେଟକିପର ବ୍ୟାଟର ଭାବେ ଜଣାଶୁଣା ଥିବା କୁମାର ସାଙ୍ଗକରା ଶ୍ରୀଲଙ୍କାର ଅଧିନାୟକ ଭାବେ ସଫଳତାର ଶୀର୍ଷକୁ ଛୁଇଁଥିଲେ। ୨୦୧୧ ବିଶ୍ୱକପ୍‌ରେ ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଫାଇନାଲରେ ପ୍ରବେଶ କରିଥିଲା। ୨୦୦୯ରେ ଶ୍ରୀଲଙ୍କାର ଅଧିନାୟକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସାଙ୍ଗକରା ୧୫ ଟେଷ୍ଟରୁ ୫ଟି, ୪୫ଟି ଦିନିକିଆରୁ ୨୭ଟି, ୨୧ଟି ଟି-୨୦ରୁ ୧୨ଟିରେ ଦଳକୁ ଜିତାଇଥିଲେ। କିନ୍ତୁ ଆଇପିଏଲରେ ସେ କିଙ୍ଗସ ଏକାଦଶ ପଞ୍ଜାବ, ଡେକାନ ଚାର୍ଜର୍ସ, ସନରାଇଜର୍ସ ହାଇଦ୍ରାବାଦ୍‌ର ନେତୃତ୍ୱ ନେଇଥିଲେ। ୪୭ଟି ଆଇପିଏଲ ମ୍ୟାଚ୍‌ରେ ନେତୃତ୍ୱ ନେଇ ସେ ମାତ୍ର ୧୫ଟିରେ ବିଜୟୀ ହୋଇଥିବା ବେଳେ ୩୦ଟିରେ ପରାସ୍ତ ହୋଇଥିଲେ ଓ ୨ଟି ମ୍ୟାଚ୍ ଟାଇ ରହିଥିଲା। ତାଙ୍କର ବିଜୟ ପ୍ରତିଶତ ୩୧.୯୧ ରହିଥିଲା।

### ମାହେଲା ଜୟବର୍ଦ୍ଧନେ

ଅନ୍ୟତମ କିମ୍ବଦନ୍ତୀ ବ୍ୟାଟର ମାହେଲା ଜୟବର୍ଦ୍ଧନେ ଶ୍ରୀଲଙ୍କାର ଅଧିନାୟକ ଭାବେ ବେଶ ସଫଳତା ପାଇଥିଲେ। ୨୦୦୬ରେ ସେ ଆଇସିସି କ୍ୟାପଟେନ ଅଫ୍ ଦି ଇୟର, ୨୦୧୩ରେ ଆଇସିସି ସ୍ପିରିଟ ଅଫ୍ କ୍ରିକେଟ ପୁରସ୍କାର ପାଇଥିଲେ। ୩୮ଟି ଟେଷ୍ଟରେ ନେତୃତ୍ୱ ନେଇ ସେ ଶ୍ରୀଲଙ୍କାକୁ ୧୮ଟି ମ୍ୟାଚ୍‌ରେ ଜିତାଇଥିଲେ ଓ ୮ଟି ଟେଷ୍ଟ ଅମୀମାଂସିତ ରହିଥିଲା। ୧୨୬ଟି ଦିନିକିଆରେ ସେ ୬୮ଟିରେ ଶ୍ରୀଲଙ୍କା ଜିତାଇଥିଲେ। ସେ ଥିଲେ ଶ୍ରୀଲଙ୍କାର ପ୍ରଥମ ଟି-୨୦ ଅଧିନାୟକ। କିନ୍ତୁ ଆଇପିଏଲରେ ୩୦ଟି ମ୍ୟାଚ୍‌ର ନେତୃତ୍ୱ ନେଇଥିଲେ। ଏଥିରେ ସେ ୧୦ଟିରେ ବିଜୟୀ ହୋଇଥିବା ବେଳେ ୧୯ଟିରେ ପରାସ୍ତ ହୋଇଥିଲେ। ଗୋଟିଏ ମ୍ୟାଚ୍ ଟାଇ ରହିଥିଲା। ଅଧିନାୟକ ଭାବେ ତାଙ୍କର ବିଜୟ ପ୍ରତିଶତ ୩୩.୩୩ ଥିଲା।

### ସୌରଭ ଗାଙ୍ଗୁଲି

ସୌରଭ ଗାଙ୍ଗୁଲି ଭାରତର ଅନ୍ୟତମ ସଫଳ ଅଧିନାୟକ ବିବେଚିତ ହୁଅନ୍ତି। ତାଙ୍କଠାରୁ ମହେନ୍ଦ୍ର ସିଂ ଧୋନି ନେତୃତ୍ୱର କଳା ଶିକ୍ଷା କରିଥିଲେ। ୨୦୦୩ ବିଶ୍ୱକପ୍‌ରେ ସେ ଭାରତକୁ ଫାଇନାଲରେ ପହଞ୍ଚାଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୧ଟି ଟେଷ୍ଟରେ ବିଜୟୀ ହୋଇଥିଲା। ଏଥିମଧ୍ୟରୁ ୧୧ଟି ମ୍ୟାଚ୍ ବିଦେଶରେ ଖେଳାଯାଇଥିଲା। ସେ ୬ ବର୍ଷ ଦିନିକିଆରେ ନେତୃତ୍ୱ ନେଇଥିଲେ। ୧୪୬ଟି ଦିନିକିଆରେ ସେ ଭାରତକୁ ୭୬ଟି ମ୍ୟାଚ୍‌ରେ ବିଜୟୀ କରାଇଥିଲେ। କିନ୍ତୁ ଆଇପିଏଲରେ ତାଙ୍କ ନେତୃତ୍ୱ ସେତେଟା ସଫଳ ହୋଇ ନଥିଲା। ସେ କୋଲକାତା ନାଇଟ ରାଇଡର୍ସ ଓ ପୁଣେ ୱାରିୟର୍ସର ନେତୃତ୍ୱ ନେଇଥିଲେ। ସେ କେବେ ବି ଅନ୍ତର୍ଜାତୀୟ ଟି-୨୦ ଖେଳି ନଥିଲେ। କିନ୍ତୁ ଆଇପିଏଲରେ ସେ ୪୨ଟି ମ୍ୟାଚ୍‌ର ନେତୃତ୍ୱ ନେଇଥିଲେ। ଏଥିରେ ସେ ୨୫ଟିରେ ପରାସ୍ତ ହୋଇଥିବା ବେଳେ ମାତ୍ର ୧୭ଟିରେ ବିଜୟୀ ହୋଇଥିଲେ। ତାଙ୍କର ବିଜୟ ପ୍ରତିଶତ ୪୦.୪୮ ଥିଲା।

### ଜର୍ଜ ବେଲି

ଅଷ୍ଟ୍ରେଲିଆର ଜର୍ଜ ବେଲି ସିମିତ ଓଭର କ୍ରିକେଟରେ ଅଷ୍ଟ୍ରେଲିଆର ନେତୃତ୍ୱ ନେଇ ସଫଳତା ପାଇଥିଲେ। ସେ ୯୦ ଦିନିକିଆ ଓ ୫ଟି ଟେଷ୍ଟ ଖେଳିଛନ୍ତି। ୨୯ଟି ଦିନିକିଆରେ ଓ ୨୮ଟି ଟି-୨୦ରେ ସେ ନେତୃତ୍ୱ ନେଇ ଅଷ୍ଟ୍ରେଲିଆକୁ ଯଥାକ୍ରମେ ୧୬ ଓ ୧୪ଟି ମ୍ୟାଚ୍‌ରେ ବିଜୟୀ କରାଇଥିଲେ। ଆଇପିଏଲ୍‌ରେ କିଙ୍ଗସ ଏକାଦଶ ପଞ୍ଜାବ ପାଇଁ ୩୬ଟି ମ୍ୟାଚ୍‌ର ନେତୃତ୍ୱ ନେଇ ସେ ସାଂଘାତିକ ଭାବେ ବିଫଳ ହୋଇଥିଲେ। ଏଥିରେ ସେ ୧୬ଟିରେ ବିଜୟୀ ହୋଇଥିବା ବେଳେ ୧୯ଟିରେ ପରାସ୍ତ ହୋଇଥିଲେ। ଗୋଟିଏ ମ୍ୟାଚ୍ ଟାଇ ରହିଥିଲା। ତାଙ୍କର ବିଜୟ ପ୍ରତିଶତ ୪୪.୪୪ ରହିଥିଲା।

### ରାହୁଲ ଦ୍ରାବିଡ

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ଭାବେ ପରିଗଣିତ ରାହୁଲ ଦ୍ରାବିଡ୍ ଭାରତ ପାଇଁ ଅଧିନାୟକତ୍ୱ କରିଛନ୍ତି। ସେ ଭାରତ ପାଇଁ ୨୫ଟି ଟେଷ୍ଟରେ ନେତୃତ୍ୱ ନେଇ ୮ଟିରେ ବିଜୟୀ ଓ ୬ଟିରେ ପରାସ୍ତ ହୋଇଥିଲେ। ସେହିପରି ୭୯ଟି ଦିନିକିଆ ମ୍ୟାଚ୍‌ର ନେତୃତ୍ୱ ନେଇ ସେ ଭାରତକୁ ୪୨ଟି ମ୍ୟାଚ୍‌ରେ ବିଜୟୀ କରାଇଥିଲେ। ଆଇପିଏଲରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେଇଥିଲେ। ଆଇପିଏଲରେ ସେ ୪୮ଟି ମ୍ୟାଚ୍‌ର ନେତୃତ୍ୱ ନେଇ ୨୨ଟି ବିଜୟ ହାସଲ କରିଥିବା ବେଳେ ୨୬ଟିରେ ପରାସ୍ତ ହୋଇଥିଲେ। ତାଙ୍କର ବିଜୟ ପ୍ରତିଶତ ୪୫.୮୩ ଥିଲା।

---

ରାମେଶ୍ୱର କପ୍ କନିଷ୍ଠ କ୍ରିକେଟ

## ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ



**ଭୁବନେଶ୍ୱର, ୨୮।୩ (ସମିସ):** ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ଏଠାରେ ଚାଲିଥିବା ୧୪ ବର୍ଷରୁ କମ୍ ରାମେଶ୍ୱର କପ୍ କନିଷ୍ଠ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଏଠାରେ ଖେଳାଯାଇଥିବା ସେମିଫାଇନାଲରେ ରାମେଶ୍ୱର ୩୧ ରନ୍‌ରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଛି। ଶୁକ୍ରବାର ପାରାମାଉଣ୍ଟ ସ୍ପୋର୍ଟିଂ ଓ ଟାଉନ କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ରାମେଶ୍ୱର ଶନିବାର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ। ସେହିପରି ୧୭ ବର୍ଷରୁ କମ୍ ଫାଇନାଲ ମୁକାବିଲା ମାର୍ଚ୍ଚ ୩୧ ତାରିଖ ରବିବାର ଖେଳାଯିବ। ଫାଇନାଲ ମ୍ୟାଚ୍‌ରେ ଗଞ୍ଜାମର ଆଲ୍‌ଫା ସ୍ପୋର୍ଟିଂ ସହ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂର ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ୧୪ ବର୍ଷରୁ କମ୍ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ନିର୍ଦ୍ଧାରିତ ୩୫ ଓଭରରେ ୮ ୱିକେଟ ହରାଇ ୨୦୧ ରନ୍ କରିଥିଲା। ଦଳ ପକ୍ଷରୁ ସାଇ ସାର୍ଥକ ସାହୁ ୨୧ ବଲ୍‌ରେ ସର୍ବାଧିକ ୪୨, ଆକାଶ ସାହୁ ୨୮ ଓ ସ୍ୱସ୍ତିକ ଘୋଷ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଓମ୍‌ପ୍ରକାଶ ନାୟକଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ସହିଦ୍ ସ୍ପୋର୍ଟିଂ ୩୩.୫ ଓଭରରେ ୧୭୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓମ୍‌ପ୍ରକାଶ ୪୭ ବଲ୍‌ରେ ସର୍ବାଧିକ ୫୨ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ୨ଟି ୱିକେଟ ନେବା ସହ ୨୧ ରନ୍ କରିଥିବା ଆହ୍ୱାନ ମିଶ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ତଥା ପ୍ରଶିକ୍ଷକ ରଶ୍ମିରଞ୍ଜନ ପରିଡ଼ା ଏହି ମ୍ୟାଚ୍‌ରେ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

---

ଖେଲୋ ଇଣ୍ଡିଆ ମହିଳା ଲିଗ୍

## କିଟ୍-କିସ୍ ୨୮-୦ ଗୋଲରେ ବିଜୟୀ

**କଟକ,୨୮।୩(ସମିସ):** ସିଡିଏ ଗ୍ରାଉଣ୍ଡରେ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ ଖେଳାଯାଉଛି। ଗୁରୁବାର ଅନୁଷ୍ଠିତ ୧୭ବର୍ଷରୁ କମ୍ ବୟସ ବର୍ଗର ଏକ ମ୍ୟାଚରେ କିଟ୍-କିସ ଦଳ ପକ୍ଷରୁ ଗୋଲ ବର୍ଷା ହୋଇଥିଲା। ଦଳ ୨୮-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ପରାସ୍ତ କରିଥିଲା। ଅନିମା ପ୍ରଧାନ ୯ଟି, ପ୍ରିୟଦର୍ଶିନୀ ବେହେରା ଏବଂ ସୂର୍ଯ୍ୟ ପୂର୍ତ୍ତି ୬ଟି ଲେଖାଏ, ସୋନାଲୀ ସବର ୪ଟି ଏବଂ ହେମାବତୀ ହୋ ୩ଟି ଗୋଲ ସ୍କୋର କରିଥିଲେ। ଏହି ବୟସ ବର୍ଗର ଅନ୍ୟ ଏକ ମ୍ୟାଚ୍‌ରେ ନୀତା ଫୁଟବଲ ଏକାଡେମୀ ୨-୦ ଗୋଲରେ ଟାଟା ଷ୍ଟିଲ ଫାଉଣ୍ଡେସନକୁ ହରାଇଥିଲା। ୧୫ବର୍ଷରୁ କମ୍ ବୟସ ବର୍ଗର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଏକାଦଶ ୧୩-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ, ସ୍ପୋର୍ଟସ ଓଡ଼ିଶା ୧୫-୦ ଗୋଲରେ ୟୁନିଟ-୬ ଆଥଲେଟିକ ଆସୋସିଏସନକୁ ଏବଂ ଫାଓ ଏକାଡେମୀ ୯-୦ ଗୋଲରେ ଯୋବ୍ରା ମ୍ୟୁନିସିପାଲିଟି ସ୍କୁଲକୁ ପରାସ୍ତ କରିଛି।

---

ଭାରତୀୟ ମହିଳା ଲିଗ୍

## ଓଡ଼ିଶା ଏଫ୍‌ସିକୁ ଅଧା ପୁରସ୍କାର

**ନୂଆଦିଲ୍ଲୀ, ୨୮।୩(ଏଜେନ୍ସି)**



ନିକଟରେ ଶେଷ ହୋଇଥିବା ଭାରତୀୟ ମହିଳା ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟବଲ ପ୍ରତିଯୋଗିତାରେ ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫ୍‌ସି କ୍ଲବ୍ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଗୋକୁଲମ କେରଳ ଏଫ୍‌ସି ରନର୍ସ ଅପ୍ ହୋଇଥିଲା। ପୁରସ୍କାର ବାବଦରେ ଓଡ଼ିଶା ଏଫ୍‌ସିକୁ ଟ୍ରଫି ସହ ୧୦ ଲକ୍ଷ ଓ ଗୋକୁଲମକୁ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିଥିଲା। ଏହା ପରେ ସ୍ପୋର୍ଟ୍ସ ଓଡ଼ିଶାକୁ ଶ୍ରେଷ୍ଠ ମ୍ୟାଚ୍ ପରିଚାଳନା ପୁରସ୍କାର ଦିଆଯାଇଥିଲା। ପୁରସ୍କାର ବାବଦରେ ୫୦,୦୦୦ ଟଙ୍କା ମିଳିଥିଲା। ଉନ୍ନତ ମିଡିଆ ଯୋଗାଯୋଗରେ ଅଂଶଗ୍ରହଣ କରିଥିବା ଦଳ ମଧ୍ୟରେ ଓଡ଼ିଶା ଏଫ୍‌ସିକୁ ଶ୍ରେଷ୍ଠ ବିବେଚିତ କରାଯାଇଛି।

ବ୍ୟକ୍ତିଗତ ବିଭାଗରେ ଦିଆଯାଇଥିବା ୪ଟି ପୁରସ୍କାରକୁ ଓଡ଼ିଶା ଏଫ୍‌ସି ଓ ଗୋକୁଲମ କେରଳ ଏଫ୍‌ସି ସମାନଭାବେ ବାଣ୍ଟିନେଇଛନ୍ତି। ଯାହା ଫଳରେ ଓଡ଼ିଶା ଏଫ୍‌ସିକୁ ଅଧା ପୁରସ୍କାର ମିଳିଛି। ସମଗ୍ର ଟୁର୍ଣ୍ଣାମେଣ୍ଟରେ ୧୩ଟି ଗୋଲ ଦେଇଥିବା ଗୋକୁଲମର ଫଜିଲା ଇକ୍ୱାପୁତଙ୍କୁ ଶ୍ରେଷ୍ଠ ଷ୍ଟ୍ରାଇକର ଓ ହେମାମ ଶିଲ୍‌କି ଦେବୀଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବେ ବିବେଚିତ କରାଯାଇଛି। ଓଡ଼ିଶା ଏଫ୍‌ସିର ଶ୍ରେୟା ହୁଦାଙ୍କୁ ଶ୍ରେଷ୍ଠ ଗୋଲରକ୍ଷକ ଓ ଇନ୍ଦୁମତୀ କାଥିରେସାନଙ୍କୁ ଶ୍ରେଷ୍ଠ ମିଡ୍‌ଫିଲ୍ଡର ବିବେଚିତ ହୋଇଛନ୍ତି। ଗତଥର ଇନ୍ଦୁମତୀ ଗୋକୁଲମ ଲାଗି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏବେ ସେ ଓଡ଼ିଶା ଏଫ୍‌ସିର ନେତୃତ୍ୱ ନେଇ ଦଳକୁ ଚାମ୍ପିଅନ କରାଇବାରେ ସମର୍ଥ ହୋଇଥିଲେ। ଚଳିତ ସିଜନରେ ଦଳର ଦୁଇ ପ୍ରମୁଖ ଖେଳାଳି ଯଥା ସ୍ୱିଟି ଦେବୀ ଓ ଯଶୋଦା ମୁଣ୍ଡା ଆହତ ହୋଇଥିଲେ। ଏମାନଙ୍କ ବଦଳରେ ଉପଯୁକ୍ତ ଖେଳାଳି ମିଳିବା କଷ୍ଟକର ହୋଇଥିଲେ ମଧ୍ୟ ଯୁବ ଖେଳାଳି ସେହି ସ୍ଥାନ ପୂରଣ କରିଥିଲେ। ଯାହା ଫଳରେ ଟାଇଟଲ ବିଜୟ ସମ୍ଭବ ହୋଇପାରିଥିଲା ବୋଲି ଇନ୍ଦୁମତୀ କହନ୍ତି।

---

## ଜାତୀୟ ପିକଲ୍‌ବଲ୍ ପ୍ରତିଯୋଗିତାରେ ଓଡ଼ିଶାର ଚମକ



**ଭୁବନେଶ୍ୱର, ୨୮।୩ (ସମିସ)**

ଓଡ଼ିଶା ପିକଲବଲ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ପିକଲ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଗୁଜରାଟ, ବିହାର, ମହାରାଷ୍ଟ୍ର, ଦିଲ୍ଲୀ ଓ କେରଳର ୮୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଆୟୋଜକ ଦଳର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି। ବିଶେଷ କରି ଯଶରାଜ ନାୟକ ଏକାକୀ ୪ଟି ପଦକ ଜିତିଥିଲେ। ପୁରୁଷ ଏକକ ବର୍ଗରେ ଓଡ଼ିଶାର ସିମୋନ ଶାସ୍ତ୍ରୀ ୧୫-୧୦ରେ ବିହାରର ରୋହିତ୍ ସୁରୀଙ୍କୁ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଯଶରାଜ ନାୟକ ଓ ଅନମୋଲ ଦାଶ ଯୋଡ଼ି ପୁରୁଷ ଯୁଗଳରେ ୩ୟ ସ୍ଥାନ ହାସଲ କରି କାଂସ୍ୟ ପଦକ ସଫଳତା ପାଇଛନ୍ତି। ଏଥିସହ ଯଶରାଜ ଓ ଅନମୋଲ ଯୋଡ଼ି ୧୯ ବର୍ଷରୁ କମ୍ ବାଳକ ଯୁଗଳରେ ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି। ଏହି ବୟସବର୍ଗର ବାଳକ ଏକକରେ ମଧ୍ୟ ଯଶରାଜ ରୌପ୍ୟ ଜିତି ପ୍ରତିଯୋଗିତାରେ ୩ୟ ପଦକ ହାତେଇବାରେ ସଫଳ ହୋଇଛନ୍ତି। ସେ ଫାଇନାଲରେ ବିହାରର ଆଦିତ୍ୟ ଗୁପ୍ତାଙ୍କ ନିକଟରୁ ହାରିଯାଇଥିଲେ। ଏଥିରେ ଅନ୍ୟତମ ଓଡ଼ିଆ ଖେଳାଳି ସପ୍ତପର୍ଣ୍ଣ ଜେନା କାଂସ୍ୟ ପଦକ ପାଇଥିଲେ। ସେହିଭଳି ମିଶ୍ରିତ ଯୁଗଳରେ ଓଡ଼ିଶାର ସିମୋନ ଓ ସୋହିନୀ ମହାନ୍ତି ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ସିମୋନ ଓ ସୋହିନୀ ଯୋଡ଼ି ଅନ୍ୟତମ ଓଡ଼ିଆ ଯୋଡ଼ି ଋତୁପର୍ଣ୍ଣା ଚୌଧୁରୀ ଓ ଯଶରାଜଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ବରିଷ୍ଠ ବିଭାଗରେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ, ସୁଶୀଳ ମିଶ୍ର ଓ ପ୍ରଦୀପ ସିଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବିଭାଗରେ ଯଥାକ୍ରମେ ୩ଟି ଯାକ ପଦକ ହାତେଇନେଇଥିଲେ। ୫୦ ବର୍ଷରୁ ଉଦ୍ଧ୍ୱର୍ ବୟସବର୍ଗରେ ଶକ୍ତି ଦାସ କାଂସ୍ୟ, ମହିଳା ଓପନ୍‌ରେ ପ୍ରିୟମ୍ବଦା ପାତ୍ର ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

---

ମିଆମି ଓପନ୍ ଟେନିସ୍

## ମେଦଭେଦେଭ- ସିନର ସେମିଫାଇନାଲ

**ମିଆମି,୨୮।୩(ଏଜେନ୍ସି):** ଏଠାରେ ଚାଲିଥିବା ମିଆମି ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ତୃତୀୟ ସିଡ୍ ରୁଷିଆର ଡାନିଲ ମେଦେଭେଦେଭ ଓ ଦ୍ୱିତୀୟ ସିଡ ଇଟାଲୀର ଜାନିକ ସିନର ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। କ୍ୱାର୍ଟର ଫାଇନାଲରେ ମେଦ୍‌ଭେଦେଭ ୬-୨, ୭-୬ ସିଧାସଳଖ ସେଟ୍‌ରେ ୨୨ତମ ସିଡ୍ ଚିଲିର ନିକୋଲସା ଜାରିଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟର ଫାଇନାଲରେ ସିନର ୬-୪, ୬-୨ ସିଧାସଳଖ ସେଟ୍‌ରେ ଚେକ ଗଣରାଜ୍ୟର ଟୋମାସ ମାକାକ୍‌ଙ୍କୁ ହରାଇ ସେମି ଟିକେଟ ହାସଲ କରିଛନ୍ତି। ସେହିପରି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୧୧ତମ ସିଡ୍ ବୁଲ୍‌ଗେରିଆର ଗ୍ରିଗର ଡିମିଟ୍ରୋଭ ପରସ୍ପରକୁ ଭେଟିବେ ଏବଂ ଚତୁର୍ଥ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ଓ ହଙ୍ଗେରୀର ଫାବିଆନ ମାରୋଜସାନ ପରସ୍ପରକୁ ଭେଟିବେ।

### ସେମିରେ କଲିନ୍ସ- ଆଲେକ୍ଜାଣ୍ଡ୍ରୋଭା

ମିଆମି ଓପନ୍ ମହିଳା ଏକକ ପ୍ରତିଯୋଗିତାର ସେମି ଫାଇନାଲ ଲାଇନ୍ ଅପ୍ ସ୍ପଷ୍ଟ ହୋଇଛି। ପ୍ରଥମ ସେମିରେ ଚତୁର୍ଥ ସିଡ୍ ଏଲିନା ରିବାକିନା ଓ ୨୭ତମ ସିଡ୍ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଭେଟିବେ। ସେହିପରି ଅନ୍ୟଏକ ସେମିରେ ଆମେରିକାର ଡାନିଏଲେ କଲିନ୍ସ ଓ ୧୪ତମ ସିଡ୍ ରୁଷିଆର ଏକାଟେରିନା ଆଲେଜାଣ୍ଡ୍ରୋଭା ପରସ୍ପରକୁ ଭେଟିବେ। ଆଲେଜାଣ୍ଡ୍ରୋଭା କ୍ୱାର୍ଟର ଫାଇନାଲରେ ୩-୬, ୬-୪, ୬-୪ ସେଟ୍‌ରେ ୫ମ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ହରାଇ ସେମିକୁ ଉଠିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟରରେ କଲିନ୍ସ ୬-୩, ୬-୨ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ୨୩ତମ ସିଡ୍ ଖେଳାଳି କାରୋଲିନ ଗାର୍ସିଆଙ୍କୁ ହରାଇ ସେମି ଟିକେଟ ପାଇଛନ୍ତି।

### ବୋପାନ୍ନା- ଏବଡେନ୍ ସେମିକୁ ଉନ୍ନୀତ

ମିଆମି ଓପନ ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବଡେନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୩-୬, ୭-୬, ୧୦-୭ ସେଟ୍‌ରେ ନେଦରଲାଣ୍ଡସର ସେମ ଭେର୍ବିକ ଓ ଅଷ୍ଟ୍ରେଲିଆର ଜନ ପାଟ୍ରିକ ସ୍ମିଥ୍ ହରାଇ ସେମିକୁ ଉଠିଥିଲେ।

---

କଳାହାଣ୍ଡି କପ୍ : ଅନୁରାଗଙ୍କ ଅଲରାଉଣ୍ଡ ପ୍ରଦର୍ଶନ

## ଭୁବନେଶ୍ୱର-ବି ବିଜୟୀ

**କଟକ,୨୮।୩(ସମିସ)**





ଓସିଏ ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହୋଇଛି। କଟକର ବିଭିନ୍ନ ଗ୍ରାଉଣ୍ଡରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୭ ୱିକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ୧୮୫ ରନରେ ଅଲଆଉଟ ହୋଇଥିଲା। ପ୍ରୀତିପାଲ ସିଂହ ସର୍ବାଧିକ ୬୦ ରନ କରିଥିଲେ। ଭୁବନେଶ୍ୱର-ବି'ର ଅନୁରାଗ ଷଡ଼ଙ୍ଗୀ ୩ ଓ ମନୋଜ ବାରିକ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୩୩.୧ ଓଭରରେ ୩ ୱିକେଟ ହରାଇ ଭୁବନେଶ୍ୱର-ବି ବିଜୟ ଲକ୍ଷ୍ୟ ହାସଲ କରିଛି। ବିଶ୍ୱରଞ୍ଜନ ମୁଦୁଲି ୭୩ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅନୁରାଗ ୩୯ ବଲରୁ ୫୪ ରନର ଦ୍ରୁତ ପାଳି ଖେଳିବା ସହ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ କୋରାପୁଟ ଏବଂ ନୟାଗଡ଼ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। କୋରାପୁଟ ଟସ୍ ଜିତି ନିରଞ୍ଜନ ଗୌଡଙ୍କ ୫୮ ଏବଂ ସନ୍ଦୀପ ପଟ୍ଟନାୟକଙ୍କ ୫୨ ରନ ବଳରେ ସମସ୍ତ ୱିକେଟ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ନୟାଗଡର ଦିଲ୍ଲୀପ ଜେନା ଓ ସାଇ ଆଚାର୍ଯ୍ୟଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ଧାର୍ଯ୍ୟ ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରି କଳାହାଣ୍ଡି କପ୍‌ରେ ନୟାଗଡ ଦଳ ଅଭିଯାନ ଆରମ୍ଭ କରିଛି। ଦିବ୍ୟଜ୍ୟୋତି ପଟ୍ଟନାୟକ ୯୦ ରନରେ ଆଉଟ ହୋଇଥିଲେ। ସେହିଭଳି ଲୀଳାଧର ପ୍ରଧାନ ୭୬ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଛନ୍ତି। ଡ୍ରିମସ ଷ୍ଟାଡିୟମରେ କେନ୍ଦୁଝର ୮ ୱିକେଟରେ ପୁରୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ମାତ୍ର ୧୪୫ ରନରେ ଅଲଆଉଟ ହୋଇଥିଲା। ଜବାବରେ କେନ୍ଦୁଝର ମିତ୍ରଭାନୁ ପଣ୍ଡାଙ୍କ ୬୫ ରନର ଅର୍ଦ୍ଧଶତକୀୟ ପାଳି ବଳରେ ଦୁଇ ୱିକେଟ ହରାଇ ବିଜୟୀ ହୋଇଥିଲା।




# କୋଷ୍ଠକାଠିନ୍ୟର ଆୟୁର୍ବେଦ ଉପଚାର

**ଅନିୟମିତ ଜୀବନଶୈଳୀ, ଗରିଷ୍ଠ ଭୋଜନ, ହୀନ ଭୋଜନ, ଅସମୟ ଭୋଜନ ଆଦି କାରଣରୁ ପାଚନ ଅଗ୍ନି ପ୍ରଭାବିତ ହୋଇ କୋଷ୍ଠକାଠିନ୍ୟ ହେବାର ଆଶଙ୍କା ଥାଏ । ଅଗ୍ନିମାନ୍ଦ୍ୟ ହେବା ସହିତ ଭୋକ କମିଯାଏ । କୋଷ୍ଠକାଠିନ୍ୟର ପ୍ରଭାବ ମଧ୍ୟ ମନ ଉପରେ ପଡ଼ିଥାଏ । ତେଣୁ କୋଷ୍ଠକାଠିନ୍ୟର ନିରାକରଣ ପାଇଁ ସଠିକ୍ ସମୟରେ ଉପଯୁକ୍ତ ମାତ୍ରାରେ ସନ୍ତୁଳିତ ଆହାର ଗ୍ରହଣ କରିବା ସହିତ ଭୋଜନ ମଧ୍ୟରେ ଅଳ୍ପ ଅଳ୍ପ ଜଳପାନ କଲେ ଉପକାର ହୁଏ ।**

- ଭୋଜନ ପାତ୍ରରେ ସମସ୍ତ ରଙ୍ଗର ଖାଦ୍ୟ ପଦାର୍ଥ, ମଧୁର, ଅମ୍ଳ, ଲବଣ, କଟୁତିକ୍ତ କଷାୟ, ଛଅରସ ବିଶିଷ୍ଟ ଭୋଜନ ସହିତ ପୁଷ୍ଟିସାର, ସ୍ନେହସାର, ଧାତବଲବଣ, ଜୀବସାର ଇତ୍ୟାଦି ଆବଶ୍ୟକ ମାତ୍ରାରେ ଗ୍ରହଣ କରିବା ଆବଶ୍ୟକ ।
- ଭୋଜନର ୧ ଘଣ୍ଟା ପୂର୍ବରୁ ଏବଂ ୧ ଘଣ୍ଟା ପରେ ପାଣି ପିଇବା ଆବଶ୍ୟକ । ଭୋଜନ ପରେ ତତ୍କାଳ ପାଣି ନ ପିଇବା ହିତକର ହୋଇଥାଏ । ଏ ସବୁ ପରେ କୋଷ୍ଠକାଠିନ୍ୟ ଦୂର ନ ହେଲେ, ରାତିରେ ଶୋଇବା ପୂର୍ବରୁ ତିନିଗ୍ରାମ ତ୍ରିଫଳା ଚୂର୍ଣ୍ଣ ଉଷୁମ ପାଣି ସହିତ ସେବନ କଲେ ହିତକର ହୋଇଥାଏ ।
- ଇସବଗୋଲ୍ ଭୁଷି ଏକ ଚାମଚ ମାତ୍ରାରେ ଦିନକୁ ଦୁଇଥର ସେବନ କଲେ, କୋଷ୍ଠକାଠିନ୍ୟ ଦୂର ହେବା ସହିତ ଅନ୍ୟାନ୍ୟ ଉଦର ରୋଗ ପାଇଁ ମଧ୍ୟ ହିତକର ହୋଇଥାଏ ।
- ସୁନାମୁଖୀ ପତ୍ରଚୂର୍ଣ୍ଣ ଦୁଇଗ୍ରାମ୍ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣି ସହିତ ସେବନ କଲେ ଝାଡ଼ା ପରିଷ୍କାର ହୋଇଥାଏ । ଏହାଛଡ଼ା ଚିକିତ୍ସକଙ୍କ ପରାମର୍ଶ ଅନୁସାରେ କୋଷ୍ଠକାଠିନ୍ୟର କାରଣ ଅନୁଧ୍ୟାନ କରି ଆୟୁର୍ବେଦରେ ଥିବା ବହୁ ଉପାଦେୟ ଔଷଧ ବ୍ୟବହାର କରାଯାଇପାରେ ।



# ମସ୍ତିଷ୍କ ପକ୍ଷାଘାତ



**ସମାଜରେ ଅନେକ ପିଲା ଶାରୀରିକ କିମ୍ବା ମାନସିକ ସ୍ତରରେ ସୁସ୍ଥ ନୁହଁନ୍ତି । ସେମାନଙ୍କ ମଧ୍ୟରୁ ଅନେକ ମସ୍ତିଷ୍କ ପକ୍ଷାଘାତ ବା ସେରେବ୍ରାଲ୍ ପାଲ୍ସି(ସିପି) ନାମକ ଏକ ରୋଗରେ ପୀଡ଼ିତ । ସେରେବ୍ରାଲ୍ ପାଲ୍ସି ହେଉଛି ଏକ ସ୍ନାୟୁଗତ ବ୍ୟାଧି । ଏହା ପିଲାମାନଙ୍କର ଶାରୀରିକ ଗତିବିଧି ଏବଂ ଚାଲିବାର କ୍ଷମତାକୁ ପ୍ରଭାବିତ କରିଥାଏ । ପିଲାମାନେ ଗତି, ସନ୍ତୁଳନ, ସ୍ଥିତି ଏବଂ ବସ୍ତୁ ଧରି ଚାଲିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ।**


ଡ. ଦୁର୍ଗା ପ୍ରସାଦ ମିଶ୍ର




ସିପି ପିଲାମାନଙ୍କର ମସ୍ତିଷ୍କ ଏବଂ ମାଂସପେଶୀ ସହିତ ଜଡ଼ିତ ଏକ ସମସ୍ୟା; ଯାହା ୩ ବର୍ଷରୁ ଅଧିକ ବୟସର ୧୦୦୦ ପିଲାଙ୍କ ମଧ୍ୟରୁ ପ୍ରାୟ ୨ରୁ ୩ଜଣଙ୍କୁ ହୋଇଥାଏ । ସର୍ବେକ୍ଷଣ ଅନୁଯାୟୀ ଦେଶରେ ପ୍ରାୟ ୫ଲକ୍ଷ ଶିଶୁ ଏବଂ ବୟସ୍କ ଏହି ରୋଗରେ ପୀଡ଼ିତ । ମସ୍ତିଷ୍କର କିଛି ଅଂଶରେ ଆଘାତ ହେତୁ ଏହି ରୋଗ ହୁଏ । କେଉଁ ପିଲା ପାଇଁ କେଉଁ ପ୍ରକାର ସାହାଯ୍ୟ ଆବଶ୍ୟକ, ତାହା ଲକ୍ଷଣ ଏବଂ ଅବସ୍ଥାର ଗମ୍ଭୀରତା ଉପରେ ନିର୍ଭର କରି ନିର୍ଣ୍ଣୟ କରାଯାଇପାରେ ।

### ସେରେବ୍ରାଲ୍ ପାଲ୍ସିର କାରଣ

ନୂତନ ଅନୁସନ୍ଧାନ ଅନୁଯାୟୀ, ଅମ୍ଳଜାନ ନ ପାଇ ଶିଶୁର ମସ୍ତିଷ୍କ ପକ୍ଷାଘାତ ହେବାର ବହୁତ କମ୍ ଉଦାହରଣ ରହିଛି । ଅନେକ ପ୍ରକାରର ମସ୍ତିଷ୍କ ବିକୃତି ଏବଂ ମସ୍ତିଷ୍କର କ୍ଷତି ପାଇଁ ସେରେବ୍ରାଲ୍ ପାଲ୍ସି ହୋଇପାରେ । ଜନ୍ମ ପୂର୍ବରୁ, ଜନ୍ମ ସମୟରେ, ଏବଂ ପରେ ଘଟୁଥିବା ସମସ୍ୟାଗୁଡ଼ିକ ୧୫-୨୦% ସେରେବ୍ରାଲ୍ ପାଲ୍ସି ମାମଲା ସୃଷ୍ଟି କରିଥାଏ । ପ୍ରସବ ସମୟରେ ଅମ୍ଳଜାନର ଅଭାବ, ସଂକ୍ରମଣ ଏବଂ ମସ୍ତିଷ୍କ ଆଘାତ ଏଥିରେ ଅନ୍ତର୍ଭୁକ୍ତ । ଗର୍ଭାବସ୍ଥାରେ ସଂକ୍ରମଣ ଯେପରିକି ରୁବେଲା, ଟକ୍ସୋପ୍ଲାଜୋମୋସିସ୍, ଜିକା ଜୀବାଣୁ ସଂକ୍ରମଣ କିମ୍ବା ସାଇଟୋମେଗାଲୋଭାଇରସ୍ ସଂକ୍ରମଣ, ଜେନେଟିକ୍ ଅସ୍ୱାଭାବିକତା ମଧ୍ୟ ମସ୍ତିଷ୍କ ପାଲ୍ସି ସୃଷ୍ଟି କରିଥାଏ । ମସ୍ତିଷ୍କକୁ ଆଚ୍ଛାଦନ କରୁଥିବା ଟିସୁର ପ୍ରଦାହ (ମେନିଞ୍ଜାଇଟିସ୍), ରକ୍ତରେ ବିଲିରୁବିନର ଉଚ୍ଚ ସ୍ତର (କର୍ଣ୍ଣିକଟରସ୍), ରକ୍ତ ପ୍ରବାହର ସଂକ୍ରମଣ (ସେପ୍ସିସ୍), ଆଘାତ ଏବଂ ଭୟଙ୍କର ଡିହାଇଡ୍ରେସନ୍ ମସ୍ତିଷ୍କକୁ କ୍ଷତି ପହଞ୍ଚାଇପାରେ ଏବଂ ମସ୍ତିଷ୍କ ପାଲ୍ସି ହୋଇପାରେ ।

### ସେରେବ୍ରାଲ୍ ପାଲ୍ସିର ପ୍ରକାର:

ସେରେବ୍ରାଲ୍ ପାଲ୍ସିକୁ ସ୍ପାଷ୍ଟିକ୍ ସେରେବ୍ରାଲ ପାଲ୍ସି, ଡିସ୍କାଇନେଟିକ୍ ସେରେବ୍ରାଲ ପାଲ୍ସି, ଆଟାକ୍ସିକ୍ ସେରେବ୍ରାଲ ପାଲ୍ସି, ମିଶ୍ରିତ ସେରେବ୍ରାଲ୍ ପାଲ୍ସି ଏପରି ଚାରି ପ୍ରକାରରେ ବିଭକ୍ତ କରାଯାଇଛି ।

- **ସ୍ପାଷ୍ଟିକ୍ ସେରେବ୍ରାଲ ପାଲ୍ସି:** ଏଥିରେ ରୋଗୀଙ୍କ ମାଂସପେଶୀ ବହୁତ କଠିନ ରହିଥିବାରୁ ସେମାନଙ୍କୁ ଚାଲିବାରେ ଅସୁବିଧା ହୁଏ । ପ୍ରଭାବିତ ଅଙ୍ଗ ଆଧାରରେ ସ୍ପାଷ୍ଟିକ୍ ସେରେବ୍ରାଲ୍ ପାଲ୍ସି ମଧ୍ୟ ୩ ଭାଗରେ ବିଭକ୍ତ । ଯଥା:- ସ୍ପାଷ୍ଟିକ୍ ଡାଇପ୍ଲେଜିଆ, ସ୍ପାଷ୍ଟିକ୍ ହେମିପ୍ଲେଜିଆ ସ୍ପାଷ୍ଟିକ୍ କ୍ୱାଡ୍ରିପ୍ଲେଜିଆ ରହିଛି । ସ୍ପାଷ୍ଟିକ୍ ସେରେବ୍ରାଲ୍ ପାଲ୍ସିକୁ ସବୁଠାରୁ ଭୟଙ୍କର ବିବେଚନା କରାଯାଏ । ପୀଡ଼ିତ, ମାଂସପେଶୀ ଜଡ଼ିତ ସହ ମାନସିକ, ଅପସ୍ମାର, ଶ୍ରବଣ, ବକ୍ତବ୍ୟ ଏବଂ ଦୃଷ୍ଟିଶକ୍ତିରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।
- **ଡିସ୍କାଇନେଟିକ୍ ସେରେବ୍ରାଲଲ୍ ପାଲ୍ସି:** ଏଥିରେ ଡିଷ୍ଟୋନିଆ, ଆଥେଟୋସିସ୍ ଏବଂ କୋରିୟା ଭଳି ଅନେକ ଲକ୍ଷଣ ଦେଖାଯାଏ । କେତେକ କ୍ଷେତ୍ରରେ ରୋଗୀର ଚେହେରା ଏବଂ ଜିଭ ପ୍ରଭାବିତ ହୋଇ କଥାବାର୍ତ୍ତା ଏବଂ ଖାଇବାରେ ସମସ୍ୟା ହୋଇଥାଏ ।
- **ଆଟାକ୍ସିକ୍ ସେରେବ୍ରାଲ୍ ପାଲ୍ସି:** ବ୍ୟକ୍ତି ଚଳପ୍ରଚଳ, କଥା କହିବା, ଖାଇବା କିମ୍ବା ହଠାତ୍ ଗତି କରିବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।
- **ମିଶ୍ରିତ ସେରେବ୍ରାଲ୍ ପାଲ୍ସି:** ଏଥିରେ ବ୍ୟକ୍ତିର ଲକ୍ଷଣ ଉପରଲିଖିତ ଦୁଇ କିମ୍ବା ଅଧିକର ମିଶ୍ରଣ ଅଟେ ।

### ନିରାକରଣ

ବିକାଶମୂଳକ ମନିଟରିଂ ଦ୍ୱାରା ସମୟ ସହିତ ଶିଶୁର ବୃଦ୍ଧି ଏବଂ ବିକାଶକୁ ଟ୍ରାକ୍ କରିବା । ଶିଶୁର ବିକାଶରେ ବିଳମ୍ବ ଲକ୍ଷଣ ଦେଖିଲେ



ଯଥାଶୀଘ୍ର ମସ୍ତିଷ୍କ ଇମେଜିଙ୍ଗ୍, ସିଟି ସ୍କାନ୍, ଚୁମ୍ବକୀୟ ରିଜୋନାନ୍ସ ଇମେଜିଙ୍ଗ୍ କରାଇ ଚିକିତ୍ସା କରାଇବା ଉଚିତ । ଏହା ବ୍ୟତୀତ ଲ୍ୟାବ୍ ପରୀକ୍ଷା - ରକ୍ତ ଏବଂ ପରିସ୍ରା ପରୀକ୍ଷା ଜେନେଟିକ ଏବଂ ମେଟାବୋଲିକ୍ ସମସ୍ୟାକୁ ଏଡ଼ାଇବାରେ ସାହାଯ୍ୟ କରିଥାଏ । ମାଂସପେଶୀ ସମସ୍ୟା ଅଧିକ ରହିଥିଲେ ସ୍ନାୟୁଗୁଡ଼ିକର ଇଲେକ୍ଟ୍ରିକ୍ ଅଧ୍ୟୟନ (ସ୍ନାୟୁ ପରିଚାଳନା ଅଧ୍ୟୟନ) ଏବଂ ମାଂସପେଶୀ (ଇଲେକ୍ଟ୍ରୋମାଇଗ୍ରାଫି) ଏବଂ ଜେନେଟିକ୍ ପରୀକ୍ଷା କରାଇବାକୁ ପ

ଏହି ରୋଗ ପାଇଁ ସର୍ଜରୀ ଏବଂ ଥେରାପି ହେଉଛି ସାଧାରଣ ଚିକିତ୍ସା ପଦ୍ଧତି । ମାଂସପେଶୀ ନରମ କରିବା , ଟେଣ୍ଡନ୍ ରିଲିଜ୍, ହିପ୍ ସ୍ଥାନାନ୍ତର, କିମ୍ବା ସ୍କୋଲିଓସିସ୍ ଇତ୍ୟାଦି ସମ୍ବନ୍ଧୀୟ ଅସ୍ତ୍ରୋପଚାର ଅନେକ କ୍ଷେତ୍ରରେ ପିଲାମାନଙ୍କ ପାଇଁ ସହାୟକ ହୋଇପାରେ । ବୁଝିବା, ଚାଲିବା ଓ ଭାରସାମ୍ୟ ରକ୍ଷା ପାଇଁ ଫିଜିଓ ଥେରାପି ଏବଂ ଅକ୍ୟୁପେସନାଲ ଥେରାପି କାମ କରେ । ସେହିପରି ସ୍ପିଚ୍ ଥେରାପି ଦ୍ୱାରା କଥା କହିବା ଶିଖିଥାନ୍ତି । ତେବେ ବୃତ୍ତିଗତ ଥେରାପିଷ୍ଟମାନେ ମସ୍ତିଷ୍କ ପାଲ୍ସି ପ୍ରଭାବିତ ପିଲାଙ୍କୁ ସେମାନଙ୍କର ମାଂସପେଶୀ ସମସ୍ୟାର ନିରାକରଣ କରି ପ୍ରତିଦିନର କାର୍ଯ୍ୟକଳାପ (ଯେପରିକି ଗାଧୋଇବା, ଖାଇବା, ଏବଂ ପୋଷାକ ପିନ୍ଧିବା) ଶିଖିବାରେ ସାହାଯ୍ୟ କରି ଥାଆନ୍ତି କିମ୍ବା ଥେରାପିଷ୍ଟମାନେ ପିଲାମାନଙ୍କୁ ସାହାଯ୍ୟ ଏବଂ ସହାୟକ ଉପକରଣ, ଯନ୍ତ୍ରପାତି ବ୍ୟବହାର କରିବାକୁ ଶିକ୍ଷା ଦେଇଥାଆନ୍ତି । ପିଲାଙ୍କୁ ସର୍ବୋତ୍ତମ ଚିକିତ୍ସା ସହାୟତା ପ୍ରଦାନ କରିବା ଦ୍ୱାରା ମସ୍ତିଷ୍କ ପାଲ୍ସି ଆୟୁଷରେ ବାଧା ସୃଷ୍ଟି କରେ ନାହିଁ ।


ସ୍କୁଲ୍ ଅଫ୍ ଓକ୍ୟୁପେସନାଲ ଆଣ୍ଡ ଫିଜିଓଥେରାପି, ଡ୍ରିମ୍ସ ୟୁନିଭର୍ସିଟି, କଟକ


# ମୁଣ୍ଡବିନ୍ଧା ସାଜିପାରେ ଷ୍ଟ୍ରୋକ୍‌ର କାରଣ



ଉଚ୍ଚ ରକ୍ତ ଚାପ, ଉଚ୍ଚ କୋଲେଷ୍ଟ୍ରଲ, ଟାଇପ୍-୨ ମଧୁମେହ, ମୋଟାପଣ ଆଦି ବିଭିନ୍ନ କାରଣ ଯୋଗୁଁ ଷ୍ଟ୍ରୋକ୍ ହେବା କଥା ସମସ୍ତେ ଜାଣିଛନ୍ତି । ଯେତେବେଳେ ମସ୍ତିଷ୍କର କୌଣସି ଅଂଶରୁ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇ ନ ଥାଏ, ସେତେବେଳେ ଷ୍ଟ୍ରୋକ୍ ଭଳି ସମସ୍ୟା ଦେଖାଯାଇଥାଏ । ନିକଟରେ ଏକ ନୂତନ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି ଯେ, ଯୁବପିଢ଼ିଙ୍କ ମଧ୍ୟରେ ମାଇଗ୍ରେନ୍ ଷ୍ଟ୍ରୋକ୍‌ର ଆଶଙ୍କାକୁ ବୃଦ୍ଧି କରାଏ । ମୁଣ୍ଡବ୍ୟଥାକୁ ପ୍ରାୟତଃ ସାଧାରଣ ସମସ୍ୟା ଭାବନ୍ତି, ହେଲେ ମାଇଗ୍ରେନ୍ ମୁଣ୍ଡବ୍ୟଥାର ଏକ ସାଂଘାତିକ ଅବସ୍ଥା, ଯେଉଁଥିରେ ଲୋକଙ୍କ ଶିରରେ ଲଗାତାର ଯନ୍ତ୍ରଣା ଅନୁଭବ ହୋଇଥାଏ । ଆମେରିକା ହାର୍ଟ ଆସୋସିଏସନ (ଏଏଚ୍ଏ) ରିପୋର୍ଟ ଅନୁସାରେ ୩୫ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ମାଇଗ୍ରେନ୍ ଷ୍ଟ୍ରୋକ୍‌ର ସଙ୍କେତ ଦେଇଥାଏ । ଏହି ଅଧ୍ୟୟନ ସମୟରେ ୧୮ ରୁ ୫୫ ବର୍ଷର ପ୍ରାୟ ୧୦ ହଜାର ଲୋକଙ୍କ ଡାଟାକୁ ବିଶ୍ଳେଷଣ କରାଯାଇଥିଲା । ଏଥିରୁ ସ୍ପଷ୍ଟ ହେଲା ୩୫ ବର୍ଷରୁ କମ୍ ବୟସର ମହିଳାଙ୍କ ଠାରେ ୪୩% ଏବଂ ପୁରୁଷଙ୍କ ଠାରେ ୩୧ ପ୍ରତିଶତ ଷ୍ଟ୍ରୋକ୍ ସହିତ ମାଇଗ୍ରେନ୍ ସମସ୍ୟା ଜଡ଼ିତ ରହିଛି । ଉଭୟ ମୁଣ୍ଡବିନ୍ଧା ଓ ଷ୍ଟ୍ରୋକ୍ ମସ୍ତିଷ୍କଜନିତ ସମସ୍ୟା । କେବେ କେବେ ମାଇଗ୍ରେନ୍ ଲକ୍ଷଣ ଷ୍ଟ୍ରୋକ୍ ସହିତ ସମାନ ମଧ୍ୟ ଥାଏ । ତେଣୁ ଆରମ୍ଭରୁ ମୁଣ୍ଡ ଜୋର୍‌ରେ ବିନ୍ଧା ହୋଇ ପରେ ବାନ୍ତି ହେବା, ଖାଇବାକୁ ଇଚ୍ଛା ନ ହେବା ଆଦି ସମସ୍ୟା ଦେଖାଦିଏ । ପ୍ରତିଦିନ ମୁଣ୍ଡବିନ୍ଧା ହେବା ଏବଂ ବିନା ଔଷଧରେ ଭଲ ନ ହେବା ଭଳି ସମସ୍ୟା ମାଇଗ୍ରେନ୍‌ର ଲକ୍ଷଣ ହୋଇଥାଏ । ଡିହାଇଡ୍ରେସନ୍ ଯୋଗୁଁ ମଧ୍ୟ ମୁଣ୍ଡବିନ୍ଧା ଭଳି ସମସ୍ୟା ଦେଖାଯାଇଥାଏ । କେବଳ ଖରାଦିନେ ନୁହେଁ; ଶୀତଦିନେ ମଧ୍ୟ ଶରୀରକୁ ଅଧିକ ପାଣି ଦରକାର ହୋଇଥାଏ । ତେଣୁ ପ୍ରତିଦିନ ଅତି କମ୍‌ରେ ୮ - ୧୦ଗ୍ଲାସ୍ ପାଣି ପିଇବା ନିହାତି ଆବଶ୍ୟକ । ମାଇଗ୍ରେନ୍ କୌଣସି ମୁହୂର୍ତ୍ତରେ ବି ଏକ ସାଂଘାତିକ ରୋଗର ରୂପ ନେଇପାରେ । ଏହା ବିଭିନ୍ନ ବର୍ଗର ଲୋକଙ୍କ ଠାରେ ଦେଖାଯାଉଥିବାବେଳେ ଏଥିପ୍ରତି ସଚେତନ ରହିବା ସହ ସର୍ବଦା ଚିନ୍ତାମୁକ୍ତ ରହିବା ଜରୁରି ।

# କେତେ ଭଲ ଋତୁସ୍ରାବରୋଧ ଔଷଧ



**ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଏକ ଶାରୀରିକ ପ୍ରକ୍ରିୟାକୁ ଋତୁସ୍ରାବ ବା ମାସିକ ଧର୍ମ ବୋଲି କୁହାଯାଇଥାଏ । ଏହା ମହିଳାମାନଙ୍କର ପ୍ରାପ୍ତବୟସ୍କା ହେବାର ସୂଚନା ପ୍ରଦାନ କରିଥାଏ । ଋତୁସ୍ରାବ ସମୟରେ ମହିଳାଙ୍କ ପେଟ ଯନ୍ତ୍ରଣା, ଅଣ୍ଟା ବିନ୍ଧିବା, ମୁଡ୍ ସୁଇଂ ହେବା ଆଦି ବିଭିନ୍ନ ସମସ୍ୟା ଦେଖାଦିଏ । ସମ୍ପ୍ରତି ଅଧିକାଂଶ ମହିଳା ଭ୍ରମଣ, ମାଙ୍ଗଳିକ ଉତ୍ସବ କିମ୍ବା ଅନ୍ୟାନ୍ୟ ସ୍ୱତନ୍ତ୍ର ଦିନମାନଙ୍କରେ ଏହି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଔଷଧ ବ୍ୟବହାର କରି ଋତୁସ୍ରାବ ସମୟକୁ ଗଡ଼ାଇ ଦେଉଛନ୍ତି । ତେବେ ଔଷଧ ଖାଇ ଋତୁସ୍ରାବକୁ ସାମୟିକ ରୋକିବା ଦ୍ୱାରା ସୃଷ୍ଟି ହେଉଥିବା ଶାରୀରିକ ସମସ୍ୟା ତଥା ଏହାର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ଜାଣିବା...**

ଋତୁସ୍ରାବ ରୋକିବାକୁ ବ୍ୟବହୃତ ଔଷଧରେ ହର୍ମୋନ ପ୍ରୋଜେଷ୍ଟ୍ରନ୍ ଓ ନର ଏଥିଷ୍ଟେରୋନ ରହିଥାଏ । ଏହି ଔଷଧ ସେବନ କରି ଋତୁସ୍ରାବକୁ ନିର୍ଦ୍ଦିଷ୍ଟ ସମୟ ପାଇଁ ରୋକାଯାଇଥାଏ । ଅଧିକାଂଶ ଫେସିକ୍ ପିଲ୍ସ ଏବଂ ମିନି ପିଲ୍ସ ବ୍ୟବହାର କରାଯାଉଥିବାବେଳେ ଏହି ଔଷଧ ଖାଇବା ପୂର୍ବରୁ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି ।

**ପ୍ରଭାବିତ ଋତୁଚକ୍ର:** ବାରମ୍ବାର ଏହି ଔଷଧ ସେବନ ଦ୍ୱାରା ଋତୁଚକ୍ର ଏବଂ ପ୍ରଜନନ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିଥାଏ । ଏହାଦ୍ୱାରା ଶରୀରର ହରମୋନ୍‌ଗୁଡ଼ିକ ପ୍ରଭାବିତ ହୁଏ । ଗର୍ଭଧାରଣରେ ସମସ୍ୟା ଉପୁଜିବା ସହ ଋତୁସ୍ରାବରେ ଅନିୟମିତତା ଦେଖାଦିଏ ।

**ଡିଭିଟି ଆଶଙ୍କା:** ଏହି ଔଷଧ ବ୍ୟବହାର ଦ୍ୱାରା ଗମ୍ଭୀର ରୋଗ ସୃଷ୍ଟି କରିଥାଏ । ଏମିତି ଏକ ରୋଗ ହେଉଛି ଡିଭିଟି ବା ଡିପ୍ ଭେନ୍ ଥ୍ରମ୍ବୋସିସ । ଏଥିରେ ଶିରାରେ ରକ୍ତ ଜମାଟ ବାନ୍ଧି ଯାଇଥାଏ । ଏହି ସମସ୍ୟା ଯଦି ହୃତ୍‌ପିଣ୍ଡ କିମ୍ବା ମସ୍ତିଷ୍କରେ ଦେଖାଦିଏ, ତେବେ ଏଥିରେ ମୃତ୍ୟୁ ହେବାର ଆଶଙ୍କା ଅଧିକ ରହିଥାଏ ।

**ଅଧିକ ରକ୍ତସ୍ରାବ:** ଅଧିକାଂଶ ମହିଳା ସ୍ତ୍ରୀ ବିଶେଷଜ୍ଞଙ୍କୁ ପରାମର୍ଶ ନ କରି ଔଷଧ ଖାଇଥାନ୍ତି । ଏମାନଙ୍କ ମଧ୍ୟରୁ ୨୦ ପ୍ରତିଶତ ମହିଳାଙ୍କର ମାସିକ ଧର୍ମ ବେଳେ ଅଧିକ ରକ୍ତସ୍ରାବ ହୋଇଥାଏ । ରକ୍ତସ୍ରାବ ଲଗାତାର ମାସେ ଯାଏଁ ଚାଲିଥାଏ । ଏହାଦ୍ୱାରା ଉଚ୍ଚରକ୍ତଚାପ ଏବଂ କିଡ୍‌ନୀ ଅଚଳ ଭଳି ସମସ୍ୟା ସୃଷ୍ଟି କରିଥାଏ ।

**ତରଳଝାଡ଼ା/ପେଟ ଯନ୍ତ୍ରଣା:** ଏହି ଔଷଧରେ ପ୍ରୋଜେଷ୍ଟରୋନ ଥିବାରୁ ଏହାକୁ ଅଧିକ ସେବନ ଦ୍ୱାରା ପେଟ ଯନ୍ତ୍ରଣା ଓ ତରଳ ଝାଡ଼ା ହୁଏ । ଗୋଡ଼ ଓ ହାତ ବିନ୍ଧା ହୁଏ ।

**ସ୍ୱାସ୍ଥ୍ୟ ସମସ୍ୟା ଓ ସମାଧାନ:** ଅନେକଙ୍କ ଶରୀରରେ ଏହି ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ମୁଣ୍ଡବିନ୍ଧା, ହର୍ମୋନରେ ଅସନ୍ତୁଳନ ସମସ୍ୟା, ଓଜନ ବୃଦ୍ଧି, ସ୍ତନରେ ଶିଥିଳତା, ମୁଡ୍ ସୁଇଙ୍ଗ ଏବଂ ଉଚ୍ଚରକ୍ତଚାପ, ଆଜ୍‌ମା, ମାଇଗ୍ରେନ ଭଳି ରୋଗ ସୃଷ୍ଟି ହୋଇଥାଏ । ତେଣୁ ଋତୁସ୍ରାବ ତାରିଖର ପୂର୍ବରୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ସେବନ କରନ୍ତୁ । ଔଷଧ ଖାଇବାର ୧୦ରୁ ୧୫ ଦିନ ପରେ ଋତୁସ୍ରାବ ନ ହୁଏ, ଡାକ୍ତରଙ୍କୁ ପରାମର୍ଶ କରନ୍ତୁ ।

# ସ୍କିନ୍ ପିଲିଙ୍ଗ

**ଶୁଷ୍କ ତ୍ୱଚା, ସନ୍‌ବର୍ଣ୍ଣ, ସୋରିୟାସିସ୍, ଏଲର୍ଜି ଆଦି କାରଣରୁ ହାତ ଏବଂ ତ୍ୱଚାରେ ଛାଲ ପଡ଼ିଥାଏ । ଏହାଦ୍ୱାରା ହାତ ଓ ଗୋଡ଼ର ଚମଡ଼ା ଉପରି ଭାଗ ଶୁଖି ପରସ୍ତ ପରସ୍ତ ହୋଇ ବାହାରିଥାଏ । ଏହାକୁ ସ୍କିନ୍ ପିଲିଙ୍ଗ କୁହାଯାଏ । ଗରମ ଦିନେ ଏହି ସମସ୍ୟା ଅଧିକ ଦେଖାଯାଉଥିଲେ ଏହାର ଯତ୍ନ ନିଅନ୍ତୁ ।**

- ଖରା, ବାୟୁ, ଶୁଷ୍କ ଏବଂ ଆର୍ଦ୍ରତା ସଂସ୍ପର୍ଶରେ ଆସୁଥିବାରୁ ତ୍ୱଚା ଜଳାପୋଡ଼ା ସହିତ ବ୍ୟାକ୍ଟେରିଆଲ ସଂକ୍ରମଣ, କୁପୋଷଣ ଏବଂ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଏଥିରୁ ସୁରକ୍ଷା ରହିବା ପାଇଁ ପ୍ରଚୁର ପାଣି ପିଇବା ସହିତ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଦରକାର ।
- ତ୍ୱଚା ଅଧିକ ଶୁଷ୍କ ହୋଇ ହାତରୁ ଚମଡ଼ା ବାହାରୁଥିଲେ, ହାତକୁ ୧୦ ମିନିଟ୍ ପାଇଁ ଗରମ ପାଣିରେ ଭିଜାଇ ରଖନ୍ତୁ । ଏହାଦ୍ୱାରା ସହଜରେ ହାତରୁ ଚମଡ଼ା ବାହାରିଯାଏ । ହାତ କୋମଳ ରହିଥାଏ ।
- ହାତ ଏବଂ ଗୋଡ଼ରୁ ବାହାରୁଥିବା ଚମଡ଼ା ଦ୍ୱାରା ଏହା ଚର୍ମର ଶୁଷ୍କତାକୁ ସୂଚାଇଥାଏ । ତେଣୁ ଭିଟାମିନ୍ ଇ ତେଲ ହାତ ଏବଂ ଗୋଡ଼ରେ ମାଲିସ୍ କରିପାରିବେ । ହାତରେ ଚମକ ଆସିବା ସହ ଶୁଷ୍କତା ଦୂର ହୁଏ ।
- ହାତ-ପାଦରେ ଦେଖାଯାଉଥିବା ଶୁଷ୍କପଣ, ସନ୍‌ବର୍ଣ୍ଣ ଆଦିରେ ଘି-କୁଆଁରୀ ରସ ଲଗାଇ ହାଲୁକା ମାଲିସ୍ କରିପାରିବେ । ୧୫ ମିନିଟ୍ ଶୁଖାଇ ନଖଉଷୁମ ପାଣିରେ ଧୋଇଦେବେ । ନଡ଼ିଆ ତେଲରେ ମାଲିସ୍ କରି ବାହାରକୁ ବାହାରିବେ ।
- ତେଲିଆ ତ୍ୱଚା ଥିଲେ ଚନ୍ଦନ, କର୍ପୂର ଓ ହଳଦୀ ମିଶ୍ରଣ ଲଗାଇ ଶୁଖିଗଲା ପରେ ସ୍ନାନ କଲେ, ତ୍ୱଚା ସୁନ୍ଦର ଓ ସତେଜ ରୁହେ ।
- ଶୁଷ୍କ ତ୍ୱଚା ପାଇଁ ହଳଦୀ, ଜଡ଼ା ତେଲ, ନିମପତ୍ର ବଟା ମିଶାଇ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ତ୍ୱଚାକୁ ମାଲିସ କଲେ ଉପକାର ମିଳିଥାଏ ।

ସୁସ୍ଥ ମନ ଓ ସୁସ୍ଥ ଶରୀର



# ପରିସ୍ରା ଦୁର୍ଗନ୍ଧର କାରଣ...

**ଭିଟାମିନ୍ ହେଉ କି କୌଣସି ଔଷଧ ସେବନ କରିବା ପରେ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ । ହେଲେ ବିନା କାରଣରେ ପରିସ୍ରାରୁ ଗନ୍ଧ ଆସିବା ସାମାନ୍ୟ କଥା ନୁହେଁ । ପରିସ୍ରାର ରଙ୍ଗ ଏବଂ ଗନ୍ଧ ମଧ୍ୟ ସ୍ୱାସ୍ଥ୍ୟ ବିଷୟରେ ଅନେକ ସୂଚନା ଦେଇଥାଏ । ତେବେ କେଉଁ କାରଣରୁ ଗନ୍ଧଯୁକ୍ତ ପରିସ୍ରା ହୋଇଥାଏ ଜାଣିବା ।**



- ପରିସ୍ରାରେ ଗନ୍ଧ ହେବାର କାରଣ ଭିଟାମିନ୍ ବି । ଏହାର ସପ୍ଲିମେଣ୍ଟ ହିଁ ରଙ୍ଗ ପରିବର୍ତ୍ତନ କରିଥାଏ ।
- ମଧୁମେହ କାରଣରୁ ଶର୍କରା ସ୍ତର ବୃଦ୍ଧି ପାଇ ପରିସ୍ରାରୁ ଗନ୍ଧ ଆସିଥାଏ । ଏହି ଦୁର୍ଗନ୍ଧକୁ ମଧୁମେହ ଆରମ୍ଭର ସଙ୍କେତ ଭାବେ ଦେଖାଯାଏ । ସେହିପରି ୟୁରିନାରୀ ଟ୍ରାକ୍ଟ ଇନ୍‌ଫେକ୍ସନ ପୀଡ଼ିତଙ୍କ ପରିସ୍ରାରୁ ଗନ୍ଧ ଆସିଥାଏ । ପୁରୁଷଙ୍କ ତୁଳନାରେ ମହିଳାଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖାଯାଏ । ପରିସ୍ରା ଜଳାପୋଡ଼ା ହୋଇଥାଏ । ଅନେକ ସମୟରେ ଅଧିକ ସମୟ ପରିସ୍ରାକୁ ଚାପି ରଖିବା ଦ୍ୱାରା ଏହି ସମସ୍ୟା ହୁଏ । ଏହା ଯକୃତ୍ ଅଚଳ ହେବା ଆଶଙ୍କା ବୃଦ୍ଧି କରାଏ । ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କରିବା ସହ ନିୟମିତ ୧୦ରୁ ୧୨ ଗ୍ଲାସ ପାଣି ପିଇବା ଜରୁରି । ବେଳେବେଳେ କୌଣସି କାରଣ ନ ଥାଇ ମଧ୍ୟ ପରିସ୍ରା ଦୁର୍ଗନ୍ଧ ହୁଏ ।
- ଗର୍ଭଧାରଣ ସମୟରେ ଶରୀରର ହର୍‌ମୋନ୍‌ରେ ପରିବର୍ତ୍ତନ ହେଉଥିବାରୁ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନ କାରଣରୁ ପରିସ୍ରା ଦୁର୍ଗନ୍ଧ ହୋଇଥାଏ । ମୂତ୍ରାଶୟକୁ ପ୍ରଭାବିତ କରୁଥିବା ସମସ୍ୟା ମୂତ୍ର ଗନ୍ଧକୁ ପ୍ରଭାବିତ କରେ । ଅନେକ ସମୟରେ ଆନୁବଂଶିକ କାରଣରୁ ପରିସ୍ରା ଦୁର୍ଗନ୍ଧ ସମସ୍ୟା ସାରା ଜୀବନ ରହିଥାଏ । ପରିସ୍ରା ସଂକ୍ରମଣ, ଜଣ୍ଡିସ୍ ତଥା ଯକୃତ୍ ସଂକ୍ରମଣରୁ ପରିସ୍ରାରୁ ଦୁର୍ଗନ୍ଧ ଆସିଥାଏ ।
- ଅଧିକ ମସଲାଯୁକ୍ତ ଖାଦ୍ୟ, ପିଆଜ, ରସୁଣ ଆଦି କମ୍ ଖାଇବା ଉଚିତ । ପରିସ୍ରାରୁ ଆସୁଥିବା ଗନ୍ଧକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରନ୍ତୁ ।



### ରିଆନ ପରାଗଙ୍କ ଧୂଆଁଧାର ଅର୍ଦ୍ଧଶତକ

# ରାଜସ୍ଥାନ ରୟାଲ୍ସର ଦ୍ୱିତୀୟ ବିଜୟ

**ଜୟପୁର, ୨୮।୩(ଏଜେନ୍ସି)**

ଯୁବ ଖେଳାଳି ରିଆନ ପରାଗଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍‌ର ୯ମ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୧୨ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ରାଜସ୍ଥାନ ରୟାଲ୍ସ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଥିଲାବେଳେ ଦିଲ୍ଲୀ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ୪୫ ବଲ୍‌ରୁ ୭ଚୌକା ଓ ୬ଛକା ସହାୟତାରେ ଅପରାଜିତ ୮୪ ରନ କରିଥିବା ରିଆନ ପରାଗ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟରେ ୧୮୫ ରନ୍ କରିଥିଲା। ଜବାବରେ ଦିଲ୍ଲୀ ସମାନ ସଂଖ୍ୟକ ଓଭର ଖେଳି ୫ ୱିକେଟ ବିନିମୟରେ ୧୭୩ ରନ୍ କରିଥିଲା। ଦଳ ପକ୍ଷରୁ ବରିଷ୍ଠ ଖେଳାଳି ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣର ୩୪ବଲ୍‌ରେ ୫ ଚୌକା ଓ ୩ଛକା ସର୍ବାଧିକ ୪୯ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକୀୟ ଖେଳାଳି ଟ୍ରିଷ୍ଟାନ ଷ୍ଟବ୍ସ ୨୩ ବଲ୍‌ରେ ୨ ଚୌକା ଓ ୩ ଛକା ସହ ୪୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇବାରେ ଅସମର୍ଥ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ ୧୨ ବଲ୍‌ରେ ୨୩ ଓ ଅଧିନାୟକ ଋଷଭ ପନ୍ତ୍ ୨୬ ବଲ୍‌ରେ ୨୮ ରନ୍ କରିଥିଲେ ମଧ୍ୟ କେହି ଏକ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ବିଜୟୀ ରାଜସ୍ଥାନ ପକ୍ଷରୁ ନାନ୍ଦ୍ରେ ବର୍ଗର ଓ ଯୁଜବେନ୍ଦ୍ର ଚହଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଶେଷ ଓଭରରେ ଚମତ୍କାର ବୋଲିଂ କରିଥିବା ଆଭେଶ ଖାନ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା।

### ରାଜସ୍ଥାନ ସମ୍ମାନ ରଖିଲେ ରିଆନ

> **ଆଇପିଏଲ୍-୧୭**
> **ଆଜିର ମ୍ୟାଚ୍**
> **ବେଙ୍ଗାଲୁରୁ- କୋଲକାତା**
> ସ୍ଥାନ- ବେଙ୍ଗାଲୁରୁ, ସମୟ- ରାତି ୭ଟା ୩୦
> - ପ୍ରସାରଣ -
> ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

ଏଠାରେ ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରିବା ପରେ ଦିଲ୍ଲୀ ପେସ୍ ବୋଲରଙ୍କ ବିପକ୍ଷରେ ସଂଘର୍ଷ କରିଥିଲା। ଏପରିକି ପ୍ରଥମ ୮ ଓଭରରେ ଦଳର ସମସ୍ତ ତାରକା ଖେଳାଳି ଯଶସ୍ୱୀ ଜୟସ୍ୱାଲ (୫), ଜୋସ୍ ବଟଲର (୧୧) ଓ ଅଧିନାୟକ ସଞ୍ଜୁ ସାମସନ (୧୫) ଆଉଟ ହୋଇଯାଇଥିଲେ। ଏହି ସମୟରେ ଯୁବ ଖେଳାଳି ରିଆନ ପରାଗଙ୍କ ସହ ଯୋଗ ଦେଇଥିଲେ ରବିଚନ୍ଦ୍ରନ ଅଶ୍ୱିନ। ଏହି ଅଲରାଉଣ୍ଡର ପ୍ରଥମେ କୁଲଦୀପ ଯାଦବ ଓ ପରେ ଆନରିଚ୍ ନୋର୍ଜେଙ୍କୁ ୨ଟି ଛକା ମାରି ରିଆନଙ୍କ ଉପରୁ ବୋଝ ହଟାଇଦେଇଥିଲେ। ୧୩.୩ ଓଭରରେ ଅଶ୍ୱିନଙ୍କ ରୂପରେ ଦଳ ୯୦ ରନ୍ ମଧ୍ୟରେ ଚତୁର୍ଥ ୱିକେଟ ହରାଇଥିଲା। ଅଶ୍ୱିନଙ୍କ ପରେ ଧ୍ରୁବ ଜୁରେଲ ୧୨ ବଲ୍‌ରେ ୨୦ ଓ ସିମରନ ହେଟମାୟର ୭ ବଲ୍‌ରେ ଅପରାଜିତ ୧୪ ରନ୍ କରି ହାତ ଖୋଲା ସଟ୍ ଖେଳିଥିଲେ। ରିଆନ ସମସ୍ତଙ୍କ ସାଥ୍ ଦେଇଥିଲାବେଳେ ଆକ୍ରମଣାତ୍ମକ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ନୋର୍ଜେ ବୋଲିଂ କରିଥିବା ପାଳିର ଶେଷ ତଥା ୨୦ତମ ଓଭରରେ ପରାଗ ୩ଟି ଚୌକା ଓ ୨ଟି ଛକା ସହ ୨୫ ରନ୍ ଉଠାଇଥିଲେ। ଏହି ପାଳିରେ ସେ ୪୫ ବଲ୍ ଖେଳି ୭ ଚୌକା ଓ ୬ଛକା ସହ ୮୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ରାଜସ୍ଥାନ ପ୍ରଥମ ୧୦ ଓଭରରେ ୩ ୱିକେଟରେ ୫୭ ରନ୍ କରିଥିଲା। ରିଆନ ପରାଗଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଦଳ ଶେଷ ୧୦ ଓଭରରେ ୨ ୱିକେଟ ହରାଇ ୧୨୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦିଲ୍ଲୀ ପକ୍ଷରୁ ବୋଲିଂ କରିଥିବା ସମସ୍ତ ୫ଜଣଯାକ ବୋଲର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। କିନ୍ତୁ ଅକ୍ଷର ପଟେଲ ତାଙ୍କ ୪ ଓଭରରେ ସବୁଠାରୁ କମ୍ ୨୧ ଓ ମୁକେଶ କୁମାର ୪ ଓଭରରେ ସର୍ବାଧିକ ୪୯ ରନ୍ ବ୍ୟୟ କରିଥିଲେ। ନୋର୍ଜେ ୪ ଓଭରରେ ୪୮ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି।

# ପ୍ରଥମ ଦିନକୁ ଦେଖିଲେ ରେକର୍ଡ ୧୭ କୋଟି ଦର୍ଶକ

**ନୂଆଦିଲ୍ଲୀ, ୨୮।୩(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ର ଚଳିତ ୧୭ତମ ସଂସ୍କରଣରେ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଲିଗ୍‌ର ଉଦ୍‌ଘାଟନୀ ଦିବସକୁ ପାଖାପାଖି ୧୭ କୋଟି ଦର୍ଶକ ଦେଖିଛନ୍ତି। ଡିସ୍‌ନୀ ହଟ୍‌ଷ୍ଟାର ଆପ୍‌ରେ ୧୬.୮ କୋଟି ଲୋକ ପ୍ରଥମ ଦିନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବ ଓ ମ୍ୟାଚ୍ ଦେଖିଛନ୍ତି। ଦର୍ଶକମାନେ ୧୨୭୬ କୋଟି ମିନିଟ୍ ପ୍ରଥମ ଦିବସର ଘଟଣାବଳୀକୁ ଉପଭୋଗ କରିଛନ୍ତି। ଆଇପିଏଲର ଯେକୌଣସି ସଂସ୍କରଣକୁ ଦୃଷ୍ଟିରେ ଦେଖିଲେ ଏହା ସର୍ବବୃହତ ଓ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ସେହିପରି ଟିଭିରେ ମଧ୍ୟ ରେକର୍ଡ ଦର୍ଶକ ପ୍ରଥମ ଦିବସକୁ ଉପଭୋଗ କରିଛନ୍ତି। ୬.୧ କୋଟି ଲୋକ ଉଭୟ ଟିଭି ଓ ଡିସନୀ ହଟ୍‌ଷ୍ଟାରରେ ପ୍ରଥମ ଦିବସକୁ ଉପଭୋଗ କରିଛନ୍ତି। ଉଦ୍‌ଘାଟନୀ ମୁକାବିଲାରେ ଗତଥରର ଚାମ୍ପିଅନ ଚେନ୍ନାଇ ସୁପରକିଙ୍ଗ୍‌ସ ୬ ୱିକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଥିଲା। ସେହିପରି ଜିଓ ସିନେମା ଆପ୍‌ରେ ପ୍ରଥମ ଦିନକୁ ୧୧.୩ କୋଟି ଲୋକ ଦେଖିଛନ୍ତି। ଗତବର୍ଷ ଅର୍ଥାତ ୨୦୨୩ ସଂସ୍କରଣର ପ୍ରଥମ ଦିବସ ତୁଳନାରେ ଏହା ୫୧ ପ୍ରତିଶତ ବୃଦ୍ଧି ହୋଇଛି। ଜିଓ ସିନେମାରେ ଲୋକେ ୬୬୦ କୋଟି ମିନିଟ ଦେଖିଛନ୍ତି।

# ରାଜସ୍ଥାନରେ ମହାରାଜ, କେକେଆରରେ ଘଜନଫର ସାମିଲ

ଆଘାତ କାରଣ ଯୋଗୁଁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଆଉ ଦୁଇ ଖେଳାଳି ବାଦ୍ ପଡ଼ିଛନ୍ତି। ସେମାନେ ହେଲେ ରାଜସ୍ଥାନ ରୟାଲ୍ସର ପେସ୍ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ଆଫଗାନ ଅଫ୍ ସ୍ପିନର ମୁଜୀବ-ଉର-ରହମନ। ଏହା ଫଳରେ ଚଳିତ ଆଇପିଏଲ୍‌ରୁ ଦୁଇ ତାରକା ଖେଳାଳିଙ୍କ ବିଦାୟ ହୋଇଛି। ପ୍ରସିଦ୍ଧଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ବାମହାତୀ ସ୍ପିନର କେଶବ ମହାରାଜଙ୍କୁ ରାଜସ୍ଥାନ ନିଜ ଦଳରେ ସାମିଲ କରିଛି। ସେହିପରି ରହମନଙ୍କ ସ୍ଥାନରେ ଆଫଗାନିସ୍ତାନ ପକ୍ଷରୁ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିବା ଆଲ୍ଲା ଘଜନଫର କେକେଆର୍ ଦଳରେ ସାମିଲ ହୋଇଛନ୍ତି। କେଶବ ମହାରାଜ ଦକ୍ଷିଣ ଆଫ୍ରିକା ପକ୍ଷରୁ ୨୭ଟି ଟି-୨୦, ୪୪ ଦିନିକିଆ ଓ ୫୦ ଟେଷ୍ଟ ଖେଳି ୨୩୭ଟି ଅନ୍ତର୍ଜାତୀୟ ୱିକେଟ ଅକ୍ତିଆର କରିବାର ଅଭିଜ୍ଞତା ରଖିଛନ୍ତି। ରାଜସ୍ଥାନ କିନ୍ତୁ ମାତ୍ର ୫୦ ଲକ୍ଷ ଟଙ୍କା ବିନିମୟରେ ତାଙ୍କୁ ଦଳରେ ନେଇପାରିଛି।

● ଏଫ୍‌ଆଇଏଚ୍ ଆଥଲେଟ୍ସ କମିଟି

# ସହ ଅଧ୍ୟକ୍ଷ ହେଲେ ଶ୍ରୀଜେଶ



**ନୂଆଦିଲ୍ଲୀ, ୨୮।୩(ଏଜେନ୍ସି):** ଭାରତୀୟ ହକି ଦଳର ଗୋଲରକ୍ଷକ ପିଆର ଶ୍ରୀଜେଶ ଏଫ୍‌ଆଇଏଚ୍ ଆଥଲେଟ୍ସ କମିଟିର ସହ ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଚିଲିର କାମିଲା କାରମ ଆଉ ଜଣେ ଅଧ୍ୟକ୍ଷ ରହିଛନ୍ତି। କାମିଲା କାର୍ଯ୍ୟନିର୍ବାହୀ ବୋର୍ଡରେ ଆଥଲେଟ୍ସ କମିଶନକୁ ପ୍ରତିନିଧିତ୍ୱ କରିବେ। ଅନ୍ୟପକ୍ଷରେ ଶ୍ରୀଜେଶ ଯୋଜନା ସମ୍ପର୍କରେ କାମିଲାଙ୍କ ସହ କାମ କରିବେ। ଆଥଲେଟ୍ସ କମିଟିର କାମ ହେଲା ଏଫ୍‌ଆଇଏଚ୍ କାର୍ଯ୍ୟନିର୍ବାହୀ କମିଟି, ଉପଦେଷ୍ଟା କମିଟି ଓ ଅନ୍ୟାନ୍ୟ କମିଟିର ସଦସ୍ୟଙ୍କ ନାମ ସୁପାରିସ କରିବା। ଏହା ବ୍ୟତୀତ ଆଥଲେଟଙ୍କ ସମ୍ପର୍କରେ ଏଫ୍‌ଆଇଏଚ୍‌କୁ ସୂଚନା ଦେବା। ଏହା ମଧ୍ୟରେ ଖେଳାଳିଙ୍କ ପ୍ରଶିକ୍ଷଣ, ଉନ୍ନତି, ଆଣ୍ଟି ଡୋପିଙ୍ଗ, ହକି ଖେଳ ପ୍ରତି ଆକର୍ଷଣ ବଢ଼ାଇବାକୁ ନୂଆ ଯୋଜନା କରିବା ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିକୁ ହକି ଖେଳ ସମ୍ପର୍କରେ ସମସ୍ତ ପ୍ରକାର ସୂଚନା ଦେବା ସାମିଲ ରହିଛି। ଏଭଳି ଏକ କମିଟିରେ ସ୍ଥାନ ପାଇଥିବାରୁ ଶ୍ରୀଜେଶଙ୍କୁ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

# ଡାଏମଣ୍ଡ ଲିଗ୍‌ରେ ପଦାର୍ପଣ କରିବେ କିଶୋର

**ନୂଆଦିଲ୍ଲୀ, ୨୮ ।୩ (ଏଜେନ୍ସି):** ବିଶ୍ୱ କ୍ରୀଡ଼ାର ଅନ୍ୟତମ ଆକର୍ଷଣୀୟ ପ୍ରତିଯୋଗିତା ଡାଏମଣ୍ଡ ଲିଗ୍‌ରେ ଓଡ଼ିଆ ଜାଭେଲିନ ତାରକା କିଶୋର ଜେନା ପଦାର୍ପଣ କରିବାକୁ ଯାଉଛନ୍ତି। ମେ ୧୦ରେ ହେବାକୁ ଥିବା ଡାଏମଣ୍ଡ ଲିଗ୍‌ର ଦୋହା ସିରିଜରେ କିଶୋର ଖେଳିବେ। ଉଦୀୟମାନ କିଶୋରଙ୍କ କ୍ୟାରିୟରର ଏହା ହେବ ପ୍ରଥମ ଡାଇମଣ୍ଡ ଲିଗ୍। କିଶୋରଙ୍କ ବ୍ୟତୀତ ସାଥୀ ତାରକା ଜାଭେଲିନ ଫିଙ୍ଗାଳୀ ତଥା ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ ନୀରଜ ଚୋପ୍ରା ମଧ୍ୟ ଦୋହା ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ।



ଚଳିତ ବର୍ଷ ମଧ୍ୟଭାଗରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସ ଥିବାରୁ ପୂର୍ବ ପ୍ରସ୍ତୁତି ନିମନ୍ତେ ଡାଇମଣ୍ଡ ଲିଗ୍ ଉଭୟ କିଶୋର ଓ ନୀରଜଙ୍କ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ଗତ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କିଶୋର ୮୭.୫୪ ମିଟର ଜାଭେଲିନ ଫିଙ୍ଗି ନୀରଜଙ୍କ ପଛକୁ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ରହିଛି। କିଶୋର ମଧ୍ୟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ନୀରଜଙ୍କ ପାଇଁ ଏହି ପ୍ରତିଯୋଗିତା ମଧ୍ୟ କଡ଼ା ସଂଘର୍ଷପୂର୍ଣ୍ଣ ରହିବ। ଚେକ୍ ରିପବ୍ଲିକର ଜାକବ ଭାଡଲେଚ୍, ଗ୍ରେନେଡାର ପୂର୍ବତନ ବିଶ୍ୱଚାମ୍ପିଅନ ଆଣ୍ଡରସନ ପିଟର୍ସ, ଜର୍ମାନୀର ଜୁଲିଆନ ୱେବର, ଓଲିଭର ହେଲାଣ୍ଡର ପ୍ରମୁଖ ଦୋହାରରେ ନୀରଜଙ୍କୁ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛନ୍ତି। ନୀରଜଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟର ରହିଥିବାବେଳେ ଆଣ୍ଡରସନ (୯୩.୦୭) ତାଙ୍କଠାରୁ ବହୁ ଆଗରେ ରହିଛନ୍ତି। ଏଠାରେ ପଦକ ଜିତି ନୀରଜ ଓ କିଶୋର ଅଲିମ୍ପିକ୍ସ ପୂର୍ବରୁ ମନୋବଳ ଦୃଢ଼ କରିବା ଲକ୍ଷ୍ୟରେ ରହିଛନ୍ତି।

# ୧୦୦ ମ୍ୟାଚ୍ ଖେଳିବାରେ ପନ୍ତ୍ ଦିଲ୍ଲୀର ପ୍ରଥମ



ଅଧିନାୟକ ଋଷଭ ପନ୍ତ୍ ଗୁରୁବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ସହ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୧୦୦ ତମ ମ୍ୟାଚ୍ ଖେଳିବାରେ ସେ ପ୍ରଥମ ଖେଳାଳି ହୋଇଛନ୍ତି। ଜୟପୁରରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ତାଙ୍କ ପଛକୁ ଲେଗ୍ ସ୍ପିନର ଅମିତ ମିଶ୍ର ଦ୍ୱିତୀୟ ସର୍ବାଧିକ ୯୯ଟି ମ୍ୟାଚ୍ ଖେଳିଛନ୍ତି। ପନ୍ତ୍ ୨୦୧୬ରେ ଦିଲ୍ଲୀ ପକ୍ଷରୁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ସେ ୧୪୭ ଷ୍ଟ୍ରାଇକ୍ ରେଟ୍‌ରେ ୨,୮୫୬ ରନ୍ ସଂଗ୍ରହ କରିନେଇଛନ୍ତି।

### ପ୍ୟାରିସ୍ ଅଲିମ୍ପିକ୍ସ

# ଭାରତୀୟ ହକି ଦଳକୁ ଓସ୍‌ଜାର ଶୁଭେଚ୍ଛା



**ଭୁବନେଶ୍ୱର,୨୮ ।୩(ସମିସ):** ଆଗାମୀ ପ୍ୟାରସ୍ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାକୁ ଭାରତୀୟ ପୁରୁଷ ହକି ଦଳକୁ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଶୁଭେଚ୍ଛା ଜଣାଇଛି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଦଳର ସବୁ ଖେଳାଳି, ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଆଇକନିକ କଳିଙ୍ଗ ଷ୍ଟାଡିୟମର ହକି ପିଚ୍ ଉପରେ ଓସ୍‌ଜାର ସଦସ୍ୟମାନେ ଅଲିମ୍ପିକ୍ସରେ ସଫଳ ହେବାକୁ ଓସ୍‌ଜା ତରଫରୁ ଶୁଭକାମନା ଦିଆଯାଇଛି। ହକି କମ୍ପ୍ଲେକ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଅଧିନାୟକ ହରମନପ୍ରୀତ ସିଂ, ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ ଓସ୍‌ଜାର ଏହି ଶୁଭେଚ୍ଛାକୁ ସହୃଦୟର ସହ ଗ୍ରହଣ କରିବା ସହ ପ୍ରଶଂସା କରିଥିଲେ ଓ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାକୁ ପ୍ରେରିତ ହେବେ ବୋଲି କହିଥିଲେ। ଦଳର ଏକମାତ୍ର ଓଡ଼ିଆ ଖେଳାଳି ତଥା ଅଭିଜ୍ଞ ଡ୍ରାଗ ଫ୍ଲିକର ଅମିତ ରୋହିଦାସ କ୍ରୀଡ଼ା ସାମ୍ବାଦିକମାନଙ୍କ ସହ ଅନ୍ତରଙ୍ଗ ଆଳାପ କରିଥିଲେ। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର, ସୁରେଶ ସ୍ୱାଇଁ, ତନ୍ମୟ ଦାସ,ନିରଞ୍ଜନ ରେଡ୍ଡୀ, ପ୍ରତାପ ପ୍ରଧାନ, ଶକ୍ତି ପ୍ରସାଦ ନନ୍ଦ, ସୁଜିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଫୁଲତୋଡା ଓ ଛେନାପୋଡ ଦେଇ ଶୁଭକାମନା ଦେଇଥିଲେ।

### ଆଇସିସି ଏଲିଟ ପ୍ୟାନେଲ ଅମ୍ପାୟାର

# ଶର୍ଫୁଦ୍ଦୌଲା ବାଂଲାର ପ୍ରଥମ, ବ୍ରଡ୍ ବାଦ୍ ପଡ଼ିଲେ

**ଦୁବାଇ, ୨୮।୩(ଏଜେନ୍ସି)**

ଆଇସିସି ପକ୍ଷରୁ ୧୨ଜଣ ଏଲିଟ ପ୍ୟାନେଲ ଅମ୍ପାୟାରଙ୍କ ନାମ ଘୋଷଣା କରିଛି। ଏହି ପ୍ୟାନେଲରେ ବାଂଲାଦେଶର ଶର୍ଫୁଦ୍ଦୌଲା ଇବ୍‌ନେ ସାହିଦ୍‌ଙ୍କୁ ସାମିଲ କରାଯାଇଛି। ଏହାର ଅର୍ଥ ଆଇସିସି ଏଲିଟ୍ ପ୍ୟାନେଲରେ ସେ ବାଂଲାଦେଶର ପ୍ରଥମ ଅମ୍ପାୟାର ଭାବେ ସାମିଲ ହୋଇଛନ୍ତି। ଭାରତର ନିତିନ ମେନନ୍ କ୍ରମାଗତ ୫ମ ବର୍ଷ ଲାଗି ଏଲିଟ ପ୍ୟାନେଲରେ ସ୍ଥାନ ବଜାୟ ରଖିଛନ୍ତି। ଏହି ପ୍ୟାନେଲରେ ଭାରତରୁ ସେ କେବଳ ଏକମାତ୍ର ଅମ୍ପାୟାର ଭାବେ ସ୍ଥାନ ପାଇଛନ୍ତି। ୪୦ ବର୍ଷୀୟ ମେନନ ୨୦୨୦ରୁ ଏହି ପ୍ୟାନେଲରେ ରହିଆସିଛନ୍ତି। ଏହା ମଧ୍ୟରେ ସେ ଅନ୍‌ଫିଲ୍ଡ ଅମ୍ପାୟାର ଭାବେ ୨୩ ଟେଷ୍ଟ, ୫୮ ଦିନିକିଆ ଓ ୪୧ଟି ଟି-୨୦ରେ ମ୍ୟାଚ୍ ପରିଚାଳନା କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟାମୋଟି ୧୨୨ଟି ମ୍ୟାଚ୍ ପରିଚାଳନା କରିଥିଲାବେଳେ ଶ୍ରୀନିବାସ ଭେଙ୍କଟରାଘବନ ଭାରତୀୟ ଭାବେ ସର୍ବାଧିକ ୧୨୫ଟି ମ୍ୟାଚ୍ ପରିଚାଳନା କରିଛନ୍ତି। ଆମେରିକା - ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ନିତିନ ଏହି ରେକର୍ଡକୁ ଅତିକ୍ରମ କରିବେ। ନିକଟରେ ଦକ୍ଷିଣ ଆଫ୍ରିକାର ମାରାଇସ୍ ଏରାସମସ ଅନ୍ତର୍ଜାତୀୟ ପ୍ୟାନେଲରୁ ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ ବାଂଲାଦେଶର ଆଇସିସି ଇଣ୍ଟରନ୍ୟାସନାଲ ପ୍ୟାନେଲ ଅମ୍ପାୟାର ଶର୍ଫୁଦ୍ଦୌଲାଙ୍କୁ ଏଲିଟ୍ ପ୍ୟାନେଲକୁ ଉନ୍ନିତ କରାଯାଇଛି। ଏହା ପୂର୍ବରୁ ସେ ୧୦ ଟେଷ୍ଟ, ୬୩ ଦିନିକିଆ ଓ ୪୪ଟି ଦିନିକିଆ ମ୍ୟାଚ୍ ଅନ୍‌ଫିଲ୍ଡ ଅମ୍ପାୟାର ଭାବେ ପରିଚାଳନା କରିଛନ୍ତି। ଏହା ବ୍ୟତୀତ ସେ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ୧୩ଟି ଦିନିକିଆ ଓ ୨୮ଟି ଟି-୨୦ ମ୍ୟାଚ୍ ପରିଚାଳନା କରିଥିଲେ।





ଏଲିଟ୍ ମ୍ୟାଚ୍ ରେଫରୀ ତାଲିକାରୁ ଇଂଲଣ୍ଡର କ୍ରିସ୍ ବ୍ରଡ୍‌ଙ୍କୁ ବାଦ୍ ଦିଆଯାଇଛି। ଏହି ପ୍ୟାନେଲରେ ଏବେ ୬ଜଣ ମ୍ୟାଚ୍ ରେଫରୀ ଯଥା ଅଷ୍ଟ୍ରେଲିଆର ଡେଭିଡ ବୁନ୍, ନ୍ୟୁଜିଲାଣ୍ଡର ଜେଫ୍ କ୍ରୋ, ଶ୍ରୀଲଙ୍କାର ରଞ୍ଜନ ମଦୁଗଲେ, ଜିମ୍ବାୱେର ଆଣ୍ଡି ପାଇକ୍ରଫ୍ଟ, ୱେଷ୍ଟଇଣ୍ଡିଜ୍‌ର ରିଚି ରିଚାର୍ଡସନ ଓ ଭାରତର ଜାଭାଗଲ ଶ୍ରୀନାଥ ରହିଛନ୍ତି। ୨୦୦୩ରୁ ମ୍ୟାଚ୍ ରେଫରୀ ଭାବେ ବ୍ରଡ୍ ୧୨୩ଟି ଟେଷ୍ଟ, ୩୬୧ଟି ଦିନିକିଆ, ୧୩୫ଟି ଟି-୨୦ ଓ ୧୫ଟି ମହିଳା ଟି-୨୦ ମ୍ୟାଚ୍ ପରିଚାଳନା କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA